# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ନଭେମ୍ବର ୯/୨୦୨୨ (୧୪ ପୃଷ୍ଠା) | Bhubaneswar, Wednesday, November 9/2022 Page 14 ₹ 7.00 ★★★★

୪୮ଶ ଭାଗ ୩୪୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 343 ମୂଲ୍ୟ ₹୭/-







# ହେତୁବାଦୀ, ପରମ୍ପରାବାଦୀ ପିଟାପିଟି

## ଚନ୍ଦ୍ରଗ୍ରହଣରେ ଭୋଜନ ବିବାଦ

- ଭୁବନେଶ୍ୱର, ବ୍ରହ୍ମପୁରରେ ବ୍ୟାପକ ଅଶାନ୍ତି
- ପୋଲିସର ଲାଠିଚାଳନା, ଥାନାରେ ଏତଲା

**ଚନ୍ଦ୍ରଗ୍ରହଣ ସମୟରେ ସାମୂହିକ ଭୋଜନ ଆୟୋଜନକୁ କେନ୍ଦ୍ରକରି ମଙ୍ଗଳବାର ଭୁବନେଶ୍ୱର ଏବଂ ବ୍ରହ୍ମପୁରରେ ଅପ୍ରୀତିକର ପରିସ୍ଥିତି ଦେଖିବାକୁ ମିଳିଛି। ହେତୁବାଦୀ ଏବଂ ପରମ୍ପରାବାଦୀଙ୍କ ମଧ୍ୟରେ ପିଟାପିଟି, ପଥର ଓ ଗୋବରମାଡ଼ ହେବା ସହ ଭଙ୍ଗାରୁଜା ହୋଇଛି। ପୋଲିସକୁ ଲାଠିଚାଳନା କରିବାକୁ ପଡ଼ିଥିବାବେଳେ ଗଣ୍ଡଗୋଳରେ ଉଭୟ ଗୋଷ୍ଠୀର ଲୋକେ ଆହତ ହୋଇଛନ୍ତି। ତେବେ ଏଭଳି ଘଟିବା ନେଇ ଗତ ୨୫ ତାରିଖ ସୂର୍ଯ୍ୟୋପରାଗ ପରଠାରୁ ଆଭାସ ମିଳିଥିଲା। କିନ୍ତୁ ପୋଲିସ ଏହାକୁ ଗୁରୁତ୍ୱ ଦେଇନାହିଁ। ଏ ଦିଗରେ ଗୋଇନ୍ଦା ବିଭାଗ ଫେଲ୍ ମାରିଥିବା ସ୍ପଷ୍ଟ ହେଉଛି।**



ବ୍ରହ୍ମପୁରରେ ହେତୁବାଦୀ ଓ ବଜରଙ୍ଗ ଦଳ ସଦସ୍ୟ ମୁହାଁମୁହିଁ।

**ବ୍ରହ୍ମପୁର ଅଫିସ,୮।୧୧**

ବ୍ରହ୍ମପୁର ସହର ହନୁମାନ ବଜାର ଛକରେ ହେତୁବାଦୀ ସଂଗଠନ ପକ୍ଷରୁ ମଙ୍ଗଳବାର ଚନ୍ଦ୍ର ଗ୍ରହଣ ଯୋଗୁ ଏକ ସଭା ଓ ସାମୂହିକ ଭୋଜନ ବ୍ୟବସ୍ଥା କରାଯାଇଥିଲା। ଏହି ଖବର ପାଇ ପରମ୍ପରାବାଦୀ ତଥା ବଜରଙ୍ଗ ଦଳ ଓ ଭାଜପା ଏବଂ ବିଭିନ୍ନ ଧାର୍ମୀୟ ଅନୁଷ୍ଠାନ ସଦସ୍ୟ ଓ ସମର୍ଥକମାନେ ପହଞ୍ଚି ବିରୋଧ କରିଥିଲେ। ଫଳରେ ଉଭୟ ପକ୍ଷ ମଧ୍ୟରେ ଉତ୍ତେଜନା ଦେଖାଯିବା ସହ ଗଣ୍ଡଗୋଳ ଘଟିଥିଲା। ବ୍ରହ୍ମପୁର ଏସ୍‌ଡିପିଓ ରାଜୀବ ଲୋଚନ ପଣ୍ଡା, ବଡ଼ବଜାର ଥାନାଧିକାରୀ ପ୍ରଶାନ୍ତ ଭୂପତି ଓ ପୋଲିସ ଟିମ୍ ସେଠାରେ ପହଞ୍ଚି ଉଭୟପକ୍ଷଙ୍କୁ ବୁଝାଶୁଝା କରିଥିଲେ। ହେତୁବାଦୀମାନେ କାର୍ଯ୍ୟକ୍ରମ ବନ୍ଦ ନ କଲେ ପରିସ୍ଥିତି ଭୟଙ୍କର ହେବ ବୋଲି ବଜରଙ୍ଗଦଳ କାର୍ଯ୍ୟକର୍ତ୍ତାମାନେ କହିବା ସହ ସେଠାରେ ଧାରଣାରେ ବସିଥିଲେ। ପୋଲିସ ଯେତେ ବୁଝାଶୁଝା କରିଥିଲେ ମଧ୍ୟ ଉଭୟପକ୍ଷ କିଛି ନ ଶୁଣି ନିଜ ନିଜ ଜିଦ୍‌ରେ ଅଟଳ ରହିଥିଲେ। ପରେ ଅତିରିକ୍ତ ଏସ୍‌ପି ଅସୀମ ପଣ୍ଡା ଘଟଣାସ୍ଥଳକୁ ଯାଇ ଉଭୟପକ୍ଷଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ତାଙ୍କ କଥା କେହି ନ ଶୁଣିବାରୁ ସେଠାରେ ମୃଦୁ ଲାଠିଚାଳନା କରାଯାଇଥିଲା। ଉଭୟପକ୍ଷ ଘଟଣାସ୍ଥଳରୁ ଛତ୍ରଭଙ୍ଗ ଦେବା ସହ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ଅଖିଳ ଭାରତୀୟ କିଷାନ ମଜଦୁର ସଭା ଜାତୀୟ ସମ୍ପାଦକ ତଥା ହେତୁବାଦୀ ସଂଘଠନର ସଭ୍ୟ ଭାଲ ଚନ୍ଦ୍ର ଷଡଙ୍ଗୀଙ୍କୁ ପଚାରିବାରୁ ହନୁମାନ ବଜାର ଛକରେ ଆମେ ମଙ୍ଗଳବାର ଚନ୍ଦ୍ର ଗ୍ରହଣ ସମୟରେ ବିଜ୍ଞାନ ସମ୍ମତ ଏକ ସଭା କାର୍ଯ୍ୟକ୍ରମ ଓ ଭୋଜନ ବ୍ୟବସ୍ଥା ☞ ପୃଷ୍ଠା-୪

## ଗୋଇନ୍ଦା ଫେଲ୍

**ଭୁବନେଶ୍ୱର,୮।୧୧(ବ୍ୟୁରୋ)**

ଗତ ଅକ୍ଟୋବର ୨୫ରେ ସୂର୍ଯ୍ୟୋପରାଗ ବେଳେ ଚିକେନ ଭୋଜି ଖାଇ ଚର୍ଚ୍ଚାକୁ ଆସିଥିଲା ହେତୁବାଦୀ ସଂଗଠନ। ସୂର୍ଯ୍ୟୋପରାଗ ସମୟରେ ପାକତ୍ୟାଗକୁ ସେମାନେ ଅନ୍ଧବିଶ୍ୱାସ ବୋଲି କହିବା ସହ ଏହାକୁ ସମର୍ଥନ କରୁଥିବା ଲୋକଙ୍କୁ ନିନ୍ଦା କରିଥିଲେ। ଏଥିରେ ଧର୍ମୀୟ ଭାବନାକୁ ଆଘାତ ପହଞ୍ଚୁଥିବା ଦର୍ଶାଇ ପରମ୍ପରାବାଦୀମାନେ ହେତୁବାଦୀମାନଙ୍କୁ ନାନା ସମାଲୋଚନା କରିଥିଲେ। ସେହିଦିନଠାରୁ ଦୁଇ ଗୋଷ୍ଠୀର ପରସ୍ପର ବିରୋଧୀ ଟିପ୍ପଣୀ କେତେକ ଗଣମାଧ୍ୟମ ଏବଂ ସାମାଜିକ ଗଣମାଧ୍ୟମରେ ଜୋର ଧରି ଆସିଛି। ☞ ପୃଷ୍ଠା-୪

## ଲୋହିଆ ଏକାଡେମୀରେ ଭଙ୍ଗାରୁଜା

**ଭୁବନେଶ୍ୱର,୮।୧୧(ବ୍ୟୁରୋ)**



ଆହତ ହେତୁବାଦୀ ଗୋଷ୍ଠୀର ସଦସ୍ୟ।

- **ପଥର-ଗୋବର ମାଡ଼, ହେତୁବାଦୀଙ୍କ ମୁଣ୍ଡ ଫାଟିଲା**
- **ପରମ୍ପରାବାଦୀ ଗୋଷ୍ଠୀର ୮ ଅଟକ**

ଖାଦ୍ୟଗ୍ରହଣକୁ ନେଇ ସୂର୍ଯ୍ୟୋପରାଗ ଦିନଠୁ ଆରମ୍ଭ ହୋଇଥିବା ବଚସା ମଙ୍ଗଳବାର ଭୟଙ୍କର ରୂପ ନେଇଛି। ଚନ୍ଦ୍ରଗ୍ରହଣ ଦିନ ଖାଦ୍ୟଗ୍ରହଣକୁ ନେଇ ହେତୁବାଦୀ ଓ ପରମ୍ପରାବାଦୀ ମୁହାଁମୁହିଁ ହୋଇଛନ୍ତି। ଭୁବନେଶ୍ୱର ଖାରବେଳନଗର ଥାନା ଅନ୍ତର୍ଗତ ୟୁନିଟ-୯ସ୍ଥିତ ଲୋହିଆ ଏକାଡେମୀରେ ମଧ୍ୟାହ୍ନ ପ୍ରାୟ ୧୨ଟା ବେଳେ ଲୋହିଆ ଏକାଡେମୀରେ ହେତୁବାଦୀମାନେ ଏକତ୍ର ହୋଇ ଚନ୍ଦ୍ରଗ୍ରହଣକୁ ନେଇ ରହିଥିବା ଅନ୍ଧବିଶ୍ୱାସ ସମ୍ପର୍କରେ ସଚେତନତା ବୈଠକ ଆୟୋଜନ କରି ଆଲୋଚନା କରୁଥିଲେ। ଗେଟ୍ ସମ୍ମୁଖରେ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ଥିଲେ। ଏହି ସମୟରେ ବଜରଙ୍ଗ ଦଳ କାର୍ଯ୍ୟକର୍ତ୍ତା, ମନ୍ଦିର ସେବାୟତ ସଂଘ ଓ ଅନ୍ୟ କେତେକ ସଂଗଠନର ସଦସ୍ୟମାନେ ଆସି ହେତୁବାଦୀଙ୍କୁ ବିରୋଧ କରିଥିଲେ। ସେମାନେ ଜୟ ଶ୍ରୀରାମ, ହେତୁବାଦୀ ମୁର୍ଦ୍ଦାବାଦ ଭଳି ନାରାବାଜି ଦେଇ ହୋହଲ୍ଲା କରିଥିଲେ। ପରମ୍ପରାବାଦୀ ଗୋଷ୍ଠୀର କେତେଜଣ ସଦସ୍ୟ ହେତୁବାଦୀମାନଙ୍କୁ ଢେଲାପଥର ଓ ଗୋବର ମାଡ଼ କରିଥିଲେ। ଢେଲାମାଡ଼ରେ ଲୋହିଆ ଏକାଡେମୀର ଝରକା ଭାଙ୍ଗିଯାଇଛି। କିଛି ସଦସ୍ୟ ଗେଟ୍ ଡେଇଁ ପରିସର ଭିତରକୁ ପଶିବାରୁ ସ୍ଥିତି ଭୟାନକ ହୋଇଥିଲା। ପୋଲିସ ଉପସ୍ଥିତିରେ ହେତୁବାଦୀ ଓ ପରମ୍ପରାବାଦୀଙ୍କ ମଧ୍ୟରେ ଧସ୍ତାଧସ୍ତି ଓ ଗଣ୍ଡଗୋଳ ହୋଇଥିଲା। ଫଳରେ ଉଭୟ ଗୋଷ୍ଠୀର କେତେଜଣ ଆହତ ହୋଇଛନ୍ତି। ଏପରିକି ଜଣେ ହେତୁବାଦୀଙ୍କ ମୁଣ୍ଡ ମଧ୍ୟ ଫାଟିଯିବା ☞ ପୃଷ୍ଠା-୪





ଭୁବନେଶ୍ୱର ଲୋହିଆ ଏକାଡେମୀ କୋଠା ଉପରକୁ ପରମ୍ପରାବାଦୀ ଗୋଷ୍ଠୀର ପଥର ମାଡ଼।









**ଆଜିର ସମ୍ପାଦକୀୟ**

**ଏଲନଙ୍କ ଟୁଇଟର**

## ଶିକ୍ଷା ଲାଭଦାୟକ ବ୍ୟବସାୟ ନୁହେଁ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୮।୧୧(ପି.ଟି.)**

ଲାଭ ଉପାର୍ଜନ ଲାଗି ଶିକ୍ଷା ଏକ ବ୍ୟବସାୟ ନୁହେଁ, ଟ୍ୟୁଶନ ଫି ସର୍ବଦା ଲୋକଙ୍କ ସାମର୍ଥ୍ୟ ଯୋଗ୍ୟ ହେବା ଆବଶ୍ୟକ ବୋଲି ସୁପ୍ରିମକୋର୍ଟ କହିବା ସହ ଆନ୍ଧ୍ରପ୍ରଦେଶ ହାଇକୋର୍ଟଙ୍କ ରାୟକୁ କାଏମ ରଖିଛନ୍ତି। ମେଡିକାଲ କଲେଜଗୁଡ଼ିକରେ ବାର୍ଷିକ ଟ୍ୟୁଶନ ଫି ୨୪ ଲକ୍ଷ ଟଙ୍କାକୁ ବଢ଼ାଇବା ଲାଗି ଆନ୍ଧ୍ର ସରକାରଙ୍କ ନିଷ୍ପତ୍ତିକୁ ସର୍ବୋଚ୍ଚ ଅଦାଲତ ଖାରଜ କରିଦେଇଛନ୍ତି। ଏଥିସହିତ ଖର୍ଚ୍ଚ ଭରଣା ଲାଗି ଆବେଦନକାରୀ, ନାରାୟଣ ମେଡିକାଲ କଲେଜ ଏବଂ ଆନ୍ଧ୍ର ସରକାରଙ୍କ ୫ ଲକ୍ଷ ଟଙ୍କା ୬ ସପ୍ତାହ ମଧ୍ୟରେ କୋର୍ଟ ରେଜିଷ୍ଟ୍ରାରଙ୍କ ନିକଟରେ ଜମା କରିବାକୁ ଜଷ୍ଟିସ୍ ☞ ପୃଷ୍ଠା-୪

## ଲିଙ୍ଗ ବଦଳାଇ ଛାତ୍ରୀଙ୍କୁ ବାହାହେଲେ ଶିକ୍ଷୟିତ୍ରୀ

**ଜୟପୁର, ୮।୧୧**



ନିଜ ପ୍ରେମିକାଙ୍କୁ ଜୀବନସାଥୀ କରିବା ପାଇଁ ରାଜସ୍ଥାନର ଜଣେ ଶିକ୍ଷୟିତ୍ରୀ ନେଇଛନ୍ତି ଏକ ଭିନ୍ନ ଢଙ୍ଗର ନିଷ୍ପତ୍ତି। ପିଇଟି (ଫିଜିକାଲ ଏଜୁକେଶନ୍ ଟିଚର୍) ମୀରା ନିଜ ଲିଙ୍ଗ ପରିବର୍ତ୍ତନ କରି ପ୍ରେମିକା କଳ୍ପନାଙ୍କୁ ଜୀବନସାଥୀ ଭାବେ ଆପଣାଇଛନ୍ତି। ଏବେ ଆରଭ କୁନ୍ତଲ ନାମରେ ପରିଚିତି। ମୀରାଙ୍କ ମତରେ ପ୍ରେମରେ ପଡ଼ିଥିବା ମଣିଷ ପକ୍ଷେ କୌଣସି କାର୍ଯ୍ୟ ଅସମ୍ଭବ ନୁହେଁ। ରାଜସ୍ଥାନ ଭରତପୁର ସ୍କୁଲରେ ପିଇଟି ଭାବେ କାର୍ଯ୍ୟ କରୁଥିବା ମୀରା ଓ ସେହି ସ୍କୁଲର ଛାତ୍ରୀ କଳ୍ପନାଙ୍କ ପ୍ରେମ କାହାଣୀ ଆରମ୍ଭ ହୋଇଥିଲା ବିଦ୍ୟାଳୟ ଖେଳପଡ଼ିଆରୁ। କଳ୍ପନା କବାଡ଼ି ଖେଳରେ ନିପୁଣ ହୋଇଥିବାବେଳେ ଶାରୀରିକ ଶିକ୍ଷା ତାଙ୍କୁ ନିହାତି ଭାବେ ଆବଶ୍ୟକ ପଡୁଥିଲା। ସେଥିପାଇଁ ସେ ମୀରାଙ୍କ ସହ ଅଧିକ ସମୟ ବିତାଉଥିଲେ। ଦିନ ବିତିବା ସାଙ୍ଗକୁ ଦୁହିଁଙ୍କ ଭିତରେ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ପରବର୍ତ୍ତୀ ସମୟରେ ସେମାନେ ବାହା ହେବାପାଇଁ ନିଷ୍ପତ୍ତି ନେଲେ। କଳ୍ପନା କବାଡ଼ିରେ ନିଜ କ୍ୟାରିୟରକୁ ଆଗକୁ ନେବା ପାଇଁ ଯୋଜନା କରୁଥିବାବେଳେ ଆସନ୍ତା ଜାନୁୟାରୀରେ ଦୁବାଇରେ ହେବାକୁ ଥିବା ଇଣ୍ଟରନ୍ୟାଶନାଲ କବାଡ଼ି ଟୁର୍ନାମେଣ୍ଟରେ ସେ ଅଂଶଗ୍ରହଣ କରିବେ। ଝିଅ ହୋଇ ଜନ୍ମ ହୋଇଥିବା ମୀରାଙ୍କର ବ୍ୟବହାର ଓ ହାବଭାବ ସବୁ ପୁଅ ପିଲାଙ୍କ ପରି। ସେ କେବେହେଲେ ଜଣେ ଝିଅ ହୋଇ ରହିବାକୁ ଚାହୁଁ ନ ଥିଲେ। ଲିଙ୍ଗ ପରିବର୍ତ୍ତନ ଚିନ୍ତା ବହୁବାର ତାଙ୍କ ମନରେ ଆସିଥିଲେ ମଧ୍ୟ ଏ ନେଇ ସେ ସାହସ ବାନ୍ଧି ପାରୁ ନ ଥିଲେ। କିନ୍ତୁ ଯେତେବେଳେ କଳ୍ପନା ତାଙ୍କ ଜୀବନକୁ ଆସିଲେ ସେତେବେଳେ ସେ ଏହି ଜଟିଳ ସର୍ଜରି କରିବା ପାଇଁ ନିଷ୍ପତ୍ତି ନେଲେ। ମୀରା ନିଜର ପ୍ରଥମ ସର୍ଜରି ୨୦୧୯ ଡିସେମ୍ବରରେ କରିଥିଲେ। ସର୍ଜରି ପାଇଁ ସେ କଳ୍ପନାଙ୍କ ପରାମର୍ଶ ଲୋଡ଼ିଥିବା ପ୍ରକାଶ କରିଛନ୍ତି। ମୀର ସମ୍ପୂର୍ଣ୍ଣ ଭାବେ ଆରଭ ପାଲଟିବା ପରେ ଗତ ରବିବାର ଦୁହେଁ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ବିବାହକୁ ନେଇ କଳ୍ପନା କୁହନ୍ତି, ମୀରା ଲିଙ୍ଗ ପରିବର୍ତ୍ତନ କରି ଆରଭ ହୋଇ ନ ଥିଲେ ମଧ୍ୟ ସେ ତାଙ୍କୁ ବିବାହ କରିଥାନ୍ତେ। ଉଭୟଙ୍କ ବିବାହରେ ସେମାନଙ୍କ ପରିବାର ବେଶ୍ ଖୁସି ଅଛନ୍ତି।

## କପ୍୨୭: ଫସିଲ୍ ଟିକସ ଲଗାଇବାକୁ ବିଶ୍ୱନେତାଙ୍କ ଦାବି

**ଶର୍ମ ଏଲ୍-ଶେଖ୍,୮।୧୧**

ଇଜିପ୍ଟର ଶର୍ମ ଏଲ୍-ଶେଖ୍‌ରେ ଚାଲିଥିବା ଜଳବାୟୁ ସମିଟ୍ (କପ୍୨୭)ରେ ବିଶ୍ୱ ନେତାମାନେ ବିଶ୍ୱତାପନ ପାଇଁ ଦାୟୀ ରାଷ୍ଟ୍ରଗୁଡ଼ିକ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଲାଗି ଦାବି କରିଛନ୍ତି। ଜଳବାୟୁକୁ କ୍ଷତି ପହଞ୍ଚାଉଥିବା ଜୀବାଶ୍ମ ଇନ୍ଧନ କମ୍ପାନୀଗୁଡ଼ିକ ଉପରେ ଫସିଲ ଟିକସ ଲଗାଇ କ୍ଷତି ଭରଣା କରିବା ନିମନ୍ତେ ମଙ୍ଗଳବାର ଆହ୍ୱାନ ଦିଆଯାଇଛି। ସୋମବାର କପ୍୨୭ ଆଲୋଚନାରେ ଭାଗନେଇ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ କହିଥିଲେ, ମାନବଜାତି ଜଳବାୟୁ ନର୍କକୁ ଯାଇଥିବା ରାଜପଥରେ ପହଞ୍ଚିବାକୁ ଶିଡ଼ିରେ ପାଦ ରଖିଛି। ଦେଶଗୁଡ଼ିକ ପରସ୍ପରକୁ ସହଯୋଗ ନ କଲେ ଧ୍ୱଂସ ହୋଇଯିବା ବୋଲି ଗୁଟେରସ୍ ସତର୍କ କରାଇଥିଲେ। ଜଳବାୟୁ ପରିବର୍ତ୍ତନ ଯୋଗୁ କ୍ଷତିଗ୍ରସ୍ତ ଦେଶଗୁଡ଼ିକୁ ଆର୍ଥିକ ☞ ପୃଷ୍ଠା-୪

## ଶ୍ରୀମନ୍ଦିର ପ୍ରଶାସନକୁ ୧୨କୋଟି ଜରିମାନା

### ଶ୍ରୀଜଗନ୍ନାଥ ଜମିରୁ ବେଆଇନ ପଥର ଖଣି ଉତ୍ତୋଳନ ମାମଲା

*ଖୋର୍ଦ୍ଧା ନିଜିଗଡ଼ ତାପଙ୍ଗରେ ବେଆଇନ ଭାବେ ଖଣିରୁ ପଥର ଉତ୍ତୋଳନ କରାଯିବା ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ(ଏସ୍‌ଜେଟିଏ) ପାଇଁ ମହଙ୍ଗା ପଡ଼ିଛି। ବେଆଇନ ଭାବେ ଖଣିରୁ ପଥର ଉତ୍ତୋଳନ ଯୋଗୁ ବ୍ୟାପକ କ୍ଷତି ଘଟିଥିବା ଅନୁଧ୍ୟାନ କରିବା ପରେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ଏସ୍‌ଜେଟିଏକୁ ପରିବେଶ କ୍ଷତି ଭରଣା ବାବଦ ୧୨କୋଟି ଟଙ୍କା ଖୋର୍ଦ୍ଧା ଜିଲା ପ୍ରଶାସନ ନିକଟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।*



- **ଖୋର୍ଦ୍ଧା ଜିଲା ପ୍ରଶାସନ କରିବ ଆକ୍ସନ ପ୍ଲାନ**
- **୪ ସପ୍ତାହରେ ରିପୋର୍ଟ ଦାଖଲ ନିର୍ଦ୍ଦେଶ**

**ଖୋର୍ଦ୍ଧା ଅଫିସ,୮।୧୧**

ଖୋର୍ଦ୍ଧାରେ ବେଆଇନ ଭାବେ ପଥର ଖଣିରୁ ଲଘୁ ଖଣିଜ ଉତ୍ତୋଳନ ଚାଲିଛି। ଶ୍ରୀଜଗନ୍ନାଥଙ୍କ ଜମିରେ ଥିବା ଏକାଧିକ ପଥର ଖଣିରୁ ବେଆଇନଭାବେ ବ୍ୟାପକ ପଥର ଉତ୍ତୋଳନ କରାଯାଉଛି, ଯାହାକି ପରିବେଶ ଉପରେ ଗଭୀର ପ୍ରଭାବ ପକାଇବା ସହ ସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଇଛନ୍ତି। ଏହାକୁ ବିରୋଧ କରି ୨୦୧୮ରେ ଏନ୍‌ଜିଟିରେ ଏକ ମାମଲା ରୁଜୁ ହୋଇଥିଲା। ଏଥିରେ ଖୋର୍ଦ୍ଧା ଜିଲାପାଳ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ମେମ୍ବର ସେକ୍ରେଟାରୀ, ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ମୁଖ୍ୟ ପ୍ରଶାସକ, ଖୋର୍ଦ୍ଧା ତହସିଲଦାର, ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ଶାସନ ସଚିବ, ଖୋର୍ଦ୍ଧା ଏସ୍‌ପି, ଓଡ଼ିଶା ମାଇନ୍ସ ନିର୍ଦ୍ଦେଶକ, ଭୁବନେଶ୍ୱର ଏବଂ ରାଜ୍ୟ ବିପର୍ଯ୍ୟୟ ଓ ପରିଚାଳନା ବିଭାଗ ସଚିବଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ୪ବର୍ଷ ପରେ ଏହାର ରାୟ ପ୍ରକାଶ ପାଇଛି। ବେଆଇନ ପଥର ଉତ୍ତୋଳନ ଯୋଗୁ ବ୍ୟାପକ ଭାବେ ପରିବେଶ ପ୍ରଭାବିତ ହୋଇଛି। ତେଣୁ ଖଣି ପୁନରୁଦ୍ଧାର, ନବୀକରଣ ଲାଗି ଶ୍ରୀମନ୍ଦିର ପ୍ରଶାସନକୁ ୧୨କୋଟି ଭରଣା କରିବାକୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଛନ୍ତି। ଏହି ଟଙ୍କା ଖୋର୍ଦ୍ଧା ଜିଲା ପ୍ରଶାସନ ନିକଟରେ ପଇଠ କରାଯିବ। ଜିଲା ପ୍ରଶାସନ ଖଣିର ପୁନରୁଦ୍ଧାର କାର୍ଯ୍ୟ କରିବେ। ଖଣି ନବୀକରଣ, ପୁନରୁଦ୍ଧାର ଲାଗି ପ୍ରଶାସନ ଚାରି ସପ୍ତାହ ମଧ୍ୟରେ ଆକ୍ସନ ପ୍ଲାନ ପ୍ରସ୍ତୁତ କରିବେ। ଏ ସଂକ୍ରାନ୍ତୀୟ ସବିଶେଷ ରିପୋର୍ଟ ଆସନ୍ତା ୨୦୨୩ ମାର୍ଚ୍ଚ ୩୧ ପୂର୍ବରୁ ଟ୍ରିବ୍ୟୁନାଲ ନିକଟରେ ସତ୍ୟପାଠ ☞ ପୃଷ୍ଠା-୪

## ସଂକ୍ଷେପରେ

### ୧୪ରେ ଜ୍ଞାନବାପି ରାୟ

ବାରାଣସୀ,୮।୧୧: ଜ୍ଞାନବାପି ମସ୍‌ଜିଦ ପରିସରରେ ମିଳିଥିବା ଶିବଲିଙ୍ଗଙ୍କୁ ପୂଜା କରିବା ଲାଗି ଅନୁମତି ଦେବା ନିମନ୍ତେ ଦାଏର ପିଟିଶନ ଉପରେ ରାୟ ଘୋଷଣାକୁ ବାରାଣସୀର ଫାଷ୍ଟଟ୍ରାକ୍ କୋର୍ଟ ନଭେମ୍ବର ୧୪ ପର୍ଯ୍ୟନ୍ତ ସ୍ଥଗିତ ରଖିଛନ୍ତି। ଗତ ଅକ୍ଟୋବର ୨୭ରେ ଅଦାଲତ ଉଭୟ ପକ୍ଷଙ୍କ ଶୁଣାଣି ଶେଷ କରିବା ପରେ ନଭେମ୍ବର ୮ରେ ରାୟ ଘୋଷଣା କରିବେ ବୋଲି କହିଥିଲେ। ତେବେ ସିଭିଲ୍ ଜଜ୍ (ସିନିୟର ଡିଭିଜନ) ଛୁଟିରେ ଥିବାରୁ ରାୟ ଘୋଷଣାକୁ ସ୍ଥଗିତ ରଖାଯାଇଛି।

### ଭାରତର ପ୍ରଥମ ଘରୋଇ ରକେଟ୍ ଲଞ୍ଚ୍ ଖୁବ୍‌ଶୀଘ୍ର
#### ଇସ୍ରୋକୁ ମିଳିଲା କମ୍ପାନୀ

ନୂଆଦିଲ୍ଲୀ,୮।୧୧: ହାଇଦ୍ରାବାଦର ଘରୋଇ କମ୍ପାନୀ ସ୍କାଏରୁଟ୍ ଏରୋସ୍ପେସ୍ ପ୍ରସ୍ତୁତ ପ୍ରଥମ ରକେଟ ବିକ୍ରମ-ଏସ୍ ଆସନ୍ତା ୧୨ରୁ ୧୬ ତାରିଖ ମଧ୍ୟରେ ମହାକାଶକୁ ଛଡ଼ାଯିବ। ଏହି ମିଶନ୍‌ର ନାଁ 'ପ୍ରାରମ୍ଭ' ରଖାଯାଇଛି। ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ)ର ଶ୍ରୀହରିକୋଟାସ୍ଥିତ ଲଞ୍ଚ୍‌ପ୍ୟାଡ୍‌ରୁ ୩ଟି ଉପଭୋକ୍ତା ପ୍ଲେଲୋଡ୍ ନେଇ ଏହା ମହାକାଶକୁ ଯାତ୍ରା କରିବ ବୋଲି କମ୍ପାନୀ ସହପ୍ରତିଷ୍ଠାତା ତଥା ସିଇଓ ପବନ କୁମାର ଚନ୍ଦନ କହିଛନ୍ତି। ମହାକାଶକୁ ରକେଟ ଛାଡ଼ିବାରେ ସ୍କାଏରୁଟ୍ ଏରୋସ୍ପେସ୍ ଭାରତର ପ୍ରଥମ ଘରୋଇ ସ୍ପେସ୍ କମ୍ପାନୀ।

### ଭାରତ ମହାସାଗରରେ ମିଳିତ ନଜର ରଖିବେ ଭାରତ, ଫ୍ରାନ୍ସ

ନୂଆଦିଲ୍ଲୀ,୮।୧୧: ଭାରତ ଓ ଫ୍ରାନ୍ସ ବାୟୁସେନାର ମିଳିତ ଯୁଦ୍ଧାଭ୍ୟାସ ରାଜସ୍ଥାନ ସେକ୍ଟରରେ ସଫଳତାର ସହ ସମ୍ପନ୍ନ ହେବା ପରେ ନୂଆଦିଲ୍ଲୀ ଏବଂ ପ୍ୟାରିସ ସେମାନଙ୍କ ରଣନୀତିକ ସହଯୋଗ ଅଧିକ ବଢ଼ାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଭାରତୀୟ ନୌସେନାର ବୋଇଂ ପି୮ଆଇ ଏବଂ ଫ୍ରାନ୍ସ ନୌସେନାର ଫାଲ୍‌କନ-୫୦ ଦକ୍ଷିଣ-ପଶ୍ଚିମ ଭାରତ ମହାସାଗର ଉପରେ କଡ଼ା ନଜର ରଖିବ। ଏହା ବ୍ୟତୀତ ନଭେମ୍ବର ୯ରୁ ୧୧ ସେମାନେ ମୋଜାମ୍ବିକ୍ ଚ୍ୟାନେଲ, ମରିସସ୍‌ର ସାମୁଦ୍ରିକ ମ୍ୟାପିଂ କରିବେ।

### ଟୁଇଟରର ୮ ଡଲାର ଦେୟ୍ ଯାଞ୍ଚ ଆକାଉଣ୍ଟକୁ ପ୍ରଭାବିତ କରିବ ନାହିଁ

ୱାଶିଂଟନ,୮।୧୧: ଟୁଇଟର ଆକାଉଣ୍ଟ ଯାଞ୍ଚ ଲାଗି ମାସିକ ୮ ଡଲାର ଦେୟ୍ ବର୍ତ୍ତମାନର ଯାଞ୍ଚ ହୋଇଥିବା ଆକାଉଣ୍ଟକୁ ପ୍ରଭାବିତ କରିବ ନାହିଁ ବୋଲି ବିଜ୍ଞାପନଦାତାଙ୍କ ପାଇଁ ଥିବା ଏହାର ଏଫ୍‌ଏକ୍ୟୁରୁ ଜଣାପଡ଼ିଛି। ବ୍ଲୁ ବ୍ୟାଜ୍ ଚାହୁଁଥିବା ଏବଂ ଯାଞ୍ଚ ଚାହୁଁଥିବା ନୂଆ ୟୁଜରଙ୍କ କ୍ଷେତ୍ରରେ ଏହି ଦେୟ୍ ଲାଗୁ ହେବ।

### ୯୫ତମ ଜନ୍ମଦିନରେ ଆଡଭାନୀଙ୍କୁ ଭେଟିଲେ ମୋଦି

ନୂଆଦିଲ୍ଲୀ,୮।୧୧: ଭାଜପାର ବରିଷ୍ଠ ନେତା ଲାଲ୍‌କୃଷ୍ଣ ଆଡ଼ଭାନୀଙ୍କ ୯୫ତମ ଜନ୍ମଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ବାସଭବନରେ ଭେଟି ଅଭିନନ୍ଦନ ଜଣାଇଛନ୍ତି। ଭାରତର ଅଭିବୃଦ୍ଧିରେ ଆଡ଼ଭାନୀଙ୍କ ଅବଦାନ ଏକ ସ୍ମାରକୀ। ତାଙ୍କର ଦୂରଦୃଷ୍ଟି ଏବଂ ବୁଦ୍ଧିମତ୍ତା ପାଇଁ ସାରା ଦେଶ ତାଙ୍କୁ ସମ୍ମାନ ଦେଇଥାଏ। ଭାଜପାକୁ ଗଢ଼ିବା ଓ ସୁଦୃଢ଼ କରିବାରେ ଆଡ଼ଭାନୀଙ୍କ ଅବଦାନ ଅତୁଳନୀୟ ବୋଲି ପ୍ରଧାନମନ୍ତ୍ରୀ ଟୁଇଟ୍ କରିଛନ୍ତି।



ଆମେରିକାରେ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ବେଳେ କ୍ୟାପିଟୋଲ ହିଲ୍ ଆକାଶରେ ଚନ୍ଦ୍ରଗ୍ରହଣର ଦୃଶ୍ୟ।

### ନିର୍ବାଚନୀ ପ୍ରସଙ୍ଗ




ଜୋ ବାଇଡେନ୍‌ଙ୍କ ପ୍ରେସିଡେନ୍ସିର ଦ୍ୱିତୀୟାର୍ଦ୍ଧକୁ ନିର୍ଦ୍ଧାରଣ କରିବାକୁ ଥିବା ମଧ୍ୟବର୍ତ୍ତିକାଳୀନ ନିର୍ବାଚନରେ ଆମେରିକୀୟ ଭୋଟରଙ୍କ ପାଇଁ ଦେଶର ଅର୍ଥନୀତି ହେଉଛି ସବୁଠୁ ବଡ଼ ପ୍ରସଙ୍ଗ। ମୁଦ୍ରାସ୍ଫୀତି ୪୦ ବର୍ଷର ରେକର୍ଡ ଭାଙ୍ଗିଥିବାରୁ ସବୁ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ଆକାଶଛୁଆଁ ହୋଇଛି। ଏହାବାଦ୍ କୋଭିଡ୍-୧୯ ମୁକାବିଲା, ୟୁକ୍ରେନ୍‌କୁ ନେଇ ଆଭିମୁଖ୍ୟ, ମହିଳାଙ୍କ ଗର୍ଭପାତ ଅଧିକାର, ପ୍ରବାସୀଙ୍କ ପାଇଁ ମାଇଗ୍ରେଶନ୍ ପଲିସି, କ୍ରମବର୍ଦ୍ଧିଷ୍ଣୁ ଅପରାଧ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ଚଳିତ ନିର୍ବାଚନରେ ଭୋଟର ମତଦାନ କରୁଛନ୍ତି। ବାଲଟରେ ବାଇଡେନ୍‌ଙ୍କ ନାମ ନ ଥିଲେ ମଧ୍ୟ ତାଙ୍କ ଶାସନକୁ ମତଦାତା ପ୍ରତ୍ୟାଖ୍ୟାନ କରିପାରନ୍ତି ବୋଲି କୁହାଯାଉଛି। ଏହାର ଫଳାଫଳ ୨୦୨୪ ନଭେମ୍ବର ୫ରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନର କ୍ୟାମ୍ପେନ୍‌କୁ ମଧ୍ୟ ପ୍ରଭାବିତ କରିବ। ଟ୍ରମ୍ପଙ୍କ ବିରୋଧରେ ଥିବା ଆପତ୍ତି ଅଭିଯୋଗର ଭାରକୁ ଏହି ନିଷ୍କର୍ଷ ଲାଘବ କରିପାରେ।

# ୟୁଏସ୍ ମିଡ୍‌ଟର୍ମ୍ସ
# କାହାର ହେବ କଂଗ୍ରେସ

**ଦ୍ୱିବାର୍ଷିକ ମଧ୍ୟବର୍ତ୍ତିକାଳୀନ ନିର୍ବାଚନ (ମିଡ୍‌ଟର୍ମ୍ସ) ପାଇଁ ଆମେରିକା ରାଜନୀତି ଏବେ ଚଳଚଞ୍ଚଳ। କାରଣ ଶାସକ ଡେମୋକ୍ରାଟିକ୍ ପାର୍ଟି ପଞ୍ଝାରୁ କଂଗ୍ରେସକୁ ଛଡ଼ାଇନେବା ପାଇଁ ବିରୋଧୀ ରିପବ୍ଲିକାନ୍ ପାର୍ଟି ସବୁ ପ୍ରକାର ଉଦ୍ୟମ ଚଳାଇଛି। ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ପ୍ରଦର୍ଶନକୁ ଦେଶବାସୀ କିପରି ଦେଖୁଛନ୍ତି ଏବଂ ତାଙ୍କ କାର୍ଯ୍ୟକାଳର ଅବଶିଷ୍ଟ ୨ ବର୍ଷ କେମିତି ରହିବ, ଏହି ନିର୍ବାଚନର ପରିଣାମ ତାହାର ପ୍ରମାଣ ଦେବ। ଏଥିସହ ରିପବ୍ଲିକାନ୍ ଡୋନାଲ୍ଡ ଟ୍ରମ୍ପ ୨୦୨୪ ରାଷ୍ଟ୍ରପତି ନିର୍ବାଚନରେ ପ୍ରାର୍ଥୀ ହେବେ କି ନାହିଁ ତାହା ମଧ୍ୟ ଏହି ଫଳାଫଳ ନିଶ୍ଚିତ କରିବ ବୋଲି କୁହାଯାଉଛି। ଏହି ଦୃଷ୍ଟିରୁ କେବଳ ଆମେରିକା ନୁହେଁ, ସାରା ବିଶ୍ୱର ନଜର ମିଡ୍‌ଟର୍ମ୍ସ ରେଜଲ୍ଟ ଉପରେ କେନ୍ଦ୍ରୀଭୂତ ହୋଇଛି।**

ୱାଶିଂଟନ,୮।୧୧



ରିପବ୍ଲିକାନ୍ ଡୋନାଲ୍ଡ ଟ୍ରମ୍ପ | ଡେମୋକ୍ରାଟ୍ ଜୋ ବାଇଡେନ

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ କାର୍ଯ୍ୟକାଳକୁ ଇତିମଧ୍ୟରେ ୨ ବର୍ଷ ପୂରିଛି। ଏହି ଅବସରରେ କଂଗ୍ରେସର ନିମ୍ନ ସଦନ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ (ପ୍ରତିନିଧି ସଭା) ଏବଂ ଉଚ୍ଚ ସଦନ ସିନେଟ୍ ପାଇଁ ମଙ୍ଗଳବାର ଭୋଟ ଗ୍ରହଣ ଚାଲିଛି। ୪୩୫ ଆସନ ବିଶିଷ୍ଟ ହାଉସ୍‌ରେ ଶାସକ ଡେମୋକ୍ରାଟିକ୍ ପାର୍ଟିର ସଂଖ୍ୟାଗରିଷ୍ଠ ୨୨୦ ଓ ବିରୋଧୀ ରିପବ୍ଲିକାନ୍ ପାର୍ଟିର ୨୧୨ ସଦସ୍ୟ ଅଛନ୍ତି। ନିମ୍ନ ସଦନର ସମସ୍ତ ୪୩୫ ଆସନରେ ବହୁପ୍ରତୀକ୍ଷିତ ଦ୍ୱିବାର୍ଷିକ ନିର୍ବାଚନ ଅନୁଷ୍ଠିତ ହେଉଛି। ସେହିପରି ୧୦୦ ଆସନ ବିଶିଷ୍ଟ ସିନେଟ୍‌ରେ ୪୮ ଡେମୋକ୍ରାଟ୍ସଙ୍କ ସମେତ ୨ ସ୍ୱାଧୀନ ସଦସ୍ୟ ଥିବାବେଳେ ରିପବ୍ଲିକାନ୍‌ଙ୍କ ସଂଖ୍ୟା ହେଉଛି ୫୦। ଉଚ୍ଚ ସଦନରେ ପ୍ରତି ରାଜ୍ୟରୁ ୨ ଜଣ ଲେଖାଏ ସିନେଟର ପ୍ରତିନିଧିତ୍ୱ କରିଥାଆନ୍ତି। ଏହାର ପ୍ରାୟ ଏକ-ତୃତୀୟାଂଶ ଅର୍ଥାତ୍ ୩୫ ଆସନରେ ମତଦାନ ଚାଲିଛି। ଏଥିସହ ୩୬ ଗଭର୍ନରଶିପ୍ସ, ରାଜ୍ୟ ବିଧାନସଭା, ସ୍ଥାନୀୟ କାଉନ୍‌ସିଲ୍ସ ଓ ସ୍କୁଲ ବୋର୍ଡଗୁଡ଼ିକ ପାଇଁ ମଧ୍ୟ ଭୋଟିଂ ଜାରି ରହିଛି। ରିପବ୍ଲିକାନ୍‌ମାନଙ୍କୁ ଆଉ ୫ଟି ରାଜ୍ୟରେ ସଫଳତା ମିଳିଲେ ପ୍ରତିନିଧି ସଭାରେ ସେମାନେ ସଂଖ୍ୟାଗରିଷ୍ଠତା ଲାଭ କରିବେ। ସେହିପରି ସିନେଟ୍‌କୁ ନିୟନ୍ତ୍ରଣ କରିବା ପାଇଁ ବିରୋଧୀ ଦଳକୁ ଆଉ ମାତ୍ର ଗୋଟିଏ ଆସନ ଅକ୍ତିଆର କରିବାକୁ ପଡ଼ିବ। ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦଳ ହାଉସ୍ ମେଜୋରିଟି ଦିଗରେ ଅଗ୍ରସର ହେଉଥିବାବେଳେ ସିନେଟ୍ ପାଇଁ ଦୁଇ ପାର୍ଟି ମଧ୍ୟରେ କଡ଼ା ମୁକାବିଲା ହେଉଥିବା ନିର୍ବାଚନ ପଣ୍ଡିତମାନେ ଭବିଷ୍ୟବାଣୀ କରିଛନ୍ତି। କାରଣ ଆମେରିକାର ଇତିହାସ କୁହେ, ଦ୍ୱିବାର୍ଷିକ ନିର୍ବାଚନ ପ୍ରାୟତଃ କ୍ଷମତାସୀନ ଦଳ ବିରୋଧରେ ଯାଇଥାଏ। ଏଥର ଉଭୟ ଗୃହ ପାଇଁ ମୋଟ ୧,୨୦୦ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସିନେଟରେ ଦୁଇ ଦଳ ୫୦ ଲେଖାଏ ଆସନ ଦଖଲ କଲେ ଉଚ୍ଚ ସଦନକୁ କିଏ ନିୟନ୍ତ୍ରଣ କରିବ ସେହି ନିଷ୍ପତ୍ତି ଉଚ୍ଚ ସଦନର ପ୍ରେସିଡେଣ୍ଟ ତଥା ଉପରାଷ୍ଟ୍ରପତି କମଳା ହାରିସ୍ ନେବେ। ଅର୍ଥାତ୍ ଡେମୋକ୍ରାଟ୍ସଙ୍କ ନିୟନ୍ତ୍ରଣରେ ସିନେଟ୍ ରହିବ। ୨୦୨୦ ରାଷ୍ଟ୍ରପତି ନିର୍ବାଚନରେ ବାଇଡେନ୍ ନିଜ ସପକ୍ଷକୁ ଟାଣିବାରେ ସଫଳ ହୋଇଥିବା ଆରିଜୋନା, ଜର୍ଜିଆ, ମିଶିଗାନ୍, ପେନ୍‌ସିଲଭାନିଆ, ୱିସ୍କୋନ୍‌ସିନ ଓ ନେଭାଡା ଭଳି ରାଜ୍ୟଗୁଡ଼ିକର ପରିଣାମ ଉପରେ ଏଥର ସର୍ବାଧିକ ନଜର ରହିଛି। ପ୍ରକାଶଯୋଗ୍ୟ, ୧୯୩୪ ମସିହା ପରଠୁ କେବଳ ଫ୍ରାଙ୍କଲିନ୍ ଡି. ରୁଜ୍‌ଭେଲ୍ଟ, ବିଲ୍ କ୍ଲିଣ୍ଟନ୍(୧୯୯୮) ଏବଂ ଜର୍ଜ ଡବ୍ଲ୍ୟୁ. ବୁଶ୍(୨୦୦୨)ଙ୍କ ସମୟରେ ଶାସକ ଦଳ ମଧ୍ୟବର୍ତ୍ତିକାଳୀନ ନିର୍ବାଚନରେ ବିଜୟୀ ହୋଇଛି।

### ମତଦାନ ସମୟ ଓ ଫଳାଫଳ

ଫ୍ଲୋରିଡା ୟୁନିଭର୍ସିଟିର ୟୁଏସ୍ ଇଲେକ୍ସନ ପ୍ରୋଜେକ୍ଟରୁ ମିଳିଥିବା ତଥ୍ୟାନୁସାରେ ୪୧ ନିୟୁତରୁ ଊର୍ଦ୍ଧ୍ୱ ଆମେରିକୀୟ ମେଲ୍-ଇନ୍ ବାଲଟ୍ସ ବା ଆର୍ଲି ଇନ୍-ପର୍ସନ ପୋଲ୍ସ ଜରିଆରେ ସେମାନଙ୍କ ରାଜନୈତିକ ମତାଧିକାର ସାବ୍ୟସ୍ତ କରିସାରିଛନ୍ତି। ଇଷ୍ଟର୍ନ ଟାଇମ୍ (ଇଟି) ପୂର୍ବାହ୍ନ ୫ଟାରେ ଭେର୍ମୋଣ୍ଟ ରାଜ୍ୟରେ ମତଦାନ ହୋଇଛି। ଆମେରିକାର ସମସ୍ତ ୫୦ ରାଜ୍ୟରେ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯାଉଛି। ପୂର୍ବ ଉପକୂଳ ରାଜ୍ୟଗୁଡ଼ିକ ମଧ୍ୟରୁ ଜର୍ଜିଆ, ପେନ୍‌ସିଲ୍‌ଭାନିଆ, ନ୍ୟୁ ହାମ୍ପଶାୟାର ଓ ଫ୍ଲୋରିଡା ହେଉଛି ଇନ୍-ପର୍ସନ ଭୋଟିଂରେ ପ୍ରଥମ, ଯାହା ଉପରେ ସମସ୍ତଙ୍କ ନଜର ରହିବ। କାରଣ ଆଗକୁ ସିନେଟ୍‌କୁ କିଏ ନିୟନ୍ତ୍ରଣ କରିବ ତାହା ଏହି ରାଜ୍ୟଗୁଡ଼ିକ ଉପରେ ନିର୍ଭର କରେ। ପେନ୍‌ସିଲ୍‌ଭାନିଆ ଓ ଜର୍ଜିଆ ଭଳି କେତେକ ରାଜ୍ୟରେ ଭୋଟ ଗଣତି ବିଳମ୍ବିତ ହୋଇପାରେ। ତେଣୁ ବିଜୟୀ ଦଳର ନାମ ଜାଣିବା ପୂର୍ବରୁ ଆମେରିକୀୟମାନେ ଶୋଇବାକୁ ଯିବେ। ମିଡ୍‌ଟର୍ମ୍ସର ସମ୍ପୂର୍ଣ୍ଣ ଫଳାଫଳ ଆସିବାକୁ ବିଳମ୍ବ ହୋଇପାରେ ବୋଲି ଇନ୍‌ସାଇଡ୍ ଇଲେକ୍ସନ୍ସ ପ୍ରକାଶକ ନାଥନ୍ ଗୋନ୍‌ଜାଲେସ୍ କହିଛନ୍ତି।




ଓହିଓସ୍ଥିତ କଲମ୍ବସର ଏକ ପୋଲିଂ ବୁଥ୍‌ରେ ମତଦାନ ପାଇଁ ଅପେକ୍ଷା କରିଛନ୍ତି ସ୍ଥାନୀୟ ଭୋଟର।

### ସମ୍ଭାବ୍ୟ ପରିଣାମ

୨୦୨୦ ନଭେମ୍ବର ୨୦ରେ ଅନୁଷ୍ଠିତ ରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ଡେମୋକ୍ରାଟ୍ ଜୋ ବାଇଡେନ୍ ଏକ ଏଜେଣ୍ଡା (କାର୍ଯ୍ୟସୂଚୀ) ଧରି ଦେଶବାସୀଙ୍କ ସାମ୍ନାକୁ ଆସିଥିଲେ। ସେହି ଲୋକାଭିମୁଖୀ ଏଜେଣ୍ଡା ହିଁ ତତ୍କାଳୀନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉପରେ ଭାରି ପଡ଼ିଥିଲା। ଗତ ୨ ବର୍ଷ ଧରି କଂଗ୍ରେସ ଡେମୋକ୍ରାଟ୍ସଙ୍କ ଦଖଲରେ ଥିବାରୁ ବାଇଡେନ୍ ନିଜ ମନ ମୁତାବକ ଆଇନଗୁଡ଼ିକୁ ଗୃହୀତ କରାଇପାରିଛନ୍ତି। ଚଳିତ ନିର୍ବାଚନରେ ରିପବ୍ଲିକାନ୍‌ମାନେ ବିଜୟୀ ହୋଇ କଂଗ୍ରେସକୁ ଦଖଲ କଲେ ବାଇଡେନ୍‌ଙ୍କୁ ନିଜ ଏଜେଣ୍ଡା କାର୍ଯକାରୀ କରିବାକୁ କଷ୍ଟକର ହେବ। ଦେଶର ଅର୍ଥନୀତି, ବାଣିଜ୍ୟ ଏବଂ ବିଦେଶ ନୀତି ଭଳି ବହୁ ପ୍ରସଙ୍ଗରେ ବାଇଡେନ୍‌ଙ୍କୁ ସାଲିସ କରିବାକୁ ପଡ଼ିବ। ଚଳିତ ନିର୍ବାଚନରେ ରାଷ୍ଟ୍ରପତି ବାଇଡେନ୍‌ଙ୍କ ର୍‍ୟାଟିଂ ୫୦%ରୁ କମ୍ ରହିଥିବାବେଳେ ରିପବ୍ଲିକାନ୍‌ଙ୍କ ସପକ୍ଷରେ ହାଓ୍ୱା ବହୁଛି। ଜନମତ ସର୍ଭେ ଓ ଜନ ସାଧାରଣଙ୍କ ଭାବାବେଗ କହୁଛି, ଉଭୟ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ ଏବଂ ସିନେଟ୍‌କୁ ଟ୍ରମ୍ପ ସମର୍ଥକ ଦଖଲ କରିବା ନେଇ ୭୦% ସମ୍ଭାବନା ରହିଛି।

### ୨୦୨୪ରେ ଲଢ଼ିବେ କି ଟ୍ରମ୍ପ

#### ୧୫ରେ କରିବେ ଘୋଷଣା

୨୦୨୪ ରାଷ୍ଟ୍ରପତି ନିର୍ବାଚନରେ ପୂର୍ବତନ ରାଷ୍ଟ୍ରପତି ପୁନର୍ବାର ପ୍ରତିଦ୍ୱନ୍ଦ୍ୱିତା କରିବେ କି ନାହିଁ ତାହା ହେଉଛି ବର୍ତ୍ତମାନ ସବୁଠୁ ବଡ଼ ପ୍ରଶ୍ନ। ଏହି ପ୍ରଶ୍ନର ଉତ୍ତର ଚଳିତ ନିର୍ବାଚନ ଜରିଆରେ ଆମେରିକାବାସୀ ଦେବେ। ରିପବ୍ଲିକାନ୍ ଟ୍ରମ୍ପ ପୁନର୍ବାର ଲଢ଼ିବା ନେଇ ନିକଟରେ ସଙ୍କେତ ଦେଇଛନ୍ତି। କିନ୍ତୁ ୨୦୨୧ ଜାନୁୟାରୀ ୬ରେ କ୍ୟାପିଟୋଲ ହିଲ୍ ଦଙ୍ଗା ହ୍ୱାଇଟ୍ ହାଉସ୍‌କୁ ଟ୍ରମ୍ପଙ୍କ ପ୍ରତ୍ୟାବର୍ତ୍ତନରେ ବାଧକ ସାଜିପାରେ ବୋଲି କୁହାଯାଉଛି। ଏହା ସତ୍ତ୍ୱେ ଆସନ୍ତା ୧୫ ତାରିଖରେ ଟ୍ରମ୍ପ ବଡ଼ ଘୋଷଣା କରିବେ ବୋଲି ସୋମବାର ଓହିଓର ଏକ ନିର୍ବାଚନୀ ସଭାରେ କହିବା ପରେ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇବାରେ ଲାଗିଛି। ଫ୍ଲୋରିଡାର ପାମ୍ ବିଚ୍‌ସ୍ଥିତ ମାର୍-ଏ-ଲାଗୋ ବାସଭବନରେ ସେ କ'ଣ ଘୋଷଣା କରିବେ ତାକୁ ଅନେକେ ଅପେକ୍ଷା କରିଛନ୍ତି।

### ଜି୨୦ ପ୍ରେସିଡେନ୍ସି ଲୋଗୋ ଉନ୍ମୋଚିତ




ନୂଆଦିଲ୍ଲୀ,୮।୧୧

ଆସନ୍ତା ଡିସେମ୍ବର ୧ରୁ ଭାରତ ଜି୨୦ରେ ଅଧ୍ୟକ୍ଷତା କରିବ। ସେଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଦିଲ୍ଲୀରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଭାରତର ଜି୨୦ ପ୍ରେସିଡେନ୍ସି ଲୋଗୋ, ଥିମ୍ ଏବଂ ୱେବ୍‌ସାଇଟ୍ ଉନ୍ମୋଚନ କରିଛନ୍ତି। ଭାରତ ପାଇଁ ଏହା ଏକ ଐତିହାସିକ ମୁହୂର୍ତ୍ତ। ଏହି ଅବସରରେ ଦେଶବାସୀଙ୍କୁ ଆନ୍ତରିକ ଅଭିନନ୍ଦନ ଜଣାଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। 'ବସୁଧୈବ କୁଟୁମ୍ବକମ୍' ନୀତି ଭାରତର ଦୟାଭାବର ସ୍ୱାକ୍ଷର। ଏଥିସହିତ ଲୋଗୋରେ ରହିଥିବା ପଦ୍ମ ବିଶ୍ୱକୁ ଏକାଠି କରିବାରେ ଭାରତର ସାଂସ୍କୃତିକ ଐତିହ୍ୟ ଏବଂ ବିଶ୍ୱାସକୁ ଚିତ୍ରଣ କରୁଛି। ଲୋଗୋ ପାଇଁ ମୂଲ୍ୟବାନ୍ ପ୍ରସ୍ତାବ ଦେବା ନିମନ୍ତେ ଦେଶବାସୀଙ୍କୁ ଅନୁରୋଧ କରାଯାଇଥିଲା। ଆଜି ଏହି ପ୍ରସ୍ତାବଗୁଡ଼ିକ ବିଶ୍ୱ କାର୍ଯ୍ୟକ୍ରମର ପ୍ରତୀକ ହୋଇଥିବା ମୋଦି କହିଛନ୍ତି। ବର୍ତ୍ତମାନ ଜି୨୦ର ଅଧ୍ୟକ୍ଷତା ଇଣ୍ଡୋନେସିଆ ନିକଟରେ ଥିବାବେଳେ ଭାରତ ଏହାକୁ ଗ୍ରହଣ କରିବାକୁ ଯାଉଛି। ଅଧ୍ୟକ୍ଷତା କାଳରେ ଭାରତ ଆସନ୍ତାବର୍ଷ ଜି୨୦ ସମିଟ୍ ସମେତ ଦେଶର ବିଭିନ୍ନ ସ୍ଥାନରେ ୩୨ଟି ବିଭିନ୍ନ କ୍ଷେତ୍ର ଉପରେ ୨୦୦ ବୈଠକ ଆୟୋଜନ କରିବ।

### ଆଲୋଚନା ଲାଗି ରୁଷିଆ ଉପରେ ଚାପ

#### ୟୁକ୍ରେନ୍ ପ୍ରସଙ୍ଗ

ନୂଆଦିଲ୍ଲୀ,୮।୧୧

ମସ୍କୋ ଗସ୍ତରେ ଥିବା ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ମଙ୍ଗଳବାର ତାଙ୍କ ରୁଷିଆ ପ୍ରତିପକ୍ଷ ସର୍ଗେଇ ଲାଭରୋଭ୍‌ଙ୍କୁ ଭେଟିଛନ୍ତି। ଏହି ଅବସରରେ ଦୁଇ ନେତା ୟୁକ୍ରେନ୍ ଯୁଦ୍ଧ ସମେତ ନିର୍ଦ୍ଦିଷ୍ଟ ଆଞ୍ଚଳିକ ସମସ୍ୟା ଓ ବିଶ୍ୱ ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ୟୁକ୍ରେନ୍-ରୁଷିଆ ଯୁଦ୍ଧର ସମାଧାନ ନିମନ୍ତେ ମସ୍କୋ ଆଲୋଚନାକୁ ଫେରିବା ଲାଗି ଜୟଶଙ୍କର ଚାପ ପକାଇଛନ୍ତି। କୋଭିଡ୍ ମହାମାରୀ, ଆର୍ଥିକ ଚାପ ଏବଂ ବାଣିଜ୍ୟିକ ସମସ୍ୟାକୁ ନେଇ ଗତ କିଛିବର୍ଷ ହେଲା ଅନ୍ତର୍ଜାତୀୟ ସ୍ଥିତି ଉଦ୍‌ବେଗଜନକ ରହିଛି। ଏଥିପାଇଁ ବିଶ୍ୱ ଅର୍ଥନୀତି ଗୁରୁତର ପ୍ରଭାବିତ ହୋଇଛି। ୟୁକ୍ରେନ୍ ଯୁଦ୍ଧ ଏହାର ଏକ ବଡ଼ ପରିଣାମ ଭାବେ ଦେଖାଦେଇଥିବା ଜୟଶଙ୍କର କହିଛନ୍ତି। ଏହା ବ୍ୟତୀତ ଆତଙ୍କବାଦ ଏବଂ ଜଳବାୟୁ ପରିବର୍ତ୍ତନ ଦୁଇଟି ମୁଖ୍ୟ ଏବଂ ସ୍ଥାୟୀ ସମସ୍ୟା ହୋଇ ରହିଆସିଛି ଯାହା ବିକାଶ ଓ ସମୃଦ୍ଧି ଉପରେ ଧ୍ୱଂସାତ୍ମକ ପ୍ରଭାବ ପକାଉଛି। ଆଲୋଚନା ମାଧ୍ୟମରେ ଆଞ୍ଚଳିକ ସମସ୍ୟା ସମେତ ବିଶ୍ୱ ସ୍ଥିତିର ସମାଧାନ କରାଯାଇପାରିବ ବୋଲି ଭାରତର ବହିର୍ବ୍ୟାପାର ମନ୍ତ୍ରୀ କହିଛନ୍ତି। ଭାରତ ଓ ରୁଷିଆର ବନ୍ଧୁତା ବିଶାଳ ଓ ସମୟ ସହ ପରୀକ୍ଷିତ। ଏହାକୁ ଆହୁରି ବଢ଼ାଇବା ଓ ଦୀର୍ଘସ୍ଥାୟୀ କରିବା ନିମନ୍ତେ ଉଦ୍ୟମ ଜାରି ରହିଛି ବୋଲି ଏହି ଅବସରରେ ଜୟଶଙ୍କର କହିଛନ୍ତି।



ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ସହ ରୁଷିଆ ପ୍ରତିପକ୍ଷ ସର୍ଗେଇ ଲାଭରୋଭ୍।

### ଆଡ୍‌ମିଟ୍ କାର୍ଡରେ ସନି ଲିଓନ

ବେଙ୍ଗାଲୁରୁ, ୮।୧୧



କର୍ଣ୍ଣାଟକ ଶିକ୍ଷକ ନିଯୁକ୍ତି ପରୀକ୍ଷା ଦେଉଥିବା ଜଣେ ପରୀକ୍ଷାର୍ଥୀଙ୍କ ଆଡମିଟ୍ କାର୍ଡରେ ତାଙ୍କ ଫଟୋ ବଦଳରେ ବଲିଉଡ୍ ଅଭିନେତ୍ରୀ ସନି ଲିଓନ୍‌ଙ୍କ ଫଟୋ ଦେଖିବାକୁ ମିଳିଛି। ଆଡ୍‌ମିଟ୍ କାର୍ଡର ସ୍କ୍ରିନ୍‌ସର୍ଟ ଏବେ ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ହେବାରେ ଲାଗିଛି। ରାଜ୍ୟ ଶିକ୍ଷା ବିଭାଗ ଏ ନେଇ ଯାଞ୍ଚ କରୁ ବୋଲି କର୍ଣ୍ଣାଟକ କଂଗ୍ରେସ ପକ୍ଷରୁ ଦାବି କରାଯିବା ସହ ସରକାରଙ୍କଠାରୁ ଏ ପ୍ରକାର ତ୍ରୁଟି ହିଁ କେବଳ ଆଶା କରାଯାଇ ପାରିବ ବୋଲି କଂଗ୍ରେସ କହିଛି। ଅନ୍ୟପକ୍ଷେ ରାଜ୍ୟ ସରକାର ବିଧାନସଭା ଭିତରେ ଅଶ୍ଳୀଳ ଫିଲ୍ମ ବସି ଦେଖୁଥିବା ଟୁଇଟର ପୋଷ୍ଟ ଜରିଆରେ କର୍ଣ୍ଣାଟକ କଂଗ୍ରେସ ସୋସିଆଲ ମିଡିଆ ଚିଫ୍ ବି.ଆର୍ ନାଇଡୁ କହିଛନ୍ତି। ଘଟଣାର ଯାଞ୍ଚ ପରେ ଥାନାରେ ଅଭିଯୋଗ କରାଯିବ ବୋଲି ରାଜ୍ୟ ଶିକ୍ଷାମନ୍ତ୍ରୀ ବି.ସି ନଗେଶଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୩,୮୨,୩୬,୨୪୭ | ୬୬,୦୭,୩୯୨ | ୬୧,୮୦,୨୩,୦୯୧ |
| ଭାରତ | ୪,୪୬,୬୨,୧୪୧ | ୫,୩୦,୫୦୯ | ୪,୪୧,୧୭,୬୧୧ |
| ଓଡ଼ିଶା | ୧୩,୩୬,୨୬୬ | ୯୨୦୪(+୫୩) | ୧୩,୨୬,୮୬୨ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ୧୦ରେ ରାଜ୍ୟ ସରକାର ପାଳିବେ ମାଣ୍ଡିଆ ଦିବସ

ଭୁବନେଶ୍ୱର,୮।୧୧(ବ୍ୟୁରୋ): ରାଜ୍ୟ ସରକାର ଆସନ୍ତା ୧୦ ତାରିଖକୁ ମାଣ୍ଡିଆ ଦିବସ ଭାବେ ପାଳନ କରିବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ନେଇ ଘୋଷଣା କରିଛନ୍ତି। ମାର୍ଗଶିର ମାସ ପ୍ରଥମ ଗୁରୁବାରକୁ ମାଣ୍ଡିଆ ଦିବସ ଭାବେ ପାଳନ କରାଯିବ। ମାଣ୍ଡିଆ ଲୋକଙ୍କ ପାଖରେ ଅଧିକ ଆଦୃତ କରିବା ଉଦ୍ଦେଶ୍ୟରେ ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ସୂଚନାଯୋଗ୍ୟ, ରାଜ୍ୟ ସରକାର ୨୦୧୭-୧୮ ଆର୍ଥିକ ବର୍ଷରେ ମିଲେଟ୍ ମିଶନ ଆରମ୍ଭ କରିଥିଲେ। ପ୍ରଥମେ ୭ ଜିଲାର ୩୦ ବ୍ଲକରେ ମିଲେଟ୍ ମିଶନ କାର୍ଯ୍ୟକାରୀ ହୋଇଥିଲା। ଏବେ ରାଜ୍ୟର ୧୯ ଜିଲାର ୧୪୨ ବ୍ଲକରେ ଏହା କାର୍ଯ୍ୟକାରୀ ହେଉଛି। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍ଏଚଜି)ଙ୍କ ଦ୍ୱାରା ମାଣ୍ଡିଆ ପ୍ରସ୍ତୁତି ସାମଗ୍ରୀ ବିକ୍ରି କରାଯାଉଛି। କୃଷି ଭବନରେ ଏସ୍ଏଚଜିଙ୍କ ଦ୍ୱାରା ଏକ ମାଣ୍ଡିଆ ଷ୍ଟଲ୍ ଖୋଲାଯାଇଛି।

### ସପ୍ତାହେ ହାଲୁକା ଶୀତ

**କାର୍ତ୍ତିକରେ ଉତ୍ତାପ**

ଭୁବନେଶ୍ୱର,୮।୧୧(ବ୍ୟୁରୋ): କାର୍ତ୍ତିକ ମାସ ଶେଷ ହେଲା। ଶୀତର ନାଁଗନ୍ଧ ନାହିଁ। ହାଲୁକା ଶୀତ ପଡ଼ିଥିଲେ ବି ପାରଦ ତଳମୁହାଁ ହେଉନାହିଁ। ଅଧିକାଂଶ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୨୦ ଡିଗ୍ରୀ ସେଲ୍‌ସିୟସ ଉପରେ ରହୁଥିବା ବେଳେ ଅଳ୍ପ କେତେକ ସ୍ଥାନରେ ପାରଦ ୧୫ ଡିଗ୍ରୀ ତଳେ ରହୁଛି। ଦିଲ୍ଲୀ ବାୟୁ ପ୍ରଦୂଷଣ ଶୀତ ଉପରେ ପ୍ରଭାବ ପକାଇଛି। ଉତ୍ତର ପୂର୍ବ ଦିଗରୁ ଆସୁଥିବା ପ୍ରଦୂଷିତ ବାୟୁ ଯୋଗୁ ପରିବେଶ ଉତ୍ତପ୍ତ ରହୁଛି। ଏଥିସହିତ ବଙ୍ଗୋପସାଗରରୁ ରାଜ୍ୟକୁ ଜଳୀୟ ବାଷ୍ପ ପ୍ରବେଶ କରୁଛି। ଫଳରେ ତାପମାତ୍ରା କମିବାରେ ପ୍ରତିବନ୍ଧକ ସୃଷ୍ଟି ହେଉଛି। ଆସନ୍ତା ୧୦ ଦିନ ଯାଏ ରାଜ୍ୟରେ ହାଲୁକା ଥଣ୍ଡା ଜାରି ରହିବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପାଗ ଶୁଷ୍କ ରହିବା ସହ ନୟାଗଡ଼, ଗଞ୍ଜାମ, ଗଜପତି, କନ୍ଧମାଳ, କଳାହାଣ୍ଡି ଆଦି ଜିଲାରେ ହାଲୁକା କୁହୁଡ଼ି ହେବାର ସମ୍ଭାବନା ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ମଙ୍ଗଳବାର ଦାରିଙ୍ଗବାଡ଼ିରେ ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ କୋରାପୁଟ ୧୫, ସୁନ୍ଦରଗଡ଼ ୧୭.୫, ଭବାନୀପାଟଣା ୧୭.୨, ନୂଆପଡ଼ା ୧୮, ଖୋର୍ଦ୍ଧା ୧୮, କେନ୍ଦୁଝରରେ ସର୍ବନିମ୍ନ ତାପମାତ୍ରା ୧୮.୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

### ମିନାବଜାର ଦୋଳିରୁ ଖସିପଡ଼ି ଯୁବକ ମୃତ

କଣ୍ଟାବାଞ୍ଜି, ୮।୧୧(ଡି.ଏନ.ଏ.): କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ବଲାଙ୍ଗୀର ଜିଲା ତୁରେକେଲା ସଦର ଗାଁରେ ପଡିଥିବା ମିନାବଜାର ଦୋଳିରୁ ଖସିପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ତୁରେକେଲା ଗ୍ରାମର ଦେବରାଜ ସାହୁ (୩୫)। ସୋମବାର ରାତିରେ ଏହି ଘଟଣା ଘଟିଛି। ଝୁଲିସାରି ଦୋଳିରୁ ଓହ୍ଲାଇବା ବେଳେ ସେ ଖସିପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ତୁରେକେଲା ଡାକ୍ତରଖାନା ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମଙ୍ଗଳବାର ସକାଳେ ତୁରେକେଲା ଥାନା ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ମୃତକଙ୍କ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(୨୧୬/୨୨)ରୁଜୁ ହୋଇଛି।

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବାସଭବନ ଆଗରେ କିଡ୍‌ନୀ ରୋଗୀଙ୍କ ଧାରଣା



ରାସ୍ତାରୋକୋ କରିଥିବା କିଡ୍‌ନୀ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ।

ଭୁବନେଶ୍ୱର,୮।୧୧(ବ୍ୟୁରୋ)

ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସଙ୍କ ସରକାରୀ ବାସଭବନ ଆଗରେ କିଡ୍‌ନୀ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ମଙ୍ଗଳବାରଠାରୁ ଧାରଣା ଦେଇଛନ୍ତି। ରୋଗୀ ଚିକିତ୍ସାରେ ଅସନ୍ତୋଷ ବ୍ୟକ୍ତକରି ଏମାନେ ଧାରଣା ଦେଇଥିବା ଅଭିଯୋଗ କରିଛନ୍ତି। ରାଜ୍ୟ ସରକାର ସେମାନଙ୍କ ଦାବି ନ ଶୁଣିଲେ ଆତ୍ମହତ୍ୟା କରିବେ ବୋଲି ଧମକ ମଧ୍ୟ ଦେଇଛନ୍ତି। ଠିକ୍ ଔଷଧ ଏବଂ କିଡ୍‌ନୀ ଡାକ୍ତରଙ୍କୁ ନିଯୁକ୍ତ କରିବା ଦାବିରେ କିଡ୍‌ନୀ ରୋଗୀମାନେ ପ୍ରଥମେ ସୋମବାର ମନ୍ତ୍ରୀ ଦାସଙ୍କ ଘର ସମ୍ମୁଖରେ ଧାରଣା ଦେଇଥିଲେ। ସେହିଭଳି ମଙ୍ଗଳବାର ଉକ୍ତ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟମାନେ ମନ୍ତ୍ରୀଙ୍କ

**ଦାବି ପୂରଣ ନ ହେଲେ ଆତ୍ମହତ୍ୟା ଚେତାବନୀ**

ବାସଭବନ ସମ୍ମୁଖ ରାସ୍ତାରେ ଶୋଇକି ପ୍ରତିବାଦ କରିବା ସହ ରାଜଭବନରୁ ଏଜିକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ଧାରଣା ଦେଇ ବସିଥିଲେ। ଫଳରେ ପୋଲିସ ସେଠାରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିବା ଦେଖିବାକୁ ମିଳିଛି। ଅଳ୍ପ କିଛି ସମୟ ଲାଗି ସେହି ରାସ୍ତାରେ ଯାତାୟାତ ମଧ୍ୟ ବାଧାପ୍ରାପ୍ତ ହୋଇଥିଲା।

ସ୍ୱାସ୍ଥ୍ୟ ବିଭାଗ, ଡିସିପି ଏବଂ ମେଡିକାଲ କର୍ତ୍ତୃପକ୍ଷଙ୍କ ତରଫରୁ ଭଲ ମେଡିସିନ ଯୋଗାଇବା ଲାଗି ପ୍ରତିଶ୍ରୁତି ମିଳିବା ପରେ କିଡ୍‌ନୀ ରୋଗୀମାନେ ଧାରଣାରୁ ଉଠିଯାଇଥିଲେ। ମାତ୍ର ଥରେ ଭଲ ମେଡିସିନ ଦେଇ ପୁଣିଥରେ ନକଲି ମେଡିସିନ ଦେବାରୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଘର ସମ୍ମୁଖରେ ସେମାନେ ଧାରଣା ଦେଇଥିବା କଥା କହିଛନ୍ତି। ଯଦି ସରକାର ସେମାନଙ୍କ ଦାବି ନ ଶୁଣନ୍ତି ତେବେ ସମସ୍ତେ ବିଷ ପିଇ ଆତ୍ମହତ୍ୟା କରିବେ ବୋଲି ଧମକ ଦେଇଛନ୍ତି। ଅନ୍ୟପଟେ କିଡ୍‌ନୀ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟ ୨ଦିନ ହେଲା ଧାରଣାରେ ବସିଛନ୍ତି। ସୋମବାର ସେମାନେ ଧାରଣା ଦେବା ସମୟରେ ମନ୍ତ୍ରୀଙ୍କ ବାସବଭନରୁ କେହି ହେଲେ ବାହାରକୁ ଆସିପାରି ନ ଥିଲେ। ମନ୍ତ୍ରୀଙ୍କ ବାସଭବନକୁ ମଧ୍ୟ କେହି ଯାଇପାରୁ ନ ଥିଲେ। ଫଳରେ ପୋଲିସକୁ ନାକେଦମ୍ ହେବାକୁ ପଡ଼ିଥିଲା।

# ବେନାମୀ ଚିଠି ଖୋଲିଲା ଗୁମର

**ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀ ନିଖୋଜ ଘଟଣା**

- ଧାନ କିଆରିରୁ କଙ୍କାଳ ଜବତ
- ୫ ଅଟକ ପୋଲିସ ଆଗରେ ସ୍ୱୀକାର

ନୂଆପଡ଼ା ଅଫିସ,୮।୧୧

ନୂଆପଡ଼ା ସଦର ଥାନା ଟାୱାଟ ପଞ୍ଚାୟତ ରତିପାଲି ଗାଁର ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀ ନିଖୋଜ ଘଟଣାର ଗୁମର ଖୋଲିଛି ବେନାମୀ ଚିଠି। ଚିଠିରେ ଲେଖାଥିବା ୫ଜଣଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଥିବା ବେଳେ ମଙ୍ଗଳବାର ସଦର ଥାନା ପୋଲିସ ନିଖୋଜ ଛାତ୍ରୀଙ୍କ କଙ୍କାଳ ଏକ ଧାନ କିଆରିରୁ ମାଟି ଖୋଳି ଜବତ କରିଛି। ଏହାର ସବିଶେଷ ତଥ୍ୟ ତଦନ୍ତ ପରେ ଦିଆଯିବ ବୋଲି ଏସ୍‌ଡିପିଓ ପ୍ରଶାନ୍ତ କୁମାର ପଟ୍ଟନାୟକ କହିଛନ୍ତି। ପ୍ରାପ୍ତ ସୂଚନା ମୁତାବକ, ସଦର ଥାନା ରତିପାଲି ଗାଁର ଧନିରାମ ନାଏକଙ୍କ ଝିଅ ହିତେଶ୍ୱରୀ ନାଏକ (୧୭) ଏକଲବ୍ୟ ବିଦ୍ୟାଳୟରେ ଯୁକ୍ତ ୨ ପ୍ରଥମ ବର୍ଷରେ ପଢୁଥିଲେ। ଗତବର୍ଷ ଡିସେମ୍ବରରେ ବଡ଼ଦିନ ଛୁଟିରେ ଘରକୁ ଆସିଥିଲେ। ଜାନୁୟାରୀ ୩ ତାରିଖ ରାତିରେ ଖାଇବା ପରେ କୋଠରିରେ ଶୋଇବାକୁ ଯାଇଥିଲେ। ତାଙ୍କ ମା’ ସୁମିତ୍ରା ରାତି ପ୍ରାୟ ୨ଟାରେ ଘରୁ ବାହାରିବା ସମୟରେ ଦେଖିଲେ ଯେ, ଝିଅ କୋଠରିରେ ନାହିଁ। ଏ ନେଇ ତାଙ୍କ ସ୍ୱାମୀ ଧନିରାମଙ୍କୁ ଏ ବିଷୟରେ ଜଣାଇଥିଲେ। ପରିବାର ଓ



ଜେସିବି ସାହାଯ୍ୟରେ ମୃତଦେହ ପୋତିଥିବା ସ୍ଥାନ ଖୋଳାଯାଉଛି।

ପଡ଼ୋଶୀମାନେ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ପାଇ ନ ଥିଲେ। ଜାନୁୟାରୀ ୯ରେ ଧନିରାମ ନୂଆପଡ଼ା ସଦର ଥାନାରେ ଅଭିଯୋଗ କରିଥିଲେ। ସଦର ଥାନା ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଜାରି ରହିଥିଲା। ପ୍ରାୟ ୧୦ ମାସ ପରେ ଗାଁର ଜଣେ ଯୁବକ ତୁମ ଝିଅକୁ ହତ୍ୟା କରି ମାଟିରେ ପୋତି ଦିଆଯାଇଛି ବୋଲି ଗତ ୨୫ ତାରିଖରେ କହିଥିଲେ। ଏହା ପରେ ଗାଁର ଲୋକଙ୍କୁ ନେଇ ଏକ ବୈଠକ କରାଯାଇ ଅଭିଯୁକ୍ତ କିଏ ବୋଲି ଖୋଜା ଚାଲିଥିଲା। ହଠାତ ଏକ ବେନାମୀ ଚିଠି ଧନିରାମଙ୍କ ନାମରେ ସେହି ଦିନ ଆସିଥିଲା। ସେହି ଚିଠିରେ ତୁମର ଝିଅ ହିତେଶ୍ୱରୀଙ୍କୁ ୫ଜଣ ଯୁବକ ମାରି ମାଟିରେ ପୋତି ଦେଇଛନ୍ତି ବୋଲି ଉଲ୍ଲେଖ ରହିଥିଲା। ଚିଠିରେ ୫ଜଣ ଯୁବକଙ୍କ ନାମ ମଧ୍ୟ ଲେଖାଯାଇଥିଲା। ଚିଠି ତଳେ ମୁଁ ଛତିଶଗଡ଼ ମହାସମୁନ୍ଦର ତୁମର ଜଣେ ହିତାକାଂକ୍ଷୀ। ଓଡ଼ିଶା ଯାଇଥିବା ବେଳେ ଏହି ଖବର ଶୁଣିଲି ବୋଲି ଲେଖାଯାଇଥିଲା। ସେହି ଚିଠି ଆଧାରରେ ଗତ ୨ ତାରିଖରେ ପୁଣି ସଦର ଥାନାରେ ବାପା ଧନିରାମ ଅଭିଯୋଗ କରିଥିଲେ। ଚିଠିରେ ଲେଖାଥିବା ୫ଜଣ ଯୁବକଙ୍କୁ ସଦର ଥାନା ପୋଲିସ ଅଟକ ରଖି ପଚରାଉଚରା କରିଥିଲା। ହତ୍ୟା ପ୍ରମାଣ ନଷ୍ଟ କରିବା ପାଇଁ ମାରି ନିଆଁରେ ପୋଡି ପୋତି ଦେଇଥିବା ସେହି ଯୁବକମାନେ ସ୍ୱୀକାର କରିଥିଲେ। ତାଙ୍କୁ ମାରି ପୋତି ଥିବା ଏକ ଧାନ କିଆରି ସ୍ଥାନ ଦେଖାଇଥିଲେ। ମଙ୍ଗଳବାର ପୂର୍ବାହ୍ନରେ ନୂଆପଡା ଉପଖଣ୍ଡ ଅଧିକାରୀ ପ୍ରଶାନ୍ତ କୁମାର ପଟ୍ଟନାୟକ, ନୂଆପଡା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଇନ୍ଦ୍ରମଣି ବେହେରା, ସଦର ଥାନା ଆଇଆଇସି ନିର୍ମଳ ଚନ୍ଦ୍ର ପାଣିଗ୍ରାହୀଙ୍କ ନେତୃତ୍ୱରେ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ସାହାଯ୍ୟରେ ଅଭିଯୁକ୍ତମାନେ ଦେଖାଇଥିବା ଧାନ କିଆରିକୁ ଯାଇଥିଲେ। ଧାନ ସଫା କରି ଜେସିବି ସାହାଯ୍ୟରେ ମାଟି ଖୋଳି ଛାତ୍ରୀଙ୍କ କଙ୍କାଳ ଜବତ କରାଯାଇଛି।

# ମହୁଲି ପିଇ ହାତୀ ମାତାଲ



ନିସ୍ତେଜ ହୋଇ ଶୋଇ ରହିଥିବା ୨ ହାତୀ।

ପାଟଣା, ୮।୧୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ରେଞ୍ଜ ଅଞ୍ଚଳରେ ରନ୍ଧା ମହୁଲି ମଦ ପୋଚ ପିଇ ୨ ହାତୀ ମାତାଲ ହେବା ଚର୍ଚ୍ଚାର ବିଷୟ ହୋଇଛି। ଏହି ଅଞ୍ଚଳରେ ୩ ଦିନ ହେବ ୨୪ ଟିକିଆ ଝାଡ଼ଖଣ୍ଡୀ ହାତୀପଲ ଉତ୍ପାତ ଚଳାଇଛନ୍ତି। ମଙ୍ଗଳବାର ହାତୀପଲ ଉଦୟପୁର ବିଟ୍ ଅଧୀନ ସିଲିପଦା ଗାଁ ନିକଟରେ ଥିବା ଏକ କାଜୁ ଜଙ୍ଗଲରେ ଡେରା ପକାଇଥିଲେ। ହାତୀପଲ ମଧ୍ୟରୁ ୨ଟି ହାତୀ ମଙ୍ଗଳବାର ପୂର୍ବାହ୍ନଠାରୁ ଅପରାହ୍ନ ପର୍ଯ୍ୟନ୍ତ ଉକ୍ତ କାଜୁ ବଗିଚା ମଧ୍ୟରେ ନିସ୍ତେଜ ହୋଇ ଶୋଇରହିଥିବା ଦେଖିବାକୁ ମିଳିଥିଲା।

ଗ୍ରାମବାସୀଙ୍କ କହିବା ଅନୁଯାୟୀ, ହାତୀପଲ ଗାଁ ନିକଟସ୍ଥ ନାଳକୂଳରେ ଚାଲିଥିବା ବେଆଇନ ମହୁଲି ଭାଟିରୁ ମହୁଲ ପୋଚ ଖାଇ ମାତାଲ ହୋଇଛନ୍ତି। ହେଲେ ପାଟଣା ରେଞ୍ଜର ଘାସିନାଥ ପାତ୍ର ଏହାକୁ ଅସ୍ୱୀକାର କରିଛନ୍ତି। ସେ କହିଛନ୍ତି, ହାତୀପଲ ରାତିସାରା ଚଳପ୍ରଚଳ କରୁଥିବା ଯୋଗୁ ଦିନବେଳା ସେମାନେ ଜଙ୍ଗଲରେ ବିଶ୍ରାମ ନେଇଥିଲେ। ସନ୍ଧ୍ୟାରେ ଏହି ହାତୀପଲ ସାହାରପଡ଼ା ସେକ୍ସନ ଅଧୀନ ଧାନବେଣିରେ ପହଞ୍ଚିଥିଲେ। ରିପୋର୍ଟ ଲେଖା ହେବା ସୁଦ୍ଧା ହାତୀପଲ ପାଟଣା ବଜାର ଅଞ୍ଚଳରେ ପ୍ରବେଶ କରିଥିବାରୁ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି।

# ଗଛଡାଳରୁ ପ୍ରେମୀଯୁଗଳଙ୍କ ମୃତଦେହ ଜବତ

**ଉଭୟେ ଥିଲେ ବିବାହିତ**

ବୋରିଗୁମ୍ମା, ୮।୧୧(ଡି.ଏନ.ଏ.)

କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ ଆଉଁଳି ପଞ୍ଚାୟତରେ ମଙ୍ଗଳବାର ଏକ ଦୁଃଖଦ ଘଟଣା ଘଟିଛି। ଜାତୀୟ ରାଜପଥ-୨୬ ମଝିଆ ଗାଁ ନିକଟରେ ଥିବା ଗଛରୁ ଦୁଇଜଣ ପ୍ରେମୀ ଯୁଗଳଙ୍କ ମୃତଦେହ ଜବତ ହୋଇଛି। ଉଭୟେ ବିବାହିତ ବୋଲି ଜଣାପଡିଛି। ପୋଲିସ ସୂତ୍ରରୁ ପ୍ରକାଶ, ବଡମଝିଆ ଗ୍ରାମର ଦୈମୋତି ଭତ୍ରା ଓ ଲିଟିମଝିଆ ଗ୍ରାମର ରାମଧର ଭତ୍ରାଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିଲା। ଦୈମୋତିଙ୍କ ଦୁଇଟି ଝିଅ ଏବଂ ଦୁଇଟି ପୁଅ ଥିବା ବେଳେ ରାମଧରଙ୍କ ଦୁଇଟି ପୁଅ ରହିଛନ୍ତି। ଦୈମୋତିଙ୍କ ସ୍ୱାମୀ ୪ବର୍ଷ ହେବ ରାଜ୍ୟ ବାହାରେ କାମ କରୁଛନ୍ତି। ତାଙ୍କର ସ୍ୱାମୀଙ୍କ ସହ ଝଗଡା ହେବାରୁ ସେ ତାଙ୍କ ପାଖରେ ନ ରହି ନିଜ ବାପାଙ୍କ ପାଖରେ ରହୁଥିଲେ। ରାମଧର ଜଣେ ମିସ୍ତ୍ରି ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ପାଖରେ ଦୈମୋତି ମହିଳା ଶ୍ରମିକ ଭାବେ କାମ କରୁଥିଲେ। ସମୟକ୍ରମେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ସୋମବାର ରାତିରେ ଉଭୟେ ମଦ୍ୟପାନ କରି ଗୋଟିଏ ସ୍ଥାନରେ ଥିଲେ। ପରେ ସେମାନଙ୍କ ମୃତଦେହ ଗଛରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ତେବେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବା ଆଗରୁ ଆମେ କେହି ଜାଣି ନ ଥିଲେ ବୋଲି ଉଭୟଙ୍କ ପରିବାର ଲୋକେ କହିଛନ୍ତି। ଏନେଇ ସେମାନଙ୍କ ପରିବାର ପକ୍ଷରୁ ଥାନାରେ ପୃଥକ୍ ପୃଥକ୍ ଭାବେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ଥାନାରେ ଏକ ଅପମୃତ୍ୟୁ ମାମଲା (୨୮,୨୯/୨୨) ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ତେବେ କେଉଁ କାରଣରୁ ଉଭୟେ ଆତ୍ମହତ୍ୟା କରିଛନ୍ତି ତାହାର କାରଣ ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ଏସ୍‌ଡିପିଓ ମଧୁସ୍ମିତା ମିଶ୍ର କହିଛନ୍ତି। ଥାନା ଅଧିକାରୀ କ୍ଷୀରେଶ୍ୱର ସାହୁ ଏବଂ ଫୋରେନସିକ୍ ଟିମ୍ ମଧ୍ୟ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।









# ଆଜି ପାଣିକୋଇଲି ଟୋଲ୍‌ପ୍ଲାଜା ସ୍ଥାନାନ୍ତର

**ନୂଆ ଠିକଣା ଭଦ୍ରକ ଜିଲା ନେଉଳିଆ ଛକ**

- ୧୨ଚକିଆ ଗାଡ଼ି ଦେଉଥିଲେ ୭୧୫, ଚାରି ଚକିଆ ଗାଡ଼ି ୧୩୫
- ୬ ବର୍ଷ ପରେ କାର୍ଯ୍ୟକାରୀ ହେଲା ପ୍ରସ୍ତାବ
- ଶ୍ରୀରାମପୁର ଟୋଲପ୍ଲାଜା ସ୍ଥାନାନ୍ତର ନିର୍ଦ୍ଦେଶ ଅଟକିଛି

ଯାଜପୁର ଅଫିସ, ୮।୧୧

ନ୍ୟାଶନାଲ ହାଇୱେ ଅଥରିଟି ଅଫ୍ ଇଣ୍ଡିଆ (ଏନଏଚ୍ଏଆଇ) ଅଧୀନରେ ଥିବା ଯାଜପୁର ଜିଲା ପାଣିକୋଇଲି ଟୋଲ୍ ପ୍ଲାଜା ଦୀର୍ଘ ୬ ବର୍ଷର ପ୍ରତୀକ୍ଷା ପରେ ଯାଜପୁର-ଭଦ୍ରକ ସୀମାନ୍ତବର୍ତ୍ତୀ ନେଉଳିଆ ଛକକୁ ବୁଧବାର ସ୍ଥାନାନ୍ତର ହେବ। ଏଥିପାଇଁ ନେଉଳିଆ ଛକରେ ନବନିର୍ମିତ ଟୋଲପ୍ଲାଜାରେ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ସମ୍ପନ୍ନ ହୋଇଛି ବୋଲି ଏନ୍ଏଚ୍ଏଆଇ ବାଲେଶ୍ୱର ପ୍ରକଳ୍ପ ନିର୍ଦ୍ଦେଶକ ଜେ.ପି. ବର୍ମା ସୂଚନା ଦେଇଛନ୍ତି। ବନ୍ଧାଲୋଠାରୁ ୪୭ କିମି ଦୂରତାରେ ଥିବା ପାଣିକୋଇଲି ଟୋଲପ୍ଲାଜା ବେଆଇନ ଦର୍ଶାଇ ଅଞ୍ଚଳବାସୀ ଅଭିଯୋଗ କରି ଆସୁଥିଲେ। ଏହି ଟୋଲ୍ ପ୍ଲାଜା ସ୍ଥାନାନ୍ତର ହେବା ପରେ ଯାଜପୁର ଟାଉନ, ଯାଜପୁର ରୋଡ, ସୁକିନ୍ଦା, କେନ୍ଦୁଝର ଜିଲାର ବହୁ ଗାଡି ମାଲିକ ଉପକୃତ ହେବେ। କାରଣ ଏହି ଟୋଲପ୍ଲାଜା ଦେଇ ଯାତାୟାତ କରୁଥିବା ୧୨ରୁ ଊର୍ଦ୍ଧ୍ୱ ଚକ ଥିବା ଗାଡ଼ିରୁ ୭୧୫ଟଙ୍କା ଓ ୪ ଚକିଆ ଗାଡ଼ିରୁ ୧୩୫ଟଙ୍କା ଟୋଲ୍ ବାବଦରେ ଆଦାୟ କରାଯାଉଥିଲା।

ସୂଚନାଯୋଗ୍ୟ, ୧୬ନଂ.ଜାତୀୟ ରାଜପଥର ପାଣିକୋଇଲି ଓ ୫୩ନଂ. ଜାତୀୟ ରାଜପଥର ଶ୍ରୀରାମପୁର ଟୋଲପ୍ଲାଜା ସ୍ଥାନାନ୍ତର ନିଷ୍ପତ୍ତି ୨୦୧୬ ଜୁଲାଇରେ ହୋଇଥିଲା। ଏହି ନିଷ୍ପତ୍ତି ଅନୁସାରେ ପାଣିକୋଇଲି ଟେଲ୍‌ପ୍ଲାଜା ସ୍ଥାନାନ୍ତର କାର୍ଯ୍ୟକାରୀ ହେଉଥିବାବେଳେ ଶ୍ରୀରାମପୁର ଟୋଲପ୍ଲାଜା ସ୍ଥାନାନ୍ତର ପାଇଁ କୌଣସି ପଦକ୍ଷେପ ଏଯାଏ ନିଆଯାଇ ନାହିଁ। ଏନ୍ଏଚ୍ଏଆଇର ଗାଇଡ୍‌ଲାଇନ ଅନୁଯାୟୀ ଗୋଟିଏ ଟୋଲଗେଟ୍‌ରୁ ଅନ୍ୟ ଟୋଲଗେଟ୍‌ର ଦୂରତା ଅତିକମରେ ୬୦ କିଲୋମିଟର ହେବା ଆବଶ୍ୟକ। କିନ୍ତୁ ୧୬ନଂ. ଜାତୀୟ ରାଜପଥ, ଚଣ୍ଡୀଖୋଲ-ପାରାଦୀପ ୫୩ନଂ. ଏବଂ ପାଣିକୋଇଲି-କେନ୍ଦୁଝର ୨୦ନଂ. ଜାତୀୟ ରାଜପଥରେ ୪ଟି ଟୋଲପ୍ଲାଜା ରହିଛି। ସେଥିମଧ୍ୟରୁ ଯାଜପୁର ଜିଲାର ପାଣିକୋଇଲି ଓ ଶ୍ରୀରାମପୁରରେ ୨ ଟୋଲପ୍ଲାଜା କାର୍ଯ୍ୟ କରୁଛି। ବନ୍ଧାଲୋ ଠାରୁ ଶ୍ରୀରାମପୁର ଟୋଲପ୍ଲାଜାର ଦୂରତା ମାତ୍ର ୨୫ କିମି। ଏଣୁ ରାଜ୍ୟ ପରିବହନ କମିଶନରଙ୍କ ପତ୍ରସଂଖ୍ୟା ୧୧୦୬୩/୧୯।୭।୨୦୧୬ରେ ୱାର୍କସ ସେକ୍ରେଟାରୀଙ୍କୁ ପତ୍ର ଲେଖି ଶ୍ରୀରାମପୁର ଟୋଲପ୍ଲାଜାକୁ କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ନିକଟ ମଶାଖଣି ଏବଂ ପାଣିକୋଇଲି ଟୋଲପ୍ଲାଜାକୁ ଆଖୁଆପଦା ନିକଟକୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ଅନୁସାରେ କେବଳ ପାଣିକୋଇଲି ଟୋଲପ୍ଲାଜାକୁ ସ୍ଥାନାନ୍ତର କରିବାକୁ ଏନଏଚ୍ଏଆଇକୁ ୬ ବର୍ଷ ଲାଗିଛି। ଇତିମଧ୍ୟରେ ବିଭାଗ ପକ୍ଷରୁ ବ୍ୟାପକ ଅନିୟମିତତା, ଅର୍ଥ ହରିଲୁଟ ଭଳି ଅନେକ ସାଂଘାତିକ ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ଶ୍ରୀରାମପୁର ଟୋଲପ୍ଲାଜା ସ୍ଥାନାନ୍ତର ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ସଂପୃକ୍ତ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।







| ରୋଗ | ଔଷଧ |
|---|---|
| ଏସିଡିଟି | ଆୟୁସିଡ୍ |
| ଆନେମିଆ | ହେମୋପ୍ଲସ୍, ନବାୟସ୍ ଲୌହ |
| ବୟସ ପ୍ରତିରୋଧୀ | କେସରୀ କଳ୍ପ (ରୟାଲ୍ ଚ୍ୟବନପ୍ରାସ) |
| ଆର୍ଥରାଇଟିସ୍, ଗାଉଟ୍, ରୁମେଟିକ୍ ଯନ୍ତ୍ରଣା | ଆର୍ଥ ପ୍ଲସ୍, ଆର୍ଥ ଅଏଲ୍, ରୁମାର୍ଥୋ ଗୋଲ୍ଡ |
| ପେଟ ଯନ୍ତ୍ରଣା ଓ ପାଚନ ସମସ୍ୟା | ଚିତ୍ରକାଦି ଟ୍ୟାବ୍, ଇସାବେଲ୍-ଏଚ୍ |
| ବୃଦ୍ଧିପ୍ରାପ୍ତ ପୌରୁଷ ଗ୍ରନ୍ଥି | ପ୍ରୋସଗାର୍ଡ଼, ପ୍ରୋଷ୍ଟେଡ୍ |
| ଗ୍ୟାସ, ପେଟ ଫାମ୍ପିବା | ଗ୍ୟାସାନ୍ତକ ବଟି |
| ହୃତପିଣ୍ଡର ସମସ୍ୟା | ଗୁଡ଼ ହାର୍ଟ, କୋଲେଷ୍ଟ ଗାର୍ଡ଼ |
| ବଦହଜମି | ଏକ୍ୱାଜେଷ୍ଟେ |
| କିଡ୍‌ନୀ ଏବଂ ଗଲ୍ ଷ୍ଟୋନ୍ | ପଥରୀନା |
| ଲ୍ୟୁକେରିଆ | ଲ୍ୟୁକୋନିଲ୍ |
| ଯକୃତ ସମସ୍ୟା | ଲିଭ୍ ଗୁଡ୍, ଲିବରୋଲ୍ ଷ୍ଟ୍ରଙ୍ଗ |
| ଅନିୟମିତ ଋତୁସ୍ରାବ | ସୁନ୍ଦରୀ ସଖୀ, ବୈଦ୍ୟନାଥ ଅଶୋକାରିଷ୍ଟ |
| ମୂତ୍ରରୋଗ | ଚନ୍ଦ୍ରପ୍ରଭା ଟ୍ୟାବ୍, ଗୋକ୍ଷୁରାଦି ଗୁଗ୍‌ଲୁ ଟ୍ୟାବ୍ |
| ଯୌନ ଦୁର୍ବଳତା | ଭିଟା ଏକ୍ସ ଗୋଲ୍ଡ, ମୁସଲି ଏକ୍ସ, ମୁସଲି ପାକ |

ଡାକ୍ତରଙ୍କ ପରାମର୍ଶ ପାଇଁ କଲ୍ କରନ୍ତୁ ⬇

JAIPUR: 9439088809 BERHAMPUR: 9861540324 CUTTACK: 9439486929 BHUBANESWAR: 8249945802 PURI: 9861068109 DHENKANAL: 8249703170 ANGUL: 9937734509 BALASORE: 9438725025 BARIPADA: 9437350156 KENDUJHAR: 6370698870 BHADRAK: 7978313169 ROURKELA: 7008870227 SAMBALPUR: 8763343900 / 9437681346 BOLANGIR: 7008384344 KUCHINDA: 7978655905

ଧରିତ୍ରୀ
DHARITRI
ବୁଧବାର, ୯ ନଭେମ୍ବର, ୨୦୨୨

**ଆଜିର ମନ୍ତବ୍ୟ**
କରୋନା ମହାମାରୀ ଯୋଗୁ ବିଶ୍ୱ ଅର୍ଥନୀତି ଶୋଚନୀୟ ହୋଇପଡ଼ିଥିଲା। ୟୁକ୍ରେନ୍ ଯୁଦ୍ଧ କିନ୍ତୁ ମହାମାରୀ ସ୍ଥିତିଠାରୁ ବଳିପଡ଼ିଛି, ଯାହାର ସମାଧାନ କେବଳ ଦ୍ୱିପାକ୍ଷିକ ଆଲୋଚନା ଦ୍ୱାରା ହିଁ ସମ୍ଭବ।
– ଏସ୍. ଜୟଶଙ୍କର, ବହିର୍ବ୍ୟାପାର ମନ୍ତ୍ରୀ



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ପିହୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟିକର ଭୂଇଁ ଚାଷ
ଟୋକାଙ୍କ ସଙ୍ଗେ ପରିହାସ
ସଖୀ ମନ୍ଦ ଏ।**

ବୟସ ବଢ଼ିବା ସହ ଯୁବତୀଙ୍କ ଠାରେ ସଣ୍ଢଣା ରଖିବା ଶୋଭନୀୟ ହୋଇଥାଏ। ଲଜ୍ୟାଶୀଳା ଗୁଣ ନାରୀର ଶ୍ରେଷ୍ଠ ଅଳଙ୍କାର ହୋଇଥିବାବେଳେ ତରୁଣୀ ବା ଯୁବତୀ କୌଣସି ପରପୁରୁଷ ସଙ୍ଗେ ହାସ୍ୟ ପରିହାସରେ ମାତିବା ଉଚିତ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଟେଳି ଟେଳି ମୁଣ୍ଡି ମୁଣ୍ଡି ପାଟିକି ପକା
ଆକଟ ବେଳକୁ ମୋର ନାନୀକି ଡକା।**

ବ୍ୟକ୍ତି ଯେତେବେଳେ ସୁଖ ସ୍ୱାଚ୍ଛନ୍ଦ୍ୟରେ ଚଳୁଥାଏ ସେତେବେଳେ ସେ ଚିନ୍ତାଶୂନ୍ୟ ହୋଇପଡ଼ିଥାଏ। ମନ ଆକାଶରେ ଉଡ଼ିବୁଲିବା ସହ କାହାରିକୁ ପାଖ ମଡାଇ ଦେଇ ନ ଥାଏ। କିନ୍ତୁ ଯେତେବେଳେ ବିପଦର ସମ୍ମୁଖୀନ ହୁଏ,ସେତେବେଳେ ତା'ମନ ଘର ଧରିବା ସହ ବ୍ୟଥିତ ହୋଇ ପଡିଥାଏ। ଏପରିସ୍ଥଳେ ସେ ନିଜ ଆତ୍ମୀୟଙ୍କ ସହାୟତା ଲୋଡ଼ିବା ଛଡ଼ା ଆଉ କିଛି ଚାରା ପାଇ ନ ଥାଏ। ସୁଖ ବେଳେ ସୁଖ ଭୋଗି ବିପଦ ବେଳକୁ ନିଜ ଆତ୍ମୀୟଙ୍କ କଥା ମନେପଡ଼ିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ସ୍କୁଲରୁ ଦଶମ ଶ୍ରେଣୀ ଛାତ୍ର ନିଖୋଜ

ପାପଡ଼ାହାଣ୍ଡି/ଡାବୁଗାଁ/ନବରଙ୍ଗପୁର,୮।୧୧(ଡି.ଏନ୍.ଏ./ବି.ପ୍ର.)



ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ମାନିଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ଶଙ୍କର ହରିଜନ ସ୍କୁଲରୁ ନିଖୋଜ ଅଛନ୍ତି। ଏ ନେଇ ସୋମବାର ସ୍କୁଲ କର୍ତ୍ତୃପକ୍ଷ ଡାବୁଗାଁ ଥାନାରେ ଏତଲା ଦେଇଛନ୍ତି। ନିଖୋଜ ଛାତ୍ରଙ୍କ ଘର ଡାବୁଗାଁ ଥାନା ଅଧୀନ ମେଦନା ଅଞ୍ଚଳରେ। ବିଦ୍ୟାଳୟ କର୍ତ୍ତୃପକ୍ଷ ନିଖୋଜ ଛାତ୍ରଙ୍କ ପରିବାରବର୍ଗଙ୍କୁ ଖବର ଦେବା ପରେ ସେମାନେ ମଙ୍ଗଳବାର ବିଦ୍ୟାଳୟରେ ପହଞ୍ଚିଛନ୍ତି।

ସକାଳ ୭ଟା ୪୫ ପର୍ଯ୍ୟନ୍ତ ଶଙ୍କର ସ୍କୁଲରେ ଥିଲେ। ମଧ୍ୟାହ୍ନଭୋଜନ ସମୟରେ ଦେଖା ନ ଯିବାରୁ କର୍ତ୍ତୃପକ୍ଷ ତାଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ଶଙ୍କରଙ୍କର କୌଣସି ସନ୍ଧାନ ମିଳିନାହିଁ। ସେ ପାଚେରି ଡେଇଁ ଚାଲିଯାଇଥିବା ନେଇ ସ୍କୁଲ ମେସ୍ ଇନ୍‌ଚାର୍ଜ ଓ ପ୍ରଧାନ ଶିକ୍ଷକ ସାନ କିଶୋର ନାୟକ ଥାନାରେ ଏତଲା ଦେଇଛନ୍ତି। ଏଥିସହ ଶଙ୍କରଙ୍କ ପରିବାର ଲୋକଙ୍କୁ ମଧ୍ୟ ସେ ଜଣାଇଥିଲେ। ମଙ୍ଗଳବାର ପରିବାର ଲୋକେ ସ୍କୁଲରେ ପହଞ୍ଚି ପୁଅଙ୍କୁ ଫେରାଇ ଆଣିବାକୁ ଦାବି କରିଛନ୍ତି। ପୁଅ ନିଖୋଜ ପାଇଁ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛନ୍ତି ଶଙ୍କରଙ୍କ ବାପା ଖଗପତି। ମଙ୍ଗଳବାର ସେ ଡାବୁଗାଁ ଥାନାରେ ଏତଲା ଦେଇଛନ୍ତି। ପୋଲିସ କେସ୍ ନମ୍ବର ୧୭୦/୨୨ରେ ନିଖୋଜ ମାମଲା ରୁଜୁ କରିଛି।

ପ୍ରଥମ ପୃଷ୍ଠାରୁ...

## ହେତୁବାଦୀ, ପରମ୍ପରାବାଦୀ...

କରିଥିଲୁ। ଭାଜପାର କେତେକ କୁଚକ୍ରୀ ଅସାମାଜିକ ଗୋଷ୍ଠୀ ସଭାସ୍ଥଳକୁ ଆସି ପରମ୍ପରା ନାମରେ ଗୁଣ୍ଡାଗିରି ଦେଖାଇଛନ୍ତି। ସଭାପାଇଁ ପଡ଼ିଥିବା ଟେଣ୍ଟ ଭଙ୍ଗାରୁଜା କରିବା ସହ ଆମ ଉପରକୁ ପଥର ଓ ଗୋବର ମାଡ଼ କରିଛନ୍ତି, ଯାହାକି ଗଣତନ୍ତ୍ର ରାଷ୍ଟ୍ରରେ ଏକ ନିନ୍ଦନୀୟ ଘଟଣା। ସେମାନଙ୍କର ଏଭଳି ବ୍ୟବହାରକୁ ଆମେ ଦୃଢ଼ ନିନ୍ଦା କରୁଛୁ। ସେହିପରି ହେତୁବାଦୀ ସଂଗଠନର ସଭ୍ୟ ମଧୁସୂଦନ ସେଠୀ ଏନେଇ ବଡ଼ବଜାର ଥାନାରେ ଏତଲା ଦେଇଥିବା ସେ କହିଛନ୍ତି। ରାଜ୍ୟ ଲୋକଶକ୍ତି ଅଭିଯାନ ସଭାପତି ପ୍ରଫୁଲ୍ଲ ସାମନ୍ତରା କହିଛନ୍ତି, ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟୋପରାଗକୁ ନେଇ ପରମ୍ପରାବାଦୀ ଜନସାଧାରଣଙ୍କୁ ଅନ୍ଧବିଶ୍ୱାସରେ ରଖିଛନ୍ତି। ଜନସାଧାରଣଙ୍କ ମନରୁ ଏହାକୁ ଦୂରେଇବା ପାଇଁ ହେତୁବାଦୀ ସଂଗଠନ ସଚେତନ କରୁଛି। ଏହି ଅବସରରେ ଆମେ ଖାଦ୍ୟ ଗ୍ରହଣ କରୁଛୁ ଏବଂ ଏହାକୁ ପ୍ରମାଣିତ କରିବା ପାଇଁ ଜନସାଧାରଣ ମଧ୍ୟ ଖାଦ୍ୟ ଗ୍ରହଣ କରନ୍ତୁ ବୋଲି କହୁଛୁ। ସମାଜରୁ ଅନ୍ଧବିଶ୍ୱାସ ଓ ଧର୍ମାନ୍ଧତାରୁ ଜନସଧାରଣଙ୍କୁ ମୁକ୍ତ କରିବା ପାଇଁ ହେତୁବାଦୀ ଏକ ଜନଜାଗରଣ ଅଭିଯାନ ଆରମ୍ଭ କରିଛନ୍ତି ବୋଲି ସେ କହିଛନ୍ତି। ଏହା ବିଜ୍ଞାନ ସମ୍ମତ। ଗଣତନ୍ତ୍ର ରାଷ୍ଟ୍ରରେ ପ୍ରତ୍ୟେକ ଲୋକଙ୍କ ମୌଳିକ ଅଧିକାର ରହିଛି। ଯେଉଁ ସଂଗଠନଗୁଡିକ ଆଜି ଯେଉଁଭଳି ଭାବେ ଆଇନକୁ ହାତକୁ ନେଇ ହେତୁବାଦୀ ସଦସ୍ୟଙ୍କୁ ଆକ୍ରମଣ କରିବା ସହ ହିଂସାତ୍ମକ ପଦକ୍ଷେପ ନେଇଛନ୍ତି ତାହାର ଦୃଢ଼ ନିନ୍ଦା କରୁଥିବା ସେ କହିଛନ୍ତି।

ଗଞ୍ଜାମ ଜିଲା ସାଧୁସନ୍ଥ ସମାଜ ସଦସ୍ୟ ଚିନ୍ମୟାନନ୍ଦ ମହାରାଜ କହିଛନ୍ତି, ହେତୁବାଦୀ ସଂଗଠନ ଚନ୍ଦ୍ର ଗ୍ରହଣ ଦିନ ଯେଉଁ ସାମୂହିକ ଭୋଜନ ବ୍ୟବସ୍ଥା କରିଥିଲେ ତାହା ହିନ୍ଦୁ ବିରୋଧୀ। ଏଣୁ ଆମେ ତାକୁ ବିରୋଧ କରୁଛୁ। ହିନ୍ଦୁମାନେ ସନାତନ ଧର୍ମୀ ଅଟନ୍ତି। ଜଗନ୍ନାଥ ସଂସ୍କୃତି ଆଧାରରେ ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟୋପରାଗ ପାଳନ ପାଇଁ ଯେଉଁସବୁ ନିୟମ ରହିଛି, ତାହାକୁ ଆମେ ସମସ୍ତେ ପାଳନ କରୁଛୁ। ଏହାକୁ ହେତୁବାଦୀ ସଂଗଠନ ଚକ୍ରାନ୍ତ କରି ହିନ୍ଦୁ ସଂସ୍କୃତିକୁ ବିକୃତି କରିବା ସହ ପରମ୍ପରାକୁ ଯେଉଁଭଳି ଧ୍ୱଂସ ପାଇଁ ପ୍ରୟାସ କରୁଛନ୍ତି ତାହାକୁ ଆମେ ବିରୋଧ କରୁଛୁ ବୋଲି ସେ କହିଛନ୍ତି। ହେତୁବାଦୀମାନେ ହିନ୍ଦୁ ନୁହନ୍ତି, ସେମାନେ ଏଭଳି ଧର୍ମ ବିରୋଧରେ ଚକ୍ରାନ୍ତ କରୁଛନ୍ତି, ଯାହାକୁ ହିନ୍ଦୁ ସମାଜ ବିରୋଧ କରୁଛି। ଯଦି ଆଗାମୀ ଦିନରେ ସେମାନେ ଏଭଳି କାର୍ଯ୍ୟକ୍ରମ ସାଧାରଣରେ କରିବେ ତେବେ ମାଡ଼ ଖାଇବେ ବୋଲି ସେ ଚେତାବନୀ ଦେଇଛନ୍ତି। ସେଠାରେ ହେତୁବାଦୀମାନେ ଏଭଳି କାର୍ଯ୍ୟକ୍ରମ କରିଥିବାରୁ ତାଙ୍କ ଉପରକୁ ଗୋବର ପକାଇ ତାଙ୍କୁ ପବିତ୍ର କରାଯାଇଛି ବୋଲି ସେ କହିଛନ୍ତି।

ବ୍ରହ୍ମପୁର ଅତିରିକ୍ତ ଏସ୍‌ପି ଅସୀମ ପଣ୍ଡା କହିଛନ୍ତି, ବଡ଼ବଜାର ଥାନା ଅନ୍ତର୍ଗତ ହନୁମାନ ବଜାର ଛକରେ ଗୋଟିଏ ଗୋଷ୍ଠୀ ଚନ୍ଦ୍ରଗ୍ରହଣ ସମୟରେ ସାମୂହିକ ଭୋଜନ ବ୍ୟବସ୍ଥା କରିଥିଲେ। ସେହି ସମୟରେ ଅନ୍ୟ ଏକ ଗୋଷ୍ଠୀର ଲୋକମାନେ ଏହାର ପ୍ରତିବାଦ କରିଥିଲେ। ରାସ୍ତା ଉପରେ ଉଭୟ ଗୋଷ୍ଠୀ ଗଣ୍ଡଗୋଳ କରିବା ସହ ସେଠାରେ ଉତ୍ତେଜନା ସୃଷ୍ଟି କରିଥିଲେ। ପରିସ୍ଥିତି ନିୟନ୍ତ୍ରଣ କରିବା ପାଇଁ ପୋଲିସ ସେମାନଙ୍କୁ ଘଉଡ଼ାଇଥିଲା ବୋଲି ପଣ୍ଡା କହିଛନ୍ତି। ଉଭୟ ଗୋଷ୍ଠୀ ପକ୍ଷରୁ ଥାନାରେ ପୃଥକ୍ ପୃଥକ୍ ଭାବେ ଅଭିଯୋଗ ହୋଇଥିବା ବଡ଼ବଜାର ଥାନାଧିକାରୀ ପ୍ରଶାନ୍ତ ଭୂପତି କହିଛନ୍ତି।

## ଗୋଇନ୍ଦା ଫେଲ୍...

ହେତୁବାଦୀମାନଙ୍କୁ ଆକ୍ରମଣ ଧମକ ମଧ୍ୟ ମିଳିଛି। ଏଥିରୁ ମଙ୍ଗଳବାର ଚନ୍ଦ୍ରଗ୍ରହଣ ସମୟରେ ଯଦି ହେତୁବାଦୀମାନେ ପୁଣି ସାମୂହିକ ଭୋଜନ ବ୍ୟବସ୍ଥା କରନ୍ତି, ତାହାହେଲେ ଗଣ୍ଡଗୋଳ ଉପୁଜିବା ଆଶଙ୍କା କରାଯାଉଥିଲା, ଯାହା ସତ ହୋଇଛି। କିନ୍ତୁ ପୋଲିସ ଏହି ଆଶଙ୍କାକୁ ଗୁରୁତ୍ୱ ଦେଇ ନ ଥିବାବେଳେ ଗୋଇନ୍ଦା ବିଭାଗ ଫେଲ୍ ମାରିଥିବା ସ୍ପଷ୍ଟ ହେଉଛି। ବରିଷ୍ଠ ପୋଲିସ ଅଧିକାରୀମାନେ ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମକୁ ନେଇ ବ୍ୟସ୍ତ ରହୁଥିବାରୁ ରାଜଧାନୀ ଭୁବନେଶ୍ୱରରେ ପୋଲିସ ଏହିବିବାଦକୁ ଅତ୍ୟନ୍ତ ଖାମଖିଆଲି ଭାବେ ନେଇଥିଲା। ଫଳରେ ପୋଲିସ ଉପସ୍ଥିତିରେ ଏଭଳି ଗଣ୍ଡଗୋଳ ଘଟିଥିଲା ବୋଲି ବୁଦ୍ଧିଜୀବୀମାନେ କହୁଛନ୍ତି।

## ଲୋହିଆ ଏକାଡେମୀରେ...

ସହ ଅନ୍ୟମାନେ ଆହତ ହୋଇଛନ୍ତି। ହେଲେ ଏସବୁ ଘଟୁଥିବା ବେଳେ ପୋଲିସ ଦେଖଣାହାରି ହୋଇ ରହିଥିଲା। ପରେ ପୋଲିସ ଲାଠିଚାର୍ଜ କରି ସ୍ଥିତି ନିୟନ୍ତ୍ରଣକୁ ଆଣିବା ପାଇଁ ଚେଷ୍ଟା କରିଥିଲା। ତେବେ ଘଟଣାସ୍ଥଳରୁ ବିଶୃଙ୍ଖଳା ସୃଷ୍ଟି କରିଥିବା ପରମ୍ପରାବାଦୀ ଗୋଷ୍ଠୀର ୮ ଜଣଙ୍କୁ ପୋଲିସ ଥାନାରେ ଅଟକ ରଖିଛି। ଅପରପକ୍ଷରେ ଏହି ଗଣ୍ଡଗୋଳ ପରେ ମଧ୍ୟ ହେତୁବାଦୀଙ୍କ ପକ୍ଷରୁ ସାମୂହିକ ଖାଦ୍ୟ ଗ୍ରହଣ କରାଯାଇଥିଲା। ଏନେଇ ଥାନାଧିକାରୀ ରଜନୀକାନ୍ତ ମିଶ୍ର କହିଛନ୍ତି, ଭଙ୍ଗାରୁଜା ପାଇଁ ଲୋହିଆ ଏକାଡେମୀ ପକ୍ଷରୁ ଥାନାରେ ଏକ ରିପୋର୍ଟ ଦିଆଯିବା ପରେ ତଦନ୍ତ ହେଉଛି। ସୂଚନାଯୋଗ୍ୟ, ଗତ ଅକ୍ଟୋବର ୨୫ରେ ସୂର୍ଯ୍ୟୋପରାଗ ସମୟରେ ପାକତ୍ୟାଗକୁ ନ ମାନି ହେତୁବାଦୀଙ୍କ ପକ୍ଷରୁ ବ୍ରହ୍ମପୁର ଓ ଭୁବନେଶ୍ୱରରେ ମଧ୍ୟ ସାମୂହିକ ଭୋଜନ ଆୟୋଜିତ ହୋଇଥିଲା। ଏହାକୁ ଜ୍ୟୋତିର୍ବିଦ ଏବଂ ବିଭିନ୍ନ ମହଲରେ ତୀବ୍ର ନିନ୍ଦା କରାଯାଇଥିଲା।

## ଶିକ୍ଷା ଲାଭଦାୟକ...

ଏମ୍.ଆର୍. ଶାହା ଏବଂ ସୁଧାଂଶୁ ଧୁଲିଆଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଡାକ୍ତରୀ ଛାତ୍ରୀଛାତ୍ରଙ୍କ ଉପରେ ବାର୍ଷିକ ୨୪ ଲକ୍ଷ ଟଙ୍କା ଦେୟ ଧାର୍ଯ୍ୟ କରାଯିବା ପୂର୍ବରୁ ଧାର୍ଯ୍ୟ ହୋଇଥିବା ଦେୟଠାରୁ ୭ ଗୁଣ ଅଧିକ। ଏହା ଯଥାର୍ଥ ନୁହେଁ ବୋଲି ଖଣ୍ଡପୀଠ କହିଛନ୍ତି। ଆନ୍ଧ୍ରପ୍ରଦେଶ ନାମଲେଖା ଓ ଦେୟ ନିୟାମକ କମିଟି ନିୟମାବଳୀ, ୨୦୦୬ର ବ୍ୟବସ୍ଥା ଅନୁଯାୟୀ କମିଟିର ବିନା ସୁପାରିସ କିମ୍ବା ରିପୋର୍ଟରେ ଦେୟ ବଢ଼ାଯାଇପାରିବ ନାହିଁ ବୋଲି ହାଇକୋର୍ଟ ଦେଇଥିବା ରାୟକୁ ସୁପ୍ରିମକୋର୍ଟ କାଏମ ରଖିଛନ୍ତି। ଟ୍ୟୁଶନ ଦେୟ ଧାର୍ଯ୍ୟ ସମ୍ପର୍କରେ ବିଚାର କଲାବେଳେ ନାମଲେଖା ଓ ଦେୟ ନିୟାମକ କମିଟି ଶିକ୍ଷାନୁଷ୍ଠାନର ଅବସ୍ଥିତି, ପେସାଦାରି ପାଠ୍ୟକ୍ରମର ସ୍ୱଭାବ, ଉପଲବ୍ଧ ଭିତ୍ତିଭୂମିର ମୂଲ୍ୟ ଆଦି କାରକ ସମ୍ପର୍କରେ ବିଚାର କରିବା ଆବଶ୍ୟକ। ସରକାରଙ୍କ ବେଆଇନ ନିର୍ଦ୍ଦେଶନାମା ଅନୁଯାୟୀ ଖର୍ଚ୍ଚ ହେଉଥିବା ଅର୍ଥ ଆଦାୟ କରିବାକୁ କଲେଜ ପରିଚାଳନା ସଂସ୍ଥାକୁ ଅନୁମତି ଦିଆଯାଇପାରିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି।

## ଶ୍ରୀମନ୍ଦିର ପ୍ରଶାସନଙ୍କୁ...

ଦାଖଲ କରିବାକୁ ଜଷ୍ଟିସ ବି.ଅମିତ ସ୍ଥାଲ୍‌କେର ଏବଂ ବିଶେଷଜ୍ଞ ସଦସ୍ୟ ଶୈବାଳ ଦାଶ ଗୁପ୍ତାଙ୍କୁ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନାଙ୍କୁ ପଚରାଯିବାରେ ଖୋର୍ଦ୍ଧା ଜିଲା ପ୍ରଶାସନ ଅଧୀନରେ ଶ୍ରୀମନ୍ଦିରର ଥିବା ପଥର ଖଣିଗୁଡ଼ିକ ମଧ୍ୟରୁ କିଛି ନିଲାମ କରାଯାଇଥିବାବେଳେ କିଛି ଖଣିରୁ ବେଆଇନଭାବେ ପଥର ଚୋରା ଚାଲାଣ ହେଉଛି। ଏନେଇ ଶ୍ରୀମନ୍ଦିର ପକ୍ଷରୁ ପୂର୍ବରୁ ଏନ୍‌ଜିଟି ନିକଟରେ ତଥ୍ୟ ଉପସ୍ଥାପନ କରାଯାଇଛି। ଖୋର୍ଦ୍ଧା ପ୍ରଶାସନ ପଥର ଖଣି ବାବଦକୁ ଯେଉଁ ଅର୍ଥ ଆଦାୟ କରୁଛି, ତାହା ସରକାରଙ୍କୁ ପ୍ରଦାନ କରୁଛି, ମନ୍ଦିରକୁ ନୁହେଁ। ତେଣୁ ପଥର ଖୋଳା ଯୋଗୁ ଯେଉଁ ଗର୍ତ୍ତ ସୃଷ୍ଟି ହୋଇଛି ଏବଂ ପରିବେଶ କ୍ଷତି ହୋଇଛି, ତା'ର ଭରଣା ସରକାର କରିବା କଥା। ଏବେ ଏନ୍‌ଜିଟିଙ୍କ ରାୟ ଉପରେ ଆମେ ଓକିଲଙ୍କ ସହ ଆଲୋଚନା କରୁଛୁ। ରାୟ ବିରୋଧରେ ଆମେ କୋର୍ଟକୁ ଯିବୁ ବୋଲି ଜେନା କହିଛନ୍ତି।

ସୂଚନାଯୋଗ୍ୟ ଖୋର୍ଦ୍ଧା ଜିଲା ନିଜିଗଡ଼ ତାପଙ୍ଗ ପଞ୍ଚାୟତ ଅନ୍ତର୍ଗତ ତାପଙ୍ଗ, ଅଣ୍ଡା ଓ ଝିଙ୍କିଝାରୀ ପ୍ରଭୃତି ଗାଁରେ ୪୦ଟି ସ୍ଥାନରେ ୫ଶହ ଏକର ଜଗନ୍ନାଥ ଜମିରୁ ବେଆଇନ ପଥର ଲୁଟ ଚାଲିଛି। ଦୈନିକ ଶହ ଶହ ଟ୍ରକରେ ମାଙ୍କଡ଼ା ପଥର ଚାଲାଣ ହେଉଛି। ଜିଲା ପ୍ରଶାସନର ଆନ୍ତରିକତା ଅଭାବ ଏବଂ ଦାୟିତ୍ୱହୀନତାରୁ ରାଜ୍ୟ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଥିବା ଦର୍ଶାଇ ଖୋର୍ଦ୍ଧା ସଦର ବ୍ଲକ ନିଜିଗଡ଼ ତାପଙ୍ଗର ବିଭୁପ୍ରସାଦ ହରିଚନ୍ଦନ ଏବଂ ଭୁବନେଶ୍ୱର ରସୁଲଗଡ ଜିଜିପି କଲୋନୀର ଦିଲୀପ କୁମାର ସାମନ୍ତରାୟ ଏନ୍‌ଜିଟିଙ୍କ ଦ୍ୱାରସ୍ଥ ହୋଇଥିଲେ। ଉକ୍ତ ମାମଲାକୁ ଗ୍ରହଣ କରି ଏନ୍‌ଜିଟି ପୂର୍ବରୁ କ୍ଷୋଭ ପ୍ରକାଶ କରିଥିଲେ। ଜିଲାରେ କେତେ ପଥର ଚୋରି ହେଉଛି, ପରିବେଶ କ୍ଷତିଭରଣା ପାଇଁ କେତେ ଟଙ୍କା ଜରିମାନା କରାଯାଉଛି ଏବଂ ବେଆଇନ ଖଣି ଖନନକାରୀଙ୍କ ଠାରୁ କେତେ ଅର୍ଥ ଆଦାୟ କରାଯାଉଛି, ସେ ନେଇ ସତ୍ୟପାଠ ଦାଖଲ କରିବାକୁ ଏନ୍‌ଜିଟି ଖୋର୍ଦ୍ଧା ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ସତ୍ୟପାଠରେ ବେଆଇନ ଖଣି ଖନନକାରୀଙ୍କ ନାମ, ସେମାନଙ୍କୁ ପ୍ରୋତ୍ସାହିତ କରୁଥିବା ବ୍ୟକ୍ତି, ପଥର ବୋହୁଥିବା ଟ୍ରକ୍ ମାଲିକ, ବେଆଇନ ପଥର ଚୋରାଚାଲାଣକାରୀଙ୍କ ଦ୍ୱାରା ରାଜ୍ୟ ରାଜକୋଷକୁ ହୋଇଥିବା କ୍ଷତି, ପରିବେଶ କ୍ଷତିଭରଣା ପାଇଁ ଆଦାୟ ହୋଇଥିବା ଅର୍ଥ ଆଦି ବିଷୟରେ ପୁଙ୍ଖାନୁପୁଙ୍ଖ ଜଣାଇବାକୁ ଏନ୍‌ଜିଟି ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏପରି କି ବେଆଇନ ପଥର ଖନନ ରୋକିବା ପାଇଁ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ କରିବା ସହ ବେଆଇନ ପଥର ଚାଲାଣ ଯୋଗୁ ହୋଇଥିବା ପରିବେଶ ଜନିତ କ୍ଷତି ଯାଞ୍ଚ ଲାଗି ଏନ୍‌ଜିଟି ଏକ ୪ଜଣିଆ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହି କମିଟିରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବରିଷ୍ଠ ନିର୍ଦ୍ଦେଶକ, ଖୋର୍ଦ୍ଧା ଜିଲା ମାଜିଷ୍ଟ୍ରେଟ, ଏସଇଆଇଏଏ ମେମ୍ବର ସେକ୍ରେଟାରି ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଜଣେ ଅଧିକାରୀ ସଦସ୍ୟ ରହିଛନ୍ତି। ତେବେ ଗତ ଅକ୍ଟୋବର ୨୦୨୦ରେ ପ୍ରଶାସନ ପକ୍ଷରୁ ଦାଖଲ କରାଯାଇଥିବା ରିପୋର୍ଟକୁ ଏନଜିଟି କମିଟି ଅଗ୍ରାହ୍ୟ କରିବା ସହ ପୁଣି ଥରେ ସତ୍ୟପାଠ ଦାଖଲ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜରିମାନା କେବଳ ଖଣିଚାଲାଣକାରୀ ଡ୍ରାଇଭର ନୁହେଁ ବରଂ ବେଆଇନ ଖନନ କାର୍ଯ୍ୟରେ ଲିପ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏନ୍‌ଜିଟିରେ ଏହି ମାମଲା ଚାଲିଥିବା ବେଳେ ୫୯ ଖଣିରୁ ଚୋରା ଚାଲାଣ ଚାଲିଥିବା ଏନ୍‌ଜିଟିରେ ଦୃଷ୍ଟିଗୋଚର ହୋଇଥିଲା। ୨୦୨୧ ଅକ୍ଟୋବର ୮ତାରିଖରେ ଟ୍ରିବ୍ୟୁନାଲରେ ଖୋର୍ଦ୍ଧା ତହସିଲ୍‌ଦାର ଦାଖଲ କରିଥିବା ସତ୍ୟପାଠରେ ବେଆଇନ ଖଣି କାରବାରରେ ସମ୍ପୃକ୍ତ ବ୍ୟକ୍ତିଙ୍କ କୌଣସି ସୂଚନା ଦେଇପାରି ନ ଥିଲେ। ଫଳରେ ଏନ୍‌ଜିଟି ତୀବ୍ର ଭର୍ତ୍ସନା କରିଥିଲେ। ପରେ ପୁନରୁଦ୍ଧାର ଯୋଜନାରେ ୧୧ କୋଟି ୭୫ଲକ୍ଷ ଟଙ୍କା ଆକଳନ କରାଯାଇଥିବା ୨୦୨୧ ଡିସେମ୍ବର ୩ତାରିଖ ଜିଲାପାଳ ଦାଖଲ କରିଥିବା ସତ୍ୟପାଠରେ ଦର୍ଶାଇଥିଲେ। ସେହି ମାସ ଡିସେମ୍ବର ୨୩ରେ ଆବେଦନକାରୀ ପୁଣି ଏକ ସତ୍ୟପାଠ ଦାଖଲ କରି ବିନା ପରିବେଶ ମଞ୍ଜୁରୀ ଏବଂ ଅନୁମତିରେ ବେଧଡ଼କ ଭାବେ ପଥର ଖଣି ଚାଲିଛି। ତଥାପି ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ତେଣୁ ଖଣିର ପୁନରୁଦ୍ଧାର ପାଇଁ ୧୨ କୋଟି ଆକଳନ କରାଯାଇଥିବା ବେଳେ ବେଆଇନ ଖଣି ଖନନ କୋଟି କୋଟି ଟଙ୍କା ହୋଇପାରେ ବୋଲି ଅଭିଯୋଗକାରୀ ଦର୍ଶାଇଥିଲେ। ଏହାକୁ ଟ୍ରିବ୍ୟୁନାଲ ଗୁରୁତର ସହିତ ନେଇ ମାଇନ୍ସ ଆଣ୍ଡ ମିନେରାଲ୍ସ (ଡେଭଲପମେଣ୍ଟ ଆଣ୍ଡ ରେଗୁଲେଶନ) ଅଧିନିୟମ ୧୯୫୭ ଅନୁଯାୟୀ ଖଣିଜ ପଦାର୍ଥକୁ ବେଆଇନ ଭାବେ ଚାଲାଣ କରୁଥିବା ବ୍ୟକ୍ତିଙ୍କଠାରୁ ଜରିମାନା ଆଦାୟ କରିବାକୁ କହିଥିଲେ। ଏପରି କି ପରିବେଶ କ୍ଷତି ପାଇଁ ପରିବେଶ କ୍ଷତିପୂରଣ ବ୍ୟତୀତ ନିୟମ ଉଲ୍ଲଘଂନକାରୀ ଆର୍ଥିକ କ୍ଷମତାକୁ ଦୃଷ୍ଟିରେ ରଖି ଜରିମାନା ଆଦାୟ, ଚୋରା ଚାଲାଣରେ ବ୍ୟବହୃତ ଯାନବାହନ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ଜିଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଜରିମାନା ଆଦାୟ କରିଥିଲେ। ୨୦୨୧ ଡିସେମ୍ବର ମାସରେ ପ୍ରାୟ ୪କୋଟି ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ହେଲେ ପରବର୍ତ୍ତୀ ସମୟରେ ତାହା ଶିଥିଳ ପଡ଼ିଯାଇଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଧନାଧିପତିଙ୍କ ଚତୁର୍ଗ୍ରହ ଯୋଗ କାରଣରୁ ଅର୍ଥନୈତିକ ଅଭିବୃଦ୍ଧି ସାଙ୍ଗକୁ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ସଭାସମିତିରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ସ୍ୱାସ୍ଥ୍ୟ ସମସ୍ୟା ହେତୁ ମାନସିକ ସ୍ତରରେ ଅସୁଖୀ ରହିବେ।

**ବୃଷ** ରବିଙ୍କ ଦୁର୍ବଳତା କାରଣରୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ। କୌଣସି ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ମୌଳିକ ଚିନ୍ତାଧାରାକୁ ଆଧାର କରି ଖୁବ୍ ଆଶାବାଦୀ ହେବେ। ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ମିଥୁନ** ବ୍ୟୟାଧିପ କୋଣଭାବସ୍ଥ ଯୋଗୁ ଆଜି ବହୁତ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବାକୁ ପଡିବ। କିନ୍ତୁ ଗୃହ ସମସ୍ୟାର ସମାଧାନ, ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ। ଛୋଟ କଥାଟିକୁ ବଡ଼ ଆକାରରେ ଚିନ୍ତା କରି ଅସ୍ଥିର ରହିପାରନ୍ତି। ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିବେ।

**କର୍କଟ** ରାଶିରେ ଚନ୍ଦ୍ରଙ୍କ ହେତୁ ମାନସିକ ଅସ୍ଥିରତା ଅବ୍ୟାହତ ରହିବାରୁ କୌଣସି କାମ ସହଜରେ ହେବନାହିଁ। ବିଦେଶରେ ରହୁଥିବା ବ୍ୟକ୍ତିମାନେ ଘରଭଡାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହୋଇପାରନ୍ତି। ବିବାଦୀୟ ଘଟଣା ଜଟିଳ ଆଡ଼କୁ ଗତି କରିବ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ସାଙ୍ଗକୁ ଆଶା ପୂରଣ ହୋଇଯିବ।

**ସିଂହ** ପରିବାର ସ୍ଥାନରେ ଏକାଧିକ ଗ୍ରହ ଯୋଗୁ ବାହାର କାମରେ ବେଶି ସମୟ କଟାଇବାକୁ ପଡ଼ିପାରେ। ଋଣଭାରରେ ଅତିଷ୍ଠ ଓ ଅନ୍ୟକୁ ସରଳ ବିଶ୍ୱାସ କରି ଠକି ଯାଇ ପାରନ୍ତି। ନୂଆ ଯୋଜନା ଉପରେ ଗୁରୁତ୍ୱ ଦେଲେ ସଫଳତା ମିଳିବ । ଆକସ୍ମିକ ଆବଶ୍ୟକତା ପରିପ୍ରେକ୍ଷୀରେ ହଠାତ୍ ବହୁତ ଟଙ୍କା ଖର୍ଚ୍ଚକରି ଦୁଃଖିତ ହେବେ।

**କନ୍ୟା** ସପ୍ତମସ୍ଥ ବୃହସ୍ପତିଜନିତ ଆଜିର ପ୍ରତ୍ୟୁଷ ଯାତ୍ରା ନିଶ୍ଚିତ ଫଳପ୍ରଦ ହେବ। ଧୈର୍ଯ୍ୟର ସହ ସମସ୍ୟାର ମୁକାବିଲା କରିପାରିଲେ ସଫଳତା ପାଇବେ। ପୂର୍ବଶତ୍ରୁତାରୁ ମାନସିକ ବ୍ୟଥା ଅନୁଭବ କରିବେ। ଆଶା କରୁଥିବା ଦିଗରୁ ହାତକୁ ଦି ପଇସା ଆସିବ। ହସ୍ତା ନକ୍ଷତ୍ରର ହସ ଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ।

**ତୁଳା** ଚିନ୍ତା କରୁଥିବା କାମରେ ସଫଳତା ବିଳମ୍ବରେ ପାଇବେ । ବ୍ୟବସାୟିକ କ୍ଷେତ୍ରରୁ ଲାଭ କମ୍ ମିଳିଲେ ମଧ୍ୟ ଆଗାମୀ କ୍ଷେତ୍ର ପ୍ରସ୍ତୁତ ହୋଇ ରହିବ। ବନ୍ଧୁଙ୍କ ନିମନ୍ତ୍ରଣ କ୍ରମେ ଦୂରଯାତ୍ରା ପାଇଁ ପ୍ରସ୍ତୁତି କରିବେ। ପରିବାରର ଅର୍ଥନୈତିକ କ୍ଷେତ୍ରରେ କିଛିଟା ସମସ୍ୟା ଭିତରେ ଚଳିବାକୁ ବାଧ ହେବେ।

**ବିଛା** ବିବାଦରେ ପଶିଲେ ଅଯଥା ମାନସିକ ଅଶାନ୍ତିକୁ ବଢ଼ାଇବା ବ୍ୟତୀତ କିଛି ଲାଭ ହେବନି। ବିଶ୍ୱସ୍ତ ସୂତ୍ରରୁ ଆଶା କରୁଥିବା ଖବର ପାଇ ସାମୟିକ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ଶନି ଓ ବୁଧଙ୍କ କାରଣରୁ ସ୍ନାୟବିକ ଦୁର୍ବଳତା ଦେଖାଦେବା ଯୋଗୁ ଆଳସ୍ୟ ଅନୁଭବ କରିବେ। ସଭାସମିତିରେ ଆଲୋଚନା ଅସମାପ୍ତ ରହିପାରେ।

**ଧନୁ** ଆଜି ଆପଣ ଜଣେ ବନ୍ଧୁଙ୍କ ସହଯୋଗରୁ କାମ ହାସଲ କରିବେ। ମଙ୍ଗଳ ନୀଚାରୋହୀ ହେତୁ ଜମିଜମା ସମସ୍ୟା କ୍ରମଶଃ ଜଟିଳ ହୋଇପାରେ। ତଥାପି ଆପଣ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ନିଜସ୍ୱ ଚିନ୍ତାଧାରାକୁ ଆଧାର କରି ଖୁବ୍ ଆଶାବାଦୀ ହେବେ।

**ମକର** ଆଜି ଚେଷ୍ଟା କରୁଥିବା କାର୍ଯ୍ୟରେ ଅବଶ୍ୟ ସଫଳତା ପାଇବେ। ପାଖ ପଡ଼ୋଶୀଙ୍କ ଛଳନା ଓ ପ୍ରତାରଣାପୂର୍ଣ୍ଣ କଥାକୁ ଭାବିଚିନ୍ତି କରିବା ଭଲ ହେବ। ପରିବାର ସଦସ୍ୟଙ୍କ ସହ ମତ ପାର୍ଥକ୍ୟ ଦେଖା ଦେଇପାରେ। ଅପେକ୍ଷା କରିଥିବା ଖବରଟି ମଧ୍ୟାହ୍ନ ପରେ ପାଇବେ।

**କୁମ୍ଭ** ସ୍ୱାସ୍ଥ୍ୟ ସମସ୍ୟା ମାନସିକ ଅସ୍ଥିରତାକୁ ବୃଦ୍ଧି କରିପାରେ। କର୍ମକ୍ଷେତ୍ରରେ ସ୍ୱାଧୀନ ଭାବରେ କାର୍ଯ୍ୟ କରିବାରେ ସୁଯୋଗ ପାଇବେ। ଘରକୁ ଆସିଥିବା ଅପରିଚିତ ବ୍ୟକ୍ତି ଜଣକ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। ନିର୍ମାଣ, ଶେୟାରବଜାର, ଜମିଜମା କାରବାର ତଥା ଏଜେନ୍ସି ଏବଂ ସାମ୍ବାଦିକତାରେ ପ୍ରଶଂସିତ ହେବେ।

**ମୀନ** ମାନସିକ ଅସୁସ୍ଥତା ଯୋଗୁ କୌଣସି କାମରେ ମନ ଲାଗିବନାହିଁ। ଅଫିସର କାମ ଚାପ ବୃଦ୍ଧି ପାଇଲେ ହେଁ ସହଯୋଗଭିତ୍ତିରେ ଆଗେଇ ନେବେ। ପିଲାଦିନର ସାଙ୍ଗକୁ ପାଖରେ ପାଇ ଆତ୍ମହରା ହେବେ। ପାରିବାରିକ ସମସ୍ୟାର ସମାଧାନ ହୋଇଯିବ। ଯେଉଁ କଥାକୁ ବଡ଼ ସମସ୍ୟା ବୋଲି ମଣୁଛନ୍ତି ବାସ୍ତବରେ ସେପରି କିଛି ହେବନାହିଁ।

ଆଜି ନଭେମ୍ବର ୯ ତାରିଖ, ମାର୍ଗଶିର କୃଷ୍ଣ ପ୍ରତିପଦା ବୁଧବାର, ଜାତୀୟ ଆଇନସେବା ଦିବସ, ରାଶିନକ୍ଷତ୍ର-କୃତ୍ତିକା/ବୃଷ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ପ୍ରାତଃ ଘ.୦୫।୫୫ ଗତେ ଘ. ୦୮।୦୯ ମଧ୍ୟେ, ଘ.୧୦।୨୩ ଗତେ ଘ.୧୧।୩୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧।୩୦ ଗତେ ଘ.୧୨।୫୪ ମଧ୍ୟେ ରାହୁକାଳ।

## କପ୍୨୭: ଫସିଲ୍ ଟିକସ...

ସହାୟତା ଯୋଗାଇବା ଜରୁରୀ। ସେଥିପାଇଁ ଜୀବାଶ୍ମ ଇନ୍ଧନ କମ୍ପାନୀଗୁଡ଼ିକ ପାଣ୍ଠି ଯୋଗାଇବାର ସମୟ ଆସିଛି ବୋଲି ଗୁଟେରସ୍‌ଙ୍କ ସମେତ ବାର୍ବାଡୋସ୍ ପ୍ରଧାନମନ୍ତ୍ରୀ ମିଆ ମୋଟ୍‌ଲି ପ୍ରମୁଖ କହିଛନ୍ତି। ତୈଳ ଓ ଗ୍ୟାସ୍ ଉତ୍ପାଦନକାରୀମାନେ ଦର ବଢ଼ାଇ ପ୍ରଚୁର ଲାଭ ଉଠାଉଛନ୍ତି। ତେଣୁ ସେମାନଙ୍କ ଉପରେ ୱିଣ୍ଡଫଲ୍ ଟ୍ୟାକ୍ସ ଲଗାଇବାକୁ ଦାବି ଜୋର୍ ଧରିଛି। ଜଳବାୟୁ ପରିବର୍ତ୍ତନ ଜନିତ କ୍ଷତି ଭରଣା ଲାଗି ଧନୀ ଏବଂ ସର୍ବାଧିକ ପ୍ରଦୂଷଣ କରୁଥିବା ରାଷ୍ଟ୍ର କ୍ଷତିପୂରଣ ଦେବା ନିମନ୍ତେ ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ଦାବି ଉଠାଉଛନ୍ତି।


# classifieds

**Everyday**
0674-2580101, 2549302




**BRIDE WANTED**

୩୦ ବର୍ଷୀୟ ବ୍ରାହ୍ମଣ ପାତ୍ର ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ISHRO)ରେ ବାଙ୍ଗାଲୋରଠାରେ ବୈଜ୍ଞାନିକ ଭାବରେ କାର୍ଯ୍ୟରତ। ଉକ୍ତ ପାତ୍ର ପାଇଁ ବାଙ୍ଗାଲୋର ଠାରେ କାର୍ଯ୍ୟରତ ଥିବା ବ୍ରାହ୍ମଣ ପାତ୍ରୀ ଆବଶ୍ୟକ। Mob: 9937241769, 8847815278. D-1932

**GROOM WANTED**

Beautiful Khandayat Girl 25+/ B.tech/ Govt Engineer 'Suhag'. 9938199964, 9090486408. D-1936

ବୟସ- 38, Government Job କରୁଥିବା ସୁନ୍ଦର divorce ନିଃସନ୍ତାନ ଖଣ୍ଡାୟତ ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଦରକାର। 7894489867. D-1937

40 ବୟସ୍କା ଖଣ୍ଡାୟତ ବିଧବା ହଷ୍ଟେଲୱାର୍ଡେନ ଭାବେ କାର୍ଯ୍ୟରତ ସୁନ୍ଦର ଝିଅଙ୍କୁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 9437703488. D-1958

Govt. ଚାକିରିଆ 33 ବୟସ୍କା କରଣ divorce ଝିଅଙ୍କୁ anycaste ଘରଜ୍ୱାଇଁ ଆବଶ୍ୟକ। 9124023134. D-1935




**SALE**

CAR SALE: 2015 Excellent condition Audi Q3 top model for sale Rs.- 12,80,000/- contact Owner- 9040026465 (BABU BHAI). D-1809




**SALE**

Gharabari plot sale. Jhintisasan, Balakati, 8700 sqft., road side. 6372755567. D-1912

ଭୁବନେଶ୍ୱର ଜଟଣୀଗେଟ୍‌ଠାରୁ 1K.M. ଦୂରତାରେ ବାସୋପଯୋଗୀ ପ୍ଲଟ୍ (sqft.-370/699)ରେ ମିଳୁଛି। 9658891108, 8114994259. D-1916

Duplex sale at Bhubaneswar @45 lakhs only- 9777433701, 9439206202. D-74144

ଭୁବନେଶ୍ୱର ନଖରା ଘରବାରି SC plot sqft.-130/, General- 350/-. 9439660381. D-74146

6BHK Triplex 56,00,000/- finishing Hanspal, 3BHK Duplex core house Balianta. 8093465134. D-1925

4BHK Duplex near Nandankanan Square. Land-1300, construction-1800, Price-85lakhs. 8984071303. D-1950

ଭୁବନେଶ୍ୱର ପିତାପଲ୍ଲୀ ଛକରୁ 200 mtr. ଦୂରତାରେ BDA yellow zone ପ୍ଲଟ୍ Boundary ସହ ମିଳୁଛି । 7848882166. D-74142

200 Guntha fertile lands besides Palla Anda Road, Mahatpalla Mouza Tehsil-Khorda for Sale. Contact- 9437100491. D-1945

Plot sale: 5000sqft. (50ft.x100ft.) Premium Semi commercial gharabari, yellowzone, Sthitiban single patta owner plot for sale, just 3RD plot from Dhauli-Uttara NH at Bhargavi Bihar. Price-2400/- per sqft.. Contact direct Owner- 9853926464. (BABU BABU). D-1808




Construct your Dream home @460/-, 850/-, 1325/- with branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856. D-1823




Relax, Refresh your body, Mind at Saikrupa Spa with best therapies. 8984068077. D-1863

Newly open health benefits SPA Diwali Offer @999/- Jaidevbihar, 9439676695. D-73656

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73994




Get professional Hair, Nail, Beauty Training Classes at affordable fees. Contact- 9692671608. D-1957

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୯ ନଭେମ୍ବର, ୨୦୨୨



## ୧୦ରେ ଓଡ଼ିଶା କୋଷାଗାର ଅଧିକାରୀ ସମ୍ମିଳନୀ

**ଭୁବନେଶ୍ୱର,୮।୧୧(ବ୍ୟୁରୋ):** ସ୍ଥାନୀୟ ପ୍ରଧାନ ମହାଲେଖାକାର (ଲେଖା ଓ ହକଦାରି)ଙ୍କ ଆନୁକୂଲ୍ୟରେ ଏବଂ ରାଜ୍ୟ ସରକାରଙ୍କ ସହଯୋଗରେ ଆସନ୍ତା ୧୦ ଓ ୧୧ ଦୁଇଦିନ ଧରି ରାଜ୍ୟସ୍ତରୀୟ କୋଷାଗାର ଅଧିକାରୀଙ୍କ ସମ୍ମିଳନୀ ଭୁବନେଶ୍ୱରସ୍ଥିତ ମଧୁସୂଦନ ଦାସ ଆଞ୍ଚଳିକ ଓ ଆର୍ଥିକ ପରିଚାଳନା ଏକାଡେମୀଠାରେ ଅନୁଷ୍ଠିତ ହେବ। ଏହି କର୍ମଶାଳାରେ ପ୍ରଧାନ ମହାଲେଖାକାର ଅନନ୍ତ କିଶୋର ବେହେରା, ପ୍ରଧାନ ମହାଲେଖାକାର (ଅଡିଟ ) ରାଜ କୁମାର, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ବିଶାଳ ଦେବ, କୋଷାଗାର ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ, ବରିଷ୍ଠ ଉପମହାଲେଖାକାର, ଅର୍ଥ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଅନ୍‌ଲାଇନ ମାଧ୍ୟମରେ ରାଜ୍ୟ ସରକାରଙ୍କ ଆର୍ଥିକ ପରିଚାଳନାରେ କୋଷାଗାର ଅଧିକାରୀ ଏବଂ ପ୍ରଧାନ ମହାଲେଖାକାରଙ୍କ କାର୍ଯ୍ୟାଳୟର ଭୂମିକା ଓ କାର୍ଯ୍ୟ ସମ୍ବନ୍ଧରେ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ରାଜ୍ୟ ଅର୍ଥ ବିଭାଗ ଓ ମହାଲେଖାକାର କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନେ ତାଲିମ ପ୍ରଦାନ କରିବେ। ରାଜ୍ୟର ୩୦ ଜିଲାର କୋଷାଗାର ଅଧିକାରୀଙ୍କ ସହ କର୍ମଚାରୀମାନେ ଏହି କର୍ମଶାଳାରେ ଯୋଗଦେବେ।

# ଭିମ୍‌ସାରରେ ନକଲି ନିଯୁକ୍ତିପତ୍ର

**ସମ୍ବଲପୁର, ୮।୧୧(ବ୍ୟୁରୋ)**

- ଓଡ଼ିଶା ସରକାରଙ୍କ ଲୋଗୋ, ସ୍ୱାସ୍ଥ୍ୟ ସଚିବଙ୍କ ସ୍ୱାକ୍ଷର ରହିଛି
- ଠକ ଗୋଷ୍ଠୀ ପ୍ରତି ସଚେତନ ରହନ୍ତୁ: ଅଧୀକ୍ଷକ
- ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଦାବି

ସମ୍ବଲପୁରର ବୁର୍ଲାସ୍ଥିତ ଭିମ୍‌ସାରରେ ୪ଜଣ ଯୁବତୀଯୁବକଙ୍କୁ ଆଟେଣ୍ଡାଣ୍ଟ ପଦରେ ନିଯୁକ୍ତି ଦିଆଯାଇଛି। ଏଥିରେ ସ୍ୱାସ୍ଥ୍ୟ ବିଭାଗ ସଚିବଙ୍କ ସ୍ୱାକ୍ଷର ସହ ଓଡ଼ିଶା ସରକାରଙ୍କ ଲୋଗୋ ରହିଛି। ନିଯୁକ୍ତି ପାଇଥିବା ଜଣେ ଯୁବକ ଭିମ୍‌ସାର କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିବା ପରେ ଏହା ନକଲି ବୋଲି ଜାଣିବାକୁ ପାଇଥିଲେ। ଏହି ପତ୍ର ଏବେ ସାମାଜିକ ଗଣ ମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଚାକିରି ଦେବାକୁ କହି ଟଙ୍କା ଅସୁଲି କରୁଥିବା ଏକ ଠକ ଗୋଷ୍ଠୀ ଏଥିରେ ସମ୍ପୃକ୍ତ ଥିବା କୁହାଯାଉଛି। ଏହାଦ୍ୱାରା ଭିମ୍‌ସାରର ଛବି ଖରାପ ହେଉଛି। ଅନେକ ବେକାର ଯୁବତୀଯୁବକ ଚାକିରି ପାଇବା ଆଶାରେ ଠକେଇର ଶିକାର ହେଉଛନ୍ତି। ତେଣୁ ପ୍ରଶାସନ ଘଟଣାକୁ ଗୁରୁତର ସହ ନେଇ ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

ଭାଇରାଲ ହୋଇଥିବା ଚିଠିରେ ପରିବାର କଲ୍ୟାଣ ବିଭାଗ ଓଡ଼ିଶା ସରକାର ପକ୍ଷରୁ ଚିଠି କରାଯାଇଛି। ନିଯୁକ୍ତିପତ୍ରରେ ବୀରକିଶୋର ପରିଡା, ବର୍ଷାରାଣୀ ବିଭାର, ସ୍ନେହା ଡାଙ୍ଗୁଆ, ସୁଶୀଲ ଗୌଣ୍ଡଙ୍କ ନାମ ଉଲ୍ଲେଖ ରହିଛି। ଠିକଣା ନ ଥିବାରୁ ଉକ୍ତ ଯୁବତୀଯୁବକଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ। ହେଲେ ବୁର୍ଲାରେ ଏକ ର୍‌ୟାକେଟ କାମ କରୁଛି। ସେମାନେ ସ୍ଥାନୀୟ ତଥା ଜିଲାର ବିଭିନ୍ନ ସ୍ଥାନରୁ ଯୁବତୀଯୁବକଙ୍କୁ ଚାକିରି କରାଇଦେବା ନାମରେ ଟଙ୍କା ଲୁଟୁଛନ୍ତି। ଏହି ଘଟଣାରେ ସେମାନେ ଜଣ ପିଛା ୪୦ ହଜାର ଟଙ୍କା ନେଇଥିବା ଅଭିଯୋଗ ହୋଇଛି। ବିଶ୍ୱାସ ଜିଣିବା ପାଇଁ ଉକ୍ତ ଚିଠିରେ ଭିମ୍‌ସାର ନିର୍ଦ୍ଦେଶକ, ଅଧକ୍ଷ, ଅଧୀକ୍ଷକ, ଡିନ୍‌ଙ୍କ ପାଖକୁ ପତ୍ର ଦିଆଯାଇଥିବା ଉଲ୍ଲେଖ ରହିଛି। ଏ ସମ୍ପର୍କରେ ଭିମ୍‌ସାର ଅଧୀକ୍ଷକ ପ୍ରଫେସର ଲାଲମୋହନ ନାଏକ କହିଛନ୍ତି, କିଛିଦିନ ପୂର୍ବରୁ ମୋ ପାଖକୁ ଏଭଳି ଖବର ଆସିଥିଲା। ହେଲେ କେହି ଅଭିଯୋଗ କରି ନାହାନ୍ତି। ଏବେ କୌଣସି ଚାକିରି ଦିଆଯାଉ ନାହିଁ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆମ ପାଖକୁ କୌଣସି ଚିଠି ଆସି ନାହିଁ। ଏହା ଏକ ଠକ ଗ୍ରୁପ୍‌ର କାମ। ଚାକିରି ଦେବା ନାମରେ ଠକେଇ କରୁଛନ୍ତି। ଭିମ୍‌ସାରରେ ଆଉଟସୋର୍ସିଂ ମାଧ୍ୟମରେ କେତେକ ନିଯୁକ୍ତି ଦିଆଯାଇଥିଲା। ତାହା ମଧ୍ୟ ଏବେ ବନ୍ଦ ଅଛି। ନିଯୁକ୍ତି ଦେବା ପାଇଁ ଭିମ୍‌ସାରର ସ୍ୱତନ୍ତ୍ର କ୍ଷମତା ରହିଛି। ହେଲେ କୌଣସି ପଦ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇ ନାହିଁ, ନିଯୁକ୍ତି କେମିତି ହେବ। ତେଣୁ ଯୁବତୀଯୁବକ ଓ ଅଭିଭାବକଙ୍କୁ ଅନୁରୋଧ, ଏଭଳି ପ୍ରଲୋଭନରେ କେହି ପଡନ୍ତୁ ନାହିଁ। ସ୍ୱତନ୍ତ୍ର ନୀତିନିୟମ ଓ ପ୍ରକ୍ରିୟାରେ ନିଯୁକ୍ତି ହୋଇଥାଏ। ସରକାର କିମ୍ବା ଭିମ୍‌ସାର ପକ୍ଷରୁ ପ୍ରକାଶ ପାଉଥିବା ବିଜ୍ଞାପନ ଉପରେ କେବଳ ଭରସା କରନ୍ତୁ ବୋଲି ଅଧୀକ୍ଷକ ନାଏକ କହିଥିଲେ।


Family & Health Department Govt. of Odisha

This is to inform that those person's are eligible for posting under you for attendant.

So you appoint those person as well as possible.

1- Birakishor parida
2- Barsa rani bibhar
3- Sneha dangua
4- Sushil gond

This is forwarded to director vimsar, superintendent vimsar, deen & principal vimsar.

Health Secretary
Govt. of Odisha
Bhubaneswar

ଭିମ୍‌ସାରରେ ନିଯୁକ୍ତି ଦିଆଯାଇଥିବା ସ୍ୱାସ୍ଥ୍ୟ ବିଭାଗର ନକଲି ପତ୍ର।

## ମହିଳା, ଯୁବକଙ୍କୁ ଗଛରେ ବାନ୍ଧି ପିଟିଲେ

**ବେତନଟୀ, ୮।୧୧(ସ୍ୱ.ପ୍ର.):** ସ୍ୱାମୀଙ୍କ ସନ୍ଦେହଜନକ ମୃତ୍ୟୁ ପରେ ଉତ୍ତ୍ୟକ୍ତ ଗ୍ରାମବାସୀ କଙ୍ଗାରୁକୋର୍ଟ ବସାଇ ସ୍ତ୍ରୀ ଓ ଜଣେ ଯୁବକଙ୍କୁ ଗଛରେ ବାନ୍ଧି ନିଛୁକ ମାଡ଼ ମାରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ ଗରୁଡ଼ବସା ଗ୍ରାମରେ ଏହି ଘଟଣା ଘଟିଛି। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

ଗ୍ରାମବାସୀଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ମୃତ ବ୍ୟକ୍ତିଙ୍କ ସ୍ତ୍ରୀ ବର୍ଷେ ହେଲା ସ୍ୱାମୀଙ୍କଠାରୁ ଅଲଗା ରହୁଥିଲେ। ସେହି ଗରୁଡ଼ବସା ଗାଁରେ ଘର କରି ରହୁଥିବା ବାଲେଶ୍ୱର ଜିଲା ରେମୁଣା ଥାନା ଅଞ୍ଚଳର ଜଣେ ଯୁବକଙ୍କ ସହ ତାଙ୍କର ସମ୍ପର୍କ ଥିଲା। ସୋମବାର ମହିଳାଙ୍କ ସ୍ୱାମୀ ଦିନତମାମ ସ୍ୱାଭାବିକ ଭାବେ ବୁଲାବୁଲି କରୁଥିଲେ। ମାତ୍ର ମଙ୍ଗଳବାର ସକାଳେ ଘରଭିତରେ ତାଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ମହିଳା ଜଣକ ରେମୁଣା ଅଞ୍ଚଳର ସମ୍ପୃକ୍ତ ଯୁବକଙ୍କ ସହ ମିଶି ତଣ୍ଟିଚିପି ସ୍ୱାମୀଙ୍କୁ ହତ୍ୟା କରିଥିବା ଗ୍ରାମବାସୀ ସନ୍ଦେହ କରିଥିଲେ। ପରେ କଙ୍ଗାରୁକୋର୍ଟରେ ବିଚାର ହୋଇ ମହିଳା ଓ ତାଙ୍କ ସହ ସମ୍ପର୍କ ରଖିଥିବା ରେମୁଣା ଅଞ୍ଚଳର ଉକ୍ତ ଯୁବକଙ୍କୁ ଗଛରେ ବାନ୍ଧି ଗ୍ରାମବାସୀ ମାଡ଼ ମାରିଥିଲେ। ଉଭୟେ ଗଛରେ ବନ୍ଧା ହୋଇଥିବା ବେଳେ ମୃତକଙ୍କ ଭାଇ ପାଖ ପଡ଼ୋଶୀଙ୍କ ସହାୟତାରେ ମୃତଦେହ ସତ୍କାର କରିଥିଲେ। ତେବେ ଏତେ ସବୁ ଘଟଣା ଘଟିଯାଇଥିଲେ ସୁଦ୍ଧା କେହି ପୋଲିସକୁ ଖବର ଦେଇ ନ ଥିଲେ। ମଙ୍ଗଳବାର ସନ୍ଧ୍ୟାରେ ପରିସ୍ଥିତି ଶାନ୍ତ ପଡ଼ିବାରୁ ଗଛରେ ବନ୍ଧାଯାଇଥିବା ଉଭୟଙ୍କୁ ଗ୍ରାମବାସୀ ଛାଡିଦେଇଥିଲେ।

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**୰ପ୍ରାଣକୃଷ୍ଣ ବେହେରା**
ଚୋରମୁହାଁ, ଧର୍ମଶାଳା, ଯାଜପୁର
ଆବିର୍ଭାବ: ୧୨.୦୫.୧୯୫୧, ତିରୋଧାନ: ୧୮.୧୧.୨୦୨୧

ଚାହୁଁ ଚାହୁଁ ବର୍ଷେ ବିତିଗଲା, ଯେଉଁଠି ଅଛ ଭଲରେ ଥାଅ । ଆପଣଙ୍କ ସ୍ନେହଶ୍ରଦ୍ଧା ଓ ନୀତିଆଦର୍ଶ ଆମ ସମସ୍ତଙ୍କ ପାଇଁ ଚିର ସ୍ମରଣୀୟ ହୋଇ ରହିବ । ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।

**ଶୋକସନ୍ତପ୍ତ :-** ପତ୍ନୀ- ଶାନ୍ତିଲତା, ପୁଅ- ମହେଶ୍ୱର, ଈଶ୍ୱର, ଗଣେଶ୍ୱର, ବୋହୂ- କାଞ୍ଚନ, ଲତା, ଜୟପ୍ରଦା, ଝିଅ- ପାର୍ବତୀ, ଜ୍ୱାଇଁ- ରଜନୀକାନ୍ତ, ଭଉଣୀ, ପୁତୁର. ପୁତୁରାବୋହୂ, ଭଣଜା, ଭାଣିଜୀ ଭାଣିଜୀ ଜ୍ୱାଇଁ, ନାତି ନାତୁଣୀ, ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ ।




ଭୁବନେଶ୍ୱର ଆକାଶରେ ମଙ୍ଗଳବାର ସନ୍ଧ୍ୟାରେ ଚନ୍ଦ୍ରଗ୍ରହଣର ଦୃଶ୍ୟ

## ୨୦୨୫ରେ ପୂର୍ଣ୍ଣ ଚନ୍ଦ୍ରଗ୍ରହଣ

**ଭୁବନେଶ୍ୱର,୮।୧୧(ବ୍ୟୁରୋ)**

ଚଳିତବର୍ଷର ଶେଷ ଚନ୍ଦ୍ରଗ୍ରହଣ ମଙ୍ଗଳବାର ସଂଘଟିତ ହୋଇଛି। ଭୁବନେଶ୍ୱରରେ ଏହି ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ସନ୍ଧ୍ୟା ୫ଟା ୫ରୁ ୫ଟା ୧୧ ପର୍ଯ୍ୟନ୍ତ ଦେଖାଯିବାର ଥିଲା। ପୂର୍ବ ଦିଗବଳୟ ମେଘ ଥିବାରୁ ଏଥିରେ ବ୍ୟତିକ୍ରମ ଦେଖାଦେଇଥିଲା। ସ୍ଥାନୀୟ ପ୍ଲାନେଟୋରିୟମରେ ସନ୍ଧ୍ୟା ୫ଟା ୨୭ରୁ ୬ଟା ୧୯ ଯାଏଁ ଆଂଶିକ ଚନ୍ଦ୍ରଗ୍ରହଣ ଭାବେ ଦେଖାଦେଇଥିଲା। ଏନେଇ ପଠାଣି ସାମନ୍ତ ପ୍ଲାନେଟୋରିୟମ ଉପନିର୍ଦ୍ଦେଶକ ଡ. ଶୁଭେନ୍ଦୁ ପଟ୍ଟନାୟକ ସୂଚନା ଦେଇଛନ୍ତି। ପରବର୍ତ୍ତୀ ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ଆସନ୍ତା ୨୦୨୫ ସେପ୍ଟେମ୍ବର ୭ରେ ଦେଖାଯିବ ବୋଲି ପ୍ଲାନେଟୋରିୟମ ପକ୍ଷରୁ ସୂଚନା ଦିଆଯାଇଛି। ପ୍ଲାନେଟୋରିୟମରେ ୩ଟି ଦୂରବୀକ୍ଷଣ ଯନ୍ତ୍ର ଓ ୨ଟି ବାଇନାକୁଲାର୍ ଗୋଟିଏ ଏଲସିଡି ଦ୍ୱାରା ଗ୍ରହଣ ଦେଖାଇବାର ବ୍ୟବସ୍ଥା କରାଯାଇଥିଲା। ପ୍ଲାନେଟୋରିୟମରେ ନିଃଶୁଳ୍କ ଟୋକନ୍ ଦ୍ୱାରା ଲୋକଙ୍କୁ ଗ୍ରହଣ ଦେଖାଇବାର ବନ୍ଦୋବସ୍ତ କରାଯାଇଥିଲା। ଏହି କ୍ରମରେ ୭୦୦ରୁ ଊର୍ଦ୍ଧ୍ୱ ଲୋକ ଚନ୍ଦ୍ରଗ୍ରହଣ ଦେଖିଥିଲେ। ସେହିପରି ପରବର୍ତ୍ତୀ ସୂର୍ଯ୍ୟୋପରାଗ (ଆଂଶିକ) ୨୦୨୭ ଅଗଷ୍ଟ ୨ରେ ସଂଘଟିତ ହେବ।

## ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ୫୫ ପ୍ଲାଟୁନ ଫୋର୍ସ

**ଭୁବନେଶ୍ୱର, ୮।୧୧(ବ୍ୟୁରୋ):** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର ଓଡ଼ିଶା ଗସ୍ତରେ ଆସିବେ। ଏନେଇ କମିଶନରେଟ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ରାଷ୍ଟ୍ରପତି ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ତାଙ୍କୁ କିଭଳି ଗାର୍ଡ ଅଫ୍ ଅନର୍ ଦିଆଯିବ ସେ ନେଇ ପୋଲିସ ପକ୍ଷରୁ ମଙ୍ଗଳବାର ରିହର୍ସାଲ୍ କରାଯାଇଛି। ରାଜଧାନୀରେ ସୁରକ୍ଷା ବ୍ୟବସ୍ଥା ପାଇଁ ୫୫ ପ୍ଲାଟୁନରୁ ଊର୍ଦ୍ଧ୍ୱ ପୋଲିସ ଫୋର୍ସ ସହ ୩୦୦ ଅଧିକାରୀ ମୁତୟନ ରହିବେ। ବିମାନବନ୍ଦରଠାରୁ ରାଜଭବନ ଯାଏଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ। ଏଥିସହ ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ ପାଇଁ ବୁଧବାର ଫୁଲଡ୍ରେସ୍ ରିହର୍ସାଲ୍ କରାଯିବା ପାଇଁ ସ୍ଥିର ହୋଇଛି। ଏ ନେଇ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ବିମାନବନ୍ଦରରେ ମଙ୍ଗଳବାର ସ୍ଥିତି ସମୀକ୍ଷା କରିଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**NBS : NATURES BEAUTY SOLUTION (A UNISEX SALON)**
1. MALE HAIR DRESSER : Salary 10,000/- to15,000/- + Incentives.
2. HOUSE KEEPING : (Female) Salary 8000/-
Address : Plot No-1, Adarsh Vihar, Patia, Bhubaneswar.
8260586265 / 9658044366

**REQUIRED**
Require one Optometrist for Mobile Eye Care Project, LEPRA Society, N1-89, IRC Village, Bhubaneswar, CTC.
Rs.22,000, Apply to
hrd@leprahealthinaction.in
Ph.No.8178936007
(Apply within 3 days)

**URGENTLY REQUIRED**
Faculties required for BHM, MHM, BBA, BCA, PMIR, Pol.Sc., Zoology (10Post). Marketing Manager (4Nos), Telecaller (15Nos), Front office ( Exp. in Educational institutions) (2Nos), Peon (4Nos), Sweeper (2Nos) & Hostel warden for boys & girls. Interested Candidate can Apply / Contact with all Copies of Certificate & Aadhaar card details for Interview.
**S.T.A.R COLLEGE & MANAGEMENT**
167, Forest Park, Bhubaneswar, Mail ID : starcmbbsr@gmail.com
Contact No: 9040090543, 9777897695, 9861444447, 9937337659

**BRINDAVAN HOSPITAL & RESEARCH CENTRE P. LTD.**
Ranchi Road, Dist-Ramgarh, Jharkhand
NEED LADY DOCTORS MD OBS. GYNECOLOGY WITH KNOWLEDGE IN IVF & USG.
Please mail us on:
brindavan_hospital@rediffmail.com
Mobile No.:
9199342254
7209671916

**ମାଳୀ ଆବଶ୍ୟକ**
ଫାର୍ମ ପାଇଁ ମାଳୀ ଆବଶ୍ୟକ।
ଯୋଗାଯୋଗ :
ଟଙ୍କପାଣି ରୋଡ୍, ଭୁବନେଶ୍ୱର
Ph.: 8260765256
8480925433



କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ମଙ୍ଗଳବାର କଟକ ବାଲିଯାତ୍ରା ଆରମ୍ଭ ହୋଇଛି। ବାଲିଯାତ୍ରା ପଡିଆରେ ଆଲୋକରେ ସଜ୍ଜିତ ହୋଇଥିବା ବିଭିନ୍ନ ଦୋଳି।

## ବିବାହ ପ୍ରଲୋଭନ ଦେଖାଇ ଯୁବତୀଙ୍କୁ ବଳାତ୍କାର

**କଳିଙ୍ଗନଗର, ୮।୧୧(ଡି.ଏନ.ଏ.)**

ଯାଜପୁର ଜିଲା କଳିଙ୍ଗନଗର ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ନୀଳକଣ୍ଠପୁର ଗାଁର ଜଣେ ଯୁବକ ବାତ୍କାର କରିଛନ୍ତି। ଏହାପରେ ଯୁବତୀଙ୍କୁ ତାଙ୍କ ମାଉସୀଙ୍କ ଘରେ ଛାଡ଼ି ଫେରାର ହୋଇ ଯାଇଛନ୍ତି। ଏନେଇ ଯୁବତୀ ଜଣକ କଳିଙ୍ଗନଗର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୨୪୩/୨୨ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ମୁତାବକ, ନୀଳକଣ୍ଠପୁର ଗ୍ରାମର ରଞ୍ଜିତ ପେରାଇ(ବୁଲୁ) ଶୁକ୍ରବାର ରାତି ପ୍ରାୟ ୨ଟାରେ ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ଘରୁ ଡାକିନେଇଥିଲେ। ରାତିରେ ପିଉସୀ ଘର ଚମ୍ପାପାଳରେ ରଖି ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ପରଦିନ ଶାଳୀଜଙ୍ଗା ଗ୍ରାମକୁ ନେଇ ନିଜ ସମ୍ପର୍କୀୟ ନାଣ୍ଡୁଙ୍କ ଘରେ ଯୁବତୀଙ୍କୁ ରଖିଥିଲେ। ପରେ କୋର୍ଟ ମ୍ୟାରେଜ କରିବା ପାଇଁ କହି ଯୁବତୀଙ୍କ ମାଉସୀ ଘର ବଣ୍ଟିରା ଗ୍ରାମକୁ ନେଇଥିଲେ। ସେଠାରେ ବୁଲୁ ରାତିରେ ସୋଇଥିବା ବେଳେ ଯୁବତୀଙ୍କୁ ଶୌଚ ହେବାକୁ ଯାଉଛି କହି ଘରୁ ଯାଇ ଆଉ ଫେରି ନ ଥିଲେ।

SUNDARAM HOME
ପଞ୍ଜୀକୃତ କାର୍ଯ୍ୟାଳୟ: ନଂ.୨୧, ପାଟୁଲସ୍ ରୋଡ୍, ଚେନ୍ନାଇ–୬୦୦୦୦୨।
କର୍ପୋରେଟ୍ କାର୍ଯ୍ୟାଳୟ: ସୁନ୍ଦରମ୍ ଟାୱାର୍ସ, ନଂ. ୪୬, ହ୍ୱାଇଟ୍‌ସ ରୋଡ୍, ଚେନ୍ନାଇ–୬୦୦୦୧୪। ଫୋନ୍–୦୪୪–୨୮୫୧୫୨୬୭
ଶାଖା କାର୍ଯ୍ୟାଳୟ: ଏ/୧୦୮, ୨ୟ ମହଲା, ମାର୍ଫତ୍ ସୁନ୍ଦରମ ଫାଇନାନ୍ସ, ବନଦେବ ଭବନ, ଶହୀଦ ନଗର, ଖୋର୍ଦ୍ଧା ଜିଲ୍ଲା, ଭୁବନେଶ୍ୱର – ୭୫୧୦୦୭ ।

**ବିକ୍ରୟ ନୋଟିସ**

ଯେହେତୁ ସୁନ୍ଦରମ୍ ହୋମ୍ ଫାଇନାନ୍ସ ଲିମିଟେଡ୍, ପୂର୍ବରୁ **ସୁନ୍ଦରମ୍ ବିଏନ୍‌ପି ପରିବାସ ହୋମ୍ ଫାଇନାନ୍ସ ଲିମିଟେଡ୍** ଭାବେ ପରିଚିତର ପ୍ରାଧିକୃତ ଅଧିକାରୀ ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ଅଧୀନରେ ଏବଂ ଧାରା ୧୩(୧୨) ସହିତ ପଠନପୂର୍ବକ ଧାରା ୧୩(୨) ଅଧୀନରେ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗକରି ଋଣଗ୍ରହୀତାଙ୍କୁ ନୋଟିସ ତାରିଖରୁ ୬୦ ଦିନ ମଧ୍ୟରେ ନୋଟିସରେ ଦର୍ଶିତ ଅର୍ଥରାଶିକୁ ପରିଶୋଧ କରିବା ପାଇଁ ଏକ ଡିମାଣ୍ଡ ନୋଟିସ ଜାରି କରିଥିଲେ ।
ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତା ବୈଧାନିକ ଅବଧି ମଧ୍ୟରେ ଅର୍ଥରାଶିକୁ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ପ୍ରାଧିକୃତ ଅଧିକାରୀ କଥିତ ଅଧିନିୟମର ଧାରା ୧୩(୪) ଅଧୀନରେ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗକରି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୮ ଅନୁଯାୟୀ ନିମ୍ନବର୍ଣ୍ଣିତ ସମ୍ପତ୍ତିକୁ ବାସ୍ତବିକ ଭାବେ ନିଜ ଦଖଲକୁ ନେଇଛନ୍ତି ।
ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ, ନିମ୍ନପ୍ରଦତ୍ତ ସାରଣୀରେ ସମ୍ପୂର୍ଣ୍ଣ ଭାବେ ବର୍ଣ୍ଣିତ ସମ୍ପତ୍ତିକୁ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୮ ଓ ୯ ଅଧୀନରେ ସର୍ବସାଧାରଣଙ୍କଠାରୁ **ତା୨୬।୧୨।୨୦୨୨ରିଖ** ୧୬.୦୦ ଘଟିକା ପର୍ଯ୍ୟନ୍ତ ଜଉମୁଦଦିଆ ଟେଣ୍ଡର ଆମନ୍ତ୍ରଣ କରାଯାଇ **"ଯେପରି ଅଛି ଯେଉଁଠି ଅଛି"** ଏବଂ **"ଯେପରି ଅଛି ଯାହା ଅଛି"** ଓ **"ସେଠାରେ ଯାହା ବି ଅଛି"** **ଛିତି**ରେ ବିକ୍ରୟ କରାଯିବ । ଯେଉଁମାନେ ନିଲାମ ବିକ୍ରୟରେ ଅଂଶଗ୍ରହଣ କରିବାକୁ ଚାହୁଁଛନ୍ତି, ସେମାନେ **ତା୨୬।୧୨।୨୦୨୨ରିଖ** ୧୬.୦୦ ଘଟିକା କିମ୍ବା ଏହା ପୂର୍ବ ସୁଦ୍ଧା ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟକୁ ଜଉମୁଦଦିଆ ଲଫାପାରେ କେବଳ ଆର୍‌ପିଏଡି ଦ୍ୱାରା ସେମାନଙ୍କର ବିଡ୍ ପଠାଇପାରିବେ । **ତା୨୬।୧୨।୨୦୨୨ରିଖ** ୧୬.୦୦ ଘଟିକା ପରେ ପ୍ରାପ୍ତ ଟେଣ୍ଡରଗୁଡ଼ିକୁ ନାକଚ କରିଦିଆଯିବ । ଆର୍‌ପିଏଡି ଦ୍ୱାରା **ତା୨୬।୧୨।୨୦୨୨ରିଖ** ୧୬.୦୦ ଘଟିକା ସୁଦ୍ଧା ପ୍ରାପ୍ତ ଜଉମୁଦଦିଆ ଟେଣ୍ଡରଗୁଡ଼ିକୁ **ତା୨୬।୧୨।୨୦୨୨ରିଖ** ୧୬.୩୦ ଘଟିକାରେ ନିମ୍ନଦର୍ଶିତ ସ୍ଥାନରେ ଖୋଲାଯିବ । ସଫଳ ବିଡରଙ୍କୁ ଅବଶିଷ୍ଟ ଅର୍ଥରାଶି ଇଣ୍ଟିମେଶନ୍ ପ୍ରାପ୍ତି ତାରିଖରୁ ୧୫ ଦିନ ମଧ୍ୟରେ ପୈଠ କରିବାକୁ ହେବ । ଉପରେ ଦର୍ଶାଯାଇଥିବା ଅନୁଯାୟୀ ଅବଶିଷ୍ଟ ଅର୍ଥରାଶି ଜମା କରାଯିବା ପରେ ହିଁ ବିକ୍ରୟ ସମ୍ପୂର୍ଣ୍ଣ ହେବ ।

| ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତାଙ୍କ ନାମ ଓ ଠିକଣା | ପ୍ରତିଭୂତିଯୁକ୍ତ ଋଣ (ଟ.) | ସମ୍ପତ୍ତି ପାଇଁ ସ୍ଥିର ହୋଇଥିବା ସଂରକ୍ଷିତ ମୂଲ୍ୟ | ମାଲିକାନା ଯାଞ୍ଚ ସ୍ଥାନ |
| --- | --- | --- | --- |
| **ଶ୍ରୀ ଅସିତ କୁମାର ମହାନ୍ତି (ଋଣଗ୍ରହୀତା),** ମାର୍ଫତ୍- ଏନ୍. କେ. ପଟ୍ଟନାୟକ, ପ୍ଲଟ୍ ନଂ.-୫୮୨/୮୩୪, କାଳୁନନ୍ଦ ନଗର, ପୋଖରିପୁଟ, ଭୁବନେଶ୍ୱର - ୭୫୧୦୨୦ । **ଶ୍ରୀ ଅସିତ କୁମାର ମହାନ୍ତି,** ମେସର୍ସ କ୍ରିଏଟିଭ୍ ସଲ୍ୟୁସନ୍ସ, ପ୍ଲଟ୍ ନଂ.-୨୯୩୮ ବି, ଗୌରୀ ନଗର, ଗ୍ୟାରେଜ୍ ଛକ, ଭୁବନେଶ୍ୱର-୭୫୧୦୦୨ । **କ୍ରିଏଟିଭ୍ ସଲ୍ୟୁସନ୍ (ସହ-ଋଣଗ୍ରହୀତା),** ପ୍ଲଟ୍ ନଂ. ୨୯୩୩, ଗୌରୀ ନଗର, ଓଲ୍ଡ ଟାଉନ୍, ଭୁବନେଶ୍ୱର-୭୫୧୦୦୨ । **ଶ୍ରୀମତୀ ଶାନ୍ତିଲତା ମହାନ୍ତି (ସହ-ଋଣଗ୍ରହୀତା),** ମାର୍ଫତ୍- ଏନ୍. କେ. ପଟ୍ଟନାୟକ, ପ୍ଲଟ୍ ନଂ.-୫୮୨/୮୩୪, କାଳୁନନ୍ଦ ନଗର, ପୋଖରିପୁଟ, ଭୁବନେଶ୍ୱର - ୭୫୧୦୨୦ । **ଶ୍ରୀମତୀ ଶାନ୍ତିଲତା ମହାନ୍ତି ସ୍ଥାନ ଭାଣପୁର,** ଭାୟା-ପିପିଲି, ଥାନା- ନିମାପଡ଼ା, ପିପିଲି, ପୁରୀ-୭୫୨୧୦୪ **ଶ୍ରୀମତୀ ଶାନ୍ତିଲତା ମହାନ୍ତି,** ପ୍ଲଟ୍ ନଂ.-୫୯୮/୧୨୨୨, ଖାତା ନଂ.୦୩, ଭାଣପୁର, ଥାନା- ବଳଙ୍ଗା, ବଳଙ୍ଗା, ପୁରୀ-୭୫୨୧୧୪ | ଟ. **୩୬,୪୮,୭୦୩/-** (ଛତିଶ ଲକ୍ଷ ଅଠଚାଳିଶ ହଜାର ସାତଶହ ତିନି ଟଙ୍କା ମାତ୍ର) ୦୯।୧୧।୨୦୨୨ ସୁଦ୍ଧା + ଭବିଷ୍ୟତ ସୁଧ + ବୈଧାନିକ ବ୍ୟୟ + ଆଇନଗତ ବ୍ୟୟ + ଆନୁଷଙ୍ଗିକ ଶୁଳ୍କ । | **ଟ. ୩୭,୧୪,୦୦୦/-** (ସଇଁତିରିଶ ଲକ୍ଷ ଚଉଦ ହଜାର ଟଙ୍କା ମାତ୍ର) | **ସୁନ୍ଦରମ୍ ହୋମ୍ ଫାଇନାନ୍ସ ଲିମିଟେଡ୍,** ଏ/୧୦୮, ୧ମ ମହଲା, ବନଦେବ ଭବନ, ଶହୀଦ ନଗର, ଖୋର୍ଦ୍ଧା ଜିଲ୍ଲା, ଭୁବନେଶ୍ୱର- ୭୫୧୦୦୭ |
| | | **ଅମାନତ ଜମା ରାଶି** | **ଟେଣ୍ଡର ଖୋଲାଯିବା ସ୍ଥାନ** |
| | | ଟେଣ୍ଡର ମୂଲ୍ୟର ୨୫% | **ମେସର୍ସ ସୁନ୍ଦରମ୍ ହୋମ୍ ଫାଇନାନ୍ସ ଲିମିଟେଡ୍,** ୨୩, କ୍ୟାଥେଡ୍ରାଲ ଗାର୍ଡେନ ରୋଡ୍, ୨ୟ ମହଲା, ନୁଙ୍ଗାମବକ୍କମ୍, ଚେନ୍ନାଇ-୬୦୦୦୩୪ |
| | | | **ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ** |
| | | | **୨୬।୧୨।୨୦୨୨ @ ୧୬.୩୦** |

**ସମ୍ପତ୍ତିର ବର୍ଣ୍ଣନା:** ଖାତା ନଂ.୦୩, ପ୍ଲଟ୍ ନଂ.୫୯୮/୧୨୨୨ ଅଧୀନରେ ଏ.୦.୧୦୦ ଡେସିମିଲ ପରିମାପର ସ୍ଥାବର ସମ୍ପତ୍ତିର ସମସ୍ତ ଖଣ୍ଡ ଓ ଅଂଶବିଶେଷ, କିସମ: ଘରବାରି (ହୋମ୍‌ଷ୍ଟିଡ୍), ଅବସ୍ଥିତି ସ୍ଥାନ: ମୌଜା/ରାଜସ୍ୱ ଗ୍ରାମ, ଭାଣପୁର, ତହସିଲ: ନିମାପଡ଼ା ଅଧୀନରେ, ନଂ.୫୦, ଜିଲ୍ଲା: ପୁରୀ, ଓଡ଼ିଶା ରାଜ୍ୟ ଏବଂ **ନିମ୍ନ ଅନୁଯାୟୀ ଚଉହଦିରେ ଆବଦ୍ଧ:** ଉତ୍ତର ଆଡ଼କୁ ରଘୁ ସାହୁଙ୍କ ଦ୍ୱାରା, ଦକ୍ଷିଣ ଆଡ଼କୁ ସଡ଼କ ଦ୍ୱାରା, ପୂର୍ବ ଆଡ଼କୁ ପ୍ରତାପ ରାଉତରାୟଙ୍କ ଦ୍ୱାରା, ପଶ୍ଚିମ ଆଡ଼କୁ ନେପାଳ ମହାପାତ୍ରଙ୍କ ଦ୍ୱାରା ।

**ଦ୍ରଷ୍ଟବ୍ୟ: ଆଗ୍ରହୀ କ୍ରେତାମାନଙ୍କୁ ନିଲାମରେ ଅଂଶଗ୍ରହଣ କରିବା ପୂର୍ବରୁ ସମ୍ପତ୍ତିର ମାଲିକାନା ସମ୍ପର୍କରେ ଦଲିଲଗୁଡ଼ିକୁ ଯାଞ୍ଚ କରିବା ଓ ସେ ସମ୍ବନ୍ଧରେ ସନ୍ତୁଷ୍ଟ ହେବା ପାଇଁ ଅନୁରୋଧ କରାଯାଉଛି । କ୍ରୟ ନିଶ୍ଚିତ ହେବା ପରେ, ଯଦି ସମ୍ପତ୍ତିର ମାଲିକାନା କିମ୍ବା ପ୍ରକୃତିକୁ ନେଇ କୌଣସି ବିବାଦ ଉପୁଜେ, ତେବେ ଅର୍ଥରାଶି ଫେରସ୍ତ କରାଯିବ ନାହିଁ ।**

**ଶ୍ରୀ ଅସିତ କୁମାର ମହାନ୍ତି, ଋଣ ଖାତା ନଂ.୬୬୨୦୦୧୫୦ର ସମ୍ପତ୍ତି ବିକ୍ରୟର ସବିଶେଷ ନିୟମ ଓ ସର୍ତ୍ତାବଳୀ ପାଇଁ ଦୟାକରି www.sundaramhome.in/uploads/files/sale_notice/66200150.pdf ଦେଖନ୍ତୁ ।**

ତାରିଖ: ୦୯।୧୧।୨୦୨୨
ସୁନ୍ଦରମ୍ ହୋମ୍ ଫାଇନାନ୍ସ ଲିଃ ପାଇଁ
ପ୍ରାଧିକୃତ ଅଧିକାରୀ

# ରାଜଧାନୀରେ ଡ୍ରାଇଭରଙ୍କ ଦଣ୍ଡବତ ଯାତ୍ରା

**ଭୁବନେଶ୍ୱର,୮।୧୧(ବ୍ୟୁରୋ)**

**ଲୋୟର ପିଏମ୍‌ଜିରେ ଧାରଣା ଦେଲା ମହାସଂଘ**
- ନବୀନ ନିବାସ ଯିବା ବେଳେ ଅଟକାଇଲା ପୋଲିସ
- ୯ ଦଫା ଦାବିରେ ନାରାବାଜି, ଆଜି ମନ୍ତ୍ରୀଙ୍କ ସହ ପୁଣି ଆଲୋଚନା

୯ ଦଫା ଦାବି ନେଇ ଏକାଧିକ ଥର ଆନ୍ଦୋଳନ ପରେ ପ୍ରତିଶ୍ରୁତି ପୂରଣ କରା ନ ଯିବାରୁ ଶେଷରେ ରାଜ୍ୟ ଡ୍ରାଇଭର ମହାସଂଘ ଆନ୍ଦୋଳନକୁ ଓହ୍ଲାଇଛି। ମହାସଂଘ ପକ୍ଷରୁ ମଙ୍ଗଳବାର ଦଣ୍ଡବତ ଯାତ୍ରା କରାଯିବା ସହ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା ଦିଆଯାଇଛି।

ଡ୍ରାଇଭର ମହାସଂଘର କର୍ମକର୍ତ୍ତାମାନେ ଗତ ଅକ୍ଟୋବର ୧୮ରେ ସମ୍ବଲପୁରର ଆରାଧ୍ୟା ଠାକୁରାଣୀ ମା’ ସମଲେଶ୍ୱରୀଙ୍କୁ ଦଣ୍ଡବତ କରି ଯାତ୍ରା ଆରମ୍ଭ କରିଥିଲେ। ସେମାନେ ଦଣ୍ଡବତ ଯାତ୍ରା କରି ନବୀନ ନିବାସ ଅଭିମୁଖେ ଆସୁଥିବାବେଳେ ଏଥିରେ ବିଭିନ୍ନ ଜିଲାର ଡ୍ରାଇଭର ସଂଘର ସଦସ୍ୟମାନେ ସାମିଲ ହୋଇଥିଲେ। ମଙ୍ଗଳବାର ପୂର୍ବାହ୍ନରେ ଭୁବନେଶ୍ୱର ପଲାଶୁଣୀଠାରେ ବିଭିନ୍ନ ସ୍ଥାନରୁ ୫୦୦ରୁ ଊର୍ଦ୍ଧ୍ୱ ଡ୍ରାଇଭର ଏକାଠି ହୋଇ ନବୀନ ନିବାସ ଅଭିମୁଖେ ଦଣ୍ଡବତ ଯାତ୍ରା ଆରମ୍ଭ କରିଥିଲେ। ସେମାନଙ୍କର ଦାବିଗୁଡ଼ିକ ହେଲା ଦୁର୍ଘଟଣାରେ ଜୀବନ ଗଲେ ୨୦ ଲକ୍ଷ ଟଙ୍କାର ବୀମା ରାଶି ଦେବା, ଅକର୍ମଣ୍ୟଙ୍କୁ ୧୦ ଲକ୍ଷ ଓ ଚିକିତ୍ସା ପାଇଁ ୫ ଲକ୍ଷ ଟଙ୍କା ଦେବା, ୫୫ ବର୍ଷ ପରେ ପେନ୍‌ସନ, ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବା। ସେହିପରି ୧୦୦ କି.ମି ବ୍ୟବଧାନରେ ପାର୍କିଂ ଓ ବିଶ୍ରାମସ୍ଥଳ ସହ ଶୌଚାଳୟ ନିର୍ମାଣ, ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ ୫ ଲକ୍ଷ, ପିଲାଙ୍କ ଲାଗି ଉଚ୍ଚଶିକ୍ଷା ବ୍ୟବସ୍ଥା, ଡ୍ରାଇଭରଙ୍କୁ ଦ୍ୱିତୀୟ ସୈନିକ ମାନ୍ୟତା। ରାସ୍ତାରେ ପ୍ରଶାସନ ପକ୍ଷରୁ ଡ୍ରାଇଭରଙ୍କୁ ହଇରାଣ ନ କରାଯିବା ପ୍ରଭୃତି ଦାବି ରହିଛି। ଡ୍ରାଇଭରଙ୍କ ଆନ୍ଦୋଳନ ଯୋଗୁ କିଛି ସ୍ଥାନରେ ଟ୍ରାଫିକ ଜାମ୍ ହୋଇଥିଲା। ସେମାନେ ଅପରାହ୍ନ ୨ଟା ବେଳେ ମାଷ୍ଟରକ୍ୟାଣ୍ଟିନ୍‌ଠାରୁ ନବୀନ ନିବାସ ଅଭିମୁଖେ ଯିବାବେଳେ ପୋଲିସ ଅଟକାଇଥିଲା। ତେଣୁ ମହାସଂଘର କର୍ମକର୍ତ୍ତାମାନେ ଲୋୟର ପିଏମ୍‌ଜିରେ ଧାରଣାରେ ବସି ନାରାବାଜି ଦେଇଥିଲେ। ମହାସଂଘର ସଭାପତି ପ୍ରଶାନ୍ତ ମେଣ୍ଡୋଲି କହିଛନ୍ତି, ୮ଜଣ କର୍ମକର୍ତ୍ତା ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କୁ ଭେଟିଥିଲେ ମଧ୍ୟ ଆଲୋଚନା ଅସମ୍ପୂର୍ଣ୍ଣ ରହିଛି। ବୁଧବାର ସମ୍ପୂର୍ଣ୍ଣ ଆଲୋଚନା ହେବ। ସୂଚନାଯୋଗ୍ୟ, ଏପ୍ରିଲ ୧୮ରେ ମହାସଂଘର ୫୦ ହଜାର ସଦସ୍ୟ ରାଜଧାନୀରେ ଆନ୍ଦୋଳନ କରିଥିଲେ। ଫଳରେ ଟ୍ରାଫିକ ଜାମ୍ ହେବା ସହ ଲୋକେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏହି ଆନ୍ଦୋଳନ ନେଇ ଗୋଇନ୍ଦା ଫେଲ୍ ହୋଇଥିବାରୁ କମିଶନରେଟ ପୋଲିସକୁ ଦୃଢ଼ ସମାଲୋଚନା କରାଯାଇଥିଲା।



ଡ୍ରାଇଭରମାନେ ଦଣ୍ଡବତ ଯାତ୍ରା କରି ଲୋୟର ପିଏମ୍‌ଜି ଅଭିମୁଖେ ଯାଉଛନ୍ତି।

ଭଗବତ୍ ପ୍ରେମର ଅବ୍ୟବହିତ ନିମ୍ନ ଦେଶରେ ରହିଛି ମଣିଷ ଭିତରେ ଭଗବାନଙ୍କୁ ଭଲ ପାଇବା। ଏଠାରେ ହିଁ ଲାଭ ହୁଏ ବହୁତ୍ୱର ଆନନ୍ଦ। ... ଭଗବତ ପ୍ରେମ ଓ ସର୍ବଭୂତରେ ଦୟାଭାବ ହେଲା ପୂର୍ଣ୍ଣଜ୍ଞାନର ପ୍ରଥମ ସୋପାନ। –ଶ୍ରୀଅରବିନ୍ଦ

# ଏଲନ୍‌ଙ୍କ ଟୁଇଟର

ସାମାଜିକ ଗଣମାଧ୍ୟମରେ ରାଜୁତି କରୁଥିବା ଅନ୍ୟତମ ମାଇକ୍ରୋବ୍ଲଗିଂ ସାଇଟ୍ ଟୁଇଟରର ମାଲିକାନା ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ଏଲନ୍ ମସ୍କଙ୍କ ହାତକୁ ଚାଲିଯିବା ପରେ ଦିନକୁଦିନ ନୂଆ ଖବର ପଦାକୁ ଆସୁଛି। 'ବ୍ଲୁ ଟିକ୍' ପାଇଁ ଅର୍ଥ ଚାର୍ଜ କରିବା ଯୋଜନାଠାରୁ ଆରମ୍ଭକରି ସଂସ୍ଥାରୁ କର୍ମଚାରୀଙ୍କୁ ବିଦା କରାଯିବା କଥା ଅନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚାର ବିଷୟ ପାଲଟିଛି। ଆମେରିକାର ସାନ୍‌ଫ୍ରାନ୍ସିସ୍କୋରେ ଥିବା ମୁଖ୍ୟାଳୟରୁ ୫୦ ପ୍ରତିଶତ କର୍ମଚାରୀଙ୍କୁ ଏହାର ମାଲିକ ମସ୍କ ବିଦା କରିଦେଇଥିବା ବେଳେ ୭ ନଭେମ୍ବର ୨୦୨୨ରେ ଟୁଇଟର ଇଣ୍ଡିଆରୁ ୯୦ ପ୍ରତିଶତ କର୍ମଚାରୀଙ୍କୁ ଛଟେଇ କରାଯାଇଛି। ମସ୍କଙ୍କ ଏହି ନିଷ୍ପତ୍ତି ପ୍ରମାଣ କରିଦେଉଛି ଯେ, ଅତ୍ୟଧିକ ଧନୀ ବ୍ୟକ୍ତିବିଶେଷ ନିଯୁକ୍ତିର ସୁଯୋଗ ସୃଷ୍ଟି କରନ୍ତି ବୋଲି ଧାରଣା ଅତ୍ୟନ୍ତ ଭ୍ରମାତ୍ମକ। ଅପରପକ୍ଷରେ ସେହି ଧନୀମାନଙ୍କର ସବୁଠାରୁ ଅଧିକ କାର୍ବନ ଫୁଟ୍‌ପ୍ରିଣ୍ଟ ରହୁଛି ବୋଲି ଏକ ରିପୋର୍ଟରୁ ଜଣାପଡ଼ିଛି। ତେବେ ଯେହେତୁ ଟୁଇଟର ସମ୍ପୂର୍ଣ୍ଣ ଭାବେ ଜଣେ ବ୍ୟକ୍ତିଙ୍କ ମାଲିକାନାକୁ ଚାଲିଯାଇଛି ତାଙ୍କ ହିସାବରେ ସେ କାହାକୁ ରଖିବେ ଓ କାହାକୁ ବିଦା କରିବେ, ତାହା ମାଲିକଙ୍କ ଉପରେ ନିର୍ଭର କରେ। କିନ୍ତୁ ସେ ଯେଉଁଭଳି ଭାବେ ବିଭିନ୍ନ ବୈଶ୍ୱିକ ବ୍ୟାପାରରେ ମୁଣ୍ଡ ଖେଳାଇ ମନ୍ତବ୍ୟମାନ ଦେଉଛନ୍ତି ତାହା କମ୍ପାନୀ ପ୍ରତି ଥିବା ଗ୍ରହଣଶୀଳତାକୁ ହ୍ରାସ କରୁଛି ବୋଲି ଆଲୋଚନା ହେଲାଣି।

ଆମେରିକାରେ ନିର୍ଣ୍ଣାୟକ ମଧ୍ୟବର୍ତ୍ତିକାଳୀନ ନିର୍ବାଚନ ୮ ନଭେମ୍ବର ୨୦୨୨ରେ ଆରମ୍ଭ ହୋଇଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ମସ୍କ ତାଙ୍କର ରାଜନୈତିକ ଦୃଷ୍ଟିକୋଣରେ ରିପବ୍ଲିକାନ୍‌ଙ୍କୁ ସମର୍ଥନ କରିବା ଉଚିତ ବୋଲି ସାଧାରଣରେ ଘୋଷଣା କରିଛନ୍ତି। ଫଳରେ ସେ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରତି ପୁନଶ୍ଚ ଆନୁଗତ୍ୟ ପ୍ରଦର୍ଶନ କରିଥିବା ବୁଝିହେଉଛି। ଟୁଇଟରକୁ ଅଧିଗ୍ରହଣ କରିବା ପୂର୍ବରୁ ବିଶ୍ୱବ୍ୟାପୀ ଚର୍ଚ୍ଚା ହୋଇଥିଲା ଯେ ଟ୍ରମ୍ପଙ୍କର ମସ୍କଙ୍କ ସହିତ ବୁଝାମଣା ହୋଇଛି। ଯେହେତୁ ଅତୀତରେ ଟ୍ରମ୍ପଙ୍କୁ ଟୁଇଟର ବାସନ୍ଦ କରିଥିଲା, ତାହାର ପ୍ରତିଶୋଧ ନେବା ଲାଗି ସେ ଉପାୟ ଉଣ୍ଡୁଥିଲେ। 'ଟ୍ରୁଥ୍ ସୋସିଆଲ୍' ନାମରେ ସୋସିଆଲ୍ ନେଟ୍‌ୱର୍କିଂ ସର୍ଭିସ ଟ୍ରମ୍ପଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିଲେ ମଧ୍ୟ ତାହା କାମ ଦେଇ ନ ଥିଲା। ଏବେ ଯେହେତୁ ଟୁଇଟର ଘରୋଇ କମ୍ପାନୀରେ ପରିଣତ ହୋଇଛି ଓ ମସ୍କଙ୍କ ପ୍ରତି ଟ୍ରମ୍ପଙ୍କ ସମର୍ଥନ ରହିଆସିଛି, ସେହି ଦୃଷ୍ଟିରୁ ଦେଖିଲେ ଏହି ମାଇକ୍ରୋବ୍ଲଗିଂ ସାଇଟ୍‌ରୁ ଜନସାଧାରଣ ସ୍ୱଚ୍ଛତା ଆଶା କରିବାରେ ସନ୍ଦେହ ଉପୁଜିଲାଣି। ଟୁଇଟର କିଣାବିକାରେ ଯେତିକି ଅର୍ଥ ବ୍ୟୟ ହୋଇଛି ତାହା ନିଶ୍ଚିତ ଭାବେ ଫେରସ୍ତ ଆସୁ ବୋଲି ମସ୍କ ଚାହିଁବେ। ସେଥିରେ କାହାରି କୌଣସି ଆପତ୍ତି ଯଥାର୍ଥ ହେବ ନାହିଁ। ଅପରପକ୍ଷରେ ଟୁଇଟର କେବଳ ଗୋଟିଏ ବ୍ୟବସାୟ ପାଇଁ ଉଦ୍ଦିଷ୍ଟ ସଂସ୍ଥା ନୁହେଁ। ପ୍ରଯୁକ୍ତି ସଂଶ୍ଳିଷ୍ଟ ହୋଇଥିବାରୁ ତାହାର ଏକ ବିରାଟ ସାମାଜିକ ପ୍ରଭାବ ଅଛି। ସେହି ପ୍ରଭାବକୁ ଅଣଦେଖା କଲେ ତ୍ରୁଟି ଘଟିବାର ସବୁ ଆଶଙ୍କା ରହିଛି।

# ବଟୁଆ ଖୋଲୁନାହାନ୍ତି

ଜଳବାୟୁ ପରିବର୍ତ୍ତନ ଯୋଗୁ ବିଶ୍ୱରେ ବାତ୍ୟା, ବନ୍ୟା, ମରୁଡ଼ି, ବନାଗ୍ନି, ହିମ ଓ ଭୂସ୍ଖଳନ ଏବଂ ସମୁଦ୍ର ଜଳପତ୍ତନ ବୃଦ୍ଧି ଘଟି ବ୍ୟାପକ ଧନଜୀବନ କ୍ଷତି ହେଉଛି। ଏହାସହ ଜଳବାୟୁଜନିତ ଶରଣାର୍ଥୀଙ୍କ ସଂଖ୍ୟା ବଢ଼ି ପାଶ୍ଚାତ୍ୟରେ ସାମାଜିକ ଓ ଅର୍ଥନୈତିକ ସ୍ଥିତିକୁ ପ୍ରଭାବିତ କରୁଛି। ଜଳବାୟୁ ପରିବର୍ତ୍ତନର ଏସବୁ ନକାରାତ୍ମକ ପ୍ରଭାବକୁ ରୋକିବା ପାଇଁ ପ୍ରତିବର୍ଷ ଭଳି ଏଥର ଇଜିପ୍ଟର ଶର୍ମ–ଏଲ୍–ଶେଖ୍‌ରେ ଶତାଧିକ ବିଶ୍ୱନେତାଙ୍କ ଉପସ୍ଥିତିରେ ଜାତିସଂଘ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ କପ୍‌୨୭ ଅନୁଷ୍ଠିତ ହେଉଛି। ସମ୍ମିଳନୀ ପ୍ରାରମ୍ଭରୁ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ ଜଳବାୟୁଜନିତ କ୍ଷୟକ୍ଷତି ଉପରେ ଚିନ୍ତା ପ୍ରକଟ କରି ଆଗୁଆ ସତର୍କ ସୂଚନାର ଆବଶ୍ୟକତାକୁ ଗୁରୁତ୍ୱ ଦେଇଛନ୍ତି। ବିଶ୍ୱ ଜନସଂଖ୍ୟାର ଅଧା ଏବେ ଜଳବାୟୁଜନିତ ବିପଦ ବଳୟରେ ଅଛନ୍ତି ବୋଲି ଗୁଟେରସ କହିଛନ୍ତି। ବିଶ୍ୱ ପାଣିପାଗ ସଂଗଠନ(ଡବ୍ଲ୍ୟୁଏମ୍‌ଓ) ଓ ଏହାର ବୈଷୟିକ ସହଯୋଗୀଙ୍କ ଦ୍ୱାରା ପ୍ରସ୍ତୁତ ଏକ ପାଞ୍ଚବର୍ଷିଆ(୨୦୨୩ରୁ ୨୦୨୭) ଯୋଜନାରେ ସତର୍କ ସୂଚନାର ଭିତ୍ତିଭୂମି ଓ କ୍ଷମତା ବୃଦ୍ଧିରେ ୩.୧ ବିଲିୟନ ଆମେରିକୀୟ ଡଲାର ବ୍ୟୟ କରାଯିବ ବୋଲି ଗୁଟେରସ କହିଛନ୍ତି। ବାସ୍ତବରେ ଅଧିକାଂଶ ବିକାଶଶୀଳ କିମ୍ବା ଦ୍ୱୀପ ଦେଶରେ ପ୍ରାକୃତିକ ବିପର୍ଯ୍ୟୟ ସତର୍କ ସୂଚନା ବ୍ୟବସ୍ଥା ଖୁବ୍ କମ୍ କିମ୍ବା ଆଦୌ ନାହିଁ । ଏହା ହୋଇପାରିଲେ ନିଶ୍ଚିତ ଭାବେ ୩୦% କ୍ଷୟକ୍ଷତି ହ୍ରାସ କରାଯାଇପାରିବ ବୋଲି ଡବ୍ଲ୍ୟୁଏମ୍‌ଓ ମହାସଚିବ ପେଟେରି ଟାଲାସ କହିଛନ୍ତି। ବିକାଶଶୀଳ ଦେଶଗୁଡ଼ିକରେ ପୂର୍ବ ସତର୍କ ସୂଚନା ପ୍ରଦାନରେ ୮୦୦ ନିୟୁତ ଡଲାର ବିନିଯୋଗ ହୋଇପାରିଲେ ବର୍ଷକୁ ୩ରୁ ୧୬ ବିଲିୟନ ଡଲାର କ୍ଷତିକୁ ରୋକାଯାଇପାରିବ। ଟାଲାସଙ୍କ ମନ୍ତବ୍ୟ ଏବକାର ସ୍ଥିତିରେ ମହତ୍ତ୍ୱପୂର୍ଣ୍ଣ। କାରଣ ଡବ୍ଲ୍ୟୁଏମ୍‌ଓର ବିପର୍ଯ୍ୟୟ ପରିସଂଖ୍ୟାନ ଅନୁଯାୟୀ, ବିଗତ ୫୦ ବର୍ଷ (୧୯୭୦ରୁ ୨୦୧୯)ରେ ପାଣିପାଗ, ଜଳବାୟୁ କିମ୍ବା ଜଳ ସମ୍ପର୍କିତ ବିପର୍ଯ୍ୟୟ ପ୍ରାୟ ପ୍ରତିଦିନ ସଂଘଠିତ ହୋଇ ଦୈନିକ ହାରାହାରି ୧୧୫ ଜଣଙ୍କ ଜୀବନ ଯାଇଛି। ଏଥିସହ ଏହି ପଚାଶ ବର୍ଷ ଅବଧି ଭିତରେ ଦୈନିକ ହାରାହାରି ୨୦୨ ମିଲିୟନ ଆମେରିକୀୟ ଡଲାର କ୍ଷତି ଘଟିଛି।

ଜଳବାୟୁ ପରିବର୍ତ୍ତନର ଘାତକ ପ୍ରଭାବକୁ ମୁକାବିଲା କରିବା ମୂଳରେ ରହିଛି ଅର୍ଥ। ତେବେ ଏ କ୍ଷେତ୍ରରେ ବିକାଶଶୀଳ ଓ ଗରିବ ଦେଶଗୁଡ଼ିକ ପାଇଁ ଅର୍ଥ କେଉଁଠୁ ଓ କେତେ ଆସିବ ତାହା ହିଁ ପ୍ରଶ୍ନ। ଜଳବାୟୁ ପ୍ରଭାବକୁ ରୋକିବା ସକାଶେ ଧନୀ ଓ ବିକଶିତ ଦେଶଗୁଡ଼ିକ ୨୦୨୦ ପରେ ପ୍ରତିବର୍ଷ ୧୦୦ ବିଲିୟନ ଆମେରିକୀୟ ଡଲାର ଯୋଗାଡ଼ କରିବାରେ ବିଫଳ ହୋଇଛନ୍ତି ବୋଲି କ୍ଲାଇମେଟ୍ ଫାଇନାନ୍ସ ଡେଲିଭରି ପ୍ଲାନ୍ ପ୍ରୋଗ୍ରେସ ରିପୋର୍ଟ ଦର୍ଶାଇବା ପରେ ଏଭଳି ପ୍ରଶ୍ନ ଉଠିବା ସ୍ୱାଭାବିକ। ଉଲ୍ଲେଖଯୋଗ୍ୟ, ୨୦୦୯ରେ ଅର୍ଥ ସଂଗ୍ରହ କରିବା ନିଷ୍ପତ୍ତି ନିଆଯିବା ପରଠାରୁ ୧୧ ବର୍ଷ ଲାଗିଯାଇଥିଲା ପ୍ରଥମ ୧୦୦ ବିଲିୟନ ଡଲାର ସଂଗ୍ରହ କରିବାକୁ। ଅଭିଯୋଗ ବି ଉଠୁଛି, ଅତ୍ୟଧିକ ସବୁଜ ବାଷ୍ପ ନିର୍ଗମନ ଅନୁପାତରେ ଧନୀ ଦେଶଗୁଡ଼ିକର ଆର୍ଥିକ ଯୋଗଦାନ ଯେଭଳି ରହିବା ଦରକାର ତାହା ହେଉନାହିଁ। ଆମେରିକାର କାର୍ବନ ନିର୍ଗମନକୁ ଲକ୍ଷ୍ୟ କଲେ ୧୦୦ ବିଲିୟନ ଡଲାରରେ ଏହାର ଯୋଗଦାନ ୪୦ ବିଲିୟନ ଡଲାର ରହିବା କଥା, କିନ୍ତୁ ଅଦ୍ୟାବଧି ଏହା ୮ ବିଲିୟନରୁ ସାମାନ୍ୟ କମ୍ ରହିଛି। ଆମେରିକା ଭଳି କାନାଡ଼ା, ଅଷ୍ଟ୍ରେଲିଆ ଓ ଚାଇନା ମଧ୍ୟ ଏ କ୍ଷେତ୍ରରେ ପଛରେ ରହିଛନ୍ତି। ବାସ୍ତବତା ହେଉଛି, ସତର୍କ ସୂଚନା ବ୍ୟବସ୍ଥା ଲାଗି କରାଯାଇଥିବା ଯୋଜନା ଏବଂ ଆର୍ଥିକ ଅଟକଳ ସହ ଜଳବାୟୁ ମୁକାବିଲାର ଅହୁରି ଅନେକ ଦିଗରେ ଅଧିକ ସବୁଜ ନିବେଶର ଆବଶ୍ୟକତା ରହିଛି। ହେଲେ ସବୁବେଳେ ଏହାର ଅଭାବ ଦେଖାଯାଇଛି । ଏସବୁ ଦୃଷ୍ଟିରୁ ଅର୍ଥ ଯୋଗାଡ଼ ଓ ଆର୍ଥିକ ସହାୟତା ଆଉ ବିଲିୟନରେ ସୀମିତ ନ ରହି ଟ୍ରିଲିୟନରେ ହେବା ଦରକାର। କିନ୍ତୁ ବାସ୍ତବ ସ୍ଥିତିକୁ ଦେଖିଲେ କୌଣସି ଧନୀଦେଶ ତାଙ୍କର ବଟୁଆ ଖୋଲୁନାହାନ୍ତି, ଯାହାଫଳରେ ସର୍ବନିମ୍ନ ଆବଶ୍ୟକ ଅର୍ଥ ମଧ୍ୟ ମିଳିପାରୁନାହିଁ। ଏହା ବ୍ୟତୀତ ଧନୀ ଓ ଶକ୍ତିଶାଳୀ ଦେଶଗୁଡ଼ିକୁ ଦୋଷ ଦେବାର କ୍ଷମତା ମଧ୍ୟ କୌଣସି ସଂସ୍ଥା ବା ଗୋଷ୍ଠୀର ରହୁନାହିଁ ବୋଲି ଭବିଷ୍ୟତ ଅନ୍ଧକାରମୟ ହେଉଛି।

# ନିରର୍ଥକ ହଲ୍ଲାଗୁଲ୍ଲା



ନାରାୟଣ ମିଶ୍ର

ଏବେ ପ୍ରତି ୨/୩ ମାସରେ ଥରେ ବାରମ୍ବାର ଶ୍ରେଷ୍ଠ ପୁରସ୍କାର ପାଉଥିବା ଆମ ରାଜ୍ୟରେ ଗୋଟାଏ ଲେଖାଁ ଜଘନ୍ୟ ହତ୍ୟାକାଣ୍ଡ, ଦୁଷ୍କର୍ମ, ହତ୍ୟା ଇତ୍ୟାଦି ଘଟି ଚାଲିଛି। କୌଣସି ଏକ ପାଶବିକ, ଅମାନୁଷିକ, ବର୍ବରୋଚିତ ଘଟଣା ଲୋକଲୋଚନକୁ ସାଧାରଣ ଜନତା ଆଣିବା ପରେ ଆମ ଟିଭିବାଲା ପ୍ରତି ଚ୍ୟାନେଲରେ ବହୁ ଉଚ୍ଚ ସ୍ୱରରେ ଘଟଣାକୁ ୮/୧୦ ଦିନ ପର୍ଯ୍ୟନ୍ତ ଦିନରାତି ଏଭଳି ଦେଖାଇ ଚାଲିଛନ୍ତି ଯେ ଆମେ ଭାବୁଛେ ବୋଧହୁଏ ଏଇ ଥରକ ଏ ବ୍ୟଭିଚାରରେ ସମ୍ପୃକ୍ତ ନେତା ଓ ବରିଷ୍ଠ ପ୍ରଶାସନିକ ଅଧିକାରୀ ବିଚ୍‌ରାସ୍ତାରେ ବନ୍ଧାହୋଇ ଜେଲ ଆଡ଼କୁ ଚାଲି ଚାଲି ପଶିଯିବେ। ସେମାନଙ୍କର ଆଉ ମୁକ୍ତି ନାହିଁ, ସେମାନେ ଆଉ ପୋଲିସ ହାଜତରୁ ଖସିପାରିବେ ନାହିଁ। ସେମାନଙ୍କର ମାନସମ୍ମାନ ଚାଲିଯିବ ଏବଂ ଭବିଷ୍ୟତ ନିଶ୍ଚିତ ନଷ୍ଟ ହୋଇଯିବ। କାରଣ ଟିଭିରେ କୁହାଯାଉଛି ଯେ ଅଭିଯୋଗକାରୀ ଅନେକ ପ୍ରତିଷ୍ଠିତ ନେତା, ବ୍ୟବସାୟୀ ଓ ପ୍ରଶାସନିକ ଅଧିକାରୀଙ୍କ ନାଁ ଏଫ୍‌ଆଇଆର୍‌ରେ ଦେଇଥିବାରୁ ସେମାନଙ୍କର ନିଦ ହଜିଯାଇଛି। ଆହୁରି କୁହାଯାଉଛି ଯେ ନିର୍ଦ୍ଦିଷ୍ଟ ନେତାଙ୍କ ଅଡୁଆ ବଢ଼ିଲା, ଆଉ ମୁକୁଳିବାର ବାଟ ନାହିଁ। କିନ୍ତୁ ସେମିତି କିଛି ହୁଏ ନାହିଁ, କାରଣ ନିର୍ଦ୍ଦିଷ୍ଟ ସ୍ଥାନରେ ପ୍ରଥମେ ପୋଲିସ ହିଁ ପହଞ୍ଚେ। ଅଭିଯୋଗ ସମ୍ବଳିତ ସମସ୍ତ କାଗଜପତ୍ର, ମୋବାଇଲ, ଲାପ୍‌ଟପ୍ ଇତ୍ୟାଦି ପୋଲିସ ଜବତକରି ନେଇଆସେ। ଯା' ମଧ୍ୟରେ ସାଧାରଣ ଜନତାଙ୍କ ଆକ୍ରୋଶ ଓ ଆକ୍ରମଣରୁ ବଞ୍ଚିବା ପାଇଁ ଅଭିଜ୍ଞ ଜଣକ ସମ୍ପୃକ୍ତ ମନ୍ତ୍ରୀ ବା ରାଜନେତା ବା ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ଛତ୍ରଛାୟା ତଳେ ଲୁଚିଯାଆନ୍ତି। ପୋଲିସ ଅଭିଯୁକ୍ତଙ୍କୁ 'ଫେରାର' ଦର୍ଶାଇ ଜବତ ହୋଇଥିବା ମୋବାଇଲ 'ହାର୍ଡଡିସ୍କ, ସିସିଟିଭି କବଳିତ ଦୃଶ୍ୟ, ଲାପ୍‌ଟପ୍ ନେଇ ସମ୍ପୃକ୍ତ ଓ ଏ ଅଭିଯୋଗରେ ଜଡ଼ିତ ନେତାଙ୍କୁ ପରାମର୍ଶ କରେ ଏବଂ କେଉଁଭଳି ଏ ସବୁକୁ ଉଡ଼ାଇ ଦେଇ ମାନ୍ୟବରଙ୍କୁ ଦୋଷମୁକ୍ତ କରିହେବ ସେ ବିଷୟରେ ଆଲୋଚନା କରେ। କମ୍ପ୍ୟୁଟର ବିଶେଷଜ୍ଞଙ୍କ ବିଚକ୍ଷଣ ବୁଦ୍ଧିରେ ଏଫ୍‌ଆଇଆର୍‌ରେ ନାଁ ଥିଲେ ବି ସେମାନଙ୍କୁ ପଚରାଉଚରା ପାଇଁ ମଧ୍ୟ ଡକାଯାଏ ନାହିଁ। ଅଭିଯୁକ୍ତ ତା' ଚେଷ୍ଟାରେ ସମସ୍ତ ସାକ୍ଷ୍ୟପ୍ରମାଣ ଉଡ଼ାଇଦେବା ପରେ ଏବଂ ପୋଲିସ, ରାଜନେତା ଓ ଅଧିକାରୀଙ୍କ ନାଁ ଡିଲିଟ୍‌କରି ଦେବା ପରେ ଆମ ପୋଲିସ ଅଭିଯୁକ୍ତଙ୍କୁ ଆରେଷ୍ଟକରି ମାଜିଷ୍ଟ୍ରେଟ୍‌ଙ୍କ ସାମ୍ନାରେ ହଜାର କରାନ୍ତି। ଘଟଣାର ଗୁରୁତ୍ୱ ଓ ଜନତାଙ୍କ ହଲ୍ଲାଗୁଲ୍ଲାକୁ ସମ୍ମାନ ପ୍ରଦର୍ଶନ ପୂର୍ବକ ମାଜିଷ୍ଟ୍ରେଟ ଅଭିଯୁକ୍ତର ଜାମିନ ଆବେଦନକୁ ଅଗ୍ରାହ୍ୟ କରିଦିଅନ୍ତି। ଅନ୍ୟ ଗୋଟିଏ ଦୁଇଟି ଦୁଷ୍କର୍ମ, ହତ୍ୟା ଓ ପୋଡ଼ିଦେବା ଘଟଣା ଆସିଗଲେ ପୂର୍ବ ଘଟଣାର ଅଭିଯୁକ୍ତଙ୍କୁ କୋହଳ ସର୍ତ୍ତମୂଳକ ଜାମିନ ଦିଆଯାଏ। ଆମ ଦେଶରେ ଜାମିନ ପାଇବା ହିଁ ଏକମାତ୍ର ନିଶ୍ଚିତତା!!! କାରଣ ତା' ପରେ ମାନ୍ୟବର ନେତା ନିର୍ବାଚନରେ ଲଢ଼ି ବା ରାଜ୍ୟ ସରକାରଙ୍କ ଦ୍ୱାରା ମନୋନୀତ ହୋଇ ପୁଣି ମନ୍ତ୍ରୀ ବନିଯାଆନ୍ତି। ଗାଦିକୁ ଗଲାପରେ ମାନ୍ୟବରଙ୍କ ନିର୍ଦ୍ଦେଶରେ ଆଉ ଯାହା କିଛି ପ୍ରମାଣ ଥାଏ, ତାକୁ ନଷ୍ଟ କରିଦିଆଯାଏ ; ଯଦ୍ଦ୍ୱାରା ବିଚାର ବେଳେ ବିଚାରପତିଙ୍କ ପାଇଁ ଦୋଷୀକୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷ ଦେଖାଇ ଖଲାସ କରିବାକୁ କିଛି ଅସୁବିଧା ନ ଥାଏ। ଯା' ଦ୍ୱାରା ଅପରାଧ ବାରମ୍ବାର ଘଟାଇବାକୁ ଦୋଷୀକୁ ପ୍ରୋତ୍ସାହନ ମିଳେ। ତଳ କୋର୍ଟରେ ଦଣ୍ଡ ପାଇଥିବା ବ୍ୟକ୍ତି ଉପରକୋର୍ଟରେ ଦଣ୍ଡକୁ କୋହଳ କରିଦେବା ବା ତଳକୋର୍ଟର ନିର୍ଦ୍ଦେଶକୁ ଖାରଜ କରିବାରେ ଓକିଲମାନେ ସାହାଯ୍ୟ କରନ୍ତି। ଯଦି ଦୋଷୀର ଦୋଷ ନ କମିଲା ବା ପୂରା ନ କଟିଲା, ତେବେ କେସ୍‌ଟିକୁ ଓକିଲମାନେ ଏପରି ଗଡ଼ାଇ ଚାଲନ୍ତି ଯେ, ସର୍ବୋଚ୍ଚ ନ୍ୟାୟାଳୟରେ କେସ୍ ବିଚାର ପୂର୍ବରୁ (ଦୋଷୀ ପାଇଥିବା ଦଣ୍ଡର 'ଷ୍ଟେ' ଭିତରେ) ଜୀବନକୁ ଭଲଭାବେ ଉପଭୋଗକରି ଉପରକୁ ଚାଲିଯାଏ (ସ୍ୱର୍ଗାରୋହଣ କରେ)।



ଆମର ଏଠି ଅଳ୍ପ ଦିନର ବ୍ୟବଧାନରେ ୩/୪ଟି ଭୟଙ୍କର ଅମାନୁଷିକ ଘଟଣା ଘଟିଗଲା। ମାହାଙ୍ଗାରେ ଡବଲ ମର୍ଡର ହେଲା, କଳାହାଣ୍ଡିରେ ଶିକ୍ଷୟିତ୍ରୀ ଅପହୃତ ଓ ହତ୍ୟା ପରେ ପୋଡ଼ିଦିଆଗଲା, ନୟାଗଡ଼ରେ ଶିଶୁ ଅପହରଣ ହେଲା, ପଞ୍ଚାୟତ ସମିତି ମୁଖ୍ୟଙ୍କୁ ଉପକୂଳ ଅଞ୍ଚଳରେ ମାରି ଦିଆଗଲା, ବୃହତ୍ ସେକ୍ସ ସ୍କାଣ୍ଡାଲରେ କୋଟି କୋଟି ଟଙ୍କାର ବହୁତଳ ପ୍ରାସାଦ ତିଆରି ହୋଇଗଲା। ଇଏ ମାତ୍ର ଅଳ୍ପ କେତୋଟି ଘଟଣା। ଏ ସବୁଥିରେ ମାନ୍ୟବର ବିଧାନସଭା ସଭ୍ୟ, ଲୋକ ସଭା ସଭ୍ୟ, ଅନେକ ପ୍ରଯୋଜକ, ଶିଳ୍ପପତି ଓ ବରିଷ୍ଠ ଶାସନକର୍ତ୍ତାମାନେ ଜଡ଼ିତ ବୋଲି ଚର୍ଚ୍ଚା ଚାଲିଲା। କିନ୍ତୁ ସରକାରଙ୍କ ଅଧୀନରେ ଓ ତାଙ୍କ ନିର୍ଦ୍ଦେଶରେ ପରିଚାଳିତ ପୋଲିସ ସଂସ୍ଥା କୌଣସି ଜଣେ ମାନ୍ୟବର ସଭ୍ୟଙ୍କୁ ଥରେ ମାତ୍ର ଥାନାକୁ ଡାକି ପଚାରିବାର ସାହସ ଜୁଟାଇ ପାରୁନାହିଁ; ପାରିବ ବି ନାହିଁ। କାରଣ, ସମସ୍ତେ ସରକାରୀ କର୍ମଚାରୀ, ଏପରିକି ବିଚାରାଳୟର କର୍ମଚାରୀମାନେ ମଧ୍ୟ ନିଜ ନିଜର ଚାକିରିର ନିରାପତ୍ତା ଓ ପ୍ରମୋଶନ ପାଇଁ ସରକାରଙ୍କ ଉପରେ ନିର୍ଭରଶୀଳ । ତେଣୁ ଅଖଣ୍ଡ କ୍ଷମତାର ଅଧିକାରୀ ସରକାରଙ୍କ ମନ୍ତ୍ରୀ ବା ଏମ୍‌ଏଲ୍‌ଏମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ତ ଦୂରର କଥା, ମୁହଁ ଖୋଲିବା ବି ବିପଜ୍ଜନକ। କାରଣ ଆମ ଆଖି ଆଗରେ କେନ୍ଦ୍ରାପଡ଼ାର ଜଣେ ସାମ୍ବାଦିକ ମାନ୍ୟବର ସଭ୍ୟଙ୍କ ବିରୋଧରେ ପଦେ ଦି'ପଦ କହି ଓ ଲେଖି ମରଣାନ୍ତକ ଆକ୍ରମଣର ଶିକାର ହୋଇଥିବାର ଖବର ଚାରିଆଡ଼େ ଭାଇରାଲ ହେଲା।

ଆମ ଦେଶରେ ଗୋଟିଏ କାମ ନିରନ୍ତର ଚାଲିଛି– ନିର୍ବାଚନ ଓ ସେଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ। ଗାଦିକୁ ଥରେ ଅକ୍ତିଆର କଲାପରେ ସେଇଟିକୁ ସବୁଦିନ ପାଇଁ ନିଜେ ରଖିବା ଓ ତା' ଉପରେ ନିଜ ପିଲାଙ୍କୁ ବସାଇବା ପାଇଁ ନେତାମାନେ ଆପ୍ରାଣ ଚେଷ୍ଟା ଚଳାଇଚାଲିଛନ୍ତି। ସେଥିପାଇଁ ଦେଶର ମାନ ସମ୍ମାନ ଏପରିକି ପୂରା ଦେଶ ବିକ୍ରି ହୋଇଗଲେ ବି ଯାଏ ଆସେ ନାହିଁ !!! ଏଇଭଳି ଗତିରେ ଏ ଦେଶ କେତେଦିନ ସ୍ୱାଧୀନ ରହିପାରିବ? କାରଣ, ନିର୍ବାଚନକୁ ଆଖି ଆଗରେ ରଖି ଆମ ସରକାର ୧୧ଜଣ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ (ଯେଉଁମାନେ ଜଣେ ଗର୍ଭବତୀ ମହିଳାଙ୍କୁ ଦୁଷ୍କର୍ମକରି ତାକୁ ଓ ତା'ର ତିନୋଟି ପିଲା ସହିତ ପରିବାରର ୭ଜଣଙ୍କୁ ହତ୍ୟା କରିଥିଲେ) ଗତ ସ୍ୱାଧୀନତା ଦିବସରେ (ଆଜୀବନ କାରାଦଣ୍ଡ ପାଇଥିଲେ ବି) ମୁକ୍ତ କରିଦେଇଛନ୍ତି। ଦୋଷୀଙ୍କୁ ନିର୍ଦ୍ଦୋଷ ବୋଲି ପ୍ରମାଣ କରିବାରେ ଚେଷ୍ଟା କରିବା ଓ ଦଣ୍ଡ ପାଇଗଲେ ଭଲ ବ୍ୟବହାର ଆଳରେ ଖଲାସ କରି ଦେଉଥିବା ସରକାରଙ୍କ ଶାସନରେ ଆମେ ସାଧାରଣ ଜନତା କେତେ ସୁରକ୍ଷିତ ଓ ଆଉ କେତେଦିନ !!!

ଲକ୍ଷ୍ମୀବିହାର, ଭୁବନେଶ୍ୱର
ମୋ–୯୯୩୭୪୬୩୭୭

# ପ୍ରଶ୍ନ ପଚାରିବାର ଅଭ୍ୟାସ



ଡ. ନିରଞ୍ଜନ ମିଶ୍ର

ଓଡ଼ିଆମାନଙ୍କ ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଆମେ ଅନେକ ନାମରେ ଡାକିଥାଉ। ଯଥା– କାଳିଆ ସାଆନ୍ତ, ଅଧାଗଢ଼ା ଦିଅଁ, ଦାରୁବ୍ରହ୍ମ, ଭାବଗ୍ରାହୀ ଇତ୍ୟାଦି। ସତରେ ତାଙ୍କ କଥା ଭାବିଲେ ଓ ତାଙ୍କ ଜଣାଣ ଶୁଣିଲେ ଭାବ ରାଜ୍ୟରେ ଚହଲ ପଡ଼ିଯାଏ। ଅର୍ଥାତ୍ ମନ ଭିତରେ ଅନେକ ଭାବ ଉଙ୍କିମାରେ। କିଛିଦିନ ତଳେ ଶ୍ରୀମନ୍ଦିର ଭିତରେ ଦୁଇଭାଇଙ୍କ ସଂଳାପ ଏକ ମାଗାଜିନ୍‌ରୁ ପଢ଼ିଥିଲି। ତା'ର ଭାବାର୍ଥଟି ଏହିପରି – ଥରେ ଜ୍ୟେଷ୍ଠ ଭ୍ରାତା ଶ୍ରୀ ଶ୍ରୀ ବଳଭଦ୍ର ଲକ୍ଷ୍ୟକଲେ ଯେ, କିଛିଦିନ ଧରି ଶ୍ରୀଜଗନ୍ନାଥ ପହୁଡ଼ ବେଳେ ରତ୍ନ ସିଂହାସନ ଛାଡ଼ି ଏକ ସେମିନାରରେ କିଛି ସମୟ କଟାଇବା ପାଇଁ ଯାଉଛନ୍ତି। ଜ୍ୟେଷ୍ଠ ଭ୍ରାତା ପଚାରିବାରୁ ସେ କହିଲେ, ସେଦିନର ବିଷୟବସ୍ତୁ ଥିଲା 'ସୌନ୍ଦର୍ଯ୍ୟ'। ସେ ବଖାଣିଲେ 'ତୁ ହେଲୁ ଜଗତର ନାଥ, ତୋ ନାଁରେ ମଣିଷଗୁଡ଼ା ମେଡିସିନ ଦୋକାନ, ରେସିଡେନ୍ସିଆଲ କଲେଜ ଇତ୍ୟାଦି କଲେଣି। ପୁନଶ୍ଚ ଆମର ତ ଆଖି ଅଛି କିନ୍ତୁ ଭୂଲତା ନାହିଁ, ହାତଗୁଡ଼ାକ କହୁଣି ଯାଏ ଅଛି। ନିମକାଠରେ ଆମର କଳେବର ହୋଇଥିବାରୁ ପଣ୍ଡା ରନ୍ଧା ଅରୁଆ ଭାତ, ଡାଲି, ବେସର ଇତ୍ୟାଦି ଭୋଜନ କଲେ ବି ଆମକୁ ମଧୁମେହ ରୋଗ ହେବନାହିଁ। ଏ ମଣିଷଗୁଡ଼ା ଭାଗରୁ ବଳକା ଉତ୍ପାତ ହେଲେଣି। ତୁ ବାରହାତ ଖଣ୍ଡା ଧରି କଳ୍କୀ ଅବତାର ହୋଇ ମ୍ଲେଚ୍ଛ ସଂହାର କାହିଁକି କରୁନାହୁଁ ? ଜ୍ୟେଷ୍ଠଭ୍ରାତାଙ୍କ ଏ ପ୍ରଶ୍ନରେ ବିଶ୍ୱନିୟନ୍ତା ମାୟାଧର କ'ଣ କହିଲେ ଅବଶ୍ୟ ଆମେ ଜାଣିନାହୁଁ। ଏଠାରେ ଆଉ ଏକ ବିଷୟ ମନେପଡ଼େ। ମହାଭାରତ ଯୁଦ୍ଧରେ କର୍ଣ୍ଣରଥ ଭୂମିରେ ଲାଗିଯିବାରୁ ସେ ତଳକୁ ଓହ୍ଲାଇ ଅର୍ଜ୍ଜୁନଙ୍କୁ ଦୁଇଦଣ୍ଡ ସମୟ ମାଗିଲେ ଓ ଧର୍ମ–ଅଧର୍ମ ଉପରେ ଏକ ଭାଷଣ ଦେଲେ। ଶ୍ରୀକୃଷ୍ଣ ଭୀଷଣ କ୍ରୋଧାନ୍ୱିତ ହୋଇ କହିଲେ, ''ରଜସ୍ୱଳା ନାରୀ କେଶ ଧରି ପରା ଆଣିଥିଲ ସଭାସ୍ଥଳେ /ଗୁରୁଜନ ଆଗେ କଲ ବିବସନା କହ କେଉଁ ଧର୍ମବଳେ ?''କର୍ଣ୍ଣଙ୍କୁ ନିଧନ କରିବା ପାଇଁ କହିଲେ। ଧର୍ମ ରକ୍ଷା ପାଇଁ ନିରସ୍ତ୍ର ମହାଦାନୀ କର୍ଣ୍ଣଙ୍କୁ ନିଧନ କରିବାକୁ ପଡ଼ିଲା। ଗଣକବି ବୈଷ୍ଣବ ପାଣି ଏ ବିଷୟ ସୁନ୍ଦର ଭାବରେ ତାଙ୍କ ଗୀତିନାଟ୍ୟରେ ଲେଖିଛନ୍ତି।

ସବୁ ମଣିଷର ମନ ମଧ୍ୟରେ ତିନିଗୋଟି ଗୁଣ ଅଛି –ସ୍ୱତ୍ତ୍ୱ, ରଜ ଓ ତମ ଗୁଣ। ଏ ବିଷୟ ଅର୍ଜ୍ଜୁନଙ୍କୁ ଶ୍ରୀକୃଷ୍ଣ ଶ୍ରୀମଦ୍ ଭଗବତ୍ ଗୀତାରେ କହିଛନ୍ତି। ସୃଷ୍ଟିକର୍ତ୍ତା ଆମକୁ ଆଉ ଏକ ଗୁଣ ଦେଇଛନ୍ତି। ପ୍ରଶ୍ନ ପଚାରିବାର ଅଭ୍ୟାସ, ବିଖ୍ୟାତ ଇଂରାଜୀ କବି ୟେଟସ୍ କହନ୍ତି, ଅନ୍ୟମାନଙ୍କ ସଙ୍ଗରେ ପାଟିତୁଣ୍ଡ କଲେ ଆମର ଯୁକ୍ତି କରିବା ଶକ୍ତି ବଢ଼ିଯାଏ। କିନ୍ତୁ ନିଜକୁ ନିଜେ ଅନେକ ପ୍ରଶ୍ନ ପଚାରିଲେ କବିତା ଜନ୍ମଲାଭ କରେ। ' ପିତୃପକ୍ଷ ତର୍ପଣ'ରେ ଉତ୍କଳମଣି ଗୋପବନ୍ଧୁ ଲେଖିଛନ୍ତି, ''ମୁଁ କି ଦୋଷୀ ? ପଚାରିଲେ ଅନ୍ତରେ ଅନାଇଁ/ ଅନ୍ତରୁ ଉତ୍ତର ଆସେ ନାହିଁ, ନାହିଁ, ନାହିଁ !/ନୁହେଁ ନରହନ୍ତା କିମ୍ବା ପରଧନହାରୀ/ପରଶି ନାହିଁ ଏ ତନୁ କେବେ ପରନାରୀ।'' ଅନେକ ଦୃଷ୍ଟିରୁ ଦେଖିଲେ ଆମେ ଜାଣିପାରିବା ଯେ, ଗାନ୍ଧିଜୀ ଓ ଗୋପବନ୍ଧୁଙ୍କର ନିଜକୁ ନିଜେ ପ୍ରଶ୍ନ ପଚାରିବା ଗୁଣଟି ପ୍ରବଳମାତ୍ରାରେ ଥିଲା। ଗାନ୍ଧିଜୀଙ୍କୁ ଯିଶୁଖ୍ରୀଷ୍ଟ ଓ ବୁଦ୍ଧଙ୍କ ସଙ୍ଗେ ତୁଳନା କରିଛନ୍ତି ରବୀନ୍ଦ୍ରନାଥ ଟାଗୋର। ଜବାହରଲାଲ ତାଙ୍କୁ ସକ୍ରେଟିସ୍‌ଙ୍କ ସଙ୍ଗେ ତୁଳନା କରିଛନ୍ତି। ସେ କମ୍ କଥା କହୁଥିଲେ ଓ ସକ୍ରେଟିସ୍ ପରି ହାସ୍ୟରସ ମଧ୍ୟ ତାଙ୍କଠାରେ ଥିଲା। ୧୯୧୫ର ଭାରତବର୍ଷକୁ ଦେଖି ପଣ୍ଡିତଜୀ ଲେଖିଛନ୍ତି , ଆମେ କ'ଣ କରିବୁ ? ଏ ଘୋର ଦାରିଦ୍ର୍ୟ ଓ ହୀନମନ୍ୟତାରୁ ଆମକୁ କିଏ ରକ୍ଷା କରିବ ? ଏବଂ ତା'ପରେ ଗାନ୍ଧୀ ଆସିଲେ। ସେ ହେଉଛନ୍ତି ଏକ ପ୍ରବଳ ଗତିଶୀଳ ଧାବମାନ ବିଶୁଦ୍ଧ ବାୟୁ, ଏକ ତୀକ୍ଷ୍ଣ ଅଗ୍ନି ସ୍ଫୁଲିଙ୍ଗ୍... ଏକ ଘୂର୍ଣ୍ଣବାତ୍ୟା... 'ଡିସ୍‌କଭରି ଅଫ୍ ଇଣ୍ଡିଆ' ବହିରେ ନେହେରୁଙ୍କ ଅନ୍ତରର କୋହ ଦେଖିବାକୁ ମିଳେ।



ବିଧାତା ମଣିଷର ଜନ୍ମ ସଙ୍ଗରେ କର୍ମ ଯୋଡ଼ିଦେଇଛି। ଆମେ କରିବା କର୍ମସବୁ ସତ୍ ନା ଅସତ୍, ସେସବୁ ନିଜକୁ ପ୍ରଶ୍ନ କଲେ ହିଁ ଜାଣିପାରିବା। ଏଠାରେ ଓଡ଼ିଆ କବିମାନେ କିଭଳି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ବିଭିନ୍ନ ପ୍ରଶ୍ନ କରିଛନ୍ତି, ସେ ବିଷୟ ଆଲୋଚନା କରି ଆନନ୍ଦ ଟିକିଏ ପାଇବା ପାଇଁ ସମସ୍ତେ ବ୍ୟାକୁଳ। ଅଭିମାନ କରି ଆଦିକବି ଶାରଳା ଦାସ ଲେଖିଛନ୍ତି, ''ମୁଁ ପତିତ ମୋ ଗୁହାରି ଶ୍ରବଣେ ଅକ୍ଷମ/ ଅଜାମିଳଠାରୁ ମୁଁ କି ଅଟଇ, ଅଧମ ?'' 'ସର୍ପ ଜଣାଣ' କବିତାର କବି ବଳଦେବ ରଥଙ୍କୁ ଓଡ଼ିଆ ସାହିତ୍ୟର 'ମେଟାଫିଜିକାଲ୍ ପୋଏଟ୍' କୁହାଯାଇପାରେ। ଇଂରାଜୀ କବି ଜନ୍ ଡନ୍‌ଙ୍କ 'ହୋଲି ସନେଟ' ସଙ୍ଗେ ଏହା ତୁଳନୀୟ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ 'କାଳସର୍ପ ଆପଣ' କହି ସର୍ପର ଗୁଣ ସବୁ ବଖାଣିଛନ୍ତି ଓ ପଣ୍ଡିତମାନେ ଭୟକରି ତାଙ୍କୁ 'କରୁଣାସିନ୍ଧୁ' କହିବାର ସେ ଜାଣିଛନ୍ତି। ଓକିଲ ଭଳି ଯୁକ୍ତିତର୍କ କରୁଛନ୍ତି। ତା'ପରେ ପୁଣି ପ୍ରଶ୍ନବାଣ ''କହ କମଳାନନ! କାହିଁକି ତୁମ୍ଭ କାନ ସର୍ପ ବୋଇଲେ ଚଳିବାକୁ ହେ କୃପାନିଧି''। ଅଭିମାନରେ ପରିପୂର୍ଣ୍ଣ ଧାଡ଼ିମାନଙ୍କୁ ପଢ଼ିଲେ ଶେଷରେ ନିଜ ଅଜାଣତରେ ଆମ ହୃଦୟ ଭକ୍ତିରସରେ ପରିପୂର୍ଣ୍ଣ ହୋଇଯାଏ।

ବିଷୟଟି ଶେଷ କରିବା ଆଗରୁ ପୁଣିଥରେ ସକ୍ରେଟିସ୍‌ଙ୍କ ପାଖକୁ ଆସିବା। ବଜାରର ଛକ ଜାଗାରେ ଠିଆହୋଇ ସେ ସବୁ ଶ୍ରେଣୀର ଲୋକମାନଙ୍କୁ ବିଭିନ୍ନ ବିଷୟରେ ପ୍ରଶ୍ନ ପଚାରୁଥିଲେ। ସେତେବେଳର ଶାସକମାନେ ଯୁବକମାନଙ୍କୁ ବିଭ୍ରାନ୍ତ କରୁଛନ୍ତି ବୋଲି ଅଭିଯୋଗ ଆଣିଲେ ଓ ମୃତ୍ୟୁଦଣ୍ଡରେ ତାଙ୍କୁ ଦଣ୍ଡିତ କରାଗଲା। ହେମଲକ୍ ବିଷ ପିଇବା ଆଗରୁ ସେ କହିଥିଲେ, ''ମତେ ସିନା ମାରି ଦେଉଛ, କିନ୍ତୁ ମଣିଷର ଏ ପ୍ରଶ୍ନ ପଚାରିବାର ଅଭ୍ୟାସଟିକୁ କଦାପି ମାରି ପାରିବ ନାହିଁ।'' ଏଗୁଣଟି ଥିଲା ଯାକ ମଣିଷକୁ କୌଣସି ଶାସକ ଗୋଷ୍ଠୀ ବିଭ୍ରାନ୍ତ କରିପାରିବେ ନାହିଁ। ସତରେ ଏ ଗୁଣଟି ଆମକୁ ସଦାବେଳେ ସତ୍‌ପଥରେ ଚାଲିବା ପାଇଁ ଆଲୋକ ଦେଖାଇବ ଓ ଆମ ଜୀବନ ମଧୁମୟ ହେବ।

ମୋ:୯୪୩୭୨୫୮୯୩୬

## ଏଇ ଭାରତରେ

ଦିନମଜୁରିଆଙ୍କ ଅଭାବୀ ଜୀବନର ଦୁଃଖକୁ ଅନୁଭବ କରିଛନ୍ତି ଦିଲ୍ଲୀର ଦୁଇ ଭାଇ। ସେମାନେ ଦିନମଜୁରିଆମାନଙ୍କୁ ମାଗଣାରେ ଚିକିତ୍ସା ସେବା ଯୋଗାଇ ଦେଉଛନ୍ତି। ବ୍ରିଗେଡିୟର ପ୍ରେମ୍‌ଜିତ ସିଂ ପାନେସର ଓ କରମ୍‌ଜିତ ସିଂ 'ବୀରଜିକା ଡେରା'ର ସ୍ୱେଚ୍ଛାସେବୀମାନଙ୍କ ସାହାଯ୍ୟରେ ମେଡିକାଲ କ୍ୟାମ୍ପ ଆୟୋଜନ କରୁଛନ୍ତି। ଚାକିରିରୁ ଅବସର ନେବା ପରେ ଗରିବଙ୍କ ସେବା ଲାଗି ୧୯୮୯ରେ 'ବୀରଜିକା ଡେରା ' ଆରମ୍ଭ କରିଥିଲେ ତ୍ରିଲୋଚନ ସିଂ। ପରେ ତାଙ୍କ ଦୁଇ ପୁତ୍ର ପ୍ରେମ୍‌ଜିତ ଓ କରମ୍‌ଜିତ ଏହାକୁ ଚଳାଉଛନ୍ତି। ଦିଲ୍ଲୀ ରାସ୍ତାରେ ସକାଳୁ ଶ୍ରମିକମାନେ ଧାଡ଼ିରେ ରହି ପରୀକ୍ଷା କରିବା ସହ ଚିକିତ୍ସା ଲାଭ କରୁଛନ୍ତି। ଦିନକୁ ତାଙ୍କ ଟିମ୍ ୩୫୦ରୁ ୪୦୦ ଶ୍ରମିକଙ୍କୁ ଚିକିତ୍ସା ସେବା ଯୋଗାଇ ଦେଉଛନ୍ତି। ପ୍ରତିଦିନ ସକାଳ ୭ଟାରେ ସ୍ୱେଚ୍ଛାସେବୀ ଗ୍ରୁପ୍ ଏହି ସେବା ଆରମ୍ଭ କରୁଛନ୍ତି। କେବଳ ଏତିକି ନୁହେଁ, ତାଙ୍କ ସଂସ୍ଥା ମଧ୍ୟ ଦିଲ୍ଲୀର ଦଶରଥପୁରୀରେ ୭୫ ଶଯ୍ୟା ବିଶିଷ୍ଟ ଏକ ହସ୍ପିଟାଲ ନିର୍ମାଣ କରିଛନ୍ତି। ଆବଶ୍ୟକ ହେଲେ ଏଠାରୁ ରୋଗୀମାନଙ୍କୁ ଏମ୍ସ ଓ ଦୀନ୍‌ଦୟାଲ ଉପାଧ୍ୟାୟ ହସ୍ପିଟାଲକୁ ପଠାଯାଉଛି।

## ୨୫ ବର୍ଷ ତଳର ଧରିତ୍ରୀ

୯ ନଭେମ୍ବର ୧୯୯୭

- ଭାରତ ଫ୍ରାନ୍ସଠାରୁ ବିଭିନ୍ନ ପ୍ରାକୃତିକ ଗ୍ୟାସ (ଏଲ୍‌ଏନ୍‌ଜି) ଆମଦାନୀ କରିବା ନେଇ ଉଭୟ ଦେଶ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ।
- ରାଜୀବ ଗାନ୍ଧୀ ହତ୍ୟା ମାମଲାର ଷଡ଼ଯନ୍ତ୍ର ଦିଗ ଉପରେ ତଦନ୍ତ କରୁଥିବା ଜୈନ କମିଶନର ମଧ୍ୟବର୍ତ୍ତିକାଳୀନ ରିପୋର୍ଟରେ ଏମ୍. କରୁଣାନିଧି, ବିଶ୍ୱନାଥ ପ୍ରତାପ ସିଂ, ଚନ୍ଦ୍ରଶେଖର ତଥା ପି. ଚିଦାମ୍ବରମଙ୍କୁ ବିଭିନ୍ନ କାରଣ ପାଇଁ ଦୋଷୀ ସାବ୍ୟସ୍ତ କରାଯାଇଛି।
- ସବ୍‌ଜେଲର ଏବଂ ୱାର୍ଡରଙ୍କୁ ରକ୍ତାକ୍ତ ଆକ୍ରମଣ କରି ୧୧ ଜଣ କଏଦୀ ଭଞ୍ଜନଗର ସବ୍‌ଜେଲ୍‌ରୁ ଫେରାର।

## ଚିରନ୍ତନୀ

ମନ–ମନ୍ଦିରେ ବାଜିଲା ଘଣ୍ଟା ମହୁରି
କାହା ପାଇଁ
ଆଖି କୋଣେ କିପାଁ ଲାଗିଲା ମୁଗ୍ଧ କାଉଁରୀ
ମନେ ନାହିଁ।
–(ମନେ ନାହିଁ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 7 | | 6 | | | |
| 4 | | 6 | | | 5 | | | |
| | | | 9 | | | 8 | 3 | |
| | | | | | | | | 8 |
| | | | 2 | | 1 | | | |
| | | 5 | | 8 | | | 4 | |
| | | | | 2 | | | 7 | |
| | 3 | 7 | | | | | | 5 |
| 8 | 4 | | | | | | 1 | 3 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ବାମ ପାର୍ଶ୍ୱରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 6 | 2 | 4 | 5 | 9 | 1 | 7 | 8 |
| 9 | 5 | 8 | 1 | 7 | 3 | 2 | 4 | 6 |
| 1 | 7 | 4 | 2 | 6 | 8 | 9 | 5 | 3 |
| 8 | 4 | 1 | 5 | 9 | 7 | 3 | 6 | 2 |
| 7 | 9 | 5 | 6 | 3 | 2 | 4 | 8 | 1 |
| 6 | 2 | 3 | 8 | 1 | 4 | 7 | 9 | 5 |
| 2 | 8 | 9 | 3 | 4 | 5 | 6 | 1 | 7 |
| 4 | 3 | 6 | 7 | 8 | 1 | 5 | 2 | 9 |
| 5 | 1 | 7 | 9 | 2 | 6 | 8 | 3 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଋଣ ଜାଲ

ମହାଶୟ,

କୁହାଯାଏ ଋଣ, ରୋଗ, ଅଗ୍ନି ଓ ଶତ୍ରୁ ଏମାନଙ୍କୁ ସମୂଳେ ନାଶ ନ କଲେ କାଳାନ୍ତରରେ ଏହା ବୃଦ୍ଧି ପାଇ ବିନାଶ ବା ସର୍ବନାଶର କାରଣ ହୁଏ। ଏହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ଗରିବ ବା ଦାରିଦ୍ର୍ୟଗ୍ରସ୍ତ ବ୍ୟକ୍ତି, ଗୋଷ୍ଠୀ ତଥା ରାଷ୍ଟ୍ରମାନ। ଚାଇନା ପରି ସାମ୍ରାଜ୍ୟବାଦୀ ରାଷ୍ଟ୍ର ବିଶ୍ୱରେ ଶ୍ରେଷ୍ଠ ଆର୍ଥିକ ସ୍ତରରେ ସ୍ୱାବଲମ୍ବନ ବା ସମୃଦ୍ଧ କରାଇବାର ସ୍ୱପ୍ନ ଦେଖାଇ କ୍ଷୁଦ୍ର ତଥା ଆର୍ଥିକ ଦୁର୍ବଳ ରାଷ୍ଟ୍ରଗୁଡ଼ିକୁ ମାତ୍ରାଧିକ ଋଣ ଦେଇ କ୍ରମଶଃ ନିଜ ଅକ୍ତିଆରକୁ ନେବାର ସୁଚିନ୍ତିତ ବା ସୁନିୟୋଜିତ ଯୋଜନାରେ କବଳିତ କରିଚାଲିଛି। ବିଶେଷକରି ଶତ୍ରୁ ରାଷ୍ଟ୍ରର ଚତୁଃପାର୍ଶ୍ୱରେ ଥିବା ରାଷ୍ଟ୍ରଗୁଡ଼ିକ ତା'ର ଚକ୍ରାନ୍ତରେ ପଡ଼ି ସର୍ବସ୍ୱାନ୍ତ ହେଉଛନ୍ତି। ଭାରତର ପଡ଼ୋଶୀ ଦେଶ ଯଥା ପାକିସ୍ତାନ, ଶ୍ରୀଲଙ୍କା, ବାଂଲାଦେଶ, ନେପାଳ, ଭୁଟାନ ଆଦି ସହ ଅନେକ ଆଫ୍ରିକୀୟ ରାଷ୍ଟ୍ର ଏହାର ଋଣ ଜାଲରେ କବଳିତ ହୋଇଛନ୍ତି ବା ହେବାକୁ ଯାଉଛନ୍ତି। ଠିକ୍ ସେହିପରି ଓଡ଼ିଶାର ଶାସକ ଦଳ ଦାରିଦ୍ର୍ୟ ବା ଗରିବୀ ଦୂରୀକରଣ ନାଁରେ ପରୋକ୍ଷରେ ସମସ୍ତଙ୍କୁ ଋଣଗ୍ରସ୍ତ କରାଇ ନିଜର ଭୋଟ ପ୍ରତିଶତ ବୃଦ୍ଧି କରାଇବାରେ ଲାଗିଛି। ବିନା ତାଲିମ, ତଦାରଖ ଓ ତାଗିଦରେ ଗୋଦରା ମାଡ଼େ ଯେତେ କୋଡ଼େ ସେତେ ନୀତିରେ ଋଣ ପରେ ଋଣ ବର୍ଷ ବର୍ଷ ଧରି ନେଲାପରେ ବି କୌଣସି ପରିବର୍ତ୍ତନ ବା ସ୍ୱାବଲମ୍ବନର ନାଁ ଗନ୍ଧ ନାହିଁ। କେବଳ ରାଜ୍ୟର ଋଣଭାର ବୃଦ୍ଧି ପାଇଚାଲିଛି। ଫଳତଃ ନା ରାଜ୍ୟ ନା ରାଜ୍ୟବାସୀଙ୍କର ଆର୍ଥିକ ଉନ୍ନତି ଘଟିଛି।

–ମନସ୍ୱିନୀ ଦାସ, ଚାନ୍ଦବାଲି, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# କଳିଙ୍ଗ ବାଲିଯାତ୍ରା ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା



ଏଏମ୍ଏନ୍ଏସ୍‌ର ସ୍ୱତନ୍ତ୍ର ଷ୍ଟଲକୁ ଜିଲାପାଳ ଉଦ୍‌ଘାଟନ କରୁଛନ୍ତି।



ଲୋକ ନ ଥିବାରୁ ଖାଁ ଖାଁ ଲାଗୁଥିବା ଷ୍ଟଲ

## ଚନ୍ଦ୍ରଗ୍ରହଣ ଯୋଗୁ ଗହଳି ଫିକା

ପାରାଦୀପ,୮।୧୧(ସ୍ୱ.ପ୍ର.)

ପାରାଦୀପର ସମୁଦ୍ର କୂଳରେ ଚାଲିଥିବା କଳିଙ୍ଗ ବାଲିଯାତ୍ରା ମହୋତ୍ସବ ମଙ୍ଗଳବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଚନ୍ଦ୍ରଗହଣ ଯୋଗୁ ସାମାନ୍ୟ ବ୍ୟବସାୟ ମାନ୍ଦା ପଡିଥିଲେ ହେଁ ସାମାନ୍ୟ ଗହଳି ରହିଛି। ଅଧିକାଂଶ ଷ୍ଟଲ ଖୋଲିନାହିଁ। ବିଶେଷକରି ଖାଇବା ଷ୍ଟଲଗୁଡିକ ଫାଙ୍କା ରହିଛି। ଅପରପକ୍ଷେ ମଞ୍ଚରେ ସ୍ଥାନୀୟ ଏକାଧିକ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ କରାଯାଇଛି।

### ଉଦ୍‌ଘାଟନରେ ଭିନ୍ନତା

ସୋମବାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କେତେକ ବ୍ୟତିକ୍ରମ ଦେଖିବାକୁ ମିଳିଥିଲା। ଅତିଥିମାନେ ପର୍ଯ୍ୟାୟକ୍ରମେ ଆସି ପାରାଦୀପରେ ପହଞ୍ଚିବା ବେଳକୁ ବିଳମ୍ବ ହୋଇଥିଲା। ସେଥିପାଇଁ ଆୟୋଜକ ତୁରନ୍ତ ଅତିଥିମାନଙ୍କୁ ମଞ୍ଚ ପାଖକୁ ନେଇ ଯାଇଥିଲେ। ସଭା ଆରମ୍ଭ ହେବା ପରେ ଜଣେ ମନ୍ତ୍ରୀ ଆଗୁଆ ବକ୍ତବ୍ୟ ଦେଇ ଅଧାରୁ ପଳାଇଥିଲେ। ସଭାକାର୍ଯ୍ୟ ଶେଷ ହେଲାବେଳକୁ ରାତି ପ୍ରାୟ ୧୦ଟା ହୋଇଯାଇଥିଲା। କମ୍ପାନୀ ଓ ସରକାରୀ ଷ୍ଟଲ ଗୁଡିକ ରାତି ୧୦.୩୦ ପର୍ଯ୍ୟନ୍ତ ସେମିତି ନାଲିଫିତା ବନ୍ଧା ଅବସ୍ଥାରେ ଥିଲା। ପ୍ରାୟ ଅଧିକାଂଶ ଅତିଥି ପଳାଇଥିଲେ। ଶେଷରେ ଏମ୍‌ପି ରାଜଶ୍ରୀ ମଲ୍ଲିକଙ୍କୁ ଡାକି ଫିତା କଟାଯାଇଥିଲା। ପୂର୍ବରୁ ମୁଖ୍ୟ ଅତିଥି ମଞ୍ଚ ପାଖକୁ ଯିବା ପୂର୍ବରୁ ମୁଖ୍ୟ ଗେଟ ପାଖରେ ହୋଇଥିବା ପାରାଦୀପ ବନ୍ଦର ଇଫ୍‌କୋ, ପିପିଏଲ, ଏଏମ୍ଏନଏସ, କୃଷି ବିଭାଗ, ସୂଚନା ଲୋକ ସମ୍ପର୍କ ବିଭାଗ, ମତ୍ସ୍ୟ ବିଭାଗ, ପଲ୍ଲିଶ୍ରୀ ମେଳା, ଜିଲା ଶିଳ୍ପକେନ୍ଦ୍ର ଷ୍ଟଲ, ଆଦିକୁ ପର୍ଯ୍ୟାୟକ୍ରମେ ଉଘାଟନ କରିଥାନ୍ତି। ତା'ପରେ ମଞ୍ଚରେ ବାଲିଯାତ୍ରା ଉଦ୍‌ଘାଟନ ହୁଏ।

### ଆଶୁ ଚିକିତ୍ସା କେନ୍ଦ୍ରରେ ଘରୋଇ ଔଷଧ ପ୍ରଚାର

ବାଲିଯାତ୍ରା ମଞ୍ଚର ପଛପଟେ ରହିଛି ଜିଲା ପ୍ରଶାସନ, ପୋଲିସ, ଅଗ୍ନିଶମ, ସହାୟତା କେନ୍ଦ୍ର, ଆଶୁଚିକିତ୍ସା କେନ୍ଦ୍ର ଆଦି ଜରୁରିକାଳୀନ ସେବା ଷ୍ଟଲ। ଚିକିତ୍ସାକେନ୍ଦ୍ରରେ ସ୍ୱାସ୍ଥ୍ୟକର୍ମୀ ଓ ଡାକ୍ତର ବସିଥିବା ବେଳେ ତାଙ୍କ ପାଖକୁ ଲାଗି ଏକ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଔଷଧ ବିତରଣ ଓ ପ୍ରଚାର କରାଯାଇଥିଲା। ଏ ସମ୍ପର୍କରେ ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବସନ୍ତ ରାଉତଙ୍କୁ ପଚାରିବାରୁ ସେ ତୁରନ୍ତ ହସ୍ତକ୍ଷେପ କରି ଦୁଇଟି ଷ୍ଟଲକୁ ଅଲଗା କରିଥିଲେ।

### ସରକାରୀ ଷ୍ଟଲ ଖାଁ ଖାଁ

ପ୍ରତିବର୍ଷ ବାଲିଯାତ୍ରାରେ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବିଶାଳତମ ଷ୍ଟଲ କରାଯାଇଥାଏ। ସେଥିରେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ସୂଚନା, ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କିତ ଫଟୋ, ବହି, ଆଦି ରଖାଯାଇଥାଏ। ଚଳିତବର୍ଷ କେବଳ ୧୦ ଫୁଟ ପ୍ରସ୍ଥ ଓ ୨୦ ଫୁଟ ଲମ୍ବ ବିଶିଷ୍ଟ ଖୋଲା ଷ୍ଟଲ ରହିଛି। ସେଥିରେ ଗୋଟିଏ ଟେବୁଲ ଓ ଚୌକି ଦୁଇଟି ପଡିଛି। ଏଠାରେ ଉତ୍କଳ ପ୍ରସଙ୍ଗ ନାମକ ବହି ବିକ୍ରି ହେବାପାଇଁ ରଖାଯାଇଛି। ଆଲୋକ ସାଜସଜ୍ଜା କିଛି ନାହିଁ। ତା'ପାଖକୁ ରହିଛି ଆଧାରକାର୍ଡ ସହାୟତା କେନ୍ଦ୍ର। ଏସବୁ ଷ୍ଟଲରେ ଲୋକ ନଥିବାରୁ ଖାଁ ଖାଁ ଲାଗୁଛି।

### ଏଏମ୍ଏନ୍ଏସର ସ୍ୱତନ୍ତ୍ର ଷ୍ଟଲ

କଳିଙ୍ଗ ବାଲିଯାତ୍ରାରେ ଏଏମ୍ଏନ୍ଏସ କମ୍ପାନୀ ଚଳିତବର୍ଷ ପ୍ରଥମକରି ଏକ ଷ୍ଟଲ ନିର୍ମାଣ କରିଛି। ଏହାକୁ ଜିଲାପାଳ ପାରୁଲ ପଟୱାରୀ ଉଦ୍‌ଘାଟନ କରିଥିଲେ। କମ୍ପାନୀ ନିର୍ବାହୀ ନିର୍ଦ୍ଦେଶକ ସୁରେଶା. ଜି ଉପସ୍ଥିତ ଥିଲେ। ଷ୍ଟଲରେ କମ୍ପାନୀ ସହାୟତା କରିଥିବା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ପ୍ରସ୍ତୁତ ଉତ୍ପାଦ ଗୁଡିକ ବିକ୍ରି ହେଉଛି।

# '୨୦୨୫ ସୁଦ୍ଧା ପିପିଏ ସ୍ମାର୍ଟ ଡିଜିଟାଲ ହେବ'

**ବନ୍ଦର ଦିବସ, ବୋଇତ ବନ୍ଦାଣ ଉତ୍ସବ**

ପାରାଦୀପ,୮।୧୧(ସ୍ୱ.ପ୍ର.)



ସାଧବପୁଅ ଯାଉଥିବା ବୋଇତକୁ ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହାରାନ୍ଧ ମେଲାଣି ଦେଉଛନ୍ତି।

ପାରାଦୀପ ବନ୍ଦର ଅଥରିଟି (ପିପିଏ) ପକ୍ଷରୁ ମଙ୍ଗଳବାର ବନ୍ଦର ଦିବସ ଓ ବୋଇତ ବନ୍ଦାଣ ଉତ୍ସବ ପାଳନ କରାଯାଇଛି। ବନ୍ଦର ନିଷିଦ୍ଧାଞ୍ଚଳର ୱେଟବେସିନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପାରମ୍ପରିକ ରୀତିରେ ବୋଇତ ବନ୍ଦାଣ କରାଯାଇଥିଲା। ଏକ ସୁସଜ୍ଜିତ ବୋଇତକୁ ସାଧବବୋହୂ, ସାଧବପୁଅମାନେ ବନ୍ଦାପନା କରି ମେଲାଣି ଦେଇଥିଲେ। ବୋଇତ ବନ୍ଦାଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହାରାନ୍ଧ ଯୋଗଦେଇ କଳସ ଯାତ୍ରା ଓ ବୋଇତକୁ ମେଲାଣି ଦେଇଥିଲେ। ପୋତାଶ୍ରୟରେ ବୋଇତ ଭ୍ରମଣପରେ ସାଂସ୍କୃତିକ ସଭା ଅନୁଷ୍ଠିତ ହୋଇଥିଲା। ବନ୍ଦର ଉପସଂରକ୍ଷକ ଅଲେଖ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଦେବା ସହ କାର୍ତ୍ତିକ ପୂର୍ଣ୍ଣିମା ,ନୌବାଣିଜ୍ୟ ପରମ୍ପରା, ଓ ବୋଇତ ବନ୍ଦାଣ ସମ୍ପର୍କରେ ଆଲୋଚନା କରିଥିଲେ। ପରେ ଅଧ୍ୟକ୍ଷ ହାରାନ୍ଧ କହିଥିଲେ, ପାରାଦୀପ ବନ୍ଦର ଏବେ ଦେଶର ପ୍ରମୁଖ ବନ୍ଦର ଭାବେ ମାନ୍ୟତା ପାଇଛି। ଗତ ୫ ବର୍ଷ ହେଲା ରେକଡ '୧୦୦ ଏମ୍ଏମଟି(ମିଲିୟନ ମେଟ୍ରିକ ଟନ)ରୁ ଅଧିକ ପଣ୍ୟ କାରବାର କରୁଛି। ଚଳିତବର୍ଷ ୧୨୫ ଏମ୍ଏମଟି ପଣ୍ୟ କାରବାର ହୋଇଛି। ୨୦୪୭ ସୁଦ୍ଧା ୫୦୦ଏମ୍ଏମଟି ପଣ୍ୟ କାରବାର କରିବା ପାଇଁ ଭିତ୍ତିଭୂମି ବିକାଶ କରାଯାଉଛି। ଏହାବାଦ ସମୟ ସହ ତାଳଦେଇ ଡିଜିଟାଇଜେସନ କରାଯାଉଛି। ୨୦୨୫ ସୁଦ୍ଧା ସମ୍ପୂର୍ଣ୍ଣ ସ୍ମାର୍ଟ ଡିଜିଟାଲ ପୋର୍ଟ ହେବ ବୋଲି ସେ କହିଥିଲେ। ଏତଦ୍‌ବ୍ୟତୀତ ବନ୍ଦର ଚିକିତ୍ସାଳୟରେ ଏବେ ୩୦ କୋଟି ଟଙ୍କା ବ୍ୟୟରେ ଏକ ଜରୁରିକାଳୀନ ୱାର୍ଡ କରାଯାଇଛି। ଉପାଧ୍ୟକ୍ଷ ଏ.କେ.ବୋଷ କେନ୍ଦ୍ର ସରକାରଙ୍କ ଗତିଶକ୍ତି ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଶେଷରେ ସଚିବ ପି.ଏନ୍.ବେହେରା ଧନ୍ୟବାଦ ଦେଇଥିଲେ।

## ଡଙ୍ଗା ଭସାଇବାକୁ ଯାଇ ଲୁଣାନଦୀରେ ଭାସିଗଲେ ଯୁବକ

ଡେରାବିଶ ୮।୧୧(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଡେରାବିଶ ବ୍ଲକ ଅଧୀନ ଲୁଣାନଦୀରେ ଜଣେ ଯୁବକ ମଙ୍ଗଳବାର ଡଙ୍ଗା ଭସାଇବାକୁ ଯାଇ ଗାଧୋଉଥିବା ବେଳେ ସ୍ରୋତରେ ଭାସିଯାଇ ନିଖୋଜ ହୋଇଛନ୍ତି। ନିଖୋଜ ଯୁବକ ଜଣକ ହେଲେ ବ୍ଲକ ଅଧୀନ ହରିଅଙ୍କ ପଞ୍ଚାୟତ କୂଳସାହି ଗାଁର ସନ୍ତୋଷ କୁମାର ମିଶ୍ର (୩୮)। ପରିବାରର ସୂଚନା ଅନୁଯାୟୀ, ସନ୍ତୋଷ ସକାଳେ ପାଣିଓଳା ଘାଟରେ ଡଙ୍ଗା ଭସାଇବାକୁ ଯାଇ ଗାଧୋଉଥିଲେ। ଗୋଡ଼ ଖସିଯିବାରୁ ଗଭୀର ଜଳରେ ଭାସିଯାଇଥିଲେ ବୋଲି ଘାଟରେ ଉପସ୍ଥିତ ଥିବା ଲୋକମାନେ କହୁଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣ ଯୁବକ ସନ୍ତୋଷଙ୍କୁ ଉଦ୍ଧାର କରିବାକୁ ବହୁ ଚେଷ୍ଟା କରିଥିଲେ ହେଁ ପାରି ନ ଥିଲେ। ଖବରପାଇ ନିଶ୍ଚିନ୍ତକୋଇଲି ଓ ମାର୍ଶାଘାଇ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ସନ୍ତୋଷଙ୍କୁ ଉଦ୍ଧାର କରିବାକୁ ପ୍ରୟାସ ଜାରି ରଖିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ପ୍ରେମାନନ୍ଦ


@ ରଜତ୍


@ ରାଜେଶ


@ ରାଜୀବ


@ ରଶ୍ମି

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଆର୍‌ପିଏଫ୍ କନ୍‌ଷ୍ଟେବଲଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଟ୍ରେନ୍ ଯାତ୍ରୀଙ୍କ ଜୀବନ ବଞ୍ଚିଲା


ଟ୍ରେନରୁ ପଡି ଯାଇଥିବା ଜଣେ ବ୍ୟକ୍ତିଙ୍କୁ କନଷ୍ଟେବଲ ଉଦ୍ଧାର କରିବାକୁ ଯାଉଛନ୍ତି।

ଯାଜପୁର ଅଫିସ,୮।୧୧

ଯାଜପୁର-କେନ୍ଦୁଝର ରୋଡ ରେଳ ଷ୍ଟେଶନରେ ମଙ୍ଗଳବାର ଅପରାହ୍ନ ପ୍ରାୟ ୨ଟା ୧୫ ମିନିଟ୍ ସମୟରେ ଜଣେ ଯାତ୍ରୀ ଧଉଳି ଏକ୍ସପ୍ରେସକୁ ଚଢୁଥିବା ସମୟରେ ହଠାତ୍ ଖସି ପଡ଼ିଥିଲେ । ମାତ୍ର କିଛି ମିନିଟ୍ ବିଳମ୍ବ ହୋଇଥିଲେ ସମ୍ପୃକ୍ତ ଯାତ୍ରୀ ପ୍ଲାଟ୍‌ଫର୍ମ ତଳକୁ ଖସି ପଡି ଥାଆନ୍ତେ । ହେଲେ ସେଠାରେ କାର୍ଯ୍ୟରତ ଆର୍‌ପିଏଫ୍ କନ୍‌ଷ୍ଟେବଲ ଲାଲା ବିହାରୀ ରାମ୍‌ଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ସେ ନିଶ୍ଚିତ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି। ସମ୍ପୃକ୍ତ ଯାତ୍ରୀ ଜଣକ ହେଉଛନ୍ତି ବାଲେଶ୍ୱର ଜିଲା ରିଗଡି ଗ୍ରାମର ସାଗର କୁମାର ପାତ୍ର(୩୫)।

ସୂଚନାଯୋଗ୍ୟ, ଧଉଳି ଏକ୍ସପ୍ରେସ ଯାଜପୁର-କେନ୍ଦୁଝର ରୋଡ ଷ୍ଟେଶନରୁ ନିର୍ଦ୍ଧାରିତ ସମୟରେ ଛାଡିଥିଲା। ଟ୍ରେନଟି ତାର ଗତି ବଢ଼ାଇ ଚାଲିଥିବାବେଳେ ସାଗର ଦୌଡି ଦୌଡ଼ି ଯାଇ ବଗିର ହ୍ୟାଣ୍ଡେଲକୁ ଧରି ନେଇଥିଲେ । କିନ୍ତୁ ସେ ବଗି ଭିତରକୁ ଯାଇ ପାରି ନ ଥିଲେ। କିଛି ସମୟ ଚେଷ୍ଟା କଲା ପରେ ସେ ହ୍ୟାଣ୍ଡେଲକୁ ଧରି ପ୍ଲାଟ୍‌ଫର୍ମରେ ଘୁଷୁରି ଘୁଷୁରି କିଛି ବାଟ ଯାଇଥିଲେ। ଏହାଦେଖି ଦାୟିତ୍ୱରେ ଥିବା ଆରପିଏଫ୍ କନ୍‌ଷ୍ଟେବଲ ରାମ୍ ଚେନ୍ ପୁଲିଂ କରିବାକୁ ଖୁବ୍ ଜୋରରେ ଚିତ୍କାର କରିଥିଲେ। ଏହାସହ ଯାତ୍ରୀଙ୍କୁ ଉଦ୍ଧାର କରିବାକୁ ଦୌଡି ଥିଲେ। ଟ୍ରେନର ଗାର୍ଡ ଚେନ୍ ପୁଲିଂ କରିବାରୁ ଗତି ନିୟନ୍ତ୍ରଣ ହୋଇଥିଲା । ଏହାପରେ ସାଗର ତଳେ ଛିଟିକି ପଡିଥିଲେ । ଏହାପରେ ଆରପିଏଫ୍ ରାମ୍ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନାକୁ ପଠାଇଥିଲେ। ଏହି ଦୁର୍ଘଟଣା ସମ୍ପୂର୍ଣ୍ଣ ଦୃଶ୍ୟ ଷ୍ଟେଶନରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଛି ।

# କ୍ଷେତକୁ ମିଳୁନି ପାଣି, ବାହାରିପାରୁନି ଧାନ ଥୋଡ଼

ମହାକାଳପଡ଼ା, ୮।୧୧(ଡି.ଏନ.ଏ.)



ବ୍ଲକ ଅଧୀନ ବଳିପାଳ ପଞ୍ଚାୟତ ସ୍ଥାନୀୟ ଅନ୍ଧୁଲି, ବସାଘର ଓ କଳପଡ଼ା ଗ୍ରାମର ଚାଷ ଜମି ଫାଟି ଗଲାଣି। ଉଠା ଜଳସେଚନ ପଏଣ୍ଟ ପାଖରେ ଚାଷୀମାନେ ବିକ୍ଷୋଭ କରୁଛନ୍ତି।

- ୫୦୦ ଏକର ଚାଷ ଜମି ଫାଟି ଆଁ
- କାମରେ ଆସୁନି ୬ ଉଠା ଜଳସେଚନ ପଏଣ୍ଟ
- ବିଦ୍ୟୁତ୍ ବିଭାଗକୁ ଦାୟୀ କଲେ ଶତାଧିକ ଚାଷୀ
- ଚାଷୀଙ୍କ ଆନ୍ଦୋଳନ ଚେତାବନୀ

ଚାଷର ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ହେଲେ ତୃଣମୂଳସ୍ତରରେ ଚାଷୀମାନଙ୍କ ପାଖରେ ଏହିସବୁ ଯୋଜନା କିଭଳି କାର୍ଯ୍ୟକାରୀ ହେଉଛି ତାହାକୁ ନେଇ ଉଠିଛି ବଡ଼ ପ୍ରଶ୍ନ। କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ପଞ୍ଚାୟତଗୁଡ଼ିକରେ ଚାଷଜମିରେ ପାଣି ଅଭାବରୁ କ୍ଷେତରେ ଧାନ ଥୋଡ ବାହାରି ପାରୁନାହିଁ। କ୍ଷେତ ପାଖ ଦେଇ ଗୋବରୀ ନଦୀ ଶାଖା ଯୋରି ଥିବାବେଳେ ନିକଟ ଚାଷଜମିରେ ଜଳସେଚନ ପାଇଁ ସରକାରଙ୍କ ପକ୍ଷରୁ ୬ଟି ଉଠା ଜଳସେଚନ ପଏଣ୍ଟ ନିର୍ମାଣ କରାଯାଇଛି। ଲକ୍ଷ୍ୟ ଥିଲା ଉଠା ଜଳସେଚନ ପଏଣ୍ଟ ମାଧ୍ୟମରେ ମରୁଡ଼ି ପରିସ୍ଥିତିରେ ଜମିକୁ ଜଳସେଚିତ କରାଯିବ। ମାତ୍ର ବିଦ୍ୟୁତ୍ ସଂଯୋଗ ନ ଥିବାରୁ ଉଠା ଜଳସେଚନ ପଏଣ୍ଟଗୁଡିକ କାମରେ ଆସୁନାହିଁ। ବିଦ୍ୟୁତ୍ ବିଭାଗର ଖାମଖିଆଲି କାର୍ଯ୍ୟ ପାଇଁ ଧାନ କ୍ଷେତରେ ପାଣି ମାଡ଼ି ନ ପାରିବାରୁ ଚାଷ ଜମି ଫାଟି ଆଁ କଲାଣି। ଏହାର ପ୍ରତିବାଦ କରି ବ୍ଲକର ବଳିପାଳ ପଞ୍ଚାୟତର ଅନ୍ଧୁଲି, ବସାଘର, କଳପଡ଼ା ଆଦି ଗ୍ରାମର ଶହେରୁ ଅଧିକ ଚାଷୀ ଓ ଭାଗ ଚାଷୀମାନେ ଉଠା ଜଳସେଚନ ପଏଣ୍ଟ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

ଚାଷୀ ରଞ୍ଜନ ମଲିକ, ପ୍ରବୀର ମଲିକ, ସୁରେନ୍ଦ୍ର ମଲିକ, ଅମୂଲ୍ୟ ମଲିକ, ସାଧୁ ମଲିକ, ଯଦୁ ମଲିକ, ରବୀନ୍ଦ୍ର ମଲିକ, ନୃସିଂହ ମଲିକ, ଟୁକୁନା କର, ବାବାଜୀ ସାହୁ, ଦିଲୀପ କୁମାର ମହାନ୍ତି, ବିଭୁ ରାଉତ, ବାବାଜୀ ମଲିକଙ୍କ ସମେତ ବହୁ ଚାଷୀଙ୍କ କହିବା କଥା, ଏହି ଅଞ୍ଚଳରେ ୫୦୦ ଏକରରୁ ଅଧିକ ଚାଷଜମିରେ ବର୍ଷାର ଅଭାବ ସମୟରେ ଉଠା ଜଳସେଚନ ପଏଣ୍ଟ ମାଧ୍ୟମରେ ଜଳସେଚନ ହୋଇଥାଏ। ଚଳିତବର୍ଷ ଦୁର୍ଗାପୂଜା ପରେ ବର୍ଷା ଅଭାବ ଦେଖାଯାଇଛି। ବିଭିନ୍ନ କିସମର ସଙ୍କର ଜାତୀୟ ଧାନଗୁଡ଼ିକ ଥୋଡ ବାହାରିବା ବେଳକୁ ଗଛ ମୂଳରେ ପାଣି ନାହିଁ। ଫଳରେ ଧାନ ଥୋଡ ବାହାରିପାରୁନାହିଁ। ଧାନ ଗଛଗୁଡିକ ଶୁଖିବାକୁ ବସିଲାଣି। ଉଠା ଜଳସେଚନ ପଏଣ୍ଟକୁ ବିଦ୍ୟୁତ୍ ସଂଯୋଗ ଲାଗ ବିଭାଗର ଉଚ୍ଚପଦସ୍ଥ ଅଧିକାରୀଙ୍କୁ ବହୁବାର ଅଭିଯୋଗ କରାଯାଇଥିଲେ ମଧ୍ୟ କେହି ଶୁଣୁନାହାନ୍ତି। ଯଦି ୨ ଦିନ ମଧ୍ୟରେ ଚାଷ ଜମିରେ ଜଳସେଚନ ନ ହୁଏ ତେବେ ଆମେ ବାଧ ହୋଇ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ (ବାବର ସେକ୍ସନ) ସମ୍ମୁଖରେ ଧାରଣା ଦେବାକୁ ବାଧ ହେବୁ ବୋଲି ସ୍ଥାନୀୟ ଚାଷୀମାନେ କହିଛନ୍ତି। ଆମର ଜୀବନ ଜୀବିକା ପାଇଁ ବିଭିନ୍ନ ବ୍ୟାଙ୍କ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ପାଖରୁ ଋଣ କରି ଧାନ ଚାଷ କରିଥିଲୁ। ଯେତେବେଳେ ଆମ ବର୍ଷକର ଆହାର ବିଦ୍ୟୁତ୍ ବିଭାଗ କର୍ମଚାରୀ ପାଇଁ ଉଜୁଡ଼ି ଯାଉଛି, ସେତେବେଳେ ଆମେ ବାଧ ହୋଇ ବିଭିନ୍ନ ଆଇନଗତ ପନ୍ଥା ଅବଲମ୍ବନ କରିବାକୁ ପଛାଇବୁ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ବହୁ ଚାଷୀ ଉଠା ଜଳସେଚନ ପଏଣ୍ଟ ନିକଟରେ ପହଞ୍ଚି ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ ବିରୋଧରେ ବର୍ଷୀ ଥିଲେ। ଏ ସମ୍ପର୍କରେ ବ୍ଲକର ବାବର ବିଦ୍ୟୁତ୍ ବିଭାଗ ସେକ୍ସନ କନିଷ୍ଠ ଯନ୍ତ୍ରୀ ଚିତ୍ତରଞ୍ଜନ ସାମଲଙ୍କୁ ଯୋଗାଯୋଗ ଲାଗି ଦିନତମାମ ଫୋନ କରାଯାଇଥିଲେ ହେଁ ମୋବାଇଲ ବନ୍ଦ ରହିଥିଲା। ସରକାରଙ୍କ ଅତ୍ୟାବଶ୍ୟକ ସେବା ଯୋଗାଣକାରୀ ବିଦ୍ୟୁତ୍ ବିଭାଗ ସେକ୍ସନ କନିଷ୍ଠ ଯନ୍ତ୍ରୀଙ୍କ ମୋବାଇଲ ବନ୍ଦ ହେବାକୁ ନେଇ ଉଠିଛି ବଡ଼ ପ୍ରଶ୍ନ। ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

## ସଂକ୍ଷେପରେ

### ସତ୍‌ସଙ୍ଗ କଲେ ଭକ୍ତି ଭାବ ଜାଗ୍ରତ ହୁଏ

ବିରିଡି,୮।୧୧(ଡି.ଏନ୍.ଏ.): ସତ୍‌ସଙ୍ଗ ଦ୍ୱାରା ସମସ୍ତ ପାପ ନାଶ ହେବା ସହ ହୃଦୟରେ ଇଶ୍ୱରଙ୍କ ପ୍ରତି ଭକ୍ତିଭାବ ଜାଗ୍ରତ ହୋଇଥାଏ । ତେଣୁ ପ୍ରତ୍ୟେକ ଗ୍ରାମରେ ସତ୍‌ସଙ୍ଗ କରିବା ଆବଶକ । ଆଜିର ଯୁବ ପିଢ଼ୀ ମଦ ମାଂସ ଛାଡି ଅଧାର୍ମିକ ମାର୍ଗରେ ଗଲେ ନିଜର ଓ ସମାଜର ମଙ୍ଗଳ ହୋଇଥାଏ ବୋଲି ବିରିଡି ବ୍ଲକ ଗୋସାଣି ଦେଇପୁର ଗ୍ରାମରେ ଅନୁଷ୍ଠିତ ସୋମବାର କାର୍ତ୍ତିକେଶ୍ୱର ମହୋତ୍ସବରେ ଜଗନ୍ନାଥ ସଂସ୍କୃତିର କଥାପ୍ରଚାରକ ବବା ଦିବାକର ଦାସ ମହାରାଜ ମତବ୍ୟକ୍ତ କରିଛନ୍ତି । ଗ୍ରାମର ମନୋରଞ୍ଜନ ସାହୁ, ରବୀନ୍ଦ୍ର ସେଠୀ, ଜଗବନ୍ଧୁ ସେଠୀ, ବାସୁଦେବ ସେନାପତି, କରୁଣାକର ସେନାପତି, ପୂର୍ଣ୍ଣାନନ୍ଦ ସେଠୀ ଓ ଈଶ୍ୱର ସେଠୀ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

### କଣ୍ଠଶିଳ୍ପୀ ଲତା ଘୋଷଙ୍କ ପରଲୋକ



ଭୁବନେଶ୍ୱର,୮।୧୧(ବ୍ୟୁରୋ): ପ୍ରସିଦ୍ଧ ଓଡ଼ିଶୀ କଣ୍ଠଶିଳ୍ପୀ ଲତା ଘୋଷ (୬୮)ଙ୍କର ସୋମବାର ରାତିରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ଅସୁସ୍ଥତା ଯୋଗୁ ସେ କିଛିଦିନ ହେବ ଚିକିତ୍ସାଧୀନ ଥିଲେ। ତାଙ୍କ ମୃତ୍ୟୁରେ ସଙ୍ଗୀତ ଜଗତରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ବାସଭବନରେ ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିଥିଲେ। ୧୯୫୫ ଜାନୁଆରୀ ୧୧ରେ ଲତା ଯାଜପୁରର ଜଲାହାର ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ପୀତାମ୍ବର ପାଣି ଓ ରାଧା ପାଣିଙ୍କ କନ୍ୟା ଲତାଙ୍କ କଣ୍ଠ ନିଃସୃତ ଓଡ଼ିଶୀ, ଛାନ୍ଦ, ଚମ୍ପୂ, ଭଜନ, ଜଣାଣ, ଆଧୁନିକ ଓ ପଲ୍ଲୀଗୀତ ଶ୍ରୋତାଙ୍କୁ ବିମୋହିତ କରିଆସିଛି। ସେ ୧୯୭୫ ମସିହାରୁ ଆକାଶବାଣୀ ଏବଂ ଦୂରଦର୍ଶନର ଜଣେ ସ୍ୱୀକୃତିପ୍ରାପ୍ତ କଳାକାର ଥିଲେ। ପରେ ବି ହାଇଗ୍ରେଡ୍ ଆର୍ଟିଷ୍ଟ ଭାବେ ସୁନାମ ଅର୍ଜନ କରିଥିଲେ। ମାତ୍ର ୭ବର୍ଷ ବୟସରୁ ସଙ୍ଗୀତ ସହିତ ତାଙ୍କର ସମ୍ପର୍କ ଆରମ୍ଭ ହୋଇଥିଲା। ସେ ଅନେକ ବର୍ଷ ଧରି ସଙ୍ଗୀତ ଶିକ୍ଷାଦାନ ସହିତ ସମ୍ପୃକ୍ତ ଥିଲେ। ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ମଧ ସେ ଅଧାପନା କରିଥିଲେ। ସଙ୍ଗୀତ ସାଧନା ପାଇଁ ସେ ଅନେକ ଅନୁଷ୍ଠାନ ଓ ସଙ୍ଗଠନ ପକ୍ଷରୁ ପୁରସ୍କୃତ ହୋଇଥିଲେ। ୨୦୧୫ ମସିହାରେ ଓଡ଼ିଶୀ କଣ୍ଠ ସଙ୍ଗୀତ ପାଇଁ ଲତାଙ୍କୁ ଓଡ଼ିଶା ସଙ୍ଗୀତ ଏକାଡେମୀ ପକ୍ଷରୁ ପୁରସ୍କୃତ କରାଯାଇଥିଲା।

# ଜମିଜମା ସମସ୍ୟା ଅଙ୍ଗନୱାଡି କେନ୍ଦ୍ର ନିର୍ମାଣରେ ବାଧକ

ଜଗତ୍‌ସିଂହପୁର ଅଫିସ, ୮।୧୧

ଜଗତ୍‌ସିଂହପୁର ଜିଲାରେ ପିଲାମାନଙ୍କ ପାଇଁ ଉତ୍ତମ ଭିତ୍ତିଭୂମି ଅର୍ଥାତ୍ ସବୁଠି ଅଙ୍ଗନୱାଡି କେନ୍ଦ୍ର ବିଲ୍ଡିଂ ନିର୍ମାଣ କରିବାରେ ସରକାର ବିଫଳ ହେଉଛନ୍ତି। ଜିଲାରେ ୨୮୯ କେନ୍ଦ୍ରରେ ବିଲ୍ଡିଂ ନିର୍ମାଣାଧୀଥିବା ବେଳେ ୪୮୦ଟି ପାଇଁ ସ୍ଥାନ ଚିହ୍ନଟ ହୋଇପାରୁନାହିଁ। ସେହିପରି ୧୧୭ କାର୍ଯ୍ୟାଦେଶ ଦିଆଯାଇ ନ ଥିବାବେଳେ ୨୧୭ଟି କାର୍ଯ୍ୟ ଆରମ୍ଭ ହେବାକୁ ନାହିଁ। ସରକାର ଅନୁଦାନ ଦେଉଥିବାବେଳେ ଏହାର ବିନିଯୋଗରେ ଯଥେଷ୍ଟ ବିଳମ୍ବ ଜନ ଅସନ୍ତୋଷର କାରଣ ହୋଇଛି । ଧରିତ୍ରୀରେ ଗତ ଅକ୍ଟୋବର ୧୮ରେ ପ୍ରକାଶିତ ଏହି ଖବରର ଗୁରୁତ୍ୱ ଜିଲା ଯୋଜନା କମିଟି ସମୀକ୍ଷା ବୈଠକରେ ପ୍ରତିଫଳିତ ହୋଇଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ବୈଠକରେ ଜିଲାପାଳ ପାରୁଲ ପଟୱାରୀ ଅଙ୍ଗନୱାଡି କେନ୍ଦ୍ର ଗୃହ ନିର୍ମାଣରେ ବିଳମ୍ବକୁ ସ୍ୱୀକାର କରିବା ସହ ଏହି ସମସ୍ୟାଗୁଡିକର ସମାଧାନ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ, ଅଙ୍ଗନୱାଡି କେନ୍ଦ୍ର ନିର୍ମାଣରେ ଜମିଜମା ସମସ୍ୟା ବାଧକ ସାଜିଛି। ଏହାର ସମାଧାନ ପାଇଁ ତହସିଲଦାରମାନେ ବିଶେଷ ଦାୟିତ୍ୱବାନ ହୋଇ ପଦକ୍ଷେପ ନିଅନ୍ତୁ। ଏହାବାଦ୍ ମିଶ୍ରଣ ହୋଇଥିବା ବିଦ୍ୟାଳୟଗୁଡିକର ଖାଲି ବିଲ୍ଡିଂରେ ଅଙ୍ଗନୱାଡି କେନ୍ଦ୍ର ଚାଲୁ କରିବାକୁ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ ଯୋଗଦେଇ ଜଗତ୍‌ସିଂହପୁର ଜିଲାର ଗାରିମା ବଖାଣିଥିଲେ। ସେ କହିଥିଲେ ଜଗତ୍‌ସିଂହପୁର ଏକ ସଂସ୍କୃତି ସମ୍ପନ୍ନ ଜିଲା। ଏ ଜିଲାର ଅଧିକାଂଶ ଲୋକ କୃଷି, ପ୍ରାଣୀପାଳନ ଓ ବାଣିଜ୍ୟ ଉପରେ ନିର୍ଭର କରନ୍ତି। ଜିଲାର ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଶିଳ୍ପ, ପ୍ରାଣୀପାଳନ, ଗମନାଗମନ, ମହିଳା ଓ ଶିଶୁ ବିକାଶର ଉନ୍ନତି ପାଇଁ ସମସ୍ତ ସଦସ୍ୟ ଯାହା ମତାମତ ଦେବେ ତାହାକୁ ଜିଲାର ବାର୍ଷିକ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ରାଜ୍ୟ ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବ। ତା'ପରେ ଅନୁମୋଦନ ଲାଭ କରିବ। ବୈଠକରେ ପୂର୍ବ ଯୋଜନା କମିଟି ନିଷ୍ପତ୍ତି ଅନୁଯାୟୀ ଯେଉଁ ପ୍ରକଳ୍ପମାନ ଅନୁମୋଦନ ଲାଭ କରିଥିଲା ତାର ଅଗ୍ରଗତି ବିଶେଷକରି ବାକି କାମ ସାରିବା ଉପରେ ଆଲୋଚନା ହୋଇଥିଲା। ଏହାବାଦ୍ ଜିଲାରେ କେତେ ଜଳସେଚିତ ଓ ଅଣଜଳସେଚିତ ଜମି ରହିଛି ତା ଉପରେ ସମୀକ୍ଷା ହୋଇଥିଲା । କୃଷି ଓ ଜଳ ସମ୍ପଦ ବିଭାଗ ମିଳିତ ବୈଠକ କରି ସମସ୍ତ ଅଞ୍ଚଳକୁ ଜଳସେଚିତ କରିବା ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ମନ୍ତ୍ରୀ ଉଭୟ ବିଭାଗକୁ ପରାମର୍ଶ ଦେଇଥିଲେ । ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡିକର ଅଗ୍ରଗତି ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. କ୍ଷେତ୍ରବାସୀ ଦାଶ ସୂଚନା ଦେଇଥିଲେ। ଏହି ସମୟରେ ମନ୍ତ୍ରୀ ଗାଁ ପରିମଳ ଉପରେ ଗୁରୁତ୍ୱ ଦେଇ ଜିକେଏସ୍ ଅର୍ଥରେ ଖତଗଡିଆ, ଦଳଗଡିଆ ଆଦିକୁ ସଫା କରିବାକୁ ପରାମର୍ଶ ଦେଇଥିଲେ । ବୈଠକରେ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି ଶ୍ରମିକମାନଙ୍କ ଡାଟାବେସ୍ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଥିଲେ। ଏମ୍‌ପି ରାଜଶ୍ରୀ ମଲ୍ଲିକ, ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, ଜିଲା ପରିଷଦ ସଭାପତି ମନୋଜ ଭୋଇ ଓ ଜିଲା ଯୋଜନା କମିଟି ଏକ୍ସପଟ କମିଟି ସଭ୍ୟ ଶାରଦା ପ୍ରସାଦ ଜେନା ପ୍ରମୁଖ ସମୀକ୍ଷାରେ ଅଂଶଗ୍ରହଣ କରିଥିଲେ। ପାରାଦୀପରେ ଥିବା ଶିଳ୍ପ ସଂସ୍ଥାଗୁଡିକରେ ବାହାର ରାଜ୍ୟର ଅଧିକ ଶ୍ରମିକ କାମ କରୁଛନ୍ତି। ସେସବୁ ସଂସ୍ଥାରେ ଜିଲାର ଶ୍ରମିକଙ୍କୁ ଅଧିକ ସଂଖ୍ୟାରେ ଅନ୍ତର୍ଭୁକ୍ତ କରିବା ଉପରେ ମତ ପ୍ରକାଶ ପାଇଥିଲା। ବୈଠକରେ କୃଷି, ସ୍ୱାସ୍ଥ୍ୟ, ମତ୍ସ୍ୟ ସମ୍ପଦ, ଜଳସମ୍ପଦ, ଉଠା ଜଳସେଚନ, ଶ୍ରମ ଓ ନିୟୋଜନ, ମହିଳା ଓ ଶିଶୁ ବିକାଶ ବିଭାଗ ସମ୍ପର୍କରେ ସମୀକ୍ଷା ହୋଇଥିଲା। ଶେଷରେ ଯୋଜନା ସହକାରୀ ନିର୍ଦ୍ଦେଶିକା ରେଖା ଦାସ ଧନ୍ୟବାଦ ଦେଇଥିଲେ।





ସମୀକ୍ଷା ବୈଠକରେ ଯୋଗଦେଇଥିବା ଲୋକପ୍ରତିନିଧି ଓ ସରକାରୀ ଅଧିକାରୀମାନେ।

**ଜିଲା ଯୋଜନା କମିଟି ସମୀକ୍ଷା ବୈଠକ**

- ଅଣଜଳସେଚିତ ଜମିକୁ ଜଳସେଚନ କର
- ଶ୍ରମିକମାନଙ୍କ ଡାଟାବେସ୍ ପ୍ରସ୍ତୁତ ଉପରେ ଗୁରୁତ୍ୱ

# ଫୁଟ୍‌ବଲ ଟୁର୍ନାମେଣ୍ଟ: ପ୍ରତାପନଗରୀ ଚାମ୍ପିୟନ

ବିରିଡି, ୮।୧୧(ଡି.ଏନ.ଏ.)

ବିରିଡି ବ୍ଲକ ୨୨ମୌଜା ମଇଁଦିପୁର କମଳପୁର ଯୁବକ ସଂଘ ଆନୁକୂଲ୍ୟରେ ୩୮ତମ ଏକଦିବସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ବୈଦ୍ୟନାଥ କ୍ରିଡା ସଂସଦ ଖେଳପଡିଆରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ପୁରଣ ସରପଞ୍ଚ ଯୁଧିଷ୍ଠିର ବେହେରା ଉଦ୍‌ଘାଟନ କରିଥିଲେ। ଟୁର୍ନାମେଣ୍ଟରେ ବିଭିନ୍ନ ଅଞ୍ଚଳର ୮ ଫୁଟ୍‌ବଲ ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ପ୍ରତାପନଗରୀ ଓ ତିନିଘରିଆ ମଧ୍ୟରେ ହୋଇଥିଲା। ଶେଷ ପର୍ଯ୍ୟନ୍ତ କେହି କାହାରିକୁ ଗୋଲଦେଇ ପାରି ନ ଥିଲେ । ପରେ ଟାଇବ୍ରେକର ଜରିଆରେ ପ୍ରତାପନଗରୀ ୫-୩ ଗୋଲରେ ବିଜୟୀ ହୋଇଥିଲା । ଟୁର୍ନାମେଣ୍ଟରେ ମୁଖ୍ୟଅତିଥି ଭାବେ ଜଗତ୍‌ସିଂହପୁର ଏମପି ଡା. ରାଜଶ୍ରୀ ମଲ୍ଲିକ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବେ ଜିଲାପରିଷଦ ସଭ୍ୟ ଚନ୍ଦ୍ରଶେଖର ଦାଶ, ସରପଞ୍ଚ ଲକ୍ଷ୍ମୀପ୍ରିୟା ଜେନା, ରମାକାନ୍ତ ଭୋଇ, ଶିବପ୍ରସାଦ ଜେନା, କାଳନ୍ଦୀ ଚରଣ ବସ୍ତିଆ ଯୋଗଦେଇଥିଲେ। ଯୁବକ ସଂଘର ଉପଦେଷ୍ଟା ବିମ୍ବାଧର ଦାଶ ସଭାପତିତ୍ୱ କରିଥିଲେ। ଏମ୍‌ପି ଡା. ମଲ୍ଲିକଙ୍କ ଅନ୍ୟତ୍ର କାର୍ଯ୍ୟ ହେତୁ ସଭାସ୍ଥଳରୁ ଚାଲିଯାଇଥିଲେ। ଅନ୍ୟ ଅତିଥିମାନେ ପ୍ରତାପନନଗରୀ ଟିମ୍‌କୁ ଚାମ୍ପିୟନ କପ୍ ସହ ୮ହଜାର ଟଙ୍କା ପ୍ରଦାନ କରିଥିଲେ । ସେହିପରି ତିନିଘରିଆ ଟିମକୁ ରନର୍ସ ଅପ୍ କପ ସହ ୬ହଜାର ଟଙ୍କା ଦିଆଯାଇଥିଲା। ଏହି ଅବସରରେ ରାଜେନ୍ଦ୍ର ମହାନ୍ତି, ସୁନିଲ ପଟ୍ଟନାୟକ, ପ୍ରଦୀପ୍ତ ମହାନ୍ତି, ଜ୍ୟୋତିରଞ୍ଜନ ସ୍ୱାଇଁ ଓ ଅଶୋକ କନୱାର, ଟୁକୁନା ଭୋଇଙ୍କୁ ସାନ୍ତ୍ୱନା ମୂଳକ ପୁରସ୍କାର ଦିଆଯାଯାଇଥିଲା । ଏହି କାର୍ଯକ୍ରମରେ ଯୁବକ ସଂଘ ସଭାପତି ରାସ ବିହାରୀ ଦାସ, ପ୍ରଫେସର ଲଳିତ ମୋହନ ପଟ୍ଟନାୟକ, ସମ୍ପାଦକ ସୁବ୍ରତ ପଟ୍ଟନାୟକ, ଉପସଭାପତି ବିଶ୍ୱଜିତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଅତିଥିଙ୍କ ଗ୍ରହଣରେ ଚାମ୍ପିୟନ ଟ୍ରଫି ସହ ବିଜୟୀ ଦଳର ଖେଳାଳି।

# ପରିବାର ସହ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ



ବୈଠକରେ ଯୋଗଦେଇଥିବା କର୍ମଚାରୀ ସଂଘର ସଦସ୍ୟମାନେ।

ରଘୁନାଥପୁର,୮।୧୧(ଡି.ଏନ୍.ଏ.)

**■ ଓଡ଼ିଶା ପଞ୍ଚାୟତ କର୍ମଚାରୀ ସଂଘ**

ରଘୁନାଥପୁର ବ୍ଲକ ତାରପୁରସ୍ଥିତ ମାନାରାୟଣୀ ପୀଠରେ ଓଡ଼ିଶା ପଞ୍ଚାୟତ କର୍ମଚାରୀ ସଂଘ ଜଗତସିଂହପୁର ଜିଲା ପକ୍ଷରୁ ମଙ୍ଗଳବାର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ୧୯୮ ପଞ୍ଚାୟତରେ କାର୍ଯ୍ୟରତ ୧୫୪ ପିଅନ, ରାତ୍ରଜଗୁଆଳ ଓ ସୁଇପରଙ୍କ ଜୀବନ ଜୀବିକା ନେଇ ଚିନ୍ତାବ୍ୟକ୍ତ କରାଯାଇଥିଲା। ଦୀର୍ଘଦିନ ଧରି ସ୍ୱଳ୍ପ ପ୍ରାପ୍ୟରେ ସରକାରୀ ସେବାରେ ନିୟୋଜିତ ଥିବା କର୍ମଚାରୀଙ୍କ ସ୍ଥାୟୀ ନିଯୁକ୍ତି, ସମାନ କାମକୁ ସମାନ ଦରମା, ଶ୍ରମ ନିୟୋଜନ ବିଭାଗ କାଟଗୋରୀରେ କର୍ମଚାରୀଙ୍କୁ ସାମିଲ କରିବା, ଦୈନିକ ସର୍ବନିମ୍ନ ମଜୁରୀ ୩୩୩ ଟଙ୍କାରୁ କମ ନ କରିବା ପାଇଁ ପ୍ରତି ପଞ୍ଚାୟତକୁ ଷ୍ଟାଣ୍ଡିଙ୍ଗ ଅର୍ଡର ପଠାଯିବା, ନିୟମିତ ଦରମା ଦେବା ଓ ଚାକିରୀ କ୍ଷେତ୍ରରେ ସୁରକ୍ଷା ପ୍ରଦାନ ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ମାର୍ଚ୍ଚ ୫ ପଞ୍ଚାୟତିରାଜ ଦିବସ ପୂର୍ବରୁ ସରକାର ଉକ୍ତ ଦାବିଗୁଡିକ ପୂରଣ ନ କଲେ ସମ୍ପୃକ୍ତ କର୍ମଚାରୀମାନେ ପରିବାର ସହ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି। ଆୟୋଜିତ ବୈଠକରେ ଜିଲା ସଭାପତି ପ୍ରଭାତ ବେହେରା ପୌରୋହିତ୍ୟ କରି କହିଥିଲେ, ଏସବୁ ଦାବି ସମ୍ପର୍କରେ ପଞ୍ଚାୟତିରାଜ ବିଭାଗକୁ ଅବଗତ କରାଯାଇଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ରାଜ୍ୟ ଅର୍ଥ ବିଭାଗ ପଞ୍ଚାୟତିରାଜ ଆଇନ ୧୨୩/୧୯୬୪ ଓ ୧୨୫/୨୦୧୪ ସଂଶୋଧନ ହୋଇ ନ ଥିବା ଆଳ ଦେଖାଇ ବାରମ୍ବାର ଫାଇଲ ଫେରାଇ ଦେଉଛି। ନିକଟରେ ସରକାର ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ନିୟମିତ କରିଥିବାବେଳେ ଦୀର୍ଘଦିନ ଧରି ରାଜ୍ୟର ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟରତ ୮୮୨୧ ପିଅନ, ରାତ୍ରଜଗୁଆଳ ଓ ସୁଇପରଙ୍କୁ ଅଣଦେଖା କରାଯାଉଛି ବୋଲି ସଂଘର ଜିଲା ସମ୍ପାଦକ ସନାତନ ବାରିକ ପ୍ରକାଶ କରିଛନ୍ତି। ବୈଠକରେ ରାଜ୍ୟ କମିଟି ସଭ୍ୟ ଶରତ ଚନ୍ଦ୍ର ସ୍ୱାଇଁ, ଶେଖ ଜାକିର ଅଲ୍ଲୀ, ଆଲୋକ ସାମଲ, ଶିବ ଚରଣ ଖଟୁଆ, ଶିଶିର ନାୟକ, ରାମଚନ୍ଦ୍ର ସ୍ୱାଇଁଙ୍କ ସମେତ ୮ ବ୍ଲକର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଚାପକୁ ନିୟନ୍ତ୍ରଣ ଉପରେ ଗୁରୁତ୍ୱ

ପାରାଦୀପ,୮।୧୧(ସ୍ୱ.ପ୍ର.)

ପ୍ରଜାପିତା ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପାରାଦୀପ ଶାଖା ପକ୍ଷରୁ ମଙ୍ଗଳବାର ଦିନିକିଆ ସଦଭାବନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଏହି ଅନୁଷ୍ଠାନ ଭକ୍ତ ଓ ଛାତ୍ରୀଛାତ୍ରଙ୍କୁ ନେଇ ସାଇକେଲ ରାଲି ଓ ସଦଭାବନା ଯାତ୍ରା କରାଯାଇଥିଲା। ମଧ୍ୟାହ୍ନରେ ଦୁଇଘଣ୍ଟିଆ ଆଲୋଚନା ଚକ୍ର ଅଫିସର୍ସ କ୍ଲବ ପରିସରରେ ଅନୁଷ୍ଠିତ ହୋଇଥିଲା। ଚାପକୁ କିପରି ନିୟନ୍ତ୍ରଣ କରାଯିବ ସେ ସମ୍ପର୍କରେ ବ୍ରହ୍ମାକୁମାରୀ ସୁଦ୍ଧା, ଋଷର ମସ୍କୋରୁ ଆସିଥିବା ଡିରେକ,ବନ୍ଦର ଅଧ୍ୟକ୍ଷ ପି ଏଲ ହାରାନ୍ଧ, କମଳେଶ ପ୍ରମୁଖ ଆଲୋଚନା କରିଥିଲେ। ସନ୍ଧ୍ୟାରେ ବାଲିଯାତ୍ରା ମଣ୍ଡପରେ ଆଲୋଚନା ଓ ସ୍ନେହ ମିଳନ ହୋଇଥିଲା। ପାରାଦୀପ ଶାଖାର ଭଉଣୀ ସୁମନ ଓ ଅନ୍ୟମାନେ ଏହାକୁ ସଞ୍ଚାଳନ କରିଥିଲେ।



# ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ନିଲମ୍ବନ କଲେ ବିଇଓ

ନାଉଗାଁ,୮।୧୧(ସ୍ୱ.ପ୍ର.)

**ମଧ୍ୟାହ୍ନଭୋଜନ ପାଇଁ ପିଲାମାନେ ବଜାରରୁ ଅଣ୍ଡା ଆଣିବା ଘଟଣା**

ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକ ଅଧିନ ଗଙ୍ଗଦାହାଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପିଲାମାନେ ପାଠ ପଢିବା ସମୟରେ ମଧ୍ୟାହ୍ନଭୋଜନ ପାଇଁ ସାଇକେଲରେ ଅଣ୍ଡା ଆଣିବା ଘଟଣାରେ ବ୍ଲକ ଶିକ୍ଷାଧିକାରୀ(ବିଇଓ) ପ୍ରଧାନ ଶିକ୍ଷୟିତ୍ରୀ ଖୁଲଣା ଦାସଙ୍କୁ ନିଲମ୍ବିତ କରିଛନ୍ତି। ଏନେଇ ବ୍ଲକଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ୭-୧୧-୨୨ରେ ନିର୍ଦ୍ଦେଶନାମା (ନଂ. ୧୮୮୮) ଜାରି କରାଯାଇଛି। ଏହାର ନକଲ ସମ୍ପୃକ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମେତ ଜିଲା ଶିକ୍ଷାଧିକାରୀ, ପ୍ରଧାନ ଶିକ୍ଷକ ବାଲିସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟଙ୍କୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ଏହି ବିଦ୍ୟାଳୟଟି ପୂର୍ତ୍ତ ବିଭାଗର କୋକିଡିଅ-ତେଲସରା ରାସ୍ତା ପାର୍ଶ୍ୱରେ ଅବସ୍ଥିତ। ଏହା ସମ୍ମୁଖରେ ଗୋବରୀ ନାଳ ଓ ନିକଟରେ ଗଙ୍ଗଦାହାଟ ରହିଛି। ଉକ୍ତ ରାସ୍ତା ଦେଇ ଦୈନିକ ଶହ ଶହ ଗାଡି ଯାତାୟାତ କରୁଛି। ଏନେଇ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଓ ଅଭିଭାବକମାନେ କିଛି ଦିନ ତଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପିଲାମାନଙ୍କ ପାଠପଢା ସମୟରେ ବାହାରେ ଯେପରି ବୁଲାବୁଲି ନ କରନ୍ତି କିମ୍ବା କୌଣସି ପିଲାଙ୍କୁ ବିନା କାରଣରେ ବାହାରକୁ ନ ଛାଡିବା ପାଇଁ କହିଥିଲେ। କିନ୍ତୁ ୧୦ ସେପ୍ଟମ୍ବରରେ ବିଦ୍ୟାଳୟରେ ପାଠପଢା ସମୟରେ ପିଲାମାନେ ମଧ୍ୟାହ୍ନ ଭୋଜନ ପାଇଁ ବାହାରେ ସାଇକେଲରେ ଅଣ୍ଡା ନେଇ ଯାଉଥିବାର ଦେଖିବାକୁ ମିଳିଥିଲା। ଏହି ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବାପରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଖୁଲଣା ଓ ସିଆରସିସିଙ୍କୁ ୧୫ ସେପ୍ଟମ୍ବରରେ ବିଇଓ ମନୋରମା ରାଉତ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ଏଥିସହ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

# ଖାଦ୍ୟ ଅନୁଧାନ କଲେ ସ୍ୱାସ୍ଥ୍ୟ କର୍ମଚାରୀ

ଜଗତ୍‌ସିଂହପୁର ଅଫିସ, ୮।୧୧

**ଦୋକାନୀଙ୍କଠାରୁ ଜରିମାନା ଆଦାୟ**

ନାଉଗାଁ ବ୍ଲକ ଅନ୍ତର୍ଗତ ଶିଖର ଘାଟଠାରେ ମଙ୍ଗଳବାର ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଯାଇଛି। ଏନେଇ ସେଠାରେ ଗୁପଚୁପ ସାଙ୍ଗକୁ ଉଠା ଜଳଖିଆ ଦୋକାନ ଦେଖିବାକୁ ମିଳିଥିଲା। ସେସବୁ ଖାଦ୍ୟ କିପରି ରହିଛି ତାହା ଅନୁଧାନ ପାଇଁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡିଏମ୍‌ଓ) ଡା. କ୍ଷେତ୍ରବାସୀ ଦାଶ, ସ୍ୱାସ୍ଥ୍ୟ ନିରାପତ୍ତା ଅଧିକାରୀ ସମିତା ଦାସଙ୍କ ସମେତ ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ଡେପୁଟୀ ପରିଚାଳକ ସୁକାନ୍ତ ପ୍ରଧାନ ଓ ନାଉଗାଁ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀମାନେ ସେଠାରେ ପହଞ୍ଚିଥିଲେ । ସେମାନେ ୧୬ଟି ଦୋକାନ ଦେଖିବା ସହ ପରିଷ୍କାର, ପରିଚ୍ଛନ ରଖିବାକୁ ବୁଝାଇଥିଲେ। କେତୋଟି ଦୋକାନ ଫୁଡ ଲାଇସେନ୍ସ କରି ନ ଥିବାରୁ ସିଡିଏମ୍‌ଓ ଅସନ୍ତୋଷ ବ୍ୟକ୍ତ କରିବା ସହ ଜରିମାନା ଆଦାୟ କରିଥିଲେ। ଏଥିସହ ଆଗାମୀ ୭ ଦିନ ମଧ୍ୟରେ ଫୁଡ ଲାଇସେନ୍ସ କରିବାକୁ ପରାମର୍ଶ ଦେଇଥିଲେ।



ସ୍ୱାସ୍ଥ୍ୟ ଅଧିକାରୀମାନେ ଖାଦ୍ୟରମାନ ଯାଞ୍ଚ କରୁଛନ୍ତି।

# 'ନୌବାଣିଜ୍ୟ ପରମ୍ପରା ଉତ୍କଳୀୟଙ୍କ ସାହସିକତାର ପରିଚୟ'

ଜଗତ୍‌ସିଂହପୁର ଅଫିସ/କୁଜଙ୍ଗ/ନାଉଗାଁ/ବାଲିକୁଦା/ତିର୍ତ୍ତୋଲ (ସ୍ୱ.ପ୍ର./ଡି.ଏନ୍.ଏ.), ୮।୧୧ :

ଜଗତ୍‌ସିଂହପୁର ଗୋପାଳସାଗରସ୍ଥିତ ସାଇ ମନ୍ଦିର ନିକଟରେ ଜିଲାସ୍ତରୀୟ କାର୍ତ୍ତିକ ପୂର୍ଣ୍ଣମୀ ଓ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ନିକଟ ପୁଷ୍କରିଣୀରେ ବୋଇତ ବନ୍ଦାଣ ପରେ ସାଇ ମନ୍ଦିର ସମ୍ମୁଖରେ ଝୋଟି ପ୍ରତିଯୋଗିତା ହୋଇଥିଲା। ଏଥିରେ ମନିଷା ମିଶ୍ର ପ୍ରଥମ, ସ୍ଥିତପ୍ରଜ୍ଞା ଜେନା ଦ୍ୱିତୀୟ ଓ ବୈଜୟନ୍ତୀ ତ୍ରିପାଠୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଜିଲାପାଳ ପାରୁଲ ପଟୱାରୀ ପୁରସ୍କାର ସହ ପ୍ରମାଣପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଜିଲା ସଂସ୍କୃତି ଅଧିକାରୀ ଦିଲୀପ କୁମାର ଜେନା ପରିଚାଳନା କରିଥିଲେ । ସେହିପରି ଏରସମା ବ୍ଲକ୍ ଅନ୍ତର୍ଗତ ଢ଼ିଙ୍କିଆ ନିକଟସ୍ଥ ବଙ୍ଗୋପସାଗର ବେଳାଭୂମିରେ ଜଟାଧାର ବେଳାଭୂମି ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଢ଼ିଙ୍କିଆ ସରପଞ୍ଚ କିଶୋର କୁମାର ପରିଡ଼ାଙ୍କ ଅଧ୍ୟକ୍ଷତା କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ପାରାଦୀପର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ନିମାଇଁ ଚରଣ ସେଠୀ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଭୟଚାନ୍ଦପୁର ଥାନା ଅଧିକାରୀ ଜୀବନାନନ୍ଦ ଜେନା, ଅନ୍ୟତମ ଅତିଥିଭାବେ ଜିଲା ପରିଷଦ ସଭ୍ୟ ପୀତବାସ ଗୋଚ୍ଛାୟତ, ଢ଼ିଙ୍କିଆ ଗ୍ରାମ୍ୟ ସୁରକ୍ଷା କମିଟି ଉପଦେଷ୍ଟା ତଥା ଶ୍ରମିକ ନେତା ନିର୍ଭୟ ସାମନ୍ତରାୟ, ନାଟ୍ୟ ନିର୍ଦ୍ଦେଶକ ରଞ୍ଜନ ବର୍ଦ୍ଧନ, ପୂର୍ବତନ ସରପଞ୍ଚ ଶିଶିର ମହାପାତ୍ର, ଗ୍ରାମ କମିଟି ସଭାପତି ନୃସିଂହ ରାଉତ ପ୍ରମୁଖ ଯୋଗଦେଇ ଉତ୍କଳ ନୌବାଣିଜ୍ୟ ପରମ୍ପରା ଉପରେ ଆଲୋକପାତ କରି ନୌବାଣିଜ୍ୟ ପରମ୍ପରା ଉତ୍କଳୀୟଙ୍କ ସାହାସୀକତାର ପରିଚୟ ବୋଲି କହିଥିଲେ।

ଏହି ଅବସରରେ ଏକ ସୁସଜ୍ଜିତ ନୌକାରେ ସାତଜଣ ସାଧବ ବେଶରେ ସଜ୍ଜିତ ହୋଇ ବୋଇତରେ ଯାତ୍ରା କରିଥିଲେ। ଉକ୍ତ ଉତ୍ସବ ତିନିଦିନ ଧରି ଚାଲିବ। ନାଉଗାଁ ବ୍ଲକ ଅନ୍ତର୍ଗତ ଶିଖର ପଞ୍ଚୟତ ଶିଖରଘାଟର ଦେବୀନଦୀ ପଠାରେ ଅଷ୍ଟମ ବାର୍ଷିକ ବୋଇତ ବନ୍ଦାଣ ଉତ୍ସବ ଓ ନାଉଗାଁ ମହୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏନେଇ ସାରେଇକୂଳସ୍ଥିତ ଶ୍ରୀମା ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ରୀଛାତ୍ରମାନେ ସାଧବ ପୁଅ ଓ ସାଧବ ବୋହୂ ବେଶରେ ସୁସଜ୍ଜିତ ହୋଇ ଏକ ଶୋଭାଯାତ୍ରାରେ ଆସିବା ପରେ ସେମାନଙ୍କୁ ବନ୍ଦାପନା କରାଯାଇଥିଲା। ପୁରୀ ରାଧାବଲ୍ଲଭ ମଠର ମଠାଧିଶ ରାମକୃଷ୍ଣ ଦାସଙ୍କ ଦ୍ୱାରା ବୋଇତ ବନ୍ଦାଣ ଉତ୍ସବ ଉଦ୍‌ଘାଟିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଆୟୋଜିତ ସଭାରେ ଗୋଠଦା ମଠର ମଠାଧୀଶ ତଥା ଅନୁଷ୍ଠାନର ସଭାପତି ମହନ୍ତ ମହାରାଜ ଚିନ୍ତାମଣୀ ପର୍ବତ ଗୋସ୍ୱାମୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଜଗତ୍‌ସିଂହପୁର ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି, ମୁଖ୍ୟବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ଓଡିଆ ବିଭାଗର ଅବସରପ୍ରାପ୍ତ ପ୍ରଫେସର ଡା.ସନ୍ତୋଷ ତ୍ରିପାଠୀ, ସମ୍ମାନିତ ବକ୍ତା ଭାବେ ଅନୁଷ୍ଠାନର ଉପଦେଷ୍ଟା ପ୍ରତାପ କୁମାର ମିଶ୍ର, ସମ୍ମାନିତ ଅତିଥିଭାବେ ଜଗତସିଂହପୁର ଜିଲା ପରିଷଦ ଅଧ୍ୟକ୍ଷ ମନୋଜ ଭୋଇ,ନାଉଗାଁ ପଞ୍ଚାୟତ ସମିତି ଅଧ୍ୟକ୍ଷା ତୃପ୍ତା ଲେଙ୍କା, ଉପାଧ୍ୟକ୍ଷ ସୁଜିତ୍ ପୁହାଣ, ଶିଖର ପଞ୍ଚାୟତ ସରପଞ୍ଚ କବିତା ନାୟକ ଉପସ୍ଥିତ ଥିଲେ। ସେହିପରି ବାଲିକୁଦାରେ ତିନି ମୁହାଣି ବୋଇତ ବନ୍ଦାଣ ଉତ୍ସବ ସମିତି ପକ୍ଷରୁ ୧୬ ତମ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଯାଇଛି । ବିଷ୍ଣୁ ଚରଣ ଶତପଥୀ ବେଦ ଧ୍ୱନୀ ଓ ପୂଜାପାଠ କରିବା ପରେ ବୋଇତ ବନ୍ଦାଣ କାର୍ଯ୍ୟ କରାଯାଇଥିଲା । ସମିତିର ସଭାପତି ଶିବବ୍ରତ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ପ୍ରଫେସର ଜ୍ୟୋତିରଞ୍ଜନ ଦାସ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ପଣ୍ଡିତ ହୃଷିକେଶ ସାହୁ, ଅନ୍ୟତମ ଅତିଥି ଭାବେ ଜିଲାପରିଷଦ ସଦସ୍ୟ ଜଟାଧାରୀ ଦାସ, ସ୍ୱତନ୍ତ୍ର ଅତିଥି ଭାବେ ବାଲିକୁଦା ସରପଞ୍ଚ ରାଜକିଶୋର ସାହୁ, ସମିତି ସଭ୍ୟାଙ୍କ ପ୍ରତିନିଧି ରଶ୍ମିରଞ୍ଜନ ରାଉତ, କାଳିଓ ସରପଞ୍ଚ ଯଯେନ୍ଦ୍ର ନାୟକ, ସମିତିସଭ୍ୟ ସମୀର ସେନାପତି, ଅଢ଼ଙ୍ଗା ସରପଞ୍ଚ ସୁବ୍ରତ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ତିର୍ତ୍ତୋଲ ଥାନା ଅଧୀନ କାଇଁଟୋଳ ଗ୍ରାମରେ ବଟ ମହାପୁରୁଷ ସେବା ସଙ୍ଗଠନ ପକ୍ଷରୁ କାର୍ତ୍ତିକ ପୂର୍ଣ୍ଣମୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସଙ୍ଗଠନ ସମ୍ପାଦିକା ବିଭୂଷିତା ଦାସଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ ସଭା ଅନୁଷ୍ଠିତ ହୋଇଥିଲା। ଏହାକୁ ନାରିନେତ୍ରୀ ସୋହାଗିନୀ ବେହେରା ଉଦ୍‌ଘାଟନ କରିଥିଲେ। ସୁଶ୍ରୀ ଶୁଭଶ୍ରୀ ସାହିତ୍ୟସଂସଦର ସମ୍ପାଦିକା ବସନ୍ତ ମଞ୍ଜରୀ ଦାସ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରଫେସର ହେମେନ୍ଦ୍ର ନାରାୟଣ ଦାସ,ମୁଖ୍ୟବକ୍ତା ଭାବେ ନବ କାକଳିର ସମ୍ପାଦକ ଡ.ସୁରେନ୍ଦ୍ର ନାଥ ତ୍ରିପାଠୀ, ବରେଣ୍ୟ ଅତିଥି ଡ. ଦେବଦତ୍ତ ସାମନ୍ତରାୟ, ସମ୍ମାନିତ ଅତିଥି ଭାବେ ଆଇନଜୀବୀ ମଞ୍ଜୁଲତା ରାଉତ, ପ୍ରିୟଦର୍ଶିନୀ ମିନାକ୍ଷୀ ନାୟକ, କୈଳାସ ଚନ୍ଦ୍ର ଦଳାଇ ପ୍ରମୁଖ ଯୋଗଦେଇଥିଲେ।



କୁଜଙ୍ଗରେ ଆୟୋଜିତ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ।



ଗୋପାଳସାଗର ସାଇମନ୍ଦିରରେ ଅନୁଷ୍ଠିତ ଝୋଟି ପ୍ରତିଯୋଗିତା।

# ନୌବାଣିଜ୍ୟ ସହ ହେଉଥିଲା ସାଂସ୍କୃତିକ ମିଳନ

କେନ୍ଦ୍ରାପଡ଼ା ଅଫିସ, ୮।୧୧

କେନ୍ଦ୍ରାପଡ଼ା ଜିଲାର ନୌବାଣିଜ୍ୟ ପରମ୍ପରା ପ୍ରାଚୀନ। ସାଧବ ପୁଅ କନିକା ଉପସାଗରରୁ ବାଲି, ସିଂହଳ, ଜାଭା ଆଦି ଦେଶକୁ ଯାଇ ବ୍ୟବସାୟ କରୁଥିଲେ। ଏହା ବ୍ୟବସାୟ ମଧ୍ୟରେ ସୀମିତ ନ ରହି ସାଂସ୍କୃତିକ ମିଳନ ହେଉଥିଲା। ଏହାର ପ୍ରତ୍ୟକ୍ଷ ନିଦର୍ଶନ କେନ୍ଦ୍ରାପଡ଼ା ଜିଲା ସାରା ଦେଖାଯାଉଛି ବୋଲି ଜିଲା ବୋଇତ ବନ୍ଦାଣ ସମିତିର ୫୪ତମ ଜୟନ୍ତୀ ଉତ୍ସବରେ ଅତିଥିମାନେ ପ୍ରକାଶ କରିଛନ୍ତି। ସହରର ଟାଉନହଲଠାରେ ସମିତି ମୁଖ୍ୟ ଉପଦେଷ୍ଟା ପ୍ରଦୀପ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୁକ୍ତରାଷ୍ଟ୍ର ଆମେରିକା ଆଲାସ୍କା ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଦେବେନ୍ଦ୍ର କୁମାର ଦାସ, ଜଙ୍ଗଲ ଓ ପରିବେଶ ବିଭାଗ ସଚିବ ମଧୁସୂଦନ ଦାସ, ସ୍ୱାସ୍ଥ୍ୟବିଭାଗ ପୂର୍ବତନ ଯୁଗ୍ମ ନିର୍ଦ୍ଦେଶକ ଡା. ସୁଧୀର କୁମାର ବ୍ରହ୍ମା, ପୂର୍ବତଟ ରେଳ ବିଭାଗ ବରିଷ୍ଠ ପ୍ରଶାସକ ତଥା କବି ନିରାକାର ଦାସ, ପୌରାଧ୍ୟକ୍ଷା ସରିତା ସାହୁ, ଶିକ୍ଷାବିତ୍ ତଥା ସାମାଜିକ କର୍ମୀ ଅଜୟ କୁମାର ରାଉତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।



ବୋଇତ ବନ୍ଦାଣ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ଅତିଥିମାନେ ପ୍ରକାଶ କରିଥିଲେ ଯେ, ଖୁଦୁରୁକୁଣୀ ଓଷାର ମୁଖ୍ୟ ନାୟିକା ସାଧବ ଝିଅ ତଅପୋଇର ଘର ରାଜନଗର ବ୍ଲକ ସାତଭାୟା ଅଞ୍ଚଳରେ ବୋଲି ବିଭିନ୍ନ ତଥ୍ୟକୁ ବିଶ୍ଳେଷଣ କଲେ ସୂଚନା ମିଳୁଛି। ଏଥିସହ ରାଜନଗର, ରାଜକନିକା, ଆଳି, ପଟ୍ଟାମୁଣ୍ଡାଇ, ମହାକାଳପଡ଼ା ବ୍ଲକ ଅଞ୍ଚଳରେ ନୌବାଣିଜ୍ୟ ପରମ୍ପରାର ସ୍ମାରକୀ ଭାବେ ମନ୍ଦିର ନିର୍ମାଣ ସହ ଅନ୍ୟାନ୍ୟ ନିଦର୍ଶନ ଦେଖିବାକୁ ମିଳୁଛି। ପଟ୍ଟାମୁଣ୍ଡାଇରେ ନଦୀଭିତ୍ତିକ ବନ୍ଦର, ପେଣ୍ଠ ସମୁଦ୍ର ପଥଠାରୁ ଆରମ୍ଭକରି ଦରିଆ ନାହାକାଣୀ, ଅଲେକ ନାହାକାଣୀ, ଦରିଆ ରାମଚଣ୍ଡୀ, ପଞ୍ଚୁବରାହୀ ଆଦି ନୌବାଣିଜ୍ୟର ସ୍ମାରକୀ ଅଛି। ଜଳଘଡି, ଫଲସ ପଏଣ୍ଟ, ହାରବର ଆଦି ଜନଜୀବନ ସହିତ ସଂଶ୍ଳିଷ୍ଟ ହୋଇଛି। ତୃତୀୟ ଶତାବ୍ଦୀରୁ ନୌବାଣିଜ୍ୟ ପରମ୍ପରା ଏଠାରୁ ଆରମ୍ଭ ହୋଇଛି। ଷୋଡଶ ଶତାବ୍ଦୀ ଜଳଯାତ୍ରାରେ ଆଧିପତ୍ୟ ବିସ୍ତାର କରିଥିବା ସାଧବ

## ବୋଇତ ବନ୍ଦାଣ ଉତ୍ସବ

**■ ପ୍ରଦୂଷିତ ଜଳଉତ୍ସର ସଂରକ୍ଷଣ ଆବଶ୍ୟକ**

ପୁଅ ଯୁଦ୍ଧ କ୍ଷେତ୍ରରେ ମଧ୍ୟ ପାରଙ୍ଗମ ଥିଲେ। ୧୬୮୦ ମସିହାରେ ଇଷ୍ଟ ଇଣ୍ଡିଆ କମ୍ପାନୀର ଗୋଟିଏ ଜାହାଜରୁ ବିଭିନ୍ନ ସାମଗ୍ରୀ କନିକା ଉପସାଗରରେ ଜୋରଜବରଦସ୍ତ ଓହ୍ଲାଇ ନେଇଥିବା ଇତିହାସ ଅଛି। ସେହିପରି ୧୮୬୫ରେ ମରହଟ୍ଟା ସୈନିକ କନିକା ନୌଶକ୍ତି ଆଗରେ ହାର ମାନିଥିଲେ। ତେବେ ନୌବାଣିଜ୍ୟ ପରମ୍ପରା ଏବେ ହଜିଛି। ନଦୀ, ସମୁଦ୍ରଠାରୁ ନିଜ ପାଇଁ ଉଦ୍ଦିଷ୍ଟ ପୋଖରୀ ଗଡ଼ିଆ ଜଳ ଏବେ ପ୍ରଦୂଷଣ ବଳୟରେ ଅଛି। ଜଳପଥ ଏବେ ଜବରଦଖଲକାରୀଙ୍କ କବଳରେ ଥିବାରୁ ଜଳଉତ୍ସ ସଂରକ୍ଷଣ ଏବେ ଚିନ୍ତାର ବିଷୟ ହୋଇଥିବା ଅତିଥିମାନେ ପ୍ରକାଶ କରିଛନ୍ତି। ସଭାପତି ଚିନ୍ମୟ ପ୍ରସାଦ ବେଉରା ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ସଞ୍ଜୟ ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମକୁ କର୍ମକର୍ତ୍ତା ପ୍ରଫୁଲ୍ଲ କୁମାର ଦାଶ, ବୈଷ୍ଣବ ଚରଣ ପ୍ରଧାନ, ରବୀନ୍ଦ୍ରନାଥ ରଥ, ଗୋଲେଖ ଚନ୍ଦ୍ର ପଢ଼ିଆରୀ ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ଜିଲା ବାଲିଯାତ୍ରା କମିଟି ପକ୍ଷରୁ ସହରର ନୂଆ ବସ୍‌ଷ୍ଟାଣ୍ଡ ନିକଟ ଗୋବରୀ ନଦୀ ନିକଟରେ ସଭାପତି ପ୍ରଦୀପ ଦାଶଙ୍କ ଅଧ୍ୟକ୍ଷତାରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଗରାପୁରସ୍ଥ ଶିବାନନ୍ଦ ଆଶ୍ରମ ଅଧ୍ୟକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ, ଶକ୍ତିମନ୍ତ୍ରୀ ପ୍ରତାପ ଦେବ, ବିଧାୟକ ଶଶିଭୂଷଣ ବେହେରା, ଡ. ବାସୁଦେବ ଦାସ, ଜିଲା ପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳି ସେଠୀ, ବ୍ଲକ ଅଧ୍ୟକ୍ଷା ରଶ୍ମିତା ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହାକୁ ସମ୍ପାଦକ ସଞ୍ଜୟ ଜେନା, କର୍ମକର୍ତ୍ତା ଶୁଭ୍ରାଂଶୁ ଦାସ, ମନୋରଞ୍ଜନ ତ୍ରିପାଠୀଙ୍କ ସମେତ ଅନ୍ୟମାନେ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଧର୍ମୀୟ ବାତାବରଣରେ ଶେଷ ହେଲା କାର୍ତ୍ତିକ ରାସୋତ୍ସବ



ଡେରାବିଶ,୮।୧୧(ସ୍ୱ.ପ୍ର.)

ଡେରାବିଶ ବ୍ଲକ ଅଧୀନ ରାମାନୁଜ ସମ୍ପ୍ରଦାୟର ପ୍ରାଚୀନ ଓଲଢି ମଠରେ କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ରାତିରେ ଶେଷ ହୋଇଛି। ଶ୍ରୀଗୋପୀନାଥଜୀଉଙ୍କ କାର୍ତ୍ତିକ ରାସୋତ୍ସବ ପଞ୍ଚକ ଅବସରରେ ଶୁକ୍ରବାରଠାରୁ ଆରମ୍ଭ ହୋଇ ୫ ଦିନ ଧରି ଅନୁଷ୍ଠିତ ହୋଇଥିଲା। ତେବେ ଚନ୍ଦ୍ର ଗ୍ରହଣ ପରେ ରାତି ୮ଟାରେ ଆରମ୍ଭ ହୋଇଥିଲା ଏହି ରାହାସ ଉତ୍ସବ। ପ୍ରତ୍ୟେହ ସନ୍ଧ୍ୟାରେ ମଠ ପରିସରରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥିଲା। ଏଥିସହ ଫୁଲ ରଥର ଏକ କୁଞ୍ଜରେ ଶ୍ରୀରାଧାଙ୍କ ସହ ଶ୍ରୀଗୋପୀନାଥଜୀଉଙ୍କ ରାହାସ ଅତି ଚିତ୍ତାକର୍ଷକ ହୋଇଥିଲା। ଭଜନ ସଙ୍କୀର୍ତ୍ତନ ମଧ୍ୟରେ କାର୍ତ୍ତିକ ମାହାତ୍ମ୍ୟ ପଠନ ପରିବେଶକୁ ଭକ୍ତିମୟ କରିଥିଲା। ଆଖ ପାଖ ଗ୍ରାମର କାର୍ତ୍ତିକ ବ୍ରତଧାରୀ ହବିଷିଆଳିଙ୍କ ଭିଡ ଲାଗି ରହିଥିଲା। ଓଲଢ଼ି ମଠ ପରିଚାଳନା କମିଟିର ଟ୍ରଷ୍ଟି ହଳଧର ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଧର୍ମୀୟ କାର୍ଯ୍ୟକ୍ରମକୁ କ୍ଷୀରୋଦ ନାୟକ, ହୃଷୀକେଶ ଦାସ, ଅଧ୍ୟାପକ ପ୍ରଭାକର ସାମଲ, ଚିତରଞ୍ଜନ ରାଉତ ପ୍ରମୁଖଙ୍କ ସହ ଓଲଢ଼ି ଗ୍ରାମବାସୀ ସହଯୋଗ କରିଥିଲେ। ସେହିପରି ବ୍ଲକ ଅଧୀନ କୁଶିଆପାଳ ପଞ୍ଚାୟତ ହଳଦିଆପାଟଣାସ୍ଥିତ ଶ୍ରୀଲଛମନ୍‌ଜୀଉଙ୍କ ମନ୍ଦିରରେ ୫ ଦିନ ଧରି ଅନୁଷ୍ଠିତ ହେଉଥିବା ରାସ ଉତ୍ସବ ମଙ୍ଗଳବାର ବିଳମ୍ବିତ ରାତିରେ ଉଦ୍‌ଯାପିତ ହୋଇଛି। ମନ୍ଦିର ପରିସରରେ ଫୁଲ ରଥରେ ଶ୍ରୀଜୀଉଙ୍କୁ ଦର୍ଶନ ଲାଗି ପ୍ରତ୍ୟେହ ସନ୍ଧ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ମାଧମରେ ପ୍ରତ୍ୟେହ ସନ୍ଧ୍ୟାରେ ଅନୁଷ୍ଠିତ ରାହାସ ଗୀତ ଶ୍ରଦ୍ଧାଳୁଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏହି କାର୍ଯ୍ୟକ୍ରମକୁ ଟ୍ରଷ୍ଟି ଦୟାନିଧି ଦାସ, ସତ୍ୟାନନ୍ଦ ବେହେରା, ନାରାୟଣ ପାତ୍ରଙ୍କ ସମେତ ମନ୍ଦିର ପରିଚାଳନା କମିଟିର ସଦସ୍ୟମାନେ ପରିଚାଳନା କରିଥିଲେ। ଏଥିସହ ଡେରାବିଶର ପରମାରାଧ ଶ୍ରୀଦଧିବାମନଜୀଉଙ୍କ ମନ୍ଦିର, ବେଣୀପୁର ପଞ୍ଚାୟତ ବଜାର ମଠ, ରଘୁଦେଇପୁର ପଞ୍ଚାୟତ ନୋଳସାହି ମଠ ସମେତ ପଲେଇ ପଞ୍ଚାୟତର ସବଳଙ୍ଗ ଓ ମଲ୍ଲିକେଶ୍ୱର ମହାଦେବ ମନ୍ଦିର, ଦାନପୁର ପଞ୍ଚାୟତର ଦକ୍ଷବ୍ରହ୍ମପୁର ମଠରେ ୫ଦିନ ରାସ ଉତ୍ସବ ଅନୁଷ୍ଠିତ ହୋଇଥିଲା।

# ଆସନ୍ତା ବର୍ଷ ୩ ଦିନ ହେବ ବାଲିଯାତ୍ରା



ଉତ୍ସବରେ ମନ୍ତ୍ରୀ ପ୍ରତାବ ଦେବ, ବିଧାୟକ ଧ୍ରୁବ ସାହୁ ଓ ଅନ୍ୟମାନେ।

ପଟ୍ଟାମୁଣ୍ଡାଇ, ୮।୧୧(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ଆନୁକୂଲ୍ୟରେ ମଙ୍ଗଳବାର ୧୨ମ ବାର୍ଷିକ ବୋଇତ ବନ୍ଦାଣ ଉତ୍ସବ ବ୍ରାହ୍ମଣୀ ନଦୀ କୂଳରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଶିଳ୍ପ ଓ ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ ଯୋଗଦେଇ ଏହି ଅଞ୍ଚଳ ଅତୀତର ଗୌରବ ସୁମହାନ ଥିଲା ଏଠିକାର ସାଧବମାନେ ଦେଶ ବିଦେଶରେ ବାଣିଜ୍ୟ କରି ନିଜେ ଓ ଅଞ୍ଚଳକୁ ସମୃଦ୍ଧ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ଉତ୍ସବରେ ବିକାଶ ପରିଷଦ ସଭାପତି ଗୋପୀବଲ୍ଲଭ ନାୟକ ପୌରୋହିତ୍ୟ କରିଥିଲେ। ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଗାମୀବର୍ଷରେ ବୋଇତ ବନ୍ଦାଣ ଉତ୍ସବକୁ ଅଧିକ ଆକର୍ଷଣୀୟ କରିବାକୁ ୩ ଦିନ ଧରି ବାଲିଯାତ୍ରାରେ ପରିଣତ ଲାଗି ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଏ ଦିଗରେ ଉଦ୍ୟମ ହେବ ବୋଲି କହିଥିଲେ। ସମ୍ମାନିତ ଅତିଥି

## ପଟ୍ଟାମୁଣ୍ଡାଇରେ ବୋଇତ ବନ୍ଦାଣ ଉତ୍ସବ

ଭାବେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌରାଧ୍ୟକ୍ଷ ହେମନ୍ତ କୁମାର ସାହୁ ଯୋଗ ଦେଇଥିଲେ। ସୁରେଶ ଚନ୍ଦ୍ର ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଜୟ କୁମାର ସାହୁ ସ୍ୱାଗତ ଅଭିଭାଷଣ ରଖିଥିଲେ। ସଭାର ଉଦ୍ଦେଶ୍ୟ ଜ୍ଞାପନ ଚିତ୍ତରଞ୍ଜନ ମଲ୍ଲିକ କରିଥିଲେ। ବିକାଶ ପରିଷଦ ସମ୍ପାଦକ ଗୋପୀନାଥ ତ୍ରିପାଠୀ ବିବରଣୀ ପାଠ କରିବା ସହ ବୋଇତ ବନ୍ଦାଣ ଉତ୍ସବର ପ୍ରତିଷ୍ଠାତା ସ୍ୱର୍ଗତ ଦିବାକର ବିଶ୍ୱାଳଙ୍କ ସ୍ମୃତିଚାରଣ କରିଥିଲେ। ପ୍ରଥମେ ପଟ୍ଟାମୁଣ୍ଡାଇ ବାଇପାସ୍ ଛକଠାରୁ ୭ ସାଧବ ପୁଅ ଓ ବୋହୂଙ୍କୁ ଶୋଭାଯାତ୍ରାରେ ସଦସ୍ୟମାନେ ଦୀର୍ଘ ୪କିମି ବ୍ରାହ୍ମଣୀ ନଦୀ ପଠା ଉତ୍ସବସ୍ଥଳ ପର୍ଯ୍ୟନ୍ତ ପାଛୋଟି ନିଆଯାଇଥିଲା। ଏଥିରେ ବିଶ୍ୱନାଥ ଧଳ, ନୃସିଂହ ଚୌଧୁରୀ, ଈଶ୍ୱର ସାହୁ, କସ୍ତୁରି ଚରଣ ସ୍ୱାଇଁ, ଆରାଧନା ଦାଶ, ଗୌରାଙ୍ଗ ମହାନ୍ତି ଓ ପଟ୍ଟାମୁଣ୍ଡାଇର ବିଭିନ୍ନ ସରକାରୀ ପ୍ରଶାସନିକ ଅଧିକାରୀ ଯୋଗ ଦେଇଥିଲେ। ଉତ୍ସବରେ ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଅନୁଷ୍ଠିତ ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତା କାର୍ଯ୍ୟକ୍ରମରେ ୧ମ, ୨ୟ ଓ ୩ୟ ସ୍ଥାନ ହାସଲ କରିଥିବା ଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ବୋଇତ ବନ୍ଦାଣ ଉତ୍ସବକୁ ଚନ୍ଦନ ପାତ୍ର, ସୁଶୀଲ କୁମାର ପରିଡା, ଶରତ ବିଶ୍ୱାଳ ଗୋବିନ୍ଦ ସେଠୀ, କୃପାସିନ୍ଧୁ ନାୟକ ପ୍ରମୁଖ ପରିଚାଳନା କରିଥିଲେ। ବିଭିନ୍ନ ପଞ୍ଚାୟତର ସରପଞ୍ଚ, ଜିଲା ପରିଷଦ ସଭ୍ୟ, ପୌର ପରିଷଦ ବୃନ୍ଦ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ପରିଷଦର ସଭ୍ୟ ଗିରିଜା ଶଙ୍କର ସାମଲ ଧନ୍ୟବାଦ ଦେଇଥିଲେ। ପରେ ବ୍ରାହ୍ମଣୀ ନଦୀରେ ୭ ସାଧବ ବୋହୂ ବନ୍ଧା ପନା କରି ୭ ସାଧବ ପୁଅଙ୍କୁ ଏକ ସୁସଜ୍ଜିତ ବୋଇତରେ ବାଣିଜ୍ୟ କରିବାକୁ ବିଦାୟ ଜଣାଇ ଥିଲେ।

## ଜୟ ଜଗନ୍ନାଥ ଚେତନା ପକ୍ଷରୁ ସଚେତନତା

ନାଉଗାଁ, ୮।୧୧(ସ୍ୱ.ପ୍ର.)

ନାଉଗାଁ ବ୍ଲକ ଅନ୍ତର୍ଗତ ଡାବର ପଞ୍ଚାୟତର ଜୟ ଜଗନ୍ନାଥ ମଞ୍ଚ ପକ୍ଷରୁ ଏକ ସଚେତନାତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ଆବାହକ ଶିବ ପ୍ରସାଦ ପରିଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏକ ସଚେତନା ଗାଡି ମାଧ୍ୟମରେ ଗାଁକୁ ଗାଁ ବୁଲି ବିଭିନ୍ନ ବିଷୟରେ ସଚେତନତା କରାଯାଇଛି। ସଚେତନତା ମଧ୍ୟରେ ଈଶ୍ୱର ବିଶ୍ୱାସୀ ହୁଅନ୍ତୁ, ମା' ବାପାଙ୍କର ସେବା କରନ୍ତୁ, ନିଶା ନିବାରଣ କରନ୍ତୁ, ଆତ୍ମହତ୍ୟାଠାରୁ ଦୂରେଇ ରୁହନ୍ତୁ, ଖୁସିରେ ଏବଂ ଶାନ୍ତିରେ ରହିବା ପାଇଁ ସଚେତନ କରାଯାଇଥିଲା। ପ୍ରଥମେ ଡାବର ପଞ୍ଚାୟତରୁ ଏହି ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ପରେ ବାଲିକୁଦା ବ୍ଲକର ମାଛଗାଁ ଓ ନାଉଗାଁ ବ୍ଲକ ବିଭିନ୍ନ ଗାଁକୁ ଯାଇଥିଲା।

## ପରିବେଶ ସୁରକ୍ଷା ଲାଗି ଚାରାରୋପଣ ଏକମାତ୍ର ବିକଳ୍ପ

ତିର୍ତ୍ତୋଲ, ୮।୧୧ (ଡି.ଏନ.ଏ.)

ପରିବେଶ ସୁରକ୍ଷା ଲାଗି ଚାରା ରୋପଣ ହିଁ ଏକମାତ୍ର ବିକଳ୍ପ। ପ୍ରତ୍ୟେକ ବ୍ୟକ୍ତି ଚାରା ରୋପଣ କରିବାକୁ ବକ୍ତାମାନେ ଆହ୍ୱାନ ଦେଇଛନ୍ତି। ତିର୍ତ୍ତୋଲ ବ୍ଲକ ଇଦ୍ରିସିଂ ପଞ୍ଚାୟତ ସାନିଲ ଶ୍ରୀଶ୍ରୀଜଗନ୍ନାଥ ମଠରେ ମଙ୍ଗଳବାର ବାଲିଘର ଫାଉଣ୍ଡେଶନର ଅଧ୍ୟକ୍ଷ କୈଳାସ ଚନ୍ଦ୍ର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମଠର ଅଧିକାରୀ ମଦନ ମୋହନ ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ମଲ୍ଲିକ, ଦେବେନ୍ଦ୍ର ମଲ୍ଲିକ, ଜ୍ୟୋତ୍ସ୍ନାରାଣୀ ସ୍ୱାଇଁ, ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

# ପଦ୍ମବେଶରେ ଶ୍ରୀବଳଦେବଜୀଉ

କେନ୍ଦ୍ରାପଡ଼ା ଅଫିସ, ୮।୧୧

କେନ୍ଦ୍ରାପଡ଼ା ସହରର ଇଚ୍ଛାପୁରସ୍ଥ ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କର ମଙ୍ଗଳବାର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ସ୍ୱତନ୍ତ୍ର ପଦ୍ମବେଶ ଅନୁଷ୍ଠିତ ହୋଇଥିଲା। ତେବେ ରାହୁଗ୍ରସ୍ତୋଦୟ ଖଣ୍ଡଗ୍ରାସ ଚନ୍ଦ୍ରଗ୍ରହଣ ପାଇଁ ଶ୍ରୀଜୀଉଙ୍କ ଦେବ ନୀତିକାନ୍ତି ବଦଳା ଯାଇ ଏହା ପାଳନ କରାଯାଇଛି। ମନ୍ଦିରରେ ପ୍ରାୟ ସନ୍ଧ୍ୟା ୬ଟାରେ କବାଟ ଫିଟା ହୋଇଥିଲା। ପରେ ସ୍ନାନ ଆଳତି ଆଦି ପାରମ୍ପରିକ ରୀତିନୀତି ପାଳନ ହୋଇଥିଲା। ପ୍ରାୟ ସନ୍ଧ୍ୟା ସାଢେ ୭ରେ ଶ୍ରୀଜୀଉଙ୍କ ପଦ୍ମବେଶ ଆରମ୍ଭ ହୋଇଥିଲା। ଏହି ବେଶରେ ୩ ଦିଅଁ ସମ୍ପୂର୍ଣ୍ଣ ଲାଲ ବସ୍ତ୍ରରେ ସଜ୍ଜିତ ହୋଇ ଶ୍ରୀଭୁଜରେ ପଦ୍ମ ଧାରଣ କରିଥିଲେ। ଶ୍ରୀଜୀଉଙ୍କ ଅଙ୍ଗରେ ଡାଳି ମଣ୍ଡଳ ଓ ସୋଲ ନିର୍ମିତ ହଂସ ଶୋଭାବର୍ଦ୍ଧନ କରୁଥିଲେ। ଆଳତି ପରେ ମଣି ଆସନରୁ ଲକ୍ଷ୍ମୀନାରାୟଣଙ୍କୁ ମୁକ୍ତିମଣ୍ଡପକୁ ବିଜେ କରାଯାଇ ବେଢ଼ା ନୀତି ସମ୍ପନ୍ନ ହୋଇଥିଲା। ସେହିପରି ବାସୁଦେବ ମନ୍ଦିରରେ ବିରାଜିତ ରାଧାକୃଷ୍ଣଙ୍କ ସହିତ ଶ୍ରୀଜୀଉଙ୍କ ବିଜେ ପ୍ରତିମା ଶ୍ରୀଗୋବିନ୍ଦଜୀଉ ରଥଦାଣ୍ଡରେ ନିର୍ମିତ ଫୁଲ ରଥକୁ ବିଜେ କରିଥିଲେ। ଲୋକକଥା ଅନୁଯାୟୀ, ରାହାସ ପୂର୍ଣ୍ଣିମାରେ ତୁଳସୀକ୍ଷେତ୍ର ପ୍ରତିଷ୍ଠା ହୋଇଥିଲା। ଶ୍ରୀବଳଦେବଜୀଉ କନ୍ଦରାସୁରକୁ ବଧ କରି ଫୁଲ ରଥରେ ତୁଳସୀକ୍ଷେତ୍ରକୁ ଆସିଥିଲେ। ଏହି ବେଶ ଦର୍ଶନ ପାଇଁ ସନ୍ଧ୍ୟାରୁ ବିଳମ୍ବିତ ରାତ୍ରି ଯାଏ ଶ୍ରଦ୍ଧାଳୁମାନଙ୍କ ଭିଡ ଲଗିଥିଲା।



ଶ୍ରୀ ବଳଦେବଜୀଉଙ୍କ ପଦ୍ମ ବେଶ।

# ନଡ଼ିଆରାଇରେ କାର୍ତ୍ତିକେଶ୍ୱର ପୂଜା

ପାଟକୁରା, ୮।୧୧(ଡି.ଏନ.ଏ.)

ଗରଦପୁର ବ୍ଲକ ଅନ୍ତର୍ଗତ ନଡିଆରାଇ ପଞ୍ଚାୟତର ୱାଉପଡା ଗ୍ରାମର ବଟ ମହାପୁରୁଷ କାର୍ତ୍ତିକେଶ୍ୱର ପୂଜା କମିଟି ପକ୍ଷରୁ ୪୨ତମ ପୂଜା ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କମିଟିର ସଭାପତି ରଶ୍ମିରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ବିଜେଡିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ତ୍ତିକେଶ୍ୱର ପୂଜାର ମାହାତ୍ମ୍ୟ ଓ ପରମ୍ପରା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଞ୍ଜୁ ଅଗ୍ରୱାଲ, ବ୍ଲକ ବିଜେଡି ସଭାପତି ଶଶାଙ୍କ ଶେଖର ପରିଡା, ସରପଞ୍ଚ ଅମୀୟ ଜେନା, ଜ୍ୟୋତ୍ସ୍ନାମୟୀ ବେହେରା, ଅମୀୟ ପରିଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। କମିଟି ପକ୍ଷରୁ ସାପ ଧରାଳି ଉଦୟନାଥ ଚୌଧୁରୀଙ୍କୁ ସାପଧରା କିଟ୍ ପ୍ରଦାନ କରିବା ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାଛଡା ସଙ୍ଗୀତ ନିର୍ଦ୍ଦେଶକ ସତ୍ୟପ୍ରକାଶ ଦାସଙ୍କ ସମେତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀତା ଲାଭ କରିଥିବା ବ୍ୟକ୍ତିଙ୍କୁ ସମ୍ମାନୀତ କରାଯାଇଥିଲା। ମୁଖ୍ୟ ଅତିଥିଙ୍କ ଦ୍ୱାରା ଉଜ୍ଜ୍ୱଳ ଆଲୋକ ଉଦ୍‌ଘାଟନ ହେବା ସହ ସୋନପୁର ଜିଲାର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମକୁ କମିଟିର ସଦସ୍ୟ ପ୍ରଭାତ ପ୍ରଧାନ, ଅବିନାଶ ପ୍ରଧାନ, ସୌମ୍ୟରଞ୍ଜନ ପ୍ରଧାନ, ନିର୍ମଳ ପ୍ରଧାନ ପ୍ରମୁଖ ସହଯୋଗ କରିଥିବା ବେଳେ ତପନ କୁମାର ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ।




ମଞ୍ଚାସୀନ ଅତିଥି ବୃନ୍ଦ।

# ବ୍ରାହ୍ମଣୀ ଆଁରେ ଗଲାଣି ଏକାଧିକ ଗାଁ



ବୈଠକରେ ଯୋଗଦେଇଥିବା ମଞ୍ଚର ସଦସ୍ୟ ଓ ଅନ୍ୟମାନେ।

ରାଜନଗର, ୮।୧୧(ଡି.ଏନ.ଏ.)

ବ୍ରାହ୍ମଣୀ ନଦୀ ବାରଗାଁକୁ ଗର୍ଭସ୍ଥ କରିବାରେ ଲାଗିଛି। ଜେଉଳା, ନୂଆଗାଁ, ମାଟିଆ, ଲହୁଣୀ, ବେଢୁଆଁକୋହ୍ଲା ଓ ଉଆସଢିଅ ଆଦି ଗାଁକୁ ବ୍ରାହ୍ମଣୀ ତା'ର ଗର୍ଭକୁ ନେଇସାରିଛି। ଏବେ ଦକ୍ଷିଣଭେଡାଠାରୁ ଲୋକନାଥପ୍ରସାଦ ଯାଏ ବ୍ରାହ୍ମଣୀ କୂଳ ଖାଇ ଗାଁ ଭିତରକୁ ମାଡି ଆସିଲାଣି। କିଛି ସ୍ଥାନରେ ପଥର ପ୍ୟାକିଂ ଓ ସ୍ପର ନିର୍ମାଣ ହୋଇଥିଲେ ମଧ ତାହା ଯଥେଷ୍ଟ ହୋଇପାରିନି। ବାରଗାଁର ସୁରକ୍ଷା ପାଇଁ ମଙ୍ଗଳବାର ଶକ୍ତିପୀଠ ମା'ମାଟିଆ ମଙ୍ଗଳାଙ୍କ ପୀଠରେ ବାରଗାଁର ସୁରକ୍ଷା ପାଇଁ ବାରଗାଁ ବଞ୍ଚାଅ

## ସୁରକ୍ଷା ମଞ୍ଚର ବାରଗାଁ ବଞ୍ଚାଅ ବୈଠକ

ବୈଠକ ଅନୁଷ୍ଠିତ ହୋଇଥିଲା। ହେମନ୍ତ ମିଶ୍ର ଓ ଅଭିରାମ ରାଉଳଙ୍କ ଆବାହକତ୍ୱରେ ଏହି ବୈଠକ ବସିଥିଲା। ଏଥିରେ ସରପଞ୍ଚ ଚିତ୍ତରଞ୍ଜନ ପଣ୍ଡା, ସମିତିସଭ୍ୟା ପ୍ରତିନିଧି ସରୋଜ କୁମାର ରାଉତ, ବରିଷ୍ଠ ନାଗରିକ ଅଜାମ୍ବର ଭୂୟାଁ, ରତ୍ନାକର ଦାସ, ବିଚିତ୍ର ବିଶ୍ୱାଳ, ସୁନୀଲ ରାଉଳ, ସୁଶ୍ରୀକାନ୍ତ ପରିଡା, ସନାତନ ରାଉତ, ପ୍ରଦୀପ ସେଠୀ, ମାନସ ମିଶ୍ର, ସଂଗ୍ରାମ କେଶରୀ ପ୍ରଧାନ, ମହେଶ୍ୱର ବେହେରା, କ୍ଷେତ୍ରବାସୀ ବିଶ୍ୱାଳ, ଯାମିନୀକାନ୍ତ ରାଉତ, ଅଜୟ କୁମାର ପାତ୍ର, ସରୋଜିନୀ ପାତ୍ର, ଚନ୍ଦ୍ରମା ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ସେମାନେ ଦକ୍ଷିଣଭେଡାଠାରୁ ଲୋକନାଥପ୍ରସାଦ ଯାଏ ପଥର ବନ୍ଧ ସହ ସିରିଜ ସ୍ପର ନିର୍ମାଣ ପାଇଁ ଜଳସେଚନ ବିଭାଗ ଓ ବିଧାୟକ ଗୁରୁତ୍ୱ ଦେବା ଉପରେ ମତପ୍ରକାଶ ପାଇଥିଲା। ଏଥିସହ ବନ୍ୟା ସମୟରେ ପାଣି ନିଷ୍କାସନ ହୋଇ ପାରୁ ନ ଥିବାରୁ ମାଟିଆମଙ୍ଗଳା ଛକଠାରୁ ପୀଠକୁ ସଂଯୋଗ କରୁଥିବା ରାସ୍ତାକୁ କାଟି ଏକ ସ୍ଥାୟୀ ପୋଲ ନିର୍ମାଣ କରିବାକୁ ବୈଠକରେ ମତ ପ୍ରକାଶ ପାଇଥିଲା।

# ଝିଅ ନ ମିଳିଲେ ଆତ୍ମହତ୍ୟା କରିବାକୁ ମା'ବାପାଙ୍କ ଚେତାବନୀ

ଆଳି,୮।୧୧ (ଡି.ଏନ. ଏ. )

**■ ଅପହୃତା ନାବାଳିକାଙ୍କ ମିଳୁନି ପତ୍ତା**

**■ ନାବାଳିକାଙ୍କ ପରିବାର ପକ୍ଷରୁ ଯୁବକ ଘର ଉପରେ ଆକ୍ରମଣ, ଭଙ୍ଗାରୁଜା**

କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଜଣେ ଯୁବକ ମାସେ ହେବ ଅପହରଣ କରି ନେଇଛନ୍ତି। ଏହି ଘଟଣାକୁ କେନ୍ଦ୍ରକରି ନାବାଳିକାଙ୍କ ପରିବାର ପକ୍ଷରୁ ଯୁବକଙ୍କ ଘର ଉପରେ ଅତର୍କିତ ଆକ୍ରମଣ କରିବା ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଉଭୟ ପରିବାର ପକ୍ଷରୁ ପୃଥକ୍ ପୃଥକ୍ ମାମଲା ଥାନାରେ ରୁଜୁ ହୋଇ ତଦନ୍ତ ଚାଲିଛି। ଥାନାରେ ନାବାଳିକାଙ୍କ ମା' ସେପ୍ଟେମ୍ବର ୩୦ରେ ଦେଇଥିବା ଅଭିଯୋଗ ଅନୁଯାୟୀ, ତାଙ୍କ ୧୪ ବର୍ଷର ଝିଅକୁ ଘରେ କେହି ନ ଥିବା ସୁଯୋଗ ନେଇ ଜଣେ ଯୁବକ ଅପହରଣ କରି ନେଇଛନ୍ତି। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ନଂ. ୩୮୫/୨୨ରେ ମାମଲା ରୁଜୁ କରି ଅନୁସନ୍ଧାନ ଆରମ୍ଭ କରିଥିଲା। ଘଟଣାକୁ ମାସେ ବିତି ଯାଇଥିଲେ ମଧ୍ୟ ପୋଲିସ କାହାରି ସୁରାକ ପାଇ ନାହିଁ। ଫଳରେ ନାବାଳିକାଙ୍କ ମା'ବାପା ଝିଅ ନ ମିଳିଲେ ଆତ୍ମହତ୍ୟା କରିବାକୁ ଚେତାବନୀ ଦେଇଛନ୍ତି। ଅପରପକ୍ଷରେ ନଭେମ୍ବର ୪ ତାରିଖରେ ନାବାଳିକାଙ୍କ ମା'ବାପା, ଜେଜେ ମା' ଯୁବକଙ୍କ ଘରେ ପଶି ତାଙ୍କ ଜେଜେ ମା', ରୋଗରେ ପଡ଼ିଥିବା ସାନବାପା ଓ ବୁଢ଼ୀ ମା'କୁ ଆକ୍ରମଣ କରି ପିଟିବା ସହ ଘରର ସମସ୍ତ ଆସବାସପତ୍ର ଭଙ୍ଗାରୁଜା କରି ଗାଳିଗୁଲଜ କରିଥିଲେ। ଝିଅକୁ ଆଣି ନ ଦେଲେ ହତ୍ୟା ଧମକ ଦେଇଥିବା ଥାନାରେ ଅଭିଯୋଗ ହେଇଛି। ଅପରପକ୍ଷରେ ସେହିଦିନ ନାବାଳିକାଙ୍କ ମା' ମଧ ତାଙ୍କୁ ଯୁବକଙ୍କ ଘର ଲୋକ ଆକ୍ରମଣ କରି କ୍ଷତାକ୍ତ କରିଥିବା ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାକୁ ନେଇ ଉଭୟ ପରିବାର ମଧ୍ୟରେ ଉତ୍ତେଜନା ଲାଗି ରହିଛି। ଏ ସମ୍ପର୍କରେ ଆଇଆଇସି ଦିଲୀପ ସାହୁଙ୍କୁ ପଚାରିବାରୁ ଉଭୟ ପରିବାରଙ୍କ ଅଭିଯୋଗକ୍ରମେ ନଂ. ୪୪୨/୨୨ ଓ ୪୪୩/୨୨ରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

ଧରିତ୍ରୀ
DHARITRI
Wednesday, November 9, 2022



**୪୦୦ ମିଲିୟନ ଡଲାର ବିନିଯୋଗ କରିବ କେକେଆର୍**

**ନୂଆଦିଲ୍ଲୀ:** ଗ୍ଲୋବାଲ ଇନ୍‌ଭେଷ୍ଟମେଣ୍ଟ ଫାର୍ମ କେକେଆର୍ ସେରେଣ୍ଟିକା ରିନ୍ୟୁଏବଲ୍ ସହ ବେଦାନ୍ତ ଗ୍ରୁପ୍ ଏକ ଚୁକ୍ତିନାମା ସ୍ୱାକ୍ଷର କରିଥିବା ଜଣାପଡ଼ିଛି। ବିଶେଷକରି ସେପ୍ଟେମ୍ବରରେ ଆରମ୍ଭ ହୋଇଥିବା 'ଡେକାର୍ବୋନାଇଜେସନ ପ୍ଲାଟ୍‌ଫର୍ମ'ରେ କମ୍ପାନୀ ପ୍ରାୟ ୪୦୦ ମିଲିୟନ ଡଲାର ବିନିଯୋଗ କରିବ ବୋଲି ବେଦାନ୍ତ ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଶିଳ୍ପ ଗ୍ରାହକଙ୍କୁ ସବୁଜ ଶକ୍ତି ଯୋଗାଇବା ପାଇଁ ଷ୍ଟେରଲାଇଟ୍ ଏକ ନୂତନ ପ୍ଲାଟ୍‌ଫର୍ମ ଗଠନ କରୁଛି। ସେରେଣ୍ଟିକା କର୍ଣ୍ଣାଟକ, ମହାରାଷ୍ଟ୍ର ଏବଂ ରାଜସ୍ଥାନରେ ୧.୫ ଗିଗାୱାଟ୍ ପବନ ଓ ଶକ୍ତି ସଂରକ୍ଷଣ କ୍ଷମତା ନିର୍ମାଣ କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

# ବୃଦ୍ଧି ପାଉଛି ବୀମା ଶିଳ୍ପର କାରବାର

## ଅକ୍ଟୋବରରେ ୧୫.୫% ଅଣ ଜୀବନ ବୀମା ପ୍ରିମିୟମ ସଂଖ୍ୟାରେ ବୃଦ୍ଧି




ନୂଆଦିଲ୍ଲୀ, ୮।୧୧

ଗତ କିଛି ମାସ ହେବ ବିଭିନ୍ନ କାରଣ ଓ ମାନ୍ଦାବସ୍ଥା ଯୋଗୁ ଭାରତୀୟ ବୀମା ଶିଳ୍ପରେ ବ୍ୟାପକ ଅସ୍ଥିରତା ଦେଖାଦେଇଥିଲା। କାରଣ କୋଭିଡ୍ ଯୋଗୁ ସବୁ ବର୍ଗର ଲୋକ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଭଳି ସ୍ଥିତିରେ ବୀମା କ୍ଷେତ୍ରରେ ନିବେଶ କରିବାକୁ ପ୍ରାୟ ୭୦%ରୁ ଅଧିକ ଲୋକ ଆଗ୍ରହୀ ନ ଥିଲେ। ହେଲେ ଏହି ସମୟରେ ସ୍ୱାସ୍ଥ୍ୟବୀମାରେ କିଛି ପରିମାଣର ନିବେଶ ( ନୂଆ ବୀମା ଅଥବା ବୀମା ପୁନଃ ପ୍ରଚଳନ) କରିଥିବା ଜଣାପଡ଼ିଛି। ଚଳିତ ବର୍ଷ ସେପ୍ଟେମ୍ବର ତୁଳନାରେ ଅକ୍ଟୋବରରେ ୧୫.୫% ଅଣ ଜୀବନ ବୀମା ପ୍ରିମିୟମ ସଂଖ୍ୟାରେ ବୃଦ୍ଧି ଘଟିଥିବା ବେଳେ ସ୍ୱାସ୍ଥ୍ୟ ଏବଂ ମୋଟର ବୀମା ପାଇଁ ଚାହିଦା ଅଭିବୃଦ୍ଧି ହ୍ରାସ ପାଇଥିବା ବୀମା ଶିଳ୍ପ ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ତେବେ ଅଣଜୀବନ ବୀମା ଶିଳ୍ପ କ୍ଷେତ୍ରରେ ୨୦୨୨ ଅକ୍ଟୋବରରେ ପୁନର୍ବାର ବୃଦ୍ଧି ଘଟିଛି। ଏ ନେଇ ମଙ୍ଗଳବାର ଜେନେରାଲ ଇନ୍‌ସୁରାନ୍ସ କାଉନସିଲ (ଜିଆଇସି) ଦ୍ୱାରା ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ଚଳିତ ବର୍ଷ ଅକ୍ଟୋବରରେ ୨୦,୪୨୩.୩୮ କୋଟି ଟଙ୍କାର ପ୍ରିମିୟମ ଜମା ସହ ୧୫.୫୧ % ଅଭିବୃଦ୍ଧି ଘଟିଥିଲା। ସେହିଭଳି ସାଧାରଣ ବୀମାକାରୀ ଯେଉଁମାନେ ଏକାଧିକ ବ୍ୟବସାୟ ପରିଚାଳନା କରନ୍ତି ଓ ରାଷ୍ଟ୍ରାୟତ୍ତ ସଂସ୍ଥାଗୁଡ଼ିକର ବର୍ଷକୁ ବର୍ଷ ମଧ୍ୟରେ ୧୭.୫% ଅଭିବୃଦ୍ଧି ହୋଇ ୧୮,୩୯୦.୮୬ କୋଟି ଟଙ୍କାରେ ପହଞ୍ଚିଛି। ବର୍ଷକୁ ବର୍ଷ ମଧ୍ୟରେ ୪ରାଷ୍ଟ୍ରାୟତ୍ତ ବୀମାକାରୀ ପ୍ରିମିୟମରେ ୨୨.୪୬% ବୃଦ୍ଧି ଘଟିଛି। ବିଶେଷକରି ଘରୋଇ କ୍ଷେତ୍ରରେ ବୀମାକାରୀଙ୍କ ପ୍ରିମିୟମରେ ବର୍ଷକୁ ବର୍ଷ ମଧ୍ୟରେ ୧୪.୫% ଅଭିବୃଦ୍ଧି ହୋଇଛି। ଏପରିକି ଘରୋଇ କ୍ଷେତ୍ରରେ ବୀମାକାରୀଙ୍କ ମଧ୍ୟରେ ଆଇସିଆଇସିଆଇ ପ୍ରିମିୟମରେ ୨,୦୪୭.୧୨ କୋଟି ଟଙ୍କା ଆୟ କରିଛି, ଯାହାକି ୨୨.୧୯% ବୃଦ୍ଧି ହୋଇଛି। ବଜାଜ ଆଲିଆନ୍ସ ଜେନେରାଲ ପ୍ରିମିୟମ ୨୪.୫୪% ବର୍ଷକୁ ବର୍ଷ ମଧ୍ୟରେ ବୃଦ୍ଧି ପାଇ ୧,୨୩୦ କୋଟି ଟଙ୍କା ହୋଇଛି। ସେହିପରି ଏଚ୍‌ଡିଏଫ୍‌ସି ଆଗ୍ରୋ ପ୍ରିମିୟମ ୫% ବୃଦ୍ଧି ହୋଇ ୧,୨୯୮.୧୯ କୋଟି ଟଙ୍କାରେ ପହଞ୍ଚିଛି। ସେହିଭଳି ୨୦୨୨-୨୩ରେ ଅଣଜୀବନ ବୀମାକାରୀ କ୍ଷେତ୍ରରେ ୧୫% ବର୍ଷକୁ ବର୍ଷ ମଧ୍ୟରେ ପ୍ରିମିୟମ ଅଭିବୃଦ୍ଧି ହୋଇ ୧.୪୫ ଟ୍ରିଲିୟନ୍ ଟଙ୍କାରେ ପହଞ୍ଚିଛି, ଯାହାକି ଘରୋଇ କ୍ଷେତ୍ର ଦ୍ୱାରା ସାଧାରଣ ବୀମାକାରୀ ଏବଂ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ବୀମାକାରୀଙ୍କ ଦ୍ୱାରା ପରିଚାଳିତ । ଉଲ୍ଲେଖଯୋଗ୍ୟ, ୨୦୨୨-୨୩ରେ ୨୦%ରୁ ଅଧିକ ଅଭିବୃଦ୍ଧି ପରେ ଅଣଜୀବନବୀମା ଶିଳ୍ପରେ ୧୦% ଅଭିବୃଦ୍ଧି ଘଟିଛି। ସେହିପରି ଏଚ୍ ୧ ୨୦୨୨-୨୩ରେ ଶିଳ୍ପ କ୍ଷେତ୍ରରେ ଗତବର୍ଷ ସମାନ ଅବଧିରେ ୧୨.୬% ତୁଳନାରେ ୧୫.୩% ବୃଦ୍ଧି ପାଇଛି। ଏହି ଅଭିବୃଦ୍ଧି ସ୍ୱାସ୍ଥ୍ୟ, ମୋଟର ଏବଂ ଫସଲ ବୀମା ଦ୍ୱାରା ପରିଚାଳିତ ହୋଇଥିଲା।

## ଜିଏସ୍‌ଟି ବ୍ୟବସ୍ଥାର ପରିବର୍ତ୍ତନ ଆବଶ୍ୟକ

**ନୂଆଦିଲ୍ଲୀ,୮।୧୧:** ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି)ର ହାର କ୍ରମାଗତ ଭାବେ ହ୍ରାସ ପାଉଥିବା ନେଇ ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦର ଅଧ୍ୟକ୍ଷ ବିବେକ ଦେବରାୟ ଚିନ୍ତା ପ୍ରକଟ କରିଛନ୍ତି। ବିଶେଷକରି କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ ସଂଗ୍ରହ କରୁଥିବା ଟିକସ ବ୍ୟବସ୍ଥାରେ ସୁଧାର ଆଣିବା ଲାଗି ସାରା ଦେଶରେ ଏକକ ଜିଏସ୍‌ଟି ହାର ଲାଗୁ କରିବାକୁ ହେବ ବୋଲି ସେ ଯୁକ୍ତି ବାଢ଼ିଛନ୍ତି। ଏହା ବ୍ୟତୀତ ବିଭିନ୍ନ ଉତ୍ପାଦ ଉପରେ ଯେଉଁ ଟିକସ ଛାଡ଼ ସୁବିଧା ଦିଆଯାଉଛି, ସେ ସବୁକୁ ମଧ୍ୟ ବନ୍ଦ କରିବାକୁ ହେବ ବୋଲି ବିବେକ ମତ ପ୍ରକାଶ କରିଛନ୍ତି। ଜିଏସ୍‌ଟି ଲାଗୁ ହେବା ପୂର୍ବରୁ ଟିକସ ହାର ୧୭% ଥିବା ବେଳେ ବର୍ତ୍ତମାନ ପ୍ରଚଳନ ହେଉଥିବା ୪ଥାକିଆ ଜିଏସ୍‌ଟିରେ ହାରାହାରି ହାର ତା'ଠାରୁ କମ୍ ଅର୍ଥାତ୍ ୧୧.୫% ରହିଛି। କେତେକ ସାମଗ୍ରୀ ଉପରେ ଦିଆଯାଉଥିବା ଟିକସ ଛାଡ଼ ସୁବିଧା ଯୋଗୁ ଯେତିକି ଟଙ୍କା ହରାଇବାକୁ ପଡୁଛି ତାହା ଜିଡିପିର ୫-୫.୫% ହେବ।

## ଭୁବନେଶ୍ୱରରେ ଏଭେରେଷ୍ଟ ବିକେସିସି



ଭୁବନେଶ୍ୱର,୮।୧୧

ଓଡ଼ିଶାର ହସ୍ପିଟାଲିଟି ଛାତ୍ରୀଛାତ୍ରୀମାନଙ୍କ ପାଇଁ ପ୍ରଥମ ଥର ଏକ ଜାତୀୟସ୍ତରର କୁକିଂ ପ୍ରତିଯୋଗିତା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ କ୍ୟାଟରିଂ ଟେକ୍ନୋଲୋଜି ଏବଂ ଆପ୍ଲାଏଡ୍ ନ୍ୟୁଟ୍ରିସନ୍ ଭୁବନେଶ୍ୱର ଦ୍ୱାରା ଆୟୋଜିତ ହୋଇଯାଇଛି। ଏପରିକି ଉକ୍ତ ପ୍ରତିଯୋଗିତାର ସିଜନ୍-୪ କାର୍ଯ୍ୟକ୍ରମ 'ଏଭେରେଷ୍ଟ ବେଟର କିଚେନ୍ କୁଲିନାରି ଚ୍ୟାଲେଞ୍ଜ' (ଏଭେରେଷ୍ଟ ବିକେସିସି) ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତାରେ ଶେଷ ବର୍ଷର ହସ୍ପିଟାଲିଟି ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରିଥିଲେ। ସେହିଭଳି ଏହା ହେଉଛି ଭାରତର ସର୍ବବୃହତ୍ ଓ ରୋମାଞ୍ଚକର କୁକିଂ ଚ୍ୟାଲେଞ୍ଜ। ବିଶେଷକରି ଏହା ନୂତନ ଶେଫ୍‌ମାନଙ୍କୁ ସେମାନଙ୍କ ଟ୍ୟାଲେଣ୍ଟ ପ୍ରଦର୍ଶନ କରିବାର ଠିକ୍ ରାସ୍ତା ଦେଖାଇବା ସହ ଭବିଷ୍ୟତକୁ ସୁନ୍ଦର ଭାବେ ଗଢ଼ି ତୋଳିବା ପାଇଁ ମଧ୍ୟ ଏକ ଆଦର୍ଶ ସ୍ପ୍ରିଙ୍ଗବୋର୍ଡ ପ୍ରଦାନ କରିଥାଏ। ଉକ୍ତ ଚ୍ୟାଲେଞ୍ଜର ବିଷୟବସ୍ତୁ 'ଫ୍ଲେଭର୍ସ ଅଫ୍ ଇଣ୍ଡିଆ' ରହିଥିବା ବେଳେ ଆଞ୍ଚଳିକ ବ୍ୟଞ୍ଜନ ବିଷୟରେ ସଚେତନତା ସୃଷ୍ଟି କରିବା ସହ ଭାରତର ମସଲାଗୁଡ଼ିକୁ ଉପଯୋଗକରି ଭାରତୀୟ ବ୍ୟଞ୍ଜନକୁ ଲୋକପ୍ରିୟ କରାଇବା ଉକ୍ତ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ।

## ହିରୋର ଅଫ୍-ରୋଡ୍ ରାଇଡିଂ ଚାମ୍ପିୟନ ଉଦ୍‌ଯାପିତ

ନୂଆଦିଲ୍ଲୀ, ୮।୧୧

ହିରୋ ମୋଟୋକର୍ପ ପକ୍ଷରୁ ଅଫ୍-ରୋଡ୍ ରାଇଡିଂ ଚାମ୍ପିୟନ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଦେଶବ୍ୟାପୀ ଦୀର୍ଘ ୪ମାସର ପ୍ରତିଯୋଗିତା ପରେ ଉକ୍ତ ପ୍ରତିଯୋଗିତାର ବିଜେତାଙ୍କ ନାମ ଘୋଷଣା କରାଯାଇଛି। ସେହିଭଳି ଉକ୍ତ ପ୍ରତିଯୋଗିତାରେ ଅସଦ ଖାନ୍ ଚାମ୍ପିୟନ ହୋଇଥିବାବେଳେ ରାକେଶ ଏନ୍ ଏବଂ ଗିଦିୟୁନ ଯଥାକ୍ରମେ ପ୍ରଥମ ଏବଂ ଦ୍ୱିତୀୟ ରନର୍ସ ଅପ୍ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଉପରୋକ୍ତ ବିଜେତାଙ୍କୁ ଲୋକପ୍ରିୟ ହିରୋ ଏକ୍ସପ୍ଲସ୍-୨୦୦ ୪-ଭି ମୋଟରସାଇକେଲ ସହ ଯଥାକ୍ରମେ ୧୦ ଲକ୍ଷ, ୬ଲକ୍ଷ ଏବଂ ୪ ଲକ୍ଷ ଟଙ୍କାର ଅର୍ଥ ରାଶି ସହ ସ୍ପନସରଶିପ୍ କଣ୍ଟ୍ରାକ୍ଟ ମଧ୍ୟ ପ୍ରଦାନ କରାଯାଇଥିଲା। ସେହିପରି ଓଲେସେ ଡିଆସ୍ ଶ୍ରେଷ୍ଠ ମହିଳା ଅଫ୍-ରୋଡ୍ ଚାଳକ ଭାବେ ସମ୍ମାନିତ ହୋଇଛନ୍ତି। ଉକ୍ତ ପ୍ରତିଯୋଗିତା ଏମ୍‌ଟିଭି ଏବଂ ଭୁଟ୍‌ରେ ଟେଲିକାଷ୍ଟ କରାଯାଇଥିଲା। ସମଗ୍ର ରେସ୍ ଏବଂ ପ୍ରତିଯୋଗିତା ଅଭିଜ୍ଞତା ହିରୋ ମୋଟୋକର୍ପର ବିଶ୍ୱସ୍ତରୀୟ ଆର୍ ଆଣ୍ଡ ଡି ହବ୍ ଇନୋଭେଶନ ଏବଂ ଜ୍ଞାନକୌଶଳ କେନ୍ଦ୍ର ଜୟପୁର ଦ୍ୱାରା କରାଯାଇଥିଲା। ଅପରପକ୍ଷରେ ଫାଇନାଲ ୱିକ୍ ହିରୋ ମୋଟୋସ୍ପୋର୍ଟସ ଟିମ୍ ରାଲି ଦ୍ୱାରା ସମ୍ପନ୍ନ ହୋଇଥିଲା। ଉକ୍ତ ପ୍ରତିଯୋଗିତା ପାଇଁ ଗତ କିଛି ମାସ ମଧ୍ୟରେ ୧,୦୦,୦୦୦ରୁ ଅଧିକ ପ୍ରତିଯୋଗୀ ନାମ ପଞ୍ଜୀକରଣ କରିଥିଲେ। ଚଳିତ ବର୍ଷ ଜୁଲାଇରେ ଉକ୍ତ ପ୍ରତିଯୋଗିତାର ଶୁଭାରମ୍ଭ ସହ ଦେଶର ୪୧ ସହରରେ ୪ସ୍ତରୀୟ ପ୍ରତିଯୋଗିତା ପରେ ଶ୍ରେଷ୍ଠ ୨୦ଜଣଙ୍କୁ ଶର୍ଟଲିଷ୍ଟ କରାଯାଇଥିଲା। ଏ ସମ୍ପର୍କରେ ହିରୋ ମୋଟୋକର୍ପର ଚିଫ୍ ଗ୍ରୋଥ୍ ଅଫିସର ରଞ୍ଜିଭଜିତ୍ ସିଂ କହିଛନ୍ତି, ହିରୋ ଡାର୍ଟ ବାଇକିଂ ଚ୍ୟାଲେଞ୍ଜରେ ବୃଦ୍ଧି ପାଉଥିବା ଉତ୍ସାହ ଏବଂ ଅଂଶଗ୍ରହଣ ପ୍ରମାଣିତ କରୁଛି ଯେ, ଦେଶରେ ଅଫ୍-ରୋଡ୍ ରାଇଡିଂ ସେଗ୍‌ମେଣ୍ଟ ବଢ଼ିବାରେ ଲାଗିଛି।

## ହୋଣ୍ଡାର ୨ ନିୟୁତ ଉତ୍ପାଦନ ମାଇଲଖୁଣ୍ଟ

ନୂଆଦିଲ୍ଲୀ,୮।୧୧




ଦେଶର ପ୍ରମୁଖ ଚାରିଚକିଆ ଯାନ ନିର୍ମାତା ହୋଣ୍ଡା କାର୍ସ ଇଣ୍ଡିଆ ଲିମିଟେଡ (ଏଚ୍‌ସିଆଇଏଲ୍) ପକ୍ଷରୁ ନିକଟରେ ଭାରତ ବଜାରର ଏକ ବଡ଼ ସଫଳତା ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଭାରତରେ ଏଚ୍‌ସିଆଇଏଲ ମୋଟ ଉତ୍ପାଦନ ୨ ନିୟୁତ ୟୁନିଟ୍ ସହ ଏକ ବିରଳ ମାଇଲଖୁଣ୍ଟ ସ୍ଥାପନ କରିଥିବା ଜଣାପଡ଼ିଛି। ଏପରିକି କମ୍ପାନୀର ପ୍ରିମିୟମ ସେଡାନ ହୋଣ୍ଡା ସିଟି ଆନୁଷ୍ଠାନିକ ଭାବେ ରାଜସ୍ଥାନ ତାପୁକାରାସ୍ଥିତ ଅତ୍ୟାଧୁନିକ ଉତ୍ପାଦନ କାରଖାନାର ଆସେମ୍ବ୍ଲି ଲାଇନରୁ ଉତ୍ପାଦିତ ହେବା ସହ ଭାରତରେ ନିର୍ମିତ ଏହା ୨ ନିୟୁତ ତମ ହୋଣ୍ଡା କାର ହୋଇପାରିଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏସିଆନ ହୋଣ୍ଡା ମୋଟର କମ୍ପାନୀ ଲିମିଟେଡର ଏକ୍ଜିକ୍ୟୁଟିଭ ଭାଇସ ପ୍ରେସିଡେଣ୍ଟ ହିରୋଶି ଟୋକୁଟାକେ, ଡାଇରେକ୍ଟର କାଟ୍‌ସୁହିରୋ କାନେଡାଙ୍କ ସମେତ କମ୍ପାନୀର ଆଞ୍ଚଳିକ କାର୍ଯ୍ୟାଳୟର ବରିଷ୍ଠ ନେତୃବୃନ୍ଦ ଓ ଏଚ୍‌ସିଆଇଏଲର ପରିଚାଳନାମଣ୍ଡଳୀ ପ୍ରମୁଖ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ଏଚସିଆଇଏଲର ସଭାପତି ତଥା ସିଇଓ ତାକୁୟା ସୁମୁରା କହିଛନ୍ତି, ଭାରତରେ କମ୍ପାନୀ ୨ ନିୟୁତ ଉତ୍ପାଦନର ଏକ ଐତିହାସିକ ମାଇଲଖୁଣ୍ଟରେ ପହଞ୍ଚିଛି। ଗତ ୨୫ ବର୍ଷ ଧରି 'ମେକ୍ ଇନ୍ ଇଣ୍ଡିଆ' ପ୍ରୟାସ ପ୍ରତି ହୋଣ୍ଡାର ପ୍ରତିବଦ୍ଧତାର ଏହା ଏକ ନିଦର୍ଶନ ହୋଇପାରିଛି। ଆମେ ଆମର ସମସ୍ତ ଗ୍ରାହକ, ଡିଲର ସହଭାଗୀ ଏବଂ ସପ୍ଲାୟର ସହଭାଗୀଙ୍କୁ ସେମାନଙ୍କର ଆମ ଉପରେ ରହିଥିବା ବିଶ୍ୱାସ ଏବଂ ହୋଣ୍ଡାକୁ ଦେଶରେ ଏକ ପ୍ରିୟ ଏବଂ ବିଶ୍ୱସନୀୟ ବ୍ରାଣ୍ଡ ଭାବେ ପ୍ରତିଷ୍ଠିତ କରାଇବାରେ ସହାୟତା ପାଇଁ ଗଭୀର କୃତଜ୍ଞତା ଜଣାଉଛୁ।

## ଫ୍ୟୁରୋ ବ୍ରାଣ୍ଡ କ୍ୟାମ୍ପେନ୍‌ର ଶୁଭାରମ୍ଭ

ନୂଆଦିଲ୍ଲୀ, ୮।୧୧

ରେଡ୍ ଚିଫ୍ ସୁଜ୍ ଅଧୀନରେ ଥିବା ଫ୍ୟୁରୋ ସ୍ପୋର୍ଟସ୍ ସୁଜ୍ ନିକଟରେ ଅଭିନେତା ସାହିଦ୍ କପୁରଙ୍କ ଅଭିନୀତ ଏକ ଟିଭିସି ସହ ଏହାର ବ୍ରାଣ୍ଡ କ୍ୟାମ୍ପେନ୍‌ର ଶୁଭାରମ୍ଭ କରିଛି। ଉକ୍ତ ଟିଭିସିରେ ସାହିଦ୍ କପୁରଙ୍କୁ କବାଡରି ଏକ କ୍ୟାଚି ବିଟ୍‌ରେ ଦୌଡ଼ିବା, ଚାଲିବା, ଡେଇଁବା ଓ ନାଚୁଥିବାର ଦେଖିବାକୁ ମିଳିବ । ଚଟାଣ ଉପରେ ସହଜ ଓ ଉନ୍ନତ ଗ୍ରିପ୍‌କୁ ସକ୍ଷମ କରୁଥିବା ଏକ ହାଇ-ଗ୍ରିପ୍ ଟେକ୍ନୋଲୋଜି ଉପରେ ବର୍ଣ୍ଣିତ, ଫ୍ୟୁରୋ ସ୍ପୋର୍ଟସ୍ ଆଥ୍‌ଲେଜର୍ ଲାଇଫ୍‌ଷ୍ଟାଇଲ କ୍ଷେତ୍ରକୁ ରୂପାନ୍ତରଣ କରିବାକୁ ଲକ୍ଷ୍ୟ ରଖିଛି। ଏ ସମ୍ପର୍କରେ ଅଭିନେତା ସାହିଦ୍ କପୁର କହିଛନ୍ତି,ଫ୍ୟୁରୋ ସ୍ପୋର୍ଟସ୍ ଆଡ୍‌ଭେଞ୍ଚର୍ସ ଜୀବନ ବଞ୍ଚିବା ଶୈଳୀ ସହ ଜଡ଼ିତ କିନ୍ତୁ ଆରାମର ସହ। ମୋର ଅର୍ଥ ହେଉଛି ଏକ ଭଲ ଗ୍ରିପ୍ ଓ ଏକ ଉନ୍ନତ ପେୟାରର ଜୋତା ସହିତ ଜୀବନର ପଥରେ ଚାଲିବା ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ସେହିଭଳି କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ମନୋଜ ଜ୍ଞାନ ଚନ୍ଦାନି କହିଛନ୍ତି,ଆମର ଲକ୍ଷ୍ୟ ହେଉଛି ଆଥ୍‌ଲେଜର୍ ଲାଇଫ୍‌ଷ୍ଟାଇଲ୍ ଓ ସ୍ପୋର୍ଟସ୍ ୱେୟାର ସୁଜ୍‌କୁ ପରବର୍ତ୍ତୀ ସ୍ତରକୁ ନେବା। ଆମର ଜୋତାଗୁଡ଼ିକୁ ଷ୍ଟାଇଲ୍ ଓ ଆରାମ ଉପରେ ସାଲିସ୍ ନ କରାଯାଇ ଉନ୍ନତ ବ୍ୟବହାରିତାକୁ ଦୃଷ୍ଟିରେ ରଖି ଡିଜାଇନ୍ କରାଯାଇଛି। ସେହିପରି କମ୍ପାନୀର ମାର୍କେଟିଂ ହେଡ୍ ରାହୁଲ ଶର୍ମା କହିଛନ୍ତି, ଏହି କ୍ୟାମ୍ପେନ୍ ହେଉଛି ଆମେ କିଏ ତାହାର ଏକ ପ୍ରତିଫଳନ ଏବଂ ଏହି କ୍ୟାମ୍ପେନ୍ ହେଉଛି ଚାଲିବା ହେଉ କିମ୍ବା ଦୌଡ଼ିବା, ଟ୍ରେକିଂ କିମ୍ବା ଜୀବନରେ ନିୟନ୍ତ୍ରଣ ରଖିବାର ଗୁରୁତ୍ୱ ଉପରେ ଲୋକମାନଙ୍କୁ ଖୁସି ପ୍ରଦାନ କରିବାର ଏକ ମାଧ୍ୟମ ଏବଂ ଏହାକୁ ଦେଖିବା ପରେ ସେମାନେ ମଧ୍ୟ ଉକ୍ତ ଗ୍ରିପ୍ ହାସଲ କରିବାକୁ ଚାହିଁବେ ବୋଲି ଆମେ ଆଶା ରଖିଛୁ।

**ଫୁର୍‌ସତ୍**

# ଟ୍ରାନ୍ସଜେଣ୍ଡରର ମଡେଲ ଖୁସି

**ମହାରାଷ୍ଟ୍ରର ଟ୍ରାନ୍ସଜେଣ୍ଡର ମଡେଲ ଖୁସି ଶେଖ୍ ଭାରତୀୟ ଫ୍ୟାଶନ୍ ଦୁନିଆରେ ଏବେ ସେ ବେଶ୍ ଜଣାଶୁଣା। ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ପାଇଁ ତାଙ୍କୁ ବହୁ ସଂଘର୍ଷ କରିବାକୁ ପଡ଼ିଥିଲା। ତମାମ୍ ପ୍ରତିକୂଳ ପରିସ୍ଥିତିକୁ ପଛରେ ପକାଇ ଖୁସି ଅନ୍ୟମାନଙ୍କ ପାଇଁ ପାଲଟିଛନ୍ତି ବିରଳ ଦୃଷ୍ଟାନ୍ତ।**

**ମୁମ୍ବାଇ:** ଖାଲି ମଡେଲିଂ କ୍ଷେତ୍ରରେ ନୁହେଁ, ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ଭାବେ ମଧ୍ୟ ଖୁସି ଜଣାଯାନ୍ତି। ମୟାନଗରୀ ମହାରାଷ୍ଟ୍ରର ଥାଣେରେ ମଧ୍ୟବତ୍ତ ପରିବାରରେ ଖୁସିଙ୍କ ଜନ୍ମ। ଇଂଲିଶ ମିଡିୟମରେ ପାଠ ପଢୁଥିବା ଖୁସି ପିଲାଟି ଦିନରୁ ଝିଅ ପିଲାଙ୍କ ସହ ମିଶିବାକୁ ପସନ୍ଦ କରୁଥିଲେ। ସ୍କୁଲରେ ଜଣେ ପୁଅ ଭାବେ ତାଙ୍କ ନାମ ଲେଖାଯାଇଥିଲା। ପଞ୍ଚମ ଶ୍ରେଣୀରେ ପଢ଼ିବାବେଳେ ଖୁସି ଜଣେ ଟ୍ରାନ୍ସଜେଣ୍ଡର ହୋଇଥିବା ଜାଣିବାକୁ ପାଇଥିଲେ। ଏ କଥା ପ୍ରଥମେ ଘରଲୋକ ଓ ପରେ ସାଙ୍ଗସାଥୀ ସମସ୍ତେ ଜାଣିଲେ। ଏହାପରେ ଖୁସିଙ୍କ ଉପରେ ଆରମ୍ଭ ହୋଇଗଲା ସାମାଜିକ ଓ ମାନସିକ ଅତ୍ୟାଚାର। ଏହାକୁ କେନ୍ଦ୍ର କରି ଖୁସି ୧୦ମ ପରଠାରୁ ପାଠପଢ଼ା ବନ୍ଦ କରିଦେଇଥିଲେ। ଟ୍ରାନ୍ସଜେଣ୍ଡର ହେବା କାରଣରୁ ଖୁସିଙ୍କ ପରିବାରକୁ ମଧ୍ୟ ବହୁ ସଂଘର୍ଷ ଦେଇ ଗତିକରିବାକୁ ପଡ଼ିଥିଲା। ଏହି ସମୟରେ ତାଙ୍କ ବାପାଙ୍କ ମୃତ୍ୟୁ ହୋଇଗଲା ଏବଂ ଘରର ବଡ଼ ସନ୍ତାନ ହୋଇଥିବା କାରଣରୁ ପରିବାରର ବୋଝ ଖୁସିଙ୍କ ଉପରକୁ ଆସିଯାଇଥିଲା। ପରିବାର ପ୍ରତିପୋଷଣ ପାଇଁ ଖୁସିଙ୍କୁ ଭିକ ମାଗିବାକୁ ପଡ଼ିଥିଲା।

### ସଂଘର୍ଷ ସାଜିଥିଲା ସାଥୀ

ଏମିତି ଦିନେ ରାସ୍ତା କଡ଼ରେ ଭିକ ମାଗୁଥିବାବେଳେ ସଲମା ଖାନ୍ ନାମରେ ଆଉ ଜଣେ ଟ୍ରାନ୍ସଜେଣ୍ଡର ତାଙ୍କୁ ଦେଖିଥିଲେ। ଭିକ ନ ମାଗି ରୋଜଗାରର ଅନ୍ୟ ପନ୍ଥା ଆପଣାଇବାକୁ ସେ ଖୁସିଙ୍କୁ କହିଥିଲେ। ଟ୍ରାନ୍ସଜେଣ୍ଡର ସଲମା ସୋସିଆଲ ଅର୍ଗାନାଇଜେଶନ୍ ଟ୍ରଷ୍ଟ ଚଳାଉଥିବାବେଳେ ତାଙ୍କ ଅଧୀନରେ ବହୁ ପିଲା କାମ କରନ୍ତି। ଖୁସିଙ୍କ ଘରର ସ୍ଥିତି ବିଷୟରେ ଜାଣିବା ପରେ ସଲମା ତାଙ୍କ ପରିବାରକୁ ମୁମ୍ବାଇ ଆଣିଥିଲେ। ମୁମ୍ବାଇରେ ଅନେକ ଟ୍ରାନ୍ସଜେଣ୍ଡର ସ୍ୱଚ୍ଛଳତାର ସହ ବସବାସ କରନ୍ତି। ମୁମ୍ବାଇ ଆସିବାପରେ ଖୁସିଙ୍କ ପରିବାରର ଅଭାବ ଧୀରେ ଧୀରେ ଦୂର ହେବାରେ ଲାଗିଲା। ଏହାପରେ ଖୁସି ନିଜ ମଡେଲିଂ କ୍ୟାରିୟର୍ ଆରମ୍ଭ କରିଦେଲେ। ମଡେଲିଂ ଜଗତରେ ମଧ୍ୟ ଖୁସିଙ୍କୁ ବହୁ ସଂଗ୍ରାମ କରିବାକୁ ପଡ଼ିଥିଲା। କିନ୍ତୁ ଏସବୁ ପରେ ବି ସେ ନିଜ ଲକ୍ଷ୍ୟକୁ ପ୍ରାଧାନ୍ୟ ଦେଉଥିଲେ, ଯାହାପାଇଁ ସେ ଏବେ ଜଣେ ସଫଳ ମଡେଲ ହୋଇପାରିଛନ୍ତି। ଟ୍ରାନ୍ସ ବ୍ୟୁଟି ଇଣ୍ଡିଆର ବ୍ରାଣ୍ଡ ଆମ୍ବାସଡର ହେଉଛନ୍ତି ଖୁସି।

**ସଂଗ୍ରାମ ଓ ସଫଳତାର ବିରଳ ଦୃଷ୍ଟାନ୍ତ**



# ଫିଟ୍ ଅଛନ୍ତି ବରୁଣ

ମୁମ୍ବାଇ

ନିକଟରେ ବଲିଉଡ୍ ଅଭିନେତା ବରୁଣ ଧାୱନଙ୍କର ଭେଷ୍ଟିବୁଲାର ହାଇପୋଫଙ୍କଶନ୍ ସର୍ଜରି କରାଯାଇଥିଲା। ବରୁଣ ଏକ ସାକ୍ଷାତ୍‌କାରରେ ସର୍ଜରି ସମ୍ପର୍କିତ ସୂଚନା ଦେଇଥିଲେ, ଯାହାଫଳରେ ତାଙ୍କ ଫ୍ୟାନ୍ ଫଲୋୟର୍ସ ନାୟକଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ଚିନ୍ତା ପ୍ରକଟ କରିଥଲେ। ମଙ୍ଗଳବାର ବରୁଣ ଟୁଇଟରରେ ଏ ନେଇ ଗୋଟିଏ ପୋଷ୍ଟ ଶେୟାର କରିଛନ୍ତି, ଯେଉଁଥିରେ ସେ ଫିଟ୍ ଥିବା କହିଛନ୍ତି। କାନରେ ଥିବା ଭେଷ୍ଟିବୁଲାର ଟ୍ୟୁବ ଅସ୍ୱାଭାବିକ ଭାବେ କାର୍ଯ୍ୟ କରିବା ଦ୍ୱାରା ମସ୍ତିଷ୍କଙ୍କୁ ଠିକ୍ ସନ୍ଦେଶ ପହଞ୍ଚିପାରେ ନାହିଁ। ଏହି କାରଣରୁ ମସ୍ତିଷ୍କରେ ରକ୍ତ ଜମାଟ ବାନ୍ଧିବା ଅବା ଟ୍ୟୁମର ହେବାର ଆଶଙ୍କା ରହିଥାଏ। ଆସନ୍ତା ୨୫ରେ ବରୁଣଙ୍କ ଅଭିନୀତ 'ଭେଡିଆ' ମୁକ୍ତିଲାଭ କରିବ। ଏଥିରେ ବରୁଣଙ୍କ ବିପକ୍ଷରେ କ୍ରିତି ସାନନଙ୍କୁ ଦେଖିବାକୁ ମିଳିବ। ଫିଲ୍ମରେ ହାଇଡ୍ରାମା ସାଙ୍ଗକୁ ଭରପୂର କମେଡି ଦେଖିବାକୁ ମିଳିବା ସହ ଫିଲ୍ମର ଭିଏଫ୍‌ଏକ୍ସର ବ୍ୟବହାର କରାଯାଇଛି। ଅମର କୌଶିକ ଫିଲ୍ମର ନିର୍ଦ୍ଦେଶନା ଦେଇଥିବାବେଳେ ଦିନେଶ ବିଜୟ ପ୍ରଯୋଜନା ଦାୟିତ୍ୱରେ ରହିଛନ୍ତି।



## କାଇଲି ଶ୍ରେଷ୍ଠ ଅଭିନେତ୍ରୀ

ରିୟାଧ



୨୦୧୬ର ମିସ୍ ଇଣ୍ଟରନ୍ୟାଶନାଲ କାଇଲି ଭେରଜୋସାଙ୍କୁ ଡିଷ୍ଟିଙ୍କଟିଭ୍ ଇଣ୍ଟରନ୍ୟାଶନାଲ ଆରବ ଫେଷ୍ଟିଭାଲ ଆୱାର୍ଡ (ଡିଆଇଏଫ୍‌ଏ) ସମାରୋହରେ ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ପ୍ରଦାନ କରାଯାଇଛି। ୨୦୨୧ରେ ରିଲିଜ୍ ହୋଇଥିବା କାଇଲିଙ୍କ ଅଭିନୀତ ଫିଲ୍ମ 'ଦ ହାଉସ୍ ମେଡ୍' ପାଇଁ ତାଙ୍କୁ ବେଷ୍ଟ ଆକ୍ଟ୍ରେସ୍ ସମ୍ମାନ ପ୍ରଦାନ କରାଯାଇଛି। ୬ ବର୍ଷ ପୂର୍ବେ ଫିଲିପାଇନ୍ସ ପାଇଁ ମିସ୍ ଇଣ୍ଟରନ୍ୟାଶନାଲ ଆୱାର୍ଡ ଗ୍ରହଣ କରିବାର ଅନୁଭୂତି ଯେମିତିଥିଲା ଡିଆଇଏଫ୍‌ଏ ପୁରସ୍କାର ହାଇବା ପରେ ସେହିପରି ଲାଗୁଥିବା କାଇଲି କହିଛନ୍ତି। ଗତ ୪ ତାରିଖରେ ଏହା ଦୁବାଇରେ ଅନୁଷ୍ଠିତ ହୋଇଥିଲା। ଆୱାର୍ଡର ଫଟୋ କାଇଲି ସୋସିଆଲ ମିଡିଆରେ ଫଟୋ ଅପ୍‌ଲୋଡ୍ କରିବା ସହ ଏନେଇ ଫିଲିପାଇନ୍ସବାସୀଙ୍କୁ ଧନ୍ୟପାଦ ଜଣାଇଥିଲେ।

## ଫ୍ଲୋଟିଂ ଟ୍ରେନ୍‌ରେ ପୁଣି ବୁଲିବେ ପର୍ଯ୍ୟଟକ

ବ୍ୟାଙ୍କକ୍



ଥାଇଲାଣ୍ଡର ଫ୍ଲୋଟି ଟ୍ରେନ୍। ଏଥିରେ ବସି ଲୋକେ ହ୍ରଦର ସୁନ୍ଦର ମନୋରମ ଦୃଶ୍ୟକୁ ଉପଭୋଗ କରିଥାନ୍ତି। ତେବେ ଚଳିତବର୍ଷ ଥାଇଲାଣ୍ଡ ବୁଲିବାକୁ ଆସୁଥିବା ପର୍ଯ୍ୟଟକ ଏହି ଫ୍ଲୋଟିଂ ଟ୍ରେନ୍‌ର ମଜା ଉଠାଇ ପାରିବେ । ରାଜଧାନୀ ବ୍ୟାଙ୍କକରୁ ଯାତ୍ରୀମାନଙ୍କୁ ନେଇ ପାସକ ଜୋଲାସିଡ ଡ୍ୟାମରେ ନେଇ ଛାଡ଼ିବ। ଏଥିଲାଗି ଟ୍ରେନ୍‌କୁ ୬ ଘଣ୍ଟା ସମୟ ଲାଗିଥାଏ।

ଫ୍ଲୋଟିଂ ଟ୍ରେନ୍ ଯାତ୍ରା ପାଇଁ ଟିକେଟ୍ ବୁକିଂ ଆରମ୍ଭ ହୋଇସାରିଥିବାବେଳେ ନଭେମ୍ବରରୁ ଆସନ୍ତା ବର୍ଷ ଫେବୃୟାରୀ ପର୍ଯ୍ୟନ୍ତ ଟ୍ରେନ୍ ଯାତ୍ରା ଚାଲୁ ରହିବ। ଭ୍ୟୁ ପଏଣ୍ଟରେ ଟ୍ରେନ୍ ପାଖାପାଖି ୨୦ ମିନିଟ ରହିବା, ଯେଉଁଠାରେ ଯାତ୍ରୀ ଫଟୋ ଉଠାଇବା ସହ ଏହାର ସୌନ୍ଦର୍ଯ୍ୟକୁ ଉପଭୋଗ କରିପାରିବେ। ସପ୍ତାହାନ୍ତରେ ହିଁ ଏହି ଟ୍ରେନ୍‌ରେ ଯାତ୍ରା କରିପାରିବେ ପର୍ଯ୍ୟଟକ। କୋଭିଡ୍ ଯୋଗୁ ଫ୍ଲୋଟିଂ ଟ୍ରେନ୍ ଯାତ୍ରା ବନ୍ଦ ରହିଥିଲା। ୨ ବର୍ଷ ପରେ ପୁଣିଥରେ ଥାଇଲାଣ୍ଡରେ ଆରମ୍ଭ ହେବାକୁ ଯାଉଛି ଏହି ଭାସମାନ ରେଳ। ଅଧିକମାତ୍ରାରେ ପର୍ଯ୍ୟଟକ ଏଥର ଟ୍ରେନ୍‌ର ମଜା ନେବାର ସୁଯୋଗ ପାଇବେ ବୋଲି କୁହାଯାଉଛି।

## ସମସ୍ତଙ୍କ ପାଖରେ ଆଇନ ଉପଲବ୍ଧ ହେବା ଜରୁରୀ

### ଜାତୀୟ ଆଇନ ସେବା ଦିବସ

**ଦେଶରେ** ସମସ୍ତଙ୍କ ପାଖରେ ଆଇନ ଉପଲବ୍ଧ ହେବା ଜରୁରୀ। ଏନେଇ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ନଭେମ୍ବର ୯ ରେ, ଆଇନ ସେବା ପ୍ରାଧିକରଣ ଅଧିନିୟମ ୧୯୮୭ ର ଆରମ୍ଭକୁ ପାଳନ କରିବା ପାଇଁ ଜାତୀୟ ଆଇନ ସେବା ଦିବସ ଭାବେ ପାଳନ କରାଯାଇଥାଏ। ଏହା ୧୯୯୫ ମସିହାରେ କାର୍ଯ୍ୟକାରୀ ହୋଇଥିଲା। ମାଗଣା ଆଇନଗତ ସାହାଯ୍ୟର ଉପଲବ୍ଧତା ସହିତ, ଆଇନ ସେବା କର୍ତ୍ତୃପକ୍ଷଙ୍କ ଦ୍ୱାରା ଦିଆଯାଉଥିବା ଅନେକ ସେବା ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ ପ୍ରତିବର୍ଷ ସାରା ଦେଶରେ ଏହିଦିବସ ପାଳନ ଅବସରରେ ଏକ ଅଭିଯାନ ଅନୁଷ୍ଠିତ ହୋଇଥାଏ । ଆଇନ ସେବାଗୁଡ଼ିକର ବିକାଶ ପାଇଁ ସରକାର ଗ୍ରାଣ୍ଟ-ଇନ-ଏଡ ଏବଂ ଅନ୍ୟାନ୍ୟ ପ୍ରକାରର ଲଜିଷ୍ଟିକ ସହାୟତା ପ୍ରଦାନ କରିଥାନ୍ତି। ସମସ୍ତ ରାଜ୍ୟ ଆଇନ ସେବା ପ୍ରାଧିକରଣରୁ ମାସିକ କାର୍ଯ୍ୟକଳାପ ରିପୋର୍ଟ ଆଇନ ସେବା ପ୍ରାଧିକରଣ ଗ୍ରହଣ କରିଥାଏ। ଯାହା ଆଇନ ସେବା କର୍ତ୍ତୃପକ୍ଷଙ୍କ କାର୍ଯ୍ୟଦକ୍ଷତାକୁ ଟ୍ରାକ କରିବା ପାଇଁ କରାଯାଇଥିବା ସମସ୍ତ କାର୍ଯ୍ୟକୁ ଦର୍ଶାଇଥାଏ ।

# ଭିତିରି ବୁଝାମଣା ଉଦ୍ୟମ

■ ଆଜି ରାହାଡ଼ପୁର ପାହାଡ଼ରେ ଚୂଡ଼ାନ୍ତ ମାପଚୁପ୍

■ ଭୁବନେଶ୍ୱରରେ ଡେରା ପକାଇଛନ୍ତି ଲିଜ୍‌ଧାରୀ

■ ସ୍ୱଚ୍ଛତା ଅବଲମ୍ବନ ନ ହେଲେ ଆଇନର ଆଶ୍ରୟ ନେବାକୁ ଚେତାବନୀ

ଯାଜପୁର ଅଫିସ,୮।୧୧

ଯାଜପୁର ଜିଲା ଧର୍ମଶାଳା ତହସିଲ ପ୍ରଶାସନର ଅନୁମୋଦନ ଠାରୁ ଢେର ଗୁଣ ଅଧିକ କଳାପଥର ଲୁଟ୍ ଏବଂ ଜରିମାନା ଆଦାୟ ମାମଲା ଏବେ ସବୁଠି ଚର୍ଚ୍ଚାର ବିଷୟ ହୋଇଛି। ବିଶେଷକରି ଲୁଟ୍ ପରିମାଣର ମାପଚୁପ ପାଇଁ ପ୍ରଶାସନ ପକ୍ଷରୁ ନିୟୋଜିତ ବେସରକାରୀ ସଂସ୍ଥା ମାଇ ୱାର୍ଲ୍ଡ କନ୍ସଲଟେନ୍ସିର କାର୍ଯ୍ୟ ସ୍ୱଚ୍ଛତା ଉପରେ ଏବେ ବଡ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବୁଧବାର ଜଣେ ପ୍ରଭାବଶାଳୀ ରାଜନେତା ଲିଜ୍ ନେଇଥିବା ରାହାଡ଼ପୁର ପାହାଡ଼ର ଚୂଡ଼ାନ୍ତ ମାପଚୁପକୁ ସମସ୍ତେ ଚାହିଁ ରହିଛନ୍ତି। କାରଣ ଏହି ପାହାଡ଼ରୁ ୫ ବର୍ଷ ପାଇଁ ୨,୩୫,୦୦୦ ଘନଫୁଟ କଳାପଥର ଉତ୍ତୋଳନ କରିବାକୁ ଅନୁମତି ରହିଥିବାବେଳେ ସେଠାରୁ ପ୍ରାୟ ଦେଢକୋଟି ଘନଫୁଟ କଳାପଥର ଲୁଟ ହୋଇଛି। ଏହାସହ ଆଖପାଖ ୩ଟି କ୍ୱାରୀରୁ ବିନା ଅନୁମୋଦନରେ ପ୍ରାୟ ୮ ଲକ୍ଷ ଘନଫୁଟ କଳାପଥର ଚୋରି ହୋଇଥିବା ଚର୍ଚ୍ଚା ହେଉଛି। ସେହିପରି ଆସନ୍ତା ମାର୍ଚ୍ଚରେ ଲିଜ୍ ଅବଧି ଶେଷ ହେବାକୁ ଥିବା ବରଡା ପାହାଡରୁ ମଧ୍ୟ ବିପୁଳ ପରିମାଣର କଳାପଥର ଲୁଟ ହୋଇଥିବା ଅଭିଯୋଗ ହୋଇଛି। ଏହିସବୁ ଅଭିଯୋଗରେ ଧର୍ମଶାଳା ତହସିଲ କର୍ତ୍ତୃପକ୍ଷ ପରୋକ୍ଷରେ ସହଯୋଗ ଦେଇ ଆସୁଛନ୍ତି। ଏହିକ୍ରମରେ ମାପଚୁପରେ ଯଦି ସ୍ୱଚ୍ଛତା ଅବଲମ୍ବନ କରା ନ ଯାଏ, ତେବେ ଅଞ୍ଚଳବାସୀ ହାଇକୋର୍ଟର ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷେ ସଂପୃକ୍ତ ଲିଜ୍‌ଧାରୀ ଆଇନ କବଳରୁ ମୁକୁଳିବା ପାଇଁ ନିୟୋଜିତ ସଂସ୍ଥା କର୍ତ୍ତୃପକ୍ଷଙ୍କୁ ମନାଇବାକୁ ଭୁବନେଶ୍ୱରରେ ଡେରା ପକାଇଥିବା ଚର୍ଚ୍ଚାର ବିଷୟ ହୋଇଛି।



ରାହାଡ଼ପୁର ପାହାଡ଼

ବିଭିନ୍ନ ଉନ୍ନୟନ କାମ ଉଦ୍ଦେଶ୍ୟରେ ୨୦୧୭-୧୮ ବର୍ଷରେ କଳାପଥର ଉତ୍ତୋଳନ କରିବାକୁ ରାହାଡ଼ପୁର ପାହାଡ଼କୁ ଲିଜ୍ ସୂତ୍ରରେ ଦିଆଯାଇଥିଲା। ଏଥିରେ ୨୫ ଏକର ପରିମିତ ଅଞ୍ଚଳରୁ ବାର୍ଷିକ ୪୭ ହଜାର ଘନଫୁଟ ଅନୁସାରେ ୫ ବର୍ଷରେ ସେ ୨ ଲକ୍ଷ ୩୫ ହଜାର ଘନଫୁଟ କଳାପଥର ଉତ୍ତୋଳନ କରିପାରିବେ ବୋଲି ଅନୁମୋଦନ ହୋଇଥିଲା। ଏହି ସମୟରେ ଚଣ୍ଡିଖୋଲ-ଭଦ୍ରକ ୧୬ନଂ. ଜାତୀୟ ରାଜପଥର ସମ୍ପ୍ରସାରଣ କାମ ଚାଲିଥିଲା। ଏଥିରେ ବିପୁଳ ପରିମାଣର କଳାପଥର ଆବଶ୍ୟକତା ପଡୁଥିଲା। ତେଣୁ ଲିଜ୍‌ଧାରୀ ଅନୁମୋଦନ ପରିମାଣକୁ ବୃଦ୍ଧି କରିବାକୁ କୌଣସି ଅନୁମତି ନ ନେଇ ଉକ୍ତ ରାସ୍ତା ସମ୍ପ୍ରସାରଣ କାମରେ ପ୍ରାୟ ୬୫ ଲକ୍ଷ ଘନଫୁଟ୍ କଳାପଥର ଯୋଗାଇ ଦେଇଥିଲେ। ଏହାସହ ୫୩ ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କାମରେ ମଧ୍ୟ ବିପୁଳ କଳାପଥର ବ୍ୟବହାର ହୋଇଛି। ଏଭଳି ଭାବେ ପ୍ରାୟ ଦେଢକୋଟି ଟଙ୍କାର ବେଆଇନ ଭାବେ କଳାପଥର ଉତ୍ତୋଳନ କରାଯାଇଥିବା ପ୍ରାଥମିକ ମାପଚୁପରୁ ଜଣାପଡିଛି। ତେଣୁ ଜରିମାନା ଆକଳନ ହେବା ପୂର୍ବରୁ ପୁଣି ଥରେ ଚୂଡ଼ାନ୍ତ ମାପଚୁପ କରିବାକୁ ନିଷ୍ପତ୍ତି ହୋଇଥିବାବେଳେ ତାହା ବୁଧବାର ସମ୍ପନ୍ନ କରାଯିବ। ଏହିସବୁ ଲୁଟ୍‌କୁ ଚାପିଦେବାକୁ ଲିଜ୍‌ଧାରୀ ସବୁପ୍ରକାର ଉଦ୍ୟମ କରି ବିଫଳ ହେବା ପରେ ମାପଚୁପ କରୁଥିବା ସଂସ୍ଥାକୁ ଭରସା କରିଛନ୍ତି। ତେଣୁ ଲିଜ୍‌ଧାରୀ ଏବଂ ଉକ୍ତ ସଂସ୍ଥା ମଧ୍ୟରେ ଏକ ବଡଧରଣର ଭିତିରି ବୁଝାମଣା ହୋଇପାରେ ବୋଲି ଅଞ୍ଚଳବାସୀ ଆଶଙ୍କା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ଉକ୍ତ ସଂସ୍ଥା ନିଜର ଭାବମୂର୍ତ୍ତିକୁ ବଜାୟ ରଖିବାକୁ କୌଣସି ବୁଝାମଣା କରିବ ନାହିଁ ବୋଲି ଶୁଣିବାକୁ ମିଳୁଛି।

ସୂଚନାଯୋଗ୍ୟ, ଗତ ମାର୍ଚ୍ଚରେ ଅନୁଷ୍ଠିତ ବିଧାନସଭାରେ ବିଧାୟକ ନବଚରଣ ମାଝିଙ୍କ ଏକ ପ୍ରଶ୍ନର ଉତ୍ତରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାରାଣ୍ଡି ଅନୁମୋଦନଠାରୁ ଅଧିକ ଲଘୁ ଖଣିଜ ଦ୍ରବ୍ୟ ଲୁଟ ଉପରେ ଏକ ତଥ୍ୟ ପ୍ରଦାନ କରିଥିଲେ। ଉକ୍ତ ତଥ୍ୟରେ ୨୦୧୫-୧୬ ରୁ ୨୦୨୧-୨୨ ବର୍ଷ ମଧ୍ୟରେ ଲଘୁ ଖଣିଜ ଦ୍ରବ୍ୟର ବେଆଇନ ଉତ୍ତୋଳନ, ଅନୁମୋଦନ ପରିମାଣଠାରୁ ଅଧିକ ଲୁଟ, ବିନା ଟ୍ରାନ୍‌ଜିଟ୍ ଫର୍ମରେ ଖଣିଜ ପରିବହନ ଓ ବିକ୍ରି ମାମଲାରେ ୧୪ ଜିଲାରୁ ୧୯ କୋଟି ୮୬ ଲକ୍ଷ ୫୦ ହଜାର ୫୪୩ ଟଙ୍କା ଜରିମାନା ଆଦାୟ ହୋଇଥିଲା। ସେଥିରୁ ବାଲେଶ୍ୱର ଜିଲାର ଜରିମାନା ସର୍ବାଧିକ ୬ କୋଟି ୧୦ ଲକ୍ଷ ୫୬୨ ଟଙ୍କା ରହିଥିଲା। କିନ୍ତୁ ସର୍ବାଧିକ କଳାପଥର ଲୁଟ ହେଉଥିବା ଯାଜପୁର ଜିଲାରେ ଟଙ୍କାଟିଏ ବି ଆଦାୟ ହୋଇ ନ ଥିବା ମନ୍ତ୍ରୀଙ୍କ ତଥ୍ୟରୁ ଜଣାପଡିଥିଲା। ଏହାପରେ ଜିଲା ପ୍ରଶାସନ ପକ୍ଷରୁ ଲିଜ୍ ପାହାଡ଼ଗୁଡିକର ମାପଚୁପ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହିକ୍ରମରେ ସାଟେ ଲାଇଟ୍ ମାପଚୁପ କରି ୪ ଜଣ ଲିଜ୍‌ଧାରୀଙ୍କ ନାମରେ ୧୦୫.୮୭ କୋଟି ଟଙ୍କାର ଜରିମାନା ଆଦାୟ ନିର୍ଦ୍ଦେଶ ହୋଇଛି। ହେଲେ ଏଯାଏ ଟଙ୍କାଟିଏ ଅସୁଲ ହୋଇ ନ ଥିବା ଜଣାପଡିଛି। ଏ ସଂକ୍ରାନ୍ତରେ ଧର୍ମଶାଳା ତହସିଲଦାର ସ୍ୱାଗତ କୁମାର ଦାସଙ୍କ ମତାମତ ନେବାକୁ ମଙ୍ଗଳବାର ସନ୍ଧ୍ୟାରେ ତାଙ୍କ ମୋବାଇଲକୁ ଯୋଗାଯୋଗ କରାଯାଇଥିଲା। ହେଲେ ସେ ଫୋନ କଲ ଗ୍ରହଣ କରି ନ ଥିଲେ।

# ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା

## ରାଗରେ ଉଜାଡ଼ିଦେଲେ ନିଜ ସଂସାର

ରାୟଗଡ଼ା ଅଫିସ, ୮।୧୧

ରାଗରେ ଭୁଲିଗଲେ ହିତାହିତ ଜ୍ଞାନ। ଟାଙ୍ଗିଆରେ ହାଣି ମାରିଦେଲେ ସ୍ତ୍ରୀଙ୍କୁ। ନିଜ ୩ପିଲାଙ୍କୁ କରିଦେଲେ ମା'ଛେଉଣ୍ଡ। ଏପରି ଏକ ଘଟଣା ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ଧାମୁଣିପଙ୍ଗା ପଞ୍ଚାୟତ କତାଗୁଡ଼ାଗାଁର ଦଳିତସାହିରେ ଦେଖିବାକୁ ମିଳିଛି। ମୃତକ ହେଲେ ଗାଁର ନୀଳକଣ୍ଠ କୌଶଲ୍ୟା(୫୦)ଙ୍କ ସ୍ତ୍ରୀ ରାଧା (୪୨)। ପୋଲିସ ଏ.କେ. ନୀଳକଣ୍ଠଙ୍କୁ ଅଟକ ରଖି ପଚରାଉଚରା କରୁଛି।

ମୃତକଙ୍କ ବାପା ରାମଦାସଙ୍କ କହିବାନୁଯାୟୀ, ରାଧା କିଛିଦିନ ତଳେ କଳାହାଣ୍ଡି ଜିଲା ବିଜେପୁର ପଞ୍ଚାୟତ ଫୁକେରସ୍ଥିତ ନିଜ ବାପଘରକୁ ଆସିଥିଲେ। ସୋମବାର ନୀଳକଣ୍ଠ ସେଠାକୁ ଯାଇ ରାଧାଙ୍କୁ ଘରକୁ ଆଣିଥିଲେ। ମଙ୍ଗଳବାର ଭୋରରୁ ଉଭୟେ କାର୍ତ୍ତିକ ପୂର୍ଣ୍ଣିମାରେ ଡଙ୍ଗା ଭସାଇବାକୁ ମଧ୍ୟ ଯାଇଥିଲେ। ସେଠାରୁ ଆସିବା ପରେ କୌଣସି କାରଣକୁ ନେଇ ନୀଳକଣ୍ଠ ଓ ରାଧାଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ପାଖରେ ଥିବା ଏକ ଟାଙ୍ଗିଆରେ ନୀଳକଣ୍ଠ ରାଧାଙ୍କ ମୁଣ୍ଡ, ବେକକୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଛି। ଘଟଣା ସମ୍ପର୍କରେ ଜାଣି ପଡ଼ୋଶୀ ପୋଲିସକୁ ଖବର ଦେଇଥିଲେ। ଖବରପାଇ ରାୟଗଡ଼ା ଏସ୍‌ଡିପିଓ ଦିବ୍ୟଜ୍ୟୋତି ଦାସ, କଲ୍ୟାଣସିଂହପୁର ଥାନାଧିକାରୀ ମୁକୁନ୍ଦଦେବ ନାୟକ, ସବ୍‌ଇନ୍ସପେକ୍ଟର ସଞ୍ଜୟ କୁମାର ମୁର୍ମୁ, ଅତିରିକ୍ତ ସବ୍‌ଇନ୍ସପେକ୍ଟର ମନୋଜ କୁମାର ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚିଥିଲେ। ରାଧାଙ୍କ ବାପଘର ଲୋକେ ସେଠାରେ ପହଞ୍ଚିବା ପରେ ଉତ୍ତେଜନା ଦେଖାଦେଇଥିଲା। ରାମଦାସ ଥାନାରେ ରାଧାଙ୍କୁ ହତ୍ୟା କରାଯାଇଥିବା ନେଇ ଲିଖିତ ଅଭିଯୋଗ କରିଥିଲେ। ପୂର୍ବରୁ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିବାରୁ ରାଧା ଆମ ଘରେ ରହୁଥିଲା। ନୀଳକଣ୍ଠଙ୍କ ଭାଇ, ଶଶୁର ବଳରାମ ସେଠାକୁ ଯାଇ ଝିଅକୁ ବୁଝାଶୁଝା କରି ନିଜ ଦାୟିତ୍ୱରେ ଆଣିଥିଲେ। ଏବେ ଝିଅକୁ ହତ୍ୟା କରାଯାଇଛି ବୋଲି ରାଧାଙ୍କ ବାପା ଏତଲାରେ ଉଲ୍ଲେଖ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। କେସ୍ ନମ୍ବର ୯୭/୨୨ରେ ହତ୍ୟା ମାମଲା ରୁଜୁକରି ଘଟଣାର ତଦନ୍ତ କରାଯାଉଛି। ପୋଲିସ ନୀଳକଣ୍ଠଙ୍କୁ ଅଟକ ରଖି ପଚରାଉଚରା କରୁଛି।

# ବଡ଼ଭାଇଙ୍କ ଜୀବନ ନେଲା ଜେଲ ଫେରନ୍ତା ମଝିଆ ଭାଇ

କଣ୍ଟାବାଞ୍ଜି, ୮।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ତୁରେକେଲା ଥାନା ଅନ୍ତର୍ଗତ କନ୍ଦେଇ ଗାଁରେ ମଙ୍ଗଳବାର ଏକ ହତ୍ୟାକାଣ୍ଡ ଘଟିଛି। ବଡ଼ଭାଇ ଫୁଲ ପ୍ରସାଦ ବାଗ(୩୫)ଙ୍କ ଜୀବନ ନେଇଛନ୍ତି ଜେଲ ଫେରନ୍ତା ମଝିଆ ଭାଇ ତିଳକ ବାଗ(୩୩)। କାର୍ତ୍ତିକ ପୂର୍ଣ୍ଣିମା ପାଇଁ ଗାଁ ନିକଟ ଅର୍ଜୁନନଦୀକୁ ସକାଳେ ଶୌଚ ପାଇଁ ଯାଇଥିବା ଦୁଇଭାଇଙ୍କ ମଧ୍ୟରେ କୌଣସି କଥାକୁ ନେଇ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ତିଳକ ଏକ ପଥରରେ ବଡ଼ଭାଇଙ୍କ ମୁଣ୍ଡରେ ଛେଚି ଦେଇଥିଲେ। ଏଥିରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହାପରେ ମୃତଦେହକୁ ସେ ନଦୀରେ ଫିଙ୍ଗି ଦେଇଥିଲେ। ଏହି ସମୟରେ ଶୌଚ ପାଇଁ ସେଠାରେ ପହଞ୍ଚିଥିବା ମୃତକଙ୍କ ବାପା ଚେରୁ ବାଗଙ୍କୁ ଦେଖି ଦୌଡି ପଳାଇଥିଲେ ତିଳକ। ଖବର ଲେଖା ହେବା ଯାଏ ସନ୍ଧ୍ୟା ୫.୩୦ ପର୍ଯ୍ୟନ୍ତ ଘଟଣାସ୍ଥଳରେ ମୃତଦେହ ପଡି ରହିଛି। ଚେରୁ ବାଗଙ୍କ ଅଭିଯୋଗ ଆଧାରରେ ପୋଲିସ ହତ୍ୟାକାଣ୍ଡସ୍ଥଳରେ ପହଞ୍ଚି ତନାଘନା ଚଳାଇଛି। ଗ୍ରାମବାସୀଙ୍କଠାରୁ ମିଳିଥିବା ସୂଚନା ଅନୁସାରେ ତିଳକ ୨୦୧୯ରେ ଗାଁର କର୍ଣ୍ଣ ବାଗଙ୍କ ସହ ମହାରାଷ୍ଟ୍ରର ନାଗପୁରକୁ କାମ କରିବାକୁ ଯାଇଥିଲେ । ସେଠାରେ କର୍ଣ୍ଣଙ୍କ ସହ ତାଙ୍କର କୌଣସି କାରଣକୁ ନେଇ ବଚସା ହୋଇଥିଲା। ଏଥିରେ କ୍ରୋଧିତ ହୋଇ କର୍ଣ୍ଣଙ୍କ ତଣ୍ଟି ଚିପି ତିଳକ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ନାଗପୁର ପୋଲିସ ତିଳକଙ୍କୁ ଗିରଫ କରି ଜେଲ ହାଜତକୁ ପଠାଇଥିଲା। ଦୁଇବର୍ଷ ପରେ ନିକଟରେ ଜେଲରୁ ତିଳକ ନିଜ ଗାଁକୁ ଫେରିଥିବା ତାଙ୍କ ପରିବାର ଲୋକେ କହିଛନ୍ତି।

# ମହାପ୍ରଭୁଙ୍କ ରାଜରାଜେଶ୍ୱର ବେଶ

## ଦୁଇବର୍ଷ ପରେ ଦର୍ଶନ କଲେ ଭକ୍ତ



ପୁରୀ ଅଫିସ,୮।୧୧

କାର୍ତ୍ତିକ ପୂର୍ଣ୍ଣିମା ବା ପଞ୍ଚକ ଶେଷ ଦିବସରେ ଶ୍ରୀମନ୍ଦିରରେ ପାରମ୍ପରିକ ରୀତିନୀତି ଅନୁସାରେ ରତ୍ନସିଂହାସନ ଉପରେ ବିରାଜିତ ଶ୍ରୀବିଗ୍ରହଙ୍କର ରାଜରାଜେଶ୍ୱର ବେଶ ବା ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ପୂର୍ଣ୍ଣିମାରେ ଚନ୍ଦ୍ର ଗ୍ରହଣ ପଡୁଥିବାରୁ ମହାପ୍ରଭୁଙ୍କ ବେଶ ଓ ନୀତି ଚଞ୍ଚଳ ହୋଇଥିଲା। ରାତି ୧୨ଟା ୧୫ ମିନିଟରେ ଦ୍ୱାର ଖୋଲାଯାଇ ମହାପ୍ରଭୁଙ୍କ ନୀତି ଆରମ୍ଭ କରାଯାଇଥିଲା। ବିଭିନ୍ନ ନୀତି ହୋଇ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ଅବକାଶ ନୀତି ରାତି ୧ଟା ୫୦ରେ ସମ୍ପନ୍ନ ହେବା ପରେ ପୁଷ୍ପାଳକ ସେବକମାନେ ବିଭିନ୍ନ ରତ୍ନ ଅଳଙ୍କାର ଓ ପାଟବସ୍ତ୍ରରେ ଶ୍ରୀଜୀଉମାନଙ୍କୁ ରାଜବେଶରେ ସୁସଜ୍ଜିତ କରିଥିଲେ। ଏହି ବେଶରେ ଠାକୁରମାନେ ଶ୍ରୀଭୁଜ, କିରୀଟ, ଶ୍ରୀପୟର, ଓଡ଼ିଆଣୀ, ଚନ୍ଦ୍ରସୂର୍ଯ୍ୟ, କୁଣ୍ଡଳ, ଚିତା, ଚନ୍ଦ୍ରିକା, ଶଙ୍ଖ, ଚକ୍ର, ହଳ, ମୂଷଳ, ତ୍ରିଶାଖା, ଅଳକା, ତଡ଼ଗି, ଶ୍ରୀମୁଖ ପଦ୍ମ, ଘାଗଡ଼ା ମାଳି, କଦମ୍ବ ମାଳି, ହରିଡ଼ା କଦମ୍ବ ମାଳି, ବାହାଡ଼ା ମାଳି, ତାବିଜ ମାଳି, ଆଡକାନି, ବାଘନଖି ମାଳି ଓ ସେବତୀ ମାଳି ଆଦି ବିଭିନ୍ନ ରତ୍ନ ଅଳଙ୍କାର ଧାରଣ କରିଥିଲେ। ରାତି ପ୍ରାୟ ୨ଟା ୫୦ ମିନିଟ୍‌ରେ ଶ୍ରୀବିଗ୍ରହଙ୍କ ରାଜାଧିରାଜ ବେଶ ସମ୍ପନ୍ନ ହୋଇଥିଲା। ଏହି ବେଶରେ ଗୋପାଳ ବଲ୍ଲଭ, ସକାଳଧୂପ ଓ ବାଳଧୂପ, ଭୋଗମଣ୍ଡପ ଆଦି ନୀତି ସମ୍ପନ୍ନ ହୋଇଥିଲା।

ଅତୀତରେ ଓଡ଼ିଶାର ବହୁ ରାଜା, ଜମିଦାର ଓ ସାମନ୍ତ ବର୍ଗ ଶ୍ରୀମନ୍ଦିରକୁ ଆଗମନ ପୂର୍ବକ ଦାରୁବ୍ରହ୍ମ ରୂପୀ ଶ୍ରୀବିଗ୍ରହମାନଙ୍କର ଏହି ରାଜ ବେଶ ଦର୍ଶନରେ ସନ୍ତୋଷ ଲାଭ କରିବା ସହ ଠାକୁରଙ୍କ ଉଦ୍ଦେଶ୍ୟରେ ନାନା ରତ୍ନ ଅଳଙ୍କାର ଦାନ କରୁଥିଲେ। ଅନ୍ୟପଟେ ଗତ ଦୁଇବର୍ଷ କରୋନା କଟକଣା ପାଇଁ ମହାପ୍ରଭୁଙ୍କ ସୁନାବେଶ ଦର୍ଶନରୁ ଭକ୍ତ ବଞ୍ଚିତ ହୋଇଥିବା ବେଳେ ଚଳିତବର୍ଷ ମଧ୍ୟ ଚନ୍ଦ୍ରଗ୍ରହଣ କାରଣରୁ ଭକ୍ତମାନେ ମହାପ୍ରଭୁଙ୍କ ସୁନାବେଶ ଦର୍ଶନରୁ ବଞ୍ଚିତ ହେବା ନେଇ ଆଶଙ୍କା ଦେଖାଦେଇଥିଲା। ମାତ୍ର ମହାପ୍ରଭୁଙ୍କ କରୁଣାରୁ ନୀତିକାନ୍ତି ଶୀଘ୍ର ହୋଇଯାଇଥିବାରୁ ମଙ୍ଗଳବାର ସକାଳ ୬ଟାରୁ ଆରମ୍ଭ କରି ଚନ୍ଦ୍ରଗ୍ରହଣ ଲାଗିବା ପୂର୍ବ ସମୟ ପର୍ଯ୍ୟନ୍ତ(ଅପରାହ୍ନ ୨ଟା ଯାଏ) ଭକ୍ତମାନେ ମହାପ୍ରଭୁଙ୍କ ସୁନାବେଶ ଦର୍ଶନ କରି ଖୁସି ହୋଇଥିଲେ। ମହାପ୍ରଭୁଙ୍କୁ ଭୋଗମଣ୍ଡପ ପରେ ସୁନାବେଶ ଓଲାଗି ହେବା କଥା, ମାତ୍ର ଚନ୍ଦ୍ର ଗ୍ରହଣ ପାଇଁ ମହାପ୍ରଭୁଙ୍କ ଭୋଗମଣ୍ଡପ ପରେ ନୀତି ସ୍ଥଗିତ ରଖାଯାଇଥିଲା। ତେଣୁ ମହାପ୍ରଭୁଙ୍କ ସୁନାବେଶକୁ ଓଲାଗି କରାଯାଇ ନ ଥିଲା। ଫଳରେ ଭକ୍ତମାନେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ସୁନାବେଶ ଦର୍ଶନ କରିଥିଲେ।

## ପତିତପାବନଙ୍କୁ କରାଗଲା ପ୍ରତିକାତ୍ମକ ସୁନାବେଶ



କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଶ୍ରୀମନ୍ଦିର ରତ୍ନସିଂହାସନ ରଢ ଦାରୁବିଗ୍ରହଙ୍କ ସୁନାବେଶ ବା ରାଜାଧିରାଜ ବେଶ କେଉଁ ଆବହମାନ କାଳରୁ ଚାଲିଆସିଥିବା ବେଳେ ଚଳିତବର୍ଷ ଦ୍ୱିତୀୟଥର ପାଇଁ ଶ୍ରୀମନ୍ଦିର ସିଂହଦ୍ୱାର ଗୁମୁଟରେ ଥିବା ପତିତପାବନଙ୍କୁ ସୁନାବେଶ କରାଯାଇଛି। ପୂଜାପଣ୍ଡା ନିଯୋଗର ନିଜସ୍ୱ ଉଦ୍ୟମରେ ପତିତପାବନଙ୍କ ସୁନାବେଶ କରାଯାଇଛି। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ଶ୍ରୀମନ୍ଦିର ପୂଜାପଣ୍ଡା ନିଯୋଗର ଠାକୁର ହେଉଛନ୍ତି ପତିତପାବନ। ପତିତପାବନଙ୍କୁ ସୁନେଲି ରଙ୍ଗର ସୋଲ, ଜରି, ଜମ୍ଭୁରା ଆଦି ସାମଗ୍ରୀରେ ଏହି ବେଶ ପ୍ରସ୍ତୁତ ହୋଇଥିବା ବେଳେ ଚିତା ସୁନାରେ ପ୍ରସ୍ତୁତ କରାଯାଇ ଠାକୁରଙ୍କୁ ଲଗାଯାଇଥିଲା। ସୂଚନାଯୋଗ୍ୟ, ରଥଯାତ୍ରା ହରିଶୟନ ଏକାଦଶୀ ତିଥିରେ ପୂଜାପଣ୍ଡା ନିଯୋଗ ପକ୍ଷରୁ ପତିତପାବନଙ୍କୁ ପ୍ରଥମଥର ପାଇଁ ସୁନାବେଶ କରାଯାଇଥିଲା। ଚଳିତବର୍ଷ କାର୍ତ୍ତିକ ପୂର୍ଣ୍ଣିମାରେ ଦ୍ୱିତୀୟଥର ପାଇଁ ପତିତପାବନଙ୍କୁ ସୁନାବେଶ କରାଯାଇଛି। ପୂଜାପଣ୍ଡା ନିଯୋଗ ପକ୍ଷରୁ ଭକ୍ତଙ୍କ ଦର୍ଶନ ପାଇଁ ପତିତପାବନଙ୍କୁ ସୁନାବେଶ କରାଯାଇଥିଲା।

# ଯୁବକଙ୍କୁ ହତ୍ୟା କରି ଫିଙ୍ଗିଦେଲେ

ବାରିପଦା ଅଫିସ/ଠାକୁରମୁଣ୍ଡା, ୮।୧୧(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ଯଶୀପୁର ଥାନା ଅଧୀନ ଝାଳବେଡ଼ା ଗ୍ରାମ ରାସ୍ତା ପାର୍ଶ୍ୱ ବୁଦା ମୂଳରୁ ମଙ୍ଗଳବାର ଜଣେ ଯୁବକଙ୍କ ରକ୍ତ ଜୁଡୁବୁଡୁ ମୃତଦେହକୁ ପୋଲିସ ଜବତ କରିଛି। ମୃତକଙ୍କ ପରିଚୟ ମିଳିପାରି ନ ଥିବା ବେଳେ ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ଏ ସଂକ୍ରାନ୍ତରେ ଥାନାରେ ଏକ ହତ୍ୟା ମାମଲା(ନଂ.୨୮୬/୨୨) ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ କରଞ୍ଜିଆ ଡାକ୍ତରଖାନାକୁ ପଠାଯାଇଛି। ସୂଚନା ଅନୁଯାୟୀ, ଝାଳବେଡ଼ା ଗାଁ ବନ୍ଧ ନିକଟ ରାସ୍ତା ପାର୍ଶ୍ୱରେ ଥିବା ଲଟାବୁଦା ମଧ୍ୟରେ ଜଣେ ଯୁବକଙ୍କ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। କରଞ୍ଜିଆ ଉପଖଣ୍ଡ ପୋଲିସ ଅଧିକାରୀ ଏବଂ ଯଶୀପୁର ଥାନା ଅଧିକାରୀ ପଞ୍ଚାନନ ମହାନ୍ତି ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରିରଖିଛନ୍ତି। ହତ୍ୟା ପରେ ମୃତ ଯୁବକଙ୍କ ମୁହଁରେ ଜ୍ୟାକେଟ ବାନ୍ଧି ଲଟାବୁଦା ମୂଳକୁ ଫିଙ୍ଗି ଦିଆଯାଇଥିବା ପୋଲିସ ସୂଚନା ଦେଇଛି।

CLASSIFIED DISPLAY
ALL EDITION - B/W (Everyday)
MORE SPACE ' SAME PRICE
for Booking Contact 0674-2580385, 8637280816, 7894447167, 9338226625

ମୁଦ୍ରା ଯୋଜନା
ଅଧୀନରେ ଘରେ ବସି
50000ରୁ 5000000
ପର୍ଯ୍ୟନ୍ତ ଋଣ ପାଆନ୍ତୁ
ସୁଧ 2% ଛାଡ଼ 40%
ସମ୍ପର୍କ କରନ୍ତୁ
ଠିକଣା: ମ.ନଂ. 675, ଗ୍ରାମ ଲୋହାରି ଜାଟୁ
ତହସିଲ- ବୱାନି ଖେଡ଼ା, ଜିଲ୍ଲା- ଭିୱାନି
8950329763

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ରେଞ୍ଜରଙ୍କ ଗାଡ଼ି ଧକ୍କାରେ ୱାଚରଙ୍କ ମୃତ୍ୟୁ

## କ୍ଷତିପୂରଣ ପ୍ରତିଶ୍ରୁତି ପରେ ଥମିଲା ଉତ୍ତେଜନା

ଅନୁଗୋଳ ଅଫିସ, ୮।୧୧

ଅନୁଗୋଳ ଜିଲା ସାତକୋଶିଆ ବନଖଣ୍ଡର ପମ୍ପାସର ରେଞ୍ଜରେ ପାଟ୍ରୋଲିଂ କରୁଥିବାବେଳେ ଦୁର୍ଘଟଣାରେ ଜଣେ ୱାଚରଙ୍କ ମୃତ୍ୟୁ ହୋଇଛି। ମୃତ ୱାଚର ହେଉଛନ୍ତି ପୁରୁଣାକୋଟ ଗୋପାଳପୁର ଗାଁର ସମ୍ବିତ ଦାସ (୨୪)। ସୋମବାର ବିଳମ୍ବିତ ରାତିରେ ଟିକରପଡ଼ା ରେଞ୍ଜର ମାଗୁଣି ବେହେରାଙ୍କ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ମଙ୍ଗଳବାର ଏହା ଜଣାପଡ଼ିବା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତ ୱାଚରଙ୍କ ପରିବାରରୁ ଜଣଙ୍କୁ ସ୍ଥାୟୀ ନିଯୁକ୍ତି ଓ କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରାଯାଇଥିଲା। ତେବେ ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ଦାବି ପୂରଣ ନେଇ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା।



ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଛନ୍ତି।

ପୁରୁଣାକୋଟ ଥାନା ପୁରୁଣାକୋଟ ଗୋପାଳପୁର ଗାଁର ସମ୍ବିତ ମାତ୍ର ୬ ମାସ ହେଲା ପମ୍ପାସର ରେଞ୍ଜରେ ୱାଚର ଭାବେ କାର୍ଯ୍ୟ କରୁଥିଲେ। ସୋମବାର ରାତିରେ ସେ ତରଭା ଛକ ନିକଟରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଅନୁଗୋଳ ପଟୁ ଆସୁଥିବା ଟିକରପଡା ରେଞ୍ଜ ଅଧିକାରୀଙ୍କ ଗାଡି (ନଂ. ଓଆର୧୯ଜେ-୨୪୦୦) ତାଙ୍କୁ ଧକ୍କା ଦେଇ ଘଟଣାସ୍ଥଳରୁ ପଳାଇଯାଇଥିଲା। ଗୁରୁତର ଅବସ୍ଥାରେ ସମ୍ବିତ ରାସ୍ତାରେ ପଡ଼ିଥିବା ଖବରପାଇ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏଥିପାଇଁ ସେମାନେ ବନ ବିଭାଗର ଅବହେଳାକୁ ଦାୟୀ କରିଛନ୍ତି। ଘଟଣା ସମ୍ପର୍କରେ ସକାଳେ ସ୍ଥାନୀୟ ଲୋକେ ଜାଣିବା ପରେ ପମ୍ପାସର ନିକଟରେ ରାସ୍ତାରୋକୋ କରିଥିଲେ। ମୃତକଙ୍କ ପରିବାରର ଜଣଙ୍କୁ ସ୍ଥାୟୀ ନିଯୁକ୍ତି ଓ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ, ଗାଡ଼ିରେ ରେଞ୍ଜର ଥିଲେ କି ନାହିଁ ସେ ନେଇ ତଦନ୍ତ ଆଦି ଦାବିରେ ୫ ଘଣ୍ଟା ଧରି ରାସ୍ତାରୋକୋ କରିଥିଲେ। ଫଳରେ ସାତକୋଶିଆ ବୁଲିବାକୁ ଯାଉଥିବା ବହୁ ପର୍ଯ୍ୟଟକ ପମ୍ପାସରଠାରେ ଅଟକି ରହିଥିଲେ। ଖବରପାଇ ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ ଏସିଏଫ୍ ଶୁଭେନ୍ଦୁ ବେହେରା, ଅନୁଗୋଳ ଏସ୍‌ଡିପିଓ ରମାକାନ୍ତ ମାହାଳିକ, ବନ୍ତଳା ଥାନା ଅଧିକାରୀ ସୁମିତ୍ରା ପାତ୍ର, ପୁରୁଣାକୋଟ ଥାନା ଅଧିକାରୀ ଆଶିଷ କୁମାର ଜେନା, ଅନୁଗୋଳ ଅତିରିକ୍ତ ତହସିଲଦାର ପ୍ରମୁଖ ପହଞ୍ଚି ବୁଝାଶୁଝା କରିବା ସହ ସରକାରୀ ନିୟମାନୁଯାୟୀ ସହାୟତା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ଦୁର୍ଘଟଣା ସମ୍ପର୍କରେ ଥାନାରେ ଏତଲା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଘଟଣା ସମ୍ପର୍କରେ ଏସିଏଫ୍ କହିଛନ୍ତି, ମୃତ ୱାଚରଙ୍କ ପରିବାରକୁ ସରକାରୀ ନିୟମାନୁଯାୟୀ କ୍ଷତିପୂରଣ ପ୍ରଦାନ କରାଯିବ।

ମନେ ପଡ଼ନ୍ତି

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଉପେନ୍ଦ୍ର କୁମାର ପରିଡ଼ା (ଉପ)
ବରୁଆଁ, କବିରପୁର, ଯାଜପୁର
ଆବିର୍ଭାବ: ତା୨୮।୦୩।୧୯୫୪
ତିରୋଧାନ: ତା୩୦।୧୦।୨୦୨୨ ରବିବାର
ଆପଣଙ୍କ ପରଲୋକରେ ଆମେ ସମସ୍ତେ ମର୍ମାହତ। ଆପଣଙ୍କ ଆଶିଷ ଏକାନ୍ତ କାମ୍ୟ। ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଜଗନ୍ନାଥଙ୍କ ଚରଣରେ ଆମର ଭକ୍ତିପୂତ ପ୍ରାର୍ଥନା
ଶୋକସନ୍ତପ୍ତ: ନରେନ୍ଦ୍ର ପରିଡ଼ା, ସୁରେନ୍ଦ୍ର ପରିଡ଼ା, ରବୀନ୍ଦ୍ର ପରିଡ଼ା, ଚନ୍ଦ୍ରକାନ୍ତ ପରିଡ଼ା, ଆଶୁତୋଷ ପରିଡ଼ା, ଅର୍ପିତା ପରିଡ଼ା ଓ ପରିବାରବର୍ଗ, ବନ୍ଧୁ ପରିଜନ।
ଧ-୧୯୫୯

11th Death Anniversary



Jagat Ballav Dash
27.08.43 - 11.11.11
Days will pass
&
turn into years...
but we will always
remember 'U' with
silent tears.
Missing You!
..BAPA
From Family,
Friends & Relatives.
ଧ-୭୧୫୪୩

# ମାଛ ପୋଖରୀର ଯତ୍ନ

**ମା**ଛ ପୋଖରୀ ହୁଡ଼ା ଭାଙ୍ଗିଯାଇଥିଲେ ତୁରନ୍ତ ମରାମତି କରନ୍ତୁ । ଏକ ହେକ୍ଟର ବିଶିଷ୍ଟ ମାଛପୋଖରୀର ୧୨,୫୦୦ ଯାଆଁଳ ପାଇଁ ପ୍ରତିଦିନ ୩ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆ କୁଣ୍ଡା ଓ ୩ କି.ଗ୍ରା. ୭୫୦ ଗ୍ରାମ୍ ବାଦାମ ପିଡ଼ିଆ ମିଶାଇ ସମୁଦାୟ ଦୈନିକ ୭ କି.ଗ୍ରା. ୫୦୦ ଗ୍ରାମ୍ ଦାନା ଖାଇବାକୁ ଦିଅନ୍ତୁ। ପୋଖରୀର ନିମ୍ନ ସ୍ତରରେ ଥିବା ମିରିକାଳି ଓ ବିଲାତି ରୋହି ଉପରସ୍ତରକୁ ଉଠିଲେ ଓ ପୋଖରୀ ତଳମାଟିରୁ ଦୁର୍ଗନ୍ଧ ବାହାରୁଥିଲେ ପ୍ରତି ହେକ୍ଟର ମିଟର ପାଣିରେ ୫୦ କି.ଗ୍ରା. ଜିଓଲାଇଟ୍ ବ୍ୟବହାର କରନ୍ତୁ । ଶୀତଦିନ ପ୍ରାରମ୍ଭରୁ ପୋଖରୀରେ ୪୦ କି.ଗ୍ରା. ଚୂନ ସହିତ ୪ କି.ଗ୍ରା. ହଳଦୀଗୁଣ୍ଡ ମିଶାଇ ୨ କିସ୍ତିରେ ୧ ମାସ ଅନ୍ତରରେ ପକାଇଲେ ମାଛଙ୍କୁ ରୋଗ ହୋଇ ନ ଥାଏ । ମାଛଙ୍କୁ ପକ୍ଷ ଓ ଲାଞ୍ଜପଚା ରୋଗ ହେଲେ ଲିଟର ପିଛା ୧.୫ ମି.ଗ୍ରା. ତୁତିଆକୁ ଜଳରେ



ମିଶାଇ ମାଛକୁ ୨ ମିନିଟ୍ ପାଇଁ ରଖନ୍ତୁ । ଆଖିପଚା ରୋଗ ହେଲେ ଲିଟର ପିଛା ୮ ରୁ ୧୦ ମି.ଗ୍ରା. କ୍ଲୋରୋମାଇସେଟିନ୍ ଜଳରେ ଦ୍ରବୀଭୂତ କରି ମାଛକୁ ଦିନକୁ ୨ ଘଣ୍ଟା ଯାଏଁ ରଖନ୍ତୁ । ଏପରି ୨ରୁ ୩ ଦିନ କରିବେ। (୩) ପଚାଘାଦ ରୋଗ ହେଲେ ୨ ଲିଟର ପାଣିରେ ୧ ଗ୍ରାମ୍ ତୁତିଆ ମିଶାଇ ମାଛକୁ ପ୍ରତିଦିନ ୧ ମିନିଟ୍ ପାଇଁ ୩ ରୁ ୪ ଦିନ ରଖନ୍ତୁ । ଏଥିସହ ମାଛକୁ ଲିଟର ପ୍ରତି ୩୦ ଗ୍ରାମ୍ ଲୁଣ ମିଶାଇ ସେଥିରେ ୫ ରୁ ୧୦ ମିନିଟ୍ ପର୍ଯ୍ୟନ୍ତ ରଖିଲେ ମଧ ଭଲ ହୁଏ ।

# ଗହମ ଚାଷ ସମ୍ପର୍କରେ...

**ଗ**ହମ ଚାଷ ପାଇଁ ଜମି ପ୍ରସ୍ତୁତି କରନ୍ତୁ। କେବଳ ସେତିକି ନୁହେଁ, ଆବଶ୍ୟକ ଅନୁମୋଦିତ ବିହନ ଯଥା – ସୋନାଲିକା, ପିବିଡବ୍ଲ୍ୟୁ–୩୪୩, ପିବିଡବ୍ଲ୍ୟୁ–୪୪୩, ୟୁପି–୨୬୨, ଏଚ୍‌ଡି–୨୨୮୫ ଆଦି ବିହନ ସଂଗ୍ରହ କରନ୍ତୁ । ହେକ୍ଟର ପ୍ରତି ୧୨୫ କି.ଗ୍ରା. ବିହନକୁ କାର୍ବେଣ୍ଡାଜିମ୍ (କେ.ଜି. ପ୍ରତି ୨ ଗ୍ରାମ୍) ଦ୍ୱାରା ବିଶୋଧନ କରି ଧାଡ଼ିକୁ ଧାଡ଼ି ୨୦ ସେ.ମି. ବ୍ୟବଧାନରେ ୮୦:୫୦:୪୦ କି.ଗ୍ରା. ଅନୁମୋଦିତ ସାରର ଅଧା ଯବକ୍ଷାରଜାନ ଏବଂ ସମସ୍ତ ଫସ୍‌ଫରସ୍ ଓ ପଟାସ୍ ପ୍ରୟୋଗକରି ବୁଣନ୍ତୁ । ଘାସ ନିୟନ୍ତ୍ରଣ



ପାଇଁ ପେଣ୍ଡିମେଥାଲିନ୍ ହେକ୍ଟର ପିଛା ୧ କି.ଗ୍ରା. (୧ ହକ୍ଟର ପାଇଁ ୩୩୩୦ ମି.ଲି. ଷ୍ଟମ୍ପ୍ ୩୦ ଇ.ସି.) ହିସାବରେ ୧–୨ ଦିନ ମଧ୍ୟରେ ପ୍ରୟୋଗ କରନ୍ତୁ। ସାଧାରଣ ଭାବେ ନଡ଼ିଆତେଲ ବସିବା ଆରମ୍ଭ କଲେ ଗହମ ବୁଣା ଆରମ୍ଭ କରାଯାଏ । ନଭେମ୍ବର ଦ୍ୱିତୀୟ ପକ୍ଷ ଗହମ ବୁଣିବା ପାଇଁ ଉପଯୁକ୍ତ । କିନ୍ତୁ ଆଭ୍ୟନ୍ତରୀଣ ଜିଲାଗୁଡ଼ିକରେ ବିଳମ୍ବରେ ଗହମ ବୁଣାଯାଇପାରିବ ।

# ସୋରିଷର ଉନ୍ନତ କିସମ

**ଜ**ଳସେଚିତ ଜମିରେ ବରୁଣ, କ୍ରାନ୍ତି, ପୁଷା ବାହାର, ପୁଷା ଜୟକିଷାନ, ପୁଷା ମସ୍‌ଟାର୍ଡ–୨୫ ଓ ୨୭, ପିଟି ୫୦୭, ଅନୁରାଧା, ପାର୍ବତୀ ଓ ସୁଶ୍ରୀ ଆଦି ସୋରିଷ କିସମକୁ ହେକ୍ଟର ପ୍ରତି ୧୦ କି.ଗ୍ରା. ମଞ୍ଜିକୁ ବିଶୋଧନକରି ୩୦ ସେ.ମି.x୧୦ ସେ.ମି. ବ୍ୟବଧାନରେ ଧାଡ଼ିବୁଣା କରନ୍ତୁ । ବୁଣିବା ପୂର୍ବରୁ ମୂଳସାର ଭାବରେ ହେକ୍ଟର ପ୍ରତି ୨୫:୨୫:୨୫ କି.ଗ୍ରା. ଯବକ୍ଷାରଜାନ: ଫସ୍‌ଫରସ୍: ପଟାସ୍ ପ୍ରୟୋଗ କରନ୍ତୁ । ଏହାର ୩ ସପ୍ତାହ ପରେ ୨୫ କି.ଗ୍ରା. ଯବକ୍ଷାରଜାନ ଧାଡ଼ି ମଝିରେ ପ୍ରୟୋଗ କରି କୋଡ଼ାଖୁସା କରନ୍ତୁ ।



# ଚାଷୀଙ୍କ ପାଇଁ...



**ବା**ଇଗଣ ଫସଲରେ କାଣ୍ଡବିନ୍ଧା/ଫଳବିନ୍ଧା ପୋକ ଆକ୍ରମଣ ହେଲେ ୫ ମି.ଲି. ଫ୍ଲୁବେଣ୍ଡିଆମାଇଡ୍‌କୁ ୧୫ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ କିମ୍ବା ଇମାମେକ୍ଟିନ୍ ବେନ୍‌ଜୋଏଟ୍ ୫ ଗ୍ରାମ୍ / ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ୍ତୁ। ଆକ୍ରାନ୍ତ ଡାଳ ବା ଫଳକୁ ମାଟିରେ ପୋତିଦିଅନ୍ତୁ । ସଙ୍ଗ ଆକର୍ଷକ ଯନ୍ତା ବ୍ୟବହାର କରନ୍ତୁ।

– ବିଲାତି ବାଇଗଣ ଓ ବାଇଗଣ ଫସଲରେ ଝାଉଁଳା ରୋଗ ଦେଖାଦେଲେ ୧.୫ ଗ୍ରାମ୍ ବାଭିଷ୍ଟିନ୍ ସହିତ ୧ ଗ୍ରାମ୍ ପ୍ଲାଣ୍ଟୋମାଇସିନ୍‌କୁ ୧ ଲିଟର ପାଣିରେ କିମ୍ବା ୧.୫ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍/୧୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ସିଞ୍ଚନ କରନ୍ତୁ ।

–ଲଙ୍କା ଫସଲରେ ଉଙ୍କୁଣିଆ ପୋକ ଲାଗିଲେ ୨ ମି.ଲି. ଇଥିଅନ୍ / ୧ ଲିଟର ପାଣିରେ କିମ୍ବା ୦.୩ ଗ୍ରାମ୍ ଏସିଟାମିପ୍ରିଡ୍ ୧ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ ।

– ଫୁଲକୋବିଫସଲରେ ଶଁବାଳୁଆ ପୋକ ଲାଗିଲେ ୧ ମି.ଲି. ନୋଭାଲ୍ୟୁରନ୍‌କୁ ୧ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ । ଯଦି ଫୁଲକଢ଼ ପାକଳ ହୋଇ ଆସିଥିବ, ତେବେ ମାଲାଥିଅନ୍ ୧ ଲିଟର ପାଣିରେ ୧.୫ ମି.ଲି. ଗୋଳାଇ ସିଞ୍ଚନ କରନ୍ତୁ । ମୂଳା ଫସଲରେ ଫ୍ଲି ବିଟିଲ୍ ଲାଗିଥିଲେ ତା'ର ଦମନ ପାଇଁ ୧ ଲିଟର ପାଣିରେ ୨ ମି.ଲି. କ୍ଲୋରୋପାଇରିଫସ୍ ମିଶାଇ ସିଞ୍ଚନ କରନ୍ତୁ ।

# ଫଳଚାଷ

**ବ**ଗିଚାକୁ ଏବେ ଭଲଭାବରେ ଚାଷ କରନ୍ତୁ । ଫଳବଗିଚା ସଫାକରି ଅନୁମୋଦିତ ପ୍ରଣାଳୀରେ ଖତ, ରାସାୟନିକ ସାର ଓ ଅଣୁସାର ପୂର୍ବରୁ ଗଛରେ ଦିଅନ୍ତୁ । ଆବଶ୍ୟକ ଅନୁଯାୟୀ ଜଳସେଚନ କରନ୍ତୁ । ପୁରୁଣା ଗଛକୁ କାଟଛାଣ୍ଟ କରନ୍ତୁ ଏବଂ ମାଆ ଗଛରୁ ବାହାରୁଥିବା କୁଆଁକୁ କାଟି ଦିଅନ୍ତୁ। ରୋଗପୋକ ନିୟନ୍ତ୍ରଣ କରନ୍ତୁ ଏବଂ ଉଇ ଆକ୍ରମଣ



ପ୍ରତି ଧ୍ୟାନ ଦିଅନ୍ତୁ। ଗଛ ମୂଳକୁ ଛାଦିକରଣ କରନ୍ତୁ । ବର୍ତ୍ତମାନ କଦଳୀ ଗଛ ଲଗାଇପାରିବେ। ଏଥିପାଇଁ ଗ୍ରାଣ୍ଡ୍ ନୈନ୍, ଡିସି ପ୍ରଭୃତି କିସମ ନେଇପାରିବେ। ଆମ୍ବ ଗଛରେ ବଉଳ ଆସିବା ପାଇଁ ଜଳସେଚନ ବନ୍ଦ ରଖନ୍ତୁ ।

# ଆଳୁ ଫସଲ କରୁଥିଲେ..



**ଆ**ଳୁ ଫସଲ ୨–୩ ସପ୍ତାହର ହୋଇଯାଇଥିଲେ ପ୍ରଥମ କୋଡ଼ାଖୁସା କରି ହୁଡ଼ା ଟେକି ଦିଅନ୍ତୁ । ଏହି ସମୟରେ ୫୦ କି.ଗ୍ରା. ଯବକ୍ଷାରଜାନ, ୬୦ କି.ଗ୍ରା. ପଟାସ୍ ଆଳୁ ଗଛରେ ଧାଡ଼ିରେ ଦୁଇପାଖରେ ୭–୧୦ ସେ.ମି. ଦୂରତାରେ ୨–୩ ସେ.ମି. ଗଭୀରରେ ପ୍ରୟୋଗ କରନ୍ତୁ। ଆଳୁ ଫସଲରେ ସଅଳ ପତ୍ରପୋଡ଼ା ରୋଗରୁ ରକ୍ଷା ପାଇବା ପାଇଁ ହେକ୍ଟର ପ୍ରତି ୧.୫ କି.ଗ୍ରା. ମାଙ୍କୋଜେବ୍‌କୁ ୫୦୦ ଲିଟର ପାଣିରେ ମିଶାଇ ଆଗତୁରା ଆଳୁଗଛରେ ଭଲଭାବରେ ସିଞ୍ଚନ କରନ୍ତୁ। ସିଞ୍ଚନ ବେଳେ ଏହାର ପତ୍ରର ଉପର ଓ ତଳପାଖରେ ପଡ଼ିବା ଉଚିତ । ପିଆଜ ଫସଲରେ ଗଛ ରୋଇବାର ୩ ଦିନ ପୂର୍ବରୁ ହେକ୍ଟର ପ୍ରତି ୧୦୦୦ ମି.ଲି. ବାସାଲିନ୍‌କୁ ୫୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ କିମ୍ବା ତଳି ରୋଇବାର ୩ ଦିନପରେ ହେକ୍ଟର ପ୍ରତି ୩.୫ ଲିଟର ଷ୍ଟମ୍ପ୍ ବା ୧୫୦୦ ମି.ଲି. ଟ୍ରିବୁଲିନ୍ ୫୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ । ଏହାଦ୍ୱାରା ଅନାବନା ଘାସ ଦାଉରୁ ରକ୍ଷା ମିଳିଥାଏ । କୋବି ଜାତୀୟ ଫସଲରେ ବନ୍ଧାକୋବିର ବିନ୍ଧାପୋକ, ଠିକିରିପିଠିଆ ପୋକ, କରତିଆ ମାଛି ଆଦି କୀଟର ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୧ଲିଟର ଫିପ୍ରୋନିଲ୍ କିମ୍ବା ୨୦୦ ଗ୍ରାମ୍ ଇମାମେକ୍ଟିନ୍ ବେନ୍‌ଜଏଟ୍ ବା ୫୦୦ ଗ୍ରାମ୍ ଫିପ୍ରୋନିଲ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଶୀତଦିନରେ ଭଲଭାବରେ ବଢୁଥିବା ପୋଦିନା, ଧନିଆ, ମେଥି, କୋଶଳା, ପାଳଙ୍ଗ ଆଦି ଶାଗ ଚାଷ କରନ୍ତୁ । ମଝିଆଳି କିସମ ଫୁଲକୋବିରେ ଲିଟର ପ୍ରତି ୩ ଗ୍ରାମ୍ ହିସାବରେ ବୋରନ୍ ସିଞ୍ଚନ କରନ୍ତୁ ।

# କୃତ୍ରିମ ପ୍ରଜନନ ଓ ଛେଳିଙ୍କ ବିକାଶ

**ଛେ**ଳି ପାଳନ ଗ୍ରାମାଞ୍ଚଳରେ ଏକ ପ୍ରମୁଖ ଅର୍ଥନୈତିକ କାର୍ଯ୍ୟକଳାପ । ମୁଖ୍ୟତଃ ଗରିବ ଏବଂ କ୍ଷୁଦ୍ରଚାଷୀଙ୍କ ପାଇଁ ଏହା ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ହ୍ରାସ କରିବାର ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ୨୦୧୯ରେ ହୋଇଥିବା ପ୍ରାଣୀପାଳନ ଗଣନା ଅନୁଯାୟୀ ଆମ ରାଜ୍ୟରେ ପ୍ରାୟ ୬୪ ଲକ୍ଷ ଛେଳି ଅଛନ୍ତି ଏବଂ ଏହା ଭାରତବର୍ଷର ସମୁଦାୟ ଛେଳି ସଂଖ୍ୟାର ୪.୩ ଶତକଡ଼ା।

କୃତ୍ରିମ ପ୍ରଜନନ ଏକ ବୈଜ୍ଞାନିକ ଏବଂ ସରଳ କୌଶଳ, ଯାହା ଗାଇ, ମଇଁଷି ପ୍ରଜନନରେ ମୁଖ୍ୟତଃ ବ୍ୟବହାର କରାଯାଏ। ଦେଶରେ କ୍ଷୀର ଉତ୍ପାଦନ ବୃଦ୍ଧି କରାଇବାରେ ଏହି କୌଶଳର ଯଥେଷ୍ଟ ଅବଦାନ ରହିଛି। ଓଡ଼ିଶାରେ ଛେଳି ପ୍ରଜାତିଙ୍କ ମଧ୍ୟରେ ପ୍ରଜନନ କ୍ଷମତା ସହ ମାଂସ ଗୁଣବତ୍ତା ପାଇଁ ଜଣାଶୁଣା । ଗଞ୍ଜାମ ପ୍ରଜାତିର ଛେଳି ମୁଖ୍ୟତଃ ଦକ୍ଷିଣ ଓଡ଼ିଶା (ଗଞ୍ଜାମ ଜିଲା) ଏବଂ ଆନ୍ଧ୍ରପ୍ରଦେଶରେ ଦେଖାଯାଇଥିବା ମାଂସର ଚାହିଦା ଅନେକ ଥିବାରୁ ଉଚ୍ଚ ଗୁଣବତ୍ତା ଛେଳିକୁ ଶୀଘ୍ର ଧରାଣ ବା ମାରିଦିଆଯାଇଥାଏ। ଏହାଦ୍ୱାରା ପ୍ରଜନନ ପାଇଁ ଛେଳିମାନଙ୍କର ଅଭାବ ମଧ ଦେଖାଦେଇଥାଏ। ଗାଁଗୁଡ଼ିକରେ ଗରିବ ଚାଷୀମାନଙ୍କ ପାଇଁ ଏକ ଉଚ୍ଚମାନର ବୋଦା ପାଳିବା ଲାଭଜନକ ହେବ ନାହିଁ। ଫଳରେ ମାଇ ଛେଳିମାନଙ୍କୁ ଏକ ଅନିଶ୍ଚିତ ମାନର ବୋଦା ସହ ମିଳନ କରାଯାଇଥାଏ। ଏହାଦ୍ୱାରା ମୂଲ୍ୟବାନ୍ ଆନୁବଂଶିକ ଗୁଣଗୁଡ଼ିକର କ୍ଷତି ହୋଇଥାଏ। ଏହି ଅସୁବିଧା ଦୂରକରିବାକୁ ଯାଇ ଆମ ରାଜ୍ୟ ସରକାର ସମୃଦ୍ଧି ରାଜ୍ୟ କୃଷିନୀତି–୨୦୨୦ ଅନୁଯାୟୀ ଗଞ୍ଜାମ ଏବଂ ବ୍ଲାକ୍ ବେଙ୍ଗଲ ପ୍ରଜାତିର ଛେଳିମାନଙ୍କର ଶୁକ୍ରାଣୁ ବ୍ୟବହାରକରି ଛେଳିଙ୍କର କୃତ୍ରିମ ପ୍ରଜନନ ବଢ଼ାଇବାକୁ ଚାହୁଁଛନ୍ତି। ଏହି କୌଶଳ ଦ୍ୱାରା ଆନୁବଂଶିକ ଉନ୍ନତି ଏବଂ ଅଧିକ ଉତ୍ପାଦନ ହୋଇଥାଏ। ଛେଳି ପାଳନକାରୀ କୃଷକମାନଙ୍କର ଅସୁବିଧାକୁ ସମାଧାନ କରିବା ପାଇଁ ଓଡ଼ିଶା ସରକାର ଏହି କୃତ୍ରିମ ପ୍ରଜନନ ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନା ଦ୍ୱାରା ଛେଳି ଆନୁବଂଶିକ ଗୁଣ ଉନ୍ନତ ହେବା ସହ ଜନ୍ମ, ଓଜନ ବୃଦ୍ଧି ହାର ଏବଂ ପ୍ରଜନନ ଇତ୍ୟାଦି ବୃଦ୍ଧି ପାଇପାରିବ।

**ଯୋଜନାର ଲକ୍ଷ୍ୟ**



➤କୃତ୍ରିମ ପ୍ରଜନନ ଯୋଜନା ଦ୍ୱାରା ଆମ ରାଜ୍ୟର ବିଭିନ୍ନ ପ୍ରକାର ସ୍ଥାନୀୟ ଛେଳିଙ୍କର ଆନୁବଂଶିକ ଗୁଣର ବୃଦ୍ଧି କରିବା।

➤ଉନ୍ନତ ମାନର ଶୁକ୍ରାଣୁ ବ୍ୟବହାରକରି କୃତ୍ରିମ ପ୍ରଜନନ ଦ୍ୱାରା ଛେଳି ସଂଖ୍ୟାକୁ କୌଳିକ ଉପାୟରେ ଉନ୍ନତି/ବୃଦ୍ଧି କରିବା।

➤ଛେଳିମାନଙ୍କର ସଂଖ୍ୟାକୁ ଶୀଘ୍ର ତ୍ୱରାନ୍ୱିତ ଏବଂ ଶକ୍ତିଶାଳୀ କରିବା ପାଇଁ କୃଷକମାନଙ୍କୁ ସଚେତନ କରାଇବା।

➤ଛେଳିମାନଙ୍କ ମଧ୍ୟରେ ଅନ୍ତର୍ଜନନକୁ ଏଡ଼ାଇବା ଏବଂ ବାଛବିଚାର ଶୂନ୍ୟ ପ୍ରଜନନକୁ ସୀମିତ କରାଇବା।

**ମାଇଛେଳିଙ୍କର ଗରମ ଆସିବାର ଲକ୍ଷଣ**

➤ଅସ୍ଥିର ହେବା ସହ ରଡ଼ି ଛାଡ଼ିବା।

➤କ୍ରମାଗତ ଏବଂ ଦ୍ରୁତ ଭାବରେ ଲାଞ୍ଜ ହଲାଇବା।

➤ଭୋକ କମିବା ସହ ଦୁଗ୍ଧ ଉତ୍ପାଦନରେ ହ୍ରାସ ଦେଖାଯିବା।

➤ଯୋନି ଫୁଲି ରହିବା ଏବଂ ଯୋନି ଦ୍ୱାର ଦେଇ ଲାଳ ପଡ଼ିବା।

➤ବେଳେବେଳେ ଅଲଗା ମାଇଛେଳିମାନଙ୍କ ଉପରକୁ ଚଢ଼ିବା।

➤ଅଣ୍ଡିରା ଛେଳି (ବୋଦା)କୁ ଖୋଜିବା ଏବଂ ବୋଦା ସହ ଲାଗି ରହିବା।

**ଯୋଜନାର କାର୍ଯ୍ୟକ୍ଷେତ୍ର :** ଓଡ଼ିଶା ସରକାରଙ୍କର ଏହି ଯୋଜନା ଅନୁସାରେ ରାଜ୍ୟର ୩୦ ଜିଲାରେ ଥିବା ୫୬୫ ପ୍ରାଣୀଧନ ସହାୟକ କେନ୍ଦ୍ର/ପ୍ରାଣୀ ଚିକିତ୍ସାଳୟରେ ୧.୫ ଲକ୍ଷ ଛେଳିଙ୍କର କୃତ୍ରିମ ପ୍ରଜନନ କରାଯିବ।

**କାର୍ଯ୍ୟକ୍ରମରେ ଉପାଦାନ –**

**କୃତ୍ରିମ ପ୍ରଜନନ ପାଇଁ ବିଶେଷଜ୍ଞଙ୍କ ଦକ୍ଷତା ବିକାଶ :** ଛେଳିମାନଙ୍କର କୃତ୍ରିମ ପ୍ରଜନନ ପାଇଁ ୬୦ଟି ମୁଖ୍ୟ ପ୍ରଶିକ୍ଷକ (ପ୍ରତ୍ୟେକ ଜିଲାରେ ଦୁଇ ଜଣ ପ୍ରାଣୀ ଚିକିତ୍ସକ)ମାନଙ୍କୁ ଛେଳିମାନଙ୍କର କୃତ୍ରିମ ପ୍ରଜନନ ଉପରେ ତାଲିମ ଦିଆଯିବ। ଏହି ଜିଲାସ୍ତରୀୟ ମୁଖ୍ୟ ପ୍ରଶିକ୍ଷକମାନେ ସମ୍ପୃକ୍ତ ଜିଲାର ଅଲଗା ବିଶେଷଜ୍ଞମାନଙ୍କୁ କୃତ୍ରିମ ପ୍ରଜନନ ବିଷୟରେ ତାଲିମ ଦେବେ। ପ୍ରାଣୀ ଚିକିତ୍ସା ଅଧିକାରୀ ତାଲିମ ପ୍ରତିଷ୍ଠାନ, ଭୁବନେଶ୍ୱର, ପଶୁପାଳନ ଏବଂ ପ୍ରାଣୀ ଚିକିତ୍ସା ଦକ୍ଷତା ନିର୍ଦ୍ଦେଶାଳୟ, କଟକ ସହିତ ସମନ୍ୱୟ ରକ୍ଷାକରି ସମ୍ପୂର୍ଣ୍ଣ ତାଲିମ କାର୍ଯ୍ୟକ୍ରମ ପରିଚାଳନା ଏବଂ ତଦାରଖ କରିବେ।

**ଯନ୍ତ୍ରପାତି ଏବଂ ଉପଯୋଗୀ ସାମଗ୍ରୀ କ୍ରୟ :** ଓଡ଼ିଶା ପଶୁ ସମ୍ପଦ ବିକାଶ ସମାଜ (ଭୁବନେଶ୍ୱର) ଏବଂ ହିମୀକୃତ ଶୁକ୍ରାଣୁ ଭଣ୍ଡାର (କଟକ), ଆବଶ୍ୟକ ବିକାଶ ଯେପରି କୃତ୍ରିମ ପ୍ରଜନନ ବନ୍ଧୁକ, ଥର୍ମୋମିଟର, ଗର୍ଭଧାରଣ ଚିହ୍ନଟ କିଟ୍, ହିମୀକୃତ ଶୁକ୍ରାଣୁ ଆଦି ପଶୁପାଳନ ଏବଂ ପ୍ରାଣୀଚିକିତ୍ସା ସେବା ନିର୍ଦ୍ଦେଶାଳୟ (କଟକ) ଦ୍ୱାରା କ୍ରୟ କରିବେ।

**କୃଷକମାନଙ୍କୁ ତାଲିମ ଏବଂ ସଚେତନତା ସୃଷ୍ଟି :** ମାଇଛେଳିମାନଙ୍କର ଗରମ ଲକ୍ଷଣ ଚିହ୍ନଟ କରିବା କଷ୍ଟସାଧ ହୋଇଥାଏ। ଏଥିପାଇଁ କୃଷକମାନଙ୍କ ମଧ୍ୟରେ ସଚେତନତା କାର୍ଯ୍ୟକ୍ରମ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଜିଲାର ଗୋଷ୍ଠୀଗୁଡ଼ିକରେ ଚାଷୀମାନଙ୍କୁ ଛେଳିମାନଙ୍କର ଗରମ ଚିହ୍ନଟ କରିବା



ପ୍ରଣାଳୀ, କୃତ୍ରିମ ପ୍ରଜନନରେ ଆର୍ଥିକ ଲାଭ, କୃତ୍ରିମ ପ୍ରଜନନ କରାଯାଇଥିବା ମାଇଛେଳିମାନଙ୍କର ଯତ୍ନ ଇତ୍ୟାଦି ବିଷୟରେ ସଚେତନ ଶିବିର ଦ୍ୱାରା ତାଲିମ ଦେବାର ବ୍ୟବସ୍ଥା କରାଇବେ।

**ଦ୍ୱାରଦେଶରେ କୃତ୍ରିମ ପ୍ରଜନନ ମାଧ୍ୟମରେ ପ୍ରଜନନ ସେବା :** ବ୍ଲାକ୍‌ବେଙ୍ଗଲ ଏବଂ ଗଞ୍ଜାମ ପ୍ରଜାତିର ବୋଦାମାନଙ୍କର ଶୁକ୍ରାଣୁ ବ୍ୟବହାର କରି କୃଷକମାନଙ୍କ ଦ୍ୱାରା ପରିଚାଳିତ ଛେଳିପଲର ଉନ୍ନତି କରିବା ସରକାରଙ୍କର ଲକ୍ଷ୍ୟ । ଏହାଦ୍ୱାରା ସ୍ୱଳ୍ପ ସମୟ ମଧ୍ୟରେ ଛେଳିମାନଙ୍କର ଉତ୍ପାଦନ ବୃଦ୍ଧି ହୁଏ। ଏଥିପାଇଁ ଦ୍ୱାରଦେଶରେ ଚାଷୀମାନଙ୍କର ଘରକୁ ଯାଇ୧.୫ ଲକ୍ଷ ଛେଳିଙ୍କର ହିମୀକୃତ ଶୁକ୍ରାଣୁ ଦ୍ୱାରା କୃତ୍ରିମ ପ୍ରଜନନ କରି ଗର୍ଭଧାରଣ କରାଇବା ଏହି ପାଳନର ଉଦ୍ଦେଶ୍ୟ ।

**କାନନୋଳି ପରିଧାନ :** କୃତ୍ରିମ ପ୍ରଜନନ କରିବା ପୂର୍ବରୁ ଛେଳିମାନଙ୍କର କାନରେ ନୋଳି ପରିଧାନ ବାଧ୍ୟତାମୂଳକ । କୃତ୍ରିମ ପ୍ରଜନନ ତାଲିମପ୍ରାପ୍ତ ବିଶେଷଜ୍ଞମାନେ ଏହି କାର୍ଯ୍ୟ ସମ୍ପାଦନ କରିବେ।

**ଛେଳିମାନଙ୍କର କୃତ୍ରିମ ପ୍ରଜନନ ପାଇଁ ଡାଟାବେସ୍ :** ବିଶେଷଜ୍ଞମାନେ ମାଇଛେଳିମାନଙ୍କର ପ୍ରଜନନ ତାରିଖ, କାନନୋଳି ନମ୍ବର, କୃଷକମାନଙ୍କର ସମ୍ପୂର୍ଣ୍ଣ ବିବରଣୀ, ଠିକଣା, ଆଧାର ନମ୍ବର, ଫୋନ୍ ନମ୍ବର ଇତ୍ୟାଦି ଓଡ଼ିଶା ସରକାରଙ୍କୁ ପ୍ରଦାନ କରିବେ। ଏହାଦ୍ୱାରା ମାଈ ଛେଳିମାନଙ୍କର ସମ୍ପୂର୍ଣ୍ଣ ତଥ୍ୟ ଠିକ୍ ଭାବରେ ରଖାଯାଇପାରିବ। (କ୍ରମଶଃ..)

**ଡା. ଗୌରୀରାଣୀ ସୋରେନ**
ଇଣ୍ଟର୍ନଶିପ୍ ଛାତ୍ରୀ, ପଶୁ ଚିକିତ୍ସା ଏବଂ ପଶୁପାଳନ ମହାବିଦ୍ୟାଳୟ, ଓୟୁଏଟି, ଭୁବନେଶ୍ୱର
**ଡା. ହିମାଂଶୁ ବେହେରା**
ସହକାରୀ ଅଧ୍ୟାପକ, ପ୍ରାଣୀ ପ୍ରଜନନ ଏବଂ ପ୍ରସୂତି ବିଭାଗ, ପଶୁ ଚିକିତ୍ସା ଏବଂ ପଶୁପାଳନ ମହାବିଦ୍ୟାଳୟ, ଓୟୁଏଟି, ଭୁବନେଶ୍ୱର

# ଧାନ କାଟିବା ପୂର୍ବରୁ...

**ଧା**ନ କାଟିବାର ୧ ସପ୍ତାହ ପୂର୍ବରୁ ଜମିରୁ ପାଣି କାଟି ଦିଅନ୍ତୁ । ମଧ୍ୟମ କିସମ ଧାନ କେଣ୍ଡାରେ ଶତକଡ଼ା ୮୫ ଭାଗ ଧାନ ପାଚିଥିଲେ ତାହାକୁ କାଟି ଅମଳ କରନ୍ତୁ।

ବିଳମ୍ବ କିସମ ଧାନ ଫୁଲ ଉଡ଼ାଇବା ଅବସ୍ଥାରେ ଥିଲେ ଜମିରେ ୫ ସେ.ମି. ଠିଆପାଣି ବାନ୍ଧିରଖନ୍ତୁ । ଧାନ କ୍ଷୀର ଢୋକିଲାବେଳେ ଗନ୍ଧିପୋକର ଆକ୍ରମଣରୁ ରକ୍ଷା କରିବା ପାଇଁ ଆବଶ୍ୟକ ଫସଲ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରନ୍ତୁ । ଉତ୍କୃଷ୍ଟ ବିହନ କରିବା ପାଇଁ ମିଶାଧାନ ଓ ବାଲୁଙ୍ଗା ଗଛକୁ ବାଛି ବାହାର କରିଦିଅନ୍ତୁ । ଧାନ ଅମଳ ପରେ ଧାନକୁ ୨–୩ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ । ଅମାରର ୧୦୦ ବର୍ଗଫୁଟ ଜାଗା ପାଇଁ ୨୫୦ ଗ୍ରାମ୍ ହିସାବରେ ଶତକଡ଼ା ୫ ଭାଗ ମାଲାଥିଅନ ଗୁଣ୍ଡ ଅମାରର ଚଟାଣ, କାନ୍ଥ ଓ ଛାତରେ ପ୍ରୟୋଗ କଲେ ପୋକ ଲାଗିବ ନାହିଁ। ସାପ୍ତାହିକ ରୋଗ ପୋକ ସର୍ବେକ୍ଷଣ କରି ଆର୍ଥିକ ନିୟନ୍ତ୍ରଣ ସୀମାକୁ ଦୃଷ୍ଟିରେ ରଖି ଆବଶ୍ୟକ ମତେ ରାସାୟନିକ ସଂରକ୍ଷଣ ବ୍ୟବସ୍ଥା ଗ୍ରହଣ କରନ୍ତୁ ।



# ଆଜି ପ୍ରଥମ ସେମିଫାଇନାଲ

**ସିଡ୍‌ନୀ,୮।୧୧(ପି.ଟି)**

ଅଷ୍ଟ୍ରେଲିଆରେ ଅନୁଷ୍ଠିତ ଟି୨୦ ବିଶ୍ୱକପ୍‌ର ପ୍ରଥମ ସେମି ଫାଇନାଲରେ ପରସ୍ପର ସାମ୍ନା କରିବେ ନ୍ୟୁଜିଲାଣ୍ଡ ଓ ପାକିସ୍ତାନ। ଚଳିତ ଟୁର୍ନାମେଣ୍ଟରେ ନ୍ୟୁଜିଲାଣ୍ଡ ସ୍ଥିର ପ୍ରଦର୍ଶନ ଦେବାରେ ସମର୍ଥ ହୋଇଥିବା ବେଳେ ପାକିସ୍ତାନର ପ୍ରଦର୍ଶନରେ ସ୍ଥିରତା ନଜର ଆସିନାହିଁ। ବୁଧବାର ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ଉଭୟ ଦଳ ପରସ୍ପରକୁ ସାମ୍ନା କରିବେ। ତେବେ ଆଇସିସି ଇଭେଣ୍ଟଗୁଡ଼ିକରେ

**ଟି୨୦ ବିଶ୍ୱକପ୍**

**■ ପାକିସ୍ତାନ ବନାମ ନ୍ୟୁଜିଲାଣ୍ଡ**

ଉଭୟ ଦଳର ରେକର୍ଡକୁ ଦେଖିଲେ ପାକିସ୍ତାନର ପଲା ଭାରି ରହିଛି। ବିଶ୍ୱକପ୍‌ରେ ଉଭୟ ଦଳ ୩ ଥର ସାମ୍ନାସାମ୍ନି ହୋଇଥିବା ବେଳେ ନ୍ୟୁଜିଲାଣ୍ଡ ଥରେ ମଧ୍ୟ ଜିତିପାରି ନାହିଁ। ପାକିସ୍ତାନର ସେମି ପ୍ରବେଶ ଅତ୍ୟନ୍ତ ନାଟକୀୟ ରହିଥିବା ବେଳେ ନ୍ୟୁଜିଲାଣ୍ଡ ନିଜର ଗ୍ରୁପ୍ ମ୍ୟାଚଗୁଡ଼ିକରେ ଏକପାଖିଆ ବିଜୟ ହାସଲ କରିଛି। ଗ୍ରୁପ୍ ବି'ରେ ସ୍ଥାନ ପାଇଥିବା ପାକିସ୍ତାନ ଭାରତ ଓ ଜିମ୍ବାୱେଠାରୁ ହାରିଥିଲେ ହେଁ ଦକ୍ଷିଣ ଆଫ୍ରିକା ବିପକ୍ଷରେ ନେଦରଲାଣ୍ଡସର ଚମତ୍କାର ବିଜୟ କାରଣରୁ ଦଳ ସେମିରେ ପ୍ରବେଶ କରିପାରିଥିଲା। ବିଶ୍ୱକପ୍‌ର ସେମିଫାଇନାଲରେ ଉଭୟ ଦଳ ପୂର୍ବରୁ ସାମ୍ନାସାମ୍ନି ହୋଇ ସାରିଛନ୍ତି। ୧୯୯୨ରେ ନ୍ୟୁଜିଲାଣ୍ଡରେ ଖେଳା ଯାଇଥିବା ବିଶ୍ୱକପ ସେମିରେ ମଧ୍ୟ ପାକିସ୍ତାନ ବିଜୟୀ ହୋଇଥିଲା। ପାକିସ୍ତାନ ବିପକ୍ଷରେ ଦିନିକିଆ ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡ (୧୯୯୨, ୧୯୯୯) ଓ ଟି୨୦ ବିଶ୍ୱକପ୍ (୨୦୦୭)ରେ ପରାଜିତ ହୋଇଥିଲା। ଏହା ସହିତ ଦକ୍ଷିଣ ଆଫ୍ରିକା ପରି ନ୍ୟୁଜିଲାଣ୍ଡ ମଧ୍ୟ ବଡ ମ୍ୟାଚରେ ଫେଲ୍ ମାରିଥାଏ। ବିଗତ ୪ ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡ ନିୟମିତ ସେମି ଓ ଫାଇନାଲ ବର୍ଥ ସୁରକ୍ଷିତ କରୁଥିଲେ ମଧ୍ୟ ଟାଇଟଲ ହାସଲରେ ଅସମର୍ଥ ରହିଛି।

ଅନ୍ୟପକ୍ଷରେ ଅଷ୍ଟ୍ରେଲୀୟ ପରିବେଶ ସହିତ ନ୍ୟୁଜିଲାଣ୍ଡ ଖେଳାଳି ଅଧିକ ଅଭ୍ୟସ୍ତ ଓ ଚଳିତ ଟୁର୍ନାମେଣ୍ଟରେ ପାକିସ୍ତାନର ଟପ୍ ଅର୍ଡର ମଧ୍ୟ ଫର୍ମରେ ନାହିଁ। ବାଂଲାଦେଶ ବିପକ୍ଷ ୧୨୮ ରନ୍‌ର ପିଛା କରିବା ସମୟରେ ମଧ୍ୟ ଉଭୟ ବ୍ୟାଟର ବିଫଳ ହୋଇଥିଲେ। ଏହି ଟୁର୍ନାମେଣ୍ଟରେ ଟ୍ରେଣ୍ଟ ବୋଲ୍ଟ ଓ ଟିମ୍ ସାଉଦି ଚମତ୍କାର ଫର୍ମରେ ରହିଥିବା ବେଳେ ପାକିସ୍ତାନର ଉଭୟ ପେସ୍ ଓ ସ୍ପିନ୍ ବୋଲିଂ ଆକ୍ରମଣ ଜବରଦସ୍ତ ଫର୍ମରେ ରହିଛି। ଫିନ୍ ଆଲେନ୍ ଓ ଡେଭନ୍ କନ୍‌ୱେଙ୍କ ଉପରେ ଟପ୍ ଅର୍ଡର ଭାର ରହିଥିବା ବେଳେ ଆଙ୍ଗୁଠି ଆଘାତରୁ ଫେରିଥିବା ଡାରିଲ୍ ମିଚେଲ୍, ଅଧିନାୟକ କେନ୍ ୱିଲିୟମ୍‌ସନ୍ ଓ ଗ୍ଲେନ୍ ଫିଲିପ୍ସଙ୍କ ଉପରେ ମଧ୍ୟକ୍ରମ ବ୍ୟାଟିଂ ନିର୍ଭର କରିବ। ଟୁର୍ନାମେଣ୍ଟ ସାରା ୱିଲିୟମସନ୍‌ଙ୍କ ବ୍ୟାଟ ନୀରବ ରହିଥିବା ବେଳେ ଆୟର୍ଲାଣ୍ଡ ବିପକ୍ଷରେ ଅର୍ଦ୍ଧଶତକ ସହିତ ସେ ଫର୍ମକୁ ଫେରିଛନ୍ତି। ଆହତ ସମସ୍ୟାରୁ ପ୍ରତ୍ୟାବର୍ତ୍ତନ କରିଥିବା ଶାହିନ୍ ଆଫ୍ରିଦି ଚମତ୍କାର ଫର୍ମରେ ରହିଛନ୍ତି। ଜଣେ ନୀରବ ଯୋଦ୍ଧା ଭାବରେ ହରିଶ୍ ରୌଫ୍ ମଧ୍ୟ ନିୟମିତ ଉଇକେଟ ହାସଲ କରିବାରେ ସଫଳ ହୋଇଛନ୍ତି। ସ୍ପିନରଙ୍କ ମଧ୍ୟରେ ଶଦାବ୍ ଖାନ୍ ଦକ୍ଷିଣ ଆଫ୍ରିକା ଓ ବାଂଲାଦେଶ ବିପକ୍ଷ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।


ଅଭ୍ୟାସ ଅବସରରେ ଟିମ୍ ସୌଦି।

**ମ୍ୟାଚ୍ ସମୟ: ଅପରାହ୍ଣ ୧.୩୦**
**ସ୍ଥାନ: ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡ, ସିଡ୍‌ନୀ**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ଓ ହଟ୍ ଷ୍ଟାର**

# ସେମିଫାଇନାଲ ପୂର୍ବରୁ ରୋହିତ ଆହତ

**ଆଡିଲେଡ୍,୮।୧୧(ପି.ଟି)**

ନେଟ୍ସରେ ଅଭ୍ୟାସ କରୁଥିବା ସମୟରେ ଆହତ ହୋଇଛନ୍ତି ଭାରତୀୟ କ୍ରିକେଟ ଦଳର ଅଧିନାୟକ ରୋହିତ ଶର୍ମା। ଇଂଲଣ୍ଡ ବିପକ୍ଷ ଟି୨୦ ସେମିଫାଇନାଲ ପୂର୍ବରୁ ମଙ୍ଗଳବାର ଅଭ୍ୟାସ କରୁଥିବା ସମୟରେ ରୋହିତଙ୍କ ହାତରେ ବଲ୍ ବାଜିଥିଲା। ଟିମ୍ ଇଣ୍ଡିଆର ଥ୍ରୋ ଡାଉନ୍ ଏକ୍ସପର୍ଟ ଏସ୍. ରଘୁଙ୍କ ବୋଲିଂର ସାମ୍ନା କରୁଥିଲେ ରୋହିତ। ରଘୁଙ୍କ ବାଉନ୍ସକୁ ପୁଲ୍ କରୁଥିବା ବେଳେ ତାଙ୍କ ହାତରେ ଆଘାତ ଲାଗିଥିଲା। ଏହାପରେ ରୋହିତ ଶର୍ମାଙ୍କୁ ଯନ୍ତ୍ରଣାରେ ଦେଖିବାକୁ ମିଳିଥିଲା। ହାତରେ ଆଘାତ ପରେ ଇଂଲଣ୍ଡ ବିପକ୍ଷ ସେମି ଫାଇନାଲରେ ରୋହିତଙ୍କ ଖେଳିବା ଉପରେ ଆଶଙ୍କା ଦେଖାଦେଇଥିଲା। କିଛି ସମୟ ହାତରେ ବରଫ ସେକ ଦେବା ପରେ ସେ ପୁନର୍ବାର ଅଭ୍ୟାସ ଆରମ୍ଭ କରିଥିଲେ। ଏହାପରେ ରୋହିତ କେବଳ ଡିଫେନ୍ସ କରୁଥିବାର ନଜର ଆସିଥିଲେ। ତେବେ ହାତର ଅବସ୍ଥା ଠିକ୍ ଥିବାରୁ ଏକ୍ସ-ରେ କିମ୍ବା ସିଟି ସ୍କାନର ଆବଶ୍ୟକତା ନ ଥିବା ଟିମ୍ ମ୍ୟାନେଜମେଣ୍ଟ ପକ୍ଷରୁ କୁହାଯାଇଛି। ସେହିପରି ଇଂଲଣ୍ଡ ବିପକ୍ଷ ମ୍ୟାଚ ପୂର୍ବରୁ ଭାରତୀୟ ଅଧିନାୟକ ସମ୍ପୂର୍ଣ୍ଣ ଫିଟ୍ ହେବା ନେଇ ଆଶା କରାଯାଉଛି। ଭାରତୀୟ ଦଳର ମେଣ୍ଟାଲ କଣ୍ଡିଶନିଂ କୋଚ ରହିଥିବା ପ୍ୟାଡି ଅପଟନ୍ ଦୀର୍ଘ ସମୟ ଧରି ରୋହିତଙ୍କ ସହିତ ଆଲୋଚନା କରିଥିଲେ।

ପୁଲ୍ ଶଟ୍ ରୋହିତ ଶର୍ମାଙ୍କ ସବୁଠାରୁ ପସନ୍ଦର ଶଟ୍। ଏହି ଶଟ୍ ଜରିଆରେ ସେ ସର୍ବାଧିକ ରନ୍ ମଧ୍ୟ ହାସଲ କରିଛନ୍ତି। ତେବେ ଏହି ଶଟ୍‌ରେ ସେ ସର୍ବାଧିକ ଥର ଆଉଟ୍ ମଧ୍ୟ ହୋଇଛନ୍ତି। ପୁଲ୍ ଶଟ୍ ଖେଳିବା ସମୟରେ ସେ ଜିମ୍ବାୱେ ଓ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଆଉଟ ହୋଇଥିବା ବେଳେ ବାଂଲାଦେଶ ବିପକ୍ଷରେ ବର୍ତ୍ତି ଯାଇଥିଲେ। ପ୍ରଥମ ସେମି ଫାଇନାଲ ମ୍ୟାଚରେ ନ୍ୟୁଜିଲାଣ୍ଡ ଓ ପାକିସ୍ତାନ ଖେଳିବାକୁ ଥିବା ବେଳେ ଗୁରୁବାର ଇଂଲଣ୍ଡ ସହିତ ମ୍ୟାଚ୍ ଖେଳିବ ଭାରତ।


ରୋହିତ ଶର୍ମାଙ୍କ ଆହତ ସ୍ଥାନର ଚିକିତ୍ସା କରାଯାଉଛି।

# ଲକ୍ଷ୍ୟ ସେନ୍‌ଙ୍କୁ ଶ୍ରେଷ୍ଠ ର୍‍ୟାଙ୍କିଙ୍ଗ୍

**ନୂଆଦିଲ୍ଲୀ, ୮।୧୧ (ପି.ଟି.)**

ବିଡବ୍ଲ୍ୟୁଏଫ୍ ବିଶ୍ୱ ର୍‍ୟାଙ୍କିଙ୍ଗ ତାଲିକା ମଙ୍ଗଳବାର ପ୍ରକାଶ ପାଇଛି। ଏଥିରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିୟନ ଲକ୍ଷ୍ୟ ସେନ୍ ଦୁଇ ସ୍ଥାନ ଉପରକୁ ଉଠି ତାଙ୍କ କ୍ୟାରିୟର ଶ୍ରେଷ୍ଠ ୬ଷ୍ଠ ସ୍ଥାନ ଅଧିକାର କରିଛନ୍ତି। ଚଳିତ ସିଜନରେ ଚମତ୍କାର ଫର୍ମାଟରେ ଥିବା ଆଲମୋରାର ଏହି ୨୧ ବର୍ଷୀୟ ଯୁବଖେଳାଳି ୨୫ଟି ଟୁର୍ନାମେଣ୍ଟରୁ ୭୬,୪୨୪ ପଏଣ୍ଟ ଅର୍ଜନ କରିଛନ୍ତି। ଫ୍ରେଞ୍ଚ ଓପନ ଚାମ୍ପିୟନ ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ଗୋଟିଏ ସ୍ଥାନ ଡେଇଁ ପୁରୁଷ ଡବଲ୍ସ ର୍‍ୟାଙ୍କିଙ୍ଗରେ କ୍ୟାରିୟର ଶ୍ରେଷ୍ଠ ୭ମ ସ୍ଥାନ ଅଧିକାର କରିଛନ୍ତି। ଭାରତୀୟ ଯୋଡ଼ି ଦୁଇଟି ବିଡବ୍ଲ୍ୟୁଏଫ୍ ବିଶ୍ୱ ଟୁର୍ ଟାଇଟଲ ଇଣ୍ଡିଆ ଓପନ ସୁପର ୫୦୦ ଓ ଫ୍ରେଞ୍ଚ ଓପନ ସୁପର ୭୫୦ ଜିତିବା ସହ ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଓ ବିଶ୍ୱ ଚାମ୍ପିୟନଶିପ୍‌ରେ ପ୍ରଥମ ଥର ଏକ ବ୍ରୋଞ୍ଜ ପଦକ ଲାଭ କରିଥିଲେ। ସେମାନେ ଆହୁରି ମଧ୍ୟ ଭାରତର ଥୋମାସ କପ୍ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ମହିଳା ଡବଲ୍ସ ଯୋଡ଼ି ତ୍ରିସା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ ଏବଂ ମିକ୍ସଡ ଡବଲ୍ସ ଯୋଡ଼ି ଇଶାନ ଭଟନାଗର ଓ ତନିଶା କାଷ୍ଟ୍ରୋ ଯଥାକ୍ରମେ ସେମାନଙ୍କ କ୍ୟାରିୟର ଶ୍ରେଷ୍ଠ ୨୩ ଓ ୨୮ତମ ସ୍ଥାନ ହାସଲ କରିଛନ୍ତି। ସଦ୍ୟ ପ୍ରକାଶିତ ତାଲିକାରେ ତ୍ରିସା ଓ ଗାୟତ୍ରୀ ୫ ସ୍ଥାନ ଜମ୍ପ କରିଥିବା ବେଳେ ତନିଶା ଓ ଇଶାନ ୨ ସ୍ଥାନ ପଦୋନ୍ନତି ପାଇଛନ୍ତି। ପାଦରେ ଆଘାତପ୍ରାପ୍ତ ଯୋଗୁ ବର୍ମିଂହାମ ଗେମ୍ସ ପରଠାରୁ କୌଣସି ଟୁର୍ନାମେଣ୍ଟ ଖେଳି ନ ଥିଲେ ହେଁ ଡବଲ ଅଲିମ୍ପିକ ପଦକ ବିଜେତା ପି. ଭି. ସିନ୍ଧୁ ଗୋଟିଏ ସ୍ଥାନ ଉପରକୁ ଉଠି ୫ମରେ ଅଛନ୍ତି। କିଡାମ୍ବି ଶ୍ରୀକାନ୍ତ ଓ ଏଚ୍‌ଏସ୍ ପ୍ରଣୟ ପୂର୍ବଭଳି ଯଥାକ୍ରମେ ୧୧ ଓ ୧୨ତମ ସ୍ଥାନ ବଜାୟ ରଖିଛନ୍ତି।



# ଫିଫା ବିଶ୍ୱକପ୍



**ଫୁଟ୍‌ବଲ ମହାକୁମ୍ଭଭାବେ ପରିଚିତ ଫିଫା ବିଶ୍ୱକପର ୨୨ତମ ସଂସ୍କରଣ କାତାରରେ ନଭେମ୍ବର ୨୦ରୁ ଆରମ୍ଭ ହେବାକୁ ଯାଉଛି। ଏହା ଡିସେମ୍ବର ୧୮ ପର୍ଯ୍ୟନ୍ତ ଚାଲିବ। ଆରବରେ ଏହା ହେବ ସର୍ବପ୍ରଥମ ଏବଂ ଏସିଆ ମହାଦେଶରେ ଦ୍ୱିତୀୟ ଫୁଟବଲ ବିଶ୍ୱକପ। ଶେଷଥରପାଇଁ ଏହି ବିଶ୍ୱକପରେ ୩୨ଟି ଦଳ ଅଂଶଗ୍ରହଣ କରିବେ। ୨୦୨୬ ବିଶ୍ୱକପରେ ଅଂଶଗ୍ରହଣକାରୀ ଦଳ ସଂଖ୍ୟା ୪୮କୁ ବୃଦ୍ଧି ପାଇବ। ପ୍ରତିଯୋଗିତା କ୍ରମେ ପାଖେଇ ଆସିଥିବାବେଳେ ବିଶ୍ୱ ଫୁଟବଲର ଏହି ସର୍ବୋଚ୍ଚ ଟୁର୍ନାମେଣ୍ଟକୁ ନେଇ ଆରମ୍ଭ ହୋଇଛି ଅବଗଣନା।**

# ଅଷ୍ଟ୍ରେଲିଆ ଦଳରେ ୧୮ ବର୍ଷୀୟ କୁଓଲ୍

କାତାର ଫିଫା ଫୁଟ୍‌ବଲ ବିଶ୍ୱକପ୍ ପାଇଁ ମଙ୍ଗଳବାର ଅଷ୍ଟ୍ରେଲିଆ ଫୁଟ୍‌ବଲ ଦଳ ଘୋଷଣା କରାଯାଇଛି। ପ୍ରଫେସନାଲ ଅଭିଜ୍ଞତା ନ ଥିବା ସତ୍ତ୍ୱେ ମୁଖ୍ୟ କୋଚ୍ ଗ୍ରାହମ ଆର୍ନୋଲ୍ଡ ୧୮ ବର୍ଷୀୟ ଫରୱାର୍ଡ ଗରଙ୍ଗ କୁଓଲ୍‌ଙ୍କୁ ମନୋନୀତ କରିଛନ୍ତି। କିନ୍ତୁ ଘୋଷଣା କରାଯାଇଥିବା ୨୬ ଜଣିଆ ଦଳରୁ ଭେଟେରାନ ଗୋଲ୍‌କିପର ମିଚ୍ ଲାଙ୍ଗରାକ୍ ବାଦ୍ ପଡ଼ିଛନ୍ତି। ଗୋଲ୍‌କିପର ମାଥ୍ୟୁ ର୍‍ୟାନ ଓ ୱିଙ୍ଗର ମାଥ୍ୟୁ ଲେକି ତୃତୀୟ ଥର ବିଶ୍ୱକପ୍ ଖେଳିବାକୁ ଯାଉଛନ୍ତି। କାତାରରେ ର୍‍ୟାନ୍ ଫୁଟ୍‌ବଲ ଦଳର ନେତୃତ୍ୱ ନେବେ। କୁଓଲଙ୍କ ସମେତ ୧୭ ଖେଳାଳି ପ୍ରଥମ ଥର ବିଶ୍ୱକପ୍ ପାଇଁ ମନୋନୀତ ହୋଇଛନ୍ତି। ସେପ୍ଟେମ୍ବରରେ ନ୍ୟୁଜିଲାଣ୍ଡ ବିପକ୍ଷ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚରେ ସେ ଅତିରିକ୍ତ ଖେଳାଳି ରହିଥିଲେ। ଆମନ୍ତ୍ରିତ ବାର୍ସିଲୋନା ଟିମ୍ ବିପକ୍ଷରେ ପ୍ରଭାବୀ ପ୍ରଦର୍ଶନ ଦ୍ୱାରା ସେ ଆର୍ନୋଲ୍ଡଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କୁଓଲ ଭବିଷ୍ୟତରେ ଜଣେ ଷ୍ଟାର ଖେଳାଳି ହୋଇପାରନ୍ତି ବୋଲି କୋଚ୍‌ଙ୍କ ମନରେ ଧାରଣା ସୃଷ୍ଟି ହୋଇଥିଲା। କୁଓଲ ଇଜିପ୍ଟରେ ଜନ୍ମଗ୍ରହଣ କରିଛନ୍ତି। ତାଙ୍କ ମାତାପିତା ହେଉଛନ୍ତି ସୁଦାନିଜ୍। ବାଲ୍ୟକାଳରୁ ସେ ମାତାପିତାଙ୍କ ସହ ଅଷ୍ଟ୍ରେଲିଆ ଚାଲିଆସିଥିଲେ। ଅଷ୍ଟ୍ରେଲିଆର ଏ' ଲିଗ୍‌ରେ ସେ ଜଣେ ଅତିରିକ୍ତ ଖେଳାଳି ହିସାବରେ ସେଣ୍ଟ୍ରାଲ କୋଷ୍ଟ ମାରିନର୍ସ ତରଫରୁ ୭ଥର ଖେଳି ୪ଗୋଲ୍ ସ୍କୋର କରିଥିଲେ। ଆସନ୍ତାବର୍ଷ ପ୍ରିମିୟର ଲିଗ୍‌ରେ ସେ ନ୍ୟୁକ୍ୟାସେଲରେ ଯୋଗଦାନ କରିବେ। ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ଗ୍ରୁପ୍ ଡି'ରେ ଗତଥରର ଚାମ୍ପିୟନ ଫ୍ରାନ୍ସକୁ ନଭେମ୍ବର ୨୨ରେ ଭେଟିବ।

**ଅଷ୍ଟ୍ରେଲିଆ ଫୁଟ୍‌ବଲ ଦଳ:** ଗୋଲକିପର- ମ୍ୟାଟ୍ ର୍‍ୟାନ, ଆଣ୍ଡ୍ରୁ ରେଡମେନ୍, ଡାନି ଭିକୋଭିଚ୍। ଡିଫେଣ୍ଡର-ନାଥାନ ଆଟକିନ୍‌ସନ, ଅଜିଜ ବେହିଚ୍, ମିଲୋସ ଡିଜେନେକ୍, ଥୋମାସ ଡେଙ୍ଗ୍, ଫାନ୍ କାର୍ସିକ, ଜୋଏଲ୍ କିଙ୍ଗ୍, କି' ରୋଲ୍ସ, ହ୍ୟାରି ସାଉଟର,ବେଲି ରାଇଟ୍। ମିଡ୍‌ଫିଲ୍ଡର- କିନୁ ବେକାଶ, କାମେରନ ଡେଭଲିନ୍, ଆଜ୍‌ଦିନ୍ ହ୍ରଷ୍ଟିକ୍, ଜ୍ୟାକସନ ଇର୍ଭିନେ, ରିଲେ ମ୍ୟାକ୍‌ଗ୍ରି, ଆରୋନ ମୁଇ। ଫରୱାର୍ଡ-ମାର୍ଟିନ ବୟଲି, ଜାସନ କୁମିନ୍ସ, ମିଚେଲ ଡ୍ୟୁକ୍, କ୍ରେଗ୍ ଗୁଡ୍‌ୱିନ, ଗରଙ୍ଗ କୁଓଲ, ମାଥ୍ୟୁ ଲେକି, ଆୱେର ମାବିଲ୍ ଓ ଜେମି ମ୍ୟାକଲରେନ।







# ଗୋଆକୁ ହରାଇ ରାଜସ୍ଥାନ ଚାମ୍ପିୟନ

**ତାଳଚେର/ଅନୁଗୋଳ ଅଫିସ, ୮।୧୧**

ସର୍ବଭାରତୀୟ ଫୁଟ୍‌ବଲ ସଂଘ ସହଯୋଗରେ ତଥା ଆମେ ଓଡ଼ିଆ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଢେଙ୍କାନାଳ, ଅନୁଗୋଳ ଓ ତାଳଚେର ଅଞ୍ଚଳରେ ଆୟୋଜିତ ବାଜି ରାଉତ କପ୍ ଜାତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟରେ ରାଜସ୍ଥାନ ୟୁନାଇଟେଡ୍ ଏଫ୍‌ସି ଚାମ୍ପିୟନ ହୋଇଛି। ମଙ୍ଗଳବାର ଅନୁଗୋଳ ଜିଲା ତାଳଚେରସ୍ଥିତ ଏମ୍‌ସିଏଲ୍‌ର ବ୍ଲାକ୍ ଡାଇମଣ୍ଡ ଷ୍ଟାଡିୟମରେ ଖେଳାଯାଇଥିବା ଫାଇନାଲ ମ୍ୟାଚରେ ରାଜସ୍ଥାନ ୟୁନାଇଟେଡ୍ ଏଫ୍‌ସି ୪-୨ ଗୋଲରେ ଚର୍ଚ୍ଚିଲ ବ୍ରଦର୍ସ ଏଫ୍‌ସି ଗୋଆକୁ ପରାସ୍ତ କରିଛି।

ମ୍ୟାଚ ଆରମ୍ଭରୁ ଉଭୟ ଦଳ ଚମତ୍କାର ଖେଳ ପ୍ରଦର୍ଶନ କରିଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ ୨-୨ ଗୋଲ ସ୍କୋର କରିବାରୁ ଫଳାଫଳ ନିର୍ଦ୍ଧାରଣ ପାଇଁ ପେନାଲଟି ଶୁଟ୍‌ଆଉଟ୍‌ର ସହାୟତା ନିଆଯାଇଥିଲା। ଏଥିରେ ରାଜସ୍ଥାନ ୟୁନାଇଟେଡ୍ ଏଫ୍‌ସି ୪ ଗୋଲ୍ ସ୍କୋର କରିଥିବାବେଳେ ଚର୍ଚ୍ଚିଲ ବ୍ରଦର୍ସ ଏଫ୍‌ସି ଗୋଆ ମାତ୍ର ୨ଟି ଗୋଲ୍ କରି ପରାଜିତ ହୋଇଥିଲା। ଚାମ୍ପିୟନ ରାଜସ୍ଥାନ ଦଳର ଗୋଲ କିପର ମହମ୍ମଦ ରଫିକ୍‌ଙ୍କୁ ହିରୋ ଅଫ୍ ଦି ମ୍ୟାଚ ଘୋଷଣା କରାଯିବା ସହ ଟ୍ରଫି ଓ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସମ୍ପୂର୍ଣ୍ଣ ଟୁର୍ନାମେଣ୍ଟରେ ଉନ୍ନତ ଖେଳ ଦେଖାଇଥିବା ରାଜସ୍ଥାନର ଅଧିନାୟକ ମାର୍ଟିନ ସବେସ୍‌ଙ୍କୁ ହିରୋ ଅଫ୍ ଦି ଟୁର୍ନାମେଣ୍ଟ ଘୋଷଣା କରାଯିବା ସହ ଟ୍ରଫି ଓ ୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ଚାମ୍ପିୟନ ଦଳ ରାଜସ୍ଥାନକୁ ୧୫ ଲକ୍ଷ ଟଙ୍କା ସହ ଟ୍ରଫି ଓ ରନର୍ସଅପ୍ ଗୋଆକୁ ୧୦ ଲକ୍ଷ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସର୍ବ ଭାରତୀୟ ଫୁଟ୍‌ବଲ ସଂଘ (ଏଆଇଏଫ୍‌ସି) ସଭାପତି କଲ୍ୟାଣ ଚୌବେ, ଏମ୍‌ସିଏଲ୍‌ର ଡାଇରେକ୍ଟର କେଶବ ରାଓ, ବିରୋଧୀ ଦଳ ନେତା ତଥା ବରିଷ୍ଠ ଭାଜପା ନେତା ଜୟନାରାୟଣ ମିଶ୍ର, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ମହାପାତ୍ର ଯୋଗଦେଇ ପୁରସ୍କାର ବିତରଣ କରିଥିଲେ।

**ବାଜି ରାଉତ କପ୍ ଜାତୀୟ ଫୁଟ୍‌ବଲ**


ଟ୍ରଫି ହାସଲ କରିବା ପରେ ଚାମ୍ପିୟନ ରାଜସ୍ଥାନ ଦଳର ଖେଳାଳିମାନେ ଖୁସି ମନାଉଛନ୍ତି।

## ତଦନ୍ତ କରିବ ୩ଜଣିଆ କମିଟି

**କଲମ୍ବୋ, ୮।୧୧ (ପି.ଟି.):** ଅଷ୍ଟ୍ରେଲିଆରେ ଟି୨୦ ବିଶ୍ୱକପ୍ ବେଳେ ଶ୍ରୀଲଙ୍କା ବ୍ୟାଟର ଦାନୁଷ୍କା ଗୁଣତିଲକାଙ୍କ ବିରୋଧରେ ହୋଇଥିବା ଯୌନ ଶୋଷଣ ଅଭିଯୋଗର ତଦନ୍ତ ପାଇଁ ଶ୍ରୀଲଙ୍କା କ୍ରିକେଟ (ଏସ୍‌ଏଲ୍‌ସି) ଏକ ୩ଜଣିଆ କମିଟି ଗଠନ କରିଛି। ଏଥିରେ ଜଣେ

**ଗୁଣତିଲକା ଘଟଣା**

ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତି ଜଷ୍ଟିସ ଶିଶିର ରତନାୟକେ, ଆର୍ଟର୍ନି ନିରୋସାନ ପେରେରା ଓ ଆର୍ଟର୍ନି ଆସେଲା ରେକାୱା ସଦସ୍ୟ ରହିଛନ୍ତି। ଏହି କମିଟି ଶ୍ରୀଲଙ୍କା କ୍ରିକେଟର କାର୍ଯ୍ୟନିର୍ବାହୀ କମିଟି ନିକଟରେ ଏହାର ରିପୋର୍ଟ ଉପସ୍ଥାପନ କରିବ। ଦୋଷୀ ସାବ୍ୟସ୍ତ ହେଲେ କଠୋର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସୂଚନା ଯୋଗ୍ୟ ରବିବାର ଅଷ୍ଟ୍ରେଲିଆରୁ ଶ୍ରୀଲଙ୍କା କ୍ରିକେଟ ଦଳର ସ୍ୱଦେଶ ପ୍ରତ୍ୟାବର୍ତ୍ତନ ପୂର୍ବରୁ ୩୧ ବର୍ଷୀୟ ବାମହାତି ଖେଳାଳି ସେଠାକାର ପୋଲିସ ଦ୍ୱାରା ଗିରଫ ହୋଇଥିଲେ। ସିଡ୍‌ନୀର ଏକ କୋର୍ଟ ତାଙ୍କ ଜାମିନ ଆବେଦନକୁ ନାମଞ୍ଜୁର କରିଥିଲେ। ଏସ୍‌ଏଲ୍‌ସି ତୁରନ୍ତ ଖେଳର ସମସ୍ତ ଫର୍ମାଟରୁ ତାଙ୍କୁ ସସ୍‌ପେଣ୍ଡ କରିଥିଲା।




ନିଜ ଆଖିକୁ ଦିଅନ୍ତୁ ପ୍ରାକୃତିକ ଆଇ ମନ୍ତ୍ରା

Helpline: 8196822222




Dr. Juneja's ®
ଆଇ ମନ୍ତ୍ରା

12 ଗୁଣକାରୀ ଆୟୁର୍ବେଦିକ ଔଷଧି ଯେପରି ଗୋଲାପ, ତୁଳସୀ, ଅଁଳା, ନିମ, ପୁଦିନା, ମହୁ ଇତ୍ୟାଦିର ଯୋଗରେ ପ୍ରସ୍ତୁତ 'ଆଇ ମନ୍ତ୍ରା' ଆୟୁର୍ବେଦିକ ଆଇ ଡ୍ରପ୍ ଆଖିରେ ଦେଖାଦେଉଥିବା ସମସ୍ୟା ଯେପରି ଆଖିର କ୍ଳାନ୍ତି, ଆଖିର ଶୁଷ୍କତା, ଆଖି ଉପରୁ ଚାପ ହ୍ରାସକରି ତାହାକୁ ସୁସ୍ଥ ଓ ଶୀତଳ କରିବାରେ ସହାୟକ ଅଟେ। ଆୟୁର୍ବେଦିକ ହୋଇଥିବା କାରଣରୁ ଏହା ସୁରକ୍ଷିତ ହୋଇଥାଏ ଏବଂ ଆଖି ଉପରେ ଏହାର କୌଣସି କୁପ୍ରଭାବ ମଧ୍ୟ ପଡ଼ି ନ ଥାଏ।

ସମ୍ପୂର୍ଣ୍ଣ ସ୍ୱଦେଶୀ
ସମ୍ପୂର୍ଣ୍ଣ ଆୟୁର୍ବେଦିକ
#VocalforLocal

Orissa S.S. : Orissa Drug Distributor (Cuttack) : 2308926, 2308090, Mahendra Pharma : 06712308204, Angul : 9861121114, 9439138737, Aska : 9437424001, 272476, Balasore : 9040605196, 266871, 9437754792, 9437296785, 260025, 263459, Bamra : 229249, 229266, Barbil : 277283, 9437141103, Bargarh : 9437344300, 9777189794, 233089, Baripada : 9861138256, 9437188717, 9437320602, Begunia (Khurda) : 9437429268, Berhampur : 9437438256, 9438430070, 2250508, 2250732, 2250789, 9437114236, 2250815, 2250741, Bhadrak : 9437215761, Bhawanipatna : 233203, Bhubaneswar : 2530442, 9437353502, 9437359374, 9040057896, 9437307031, 2507586, Bolangir : 9437093264, 235303, Boudh : 9437154867, Cuttack : 9437247237, 6548643, 2530531, 9438480599, Dhenkanal : 223261, 224856, Jagatsingpur : 9437541060, Jajpur Town : 224690, Jaraka : 273230, 9437073032, Jatni : 9437162097, Jeypore : 9437215425, 231405, 232864, 241824, Jharsuguda : 9040747137, 8763776324, 9438641888, 9437050322, 9437250042, Kendrapada : 9668286960, Keonjhar : 256465, 9437136317, 253202, Keshinga : 222059, 9583251313, 9437327273, Khandapada : 7873439046, Khelar : 9437884540, Khurda : 9437230385, Malkangiri : 9437435213, 230906, Nayagarh : 9853101011, Padampur : 9938550551, Panikoili : 9437086941, Paralakhemundi : 222746, Phulbani : 9853525181, Puri : 9937071720, 225819, Rayagada : 9437643418, 222791, 9937060531, Rourkela : 2522187, 9438143234, 2511093, 2501092, 6532369, 2510913, 2509104, Sambalpur : 2540227, 2522075, 2521445, 9937065848, 9437256336, Talcher : 9937060364, Tirtol : 9776355057, Titlagarh : 9437151725, 222385



4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ପ୍ରକୃତିର ମଜା ନେବେ ପର୍ଯ୍ୟଟକ

**ନୟାଗଡ଼ ଜିଲାକୁ ପ୍ରକୃତି ଦେଇଛି ସ୍ୱତନ୍ତ୍ର ପରିଚୟ । ଜିଲା ଦେଇ ପ୍ରବାହିତ ମହାନଦୀ ଓ ସାତକୋଶିଆଗଣ୍ଡର ଜଳରାଶି, ବାଲୁକାଶଯ୍ୟାର ମନୋରମ ଦୃଶ୍ୟ ପର୍ଯ୍ୟଟକଙ୍କୁ ଆକର୍ଷଣ କରେ । ଏସିଆ ମହାଦେଶର ଦ୍ୱିତୀୟ ବୃହତମ ଉଷ୍ମ ପ୍ରସବଣ, ମନ୍ଦିର ଓ ବୌଦ୍ଧ ସଂସ୍କୃତି, ସାତକୋଶିଆ ଓ ବାଇଶିପଲ୍ଲୀ ଅଭୟାରଣ୍ୟର ଅପୂର୍ବ ସୌନ୍ଦର୍ଯ୍ୟ ଏବଂ ଅନନ୍ୟ କିର୍ତ୍ତୀରାଜି ଏହାର ପରିଚୟ । ସେଥିପାଇଁ ବର୍ଷ ତମାମ ଏହି ଜିଲାକୁ ପର୍ଯ୍ୟଟକମାନଙ୍କ ଆଗମନ ଲାଗି ରହିଥାଏ । ବିଭିନ୍ନ ମଠ,ମନ୍ଦିରରେ ଦିଅଁଙ୍କ ଦର୍ଶନ ସହିତ ବଣଭୋଜିର ମଜା ଉଠାନ୍ତି ସମସ୍ତେ । ଏପରି ସ୍ଥିତିରେ ଆଗକୁ ଆସୁଛି ପର୍ଯ୍ୟଟନ ଋତୁ । ପର୍ଯ୍ୟଟକମାନେ ଏହାର ମଜା ନେବା ପାଇଁ ଏବେଠାରୁ ପ୍ରସ୍ତୁତ ହେଲେଣି । ଏନେଇ ଧରିତ୍ରୀର ସ୍ୱତନ୍ତ୍ର ଉପସ୍ଥାପନ ...**



**ଆସୁଛି ପର୍ଯ୍ୟଟନ ଋତୁ**

ଲୋକନାଥ ମିଶ୍ର
ନୟାଗଡ଼ ଅଫିସ,୮।୧୧

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ କୋସକା ପଞ୍ଚାୟତ ରାମଚନ୍ଦ୍ରପୁର ଅଁଳାପାଟ ଅଞ୍ଚଳରେ ୨ ପାହାଡ଼ର ପାଦଦେଶରେ ରହିଛି ଯୋଗୀ ଯୋଗୀଆଣି ବୌଦ୍ଧକ୍ଷେତ୍ର । ପୀଠଟି ଜିଲାର ଏକମାତ୍ର ବୌଦ୍ଧ ପର୍ଯ୍ୟଟନସ୍ଥଳୀ । ନବମ-ଦଶମ ଶତାବ୍ଦୀର ୪ ବୌଦ୍ଧମୂର୍ତ୍ତି ଏଠାରେ ପୂଜା ପାଉଛନ୍ତି । ସେମାନଙ୍କ ମଧ୍ୟରୁ ଗୋଟିଏ ମୂର୍ତ୍ତି ଜ୍ଞାନ ଆହରଣ ଓ ଅନ୍ୟଟି ଧ୍ୟାନମୁଦ୍ରାରେ ରହିଛି । ଅନ୍ୟ ୨ ମୂର୍ତ୍ତି ଭୂମି ସ୍ୱର୍ଶ ମୁଦ୍ରାରେ ରହିଛନ୍ତି । ଏହି ପୀଠ ଦେଇ ବହିଯାଇଛି ଏକ ଝରଣା । ଝରଣାର ଚତୁର୍ଦ୍ଦିଗରେ ଘେରି ରହିଛି ସବୁଜ ପାହାଡ, ବିଭିନ୍ନ ବୃକ୍ଷରାଜିରେ ପୂର୍ଣ୍ଣ ଜଙ୍ଗଲ ଓ ଔଷଧୀୟ ଗଛଲତା । ବହିଯାଉଥିବା ଝରଣା ନିକଟ ଭେଣ୍ଡିଆ ମର୍ଦ୍ଦନ ଗଛମୂଳେ ମାନସିକଧାରୀମାନେ ସିନ୍ଦୁର ଲଗାଇ ପଥର ରଖିଲେ ନିଃସନ୍ତାନମାନଙ୍କ ସନ୍ତାନପ୍ରାପ୍ତି ହୁଏ ବୋଲି ବିଶ୍ୱାସ ରହିଛି ।

ଓଡ଼ଗାଁ ବ୍ଲକର ବୁଢ଼ାବୁଢ଼ୀଆଣି ଓ ଦଶପଲ୍ଲା ବ୍ଲକର କୁଆଁରିଆ ଡ୍ୟାମ୍ ପ୍ରାକୃତିକ ଶୋଭାରାଜିରେ ପରିପୂର୍ଣ୍ଣ । ବିସ୍ତୀର୍ଣ୍ଣ ଜଳରାଶି ,ଚତୁଃପାର୍ଶ୍ୱରେ ପର୍ବତ ଘେରା ସବୁଜ ବନାନୀ ଓ ରଙ୍ଗବେରଙ୍ଗ ସମସ୍ତଙ୍କୁ ଆକୃଷ୍ଟ କରେ । କୁଆଁରିଆ ଡ୍ୟାମ୍ ପାଖରେ ହରିଣ ପାର୍କ ଥିବାରୁ ଲୋକଙ୍କ ଗହଳି ଅଧିକ ଜମେ। ବୁଢ଼ାବୁଢ଼ୀଆଣି ଡ୍ୟାମ୍‌ରେ ନୌକାବିହାର ଓ ମନୋଜ୍ଞପାର୍କ ମଧ ଅନ୍ୟତମ ଆକର୍ଷଣ । ସେହିପରି ଅନୁଗୋଳ ଓ ନୟାଗଡ଼ ଜିଲାର ସୀମାନ୍ତ ଗଣିଆ ବ୍ଲକର ମହାନଦୀରେ ଥିବା ସାତକୋଶିଆ ଗଣ୍ଡ ମଗର ଓ ଘଡିଆଳ କୁମ୍ଭୀର ପାଇଁ ପ୍ରସିଦ୍ଧ । ଏତତ ବ୍ୟତୀତ ସାତକୋଶିଆ ଅଭୟାରଣ୍ୟ ଓ ଗଣ୍ଡ ଅଞ୍ଚଳରେ ଚାତକ, ମାଛରଙ୍କା, ହଂସରାଳି, କଣ୍ଟିଆ, ଭାଲିଆଖାଇ, ଚକୁଆଚକୋଇ ଓ ବ୍ରାହ୍ମଣୀଟକ ଆଦି ରଙ୍ଗବେରଙ୍ଗର ପକ୍ଷୀଙ୍କ କଳରବରେ ପର୍ଯ୍ୟଟକମାନେ ଚଳଚଞ୍ଚଳ ହୋଇ ଉଠନ୍ତି । ସେହିପରି ଗଣ୍ଡରେ ନୌକା ବିହାର ଓ ପାହାଡ଼ ଚଢ଼ିବାର ସୁବିଧାସହ ବିସ୍ତୀର୍ଣ୍ଣ ବାଲୁକାରାଶିରେ ବଣଭୋଜି କରିବାର ମଜା ନିଆରା । ସେଠାରେ ମହାନଦୀ ବନ୍ୟ ପ୍ରାଣୀ ଡିଭିଜନ ପକ୍ଷରୁ ନୌକା ବିହାରର ସୁବିଧା ରହିଛି। ମହାନଦୀ ବନ୍ୟ ପ୍ରାଣୀ ଡିଭିଜନ ଅନ୍ତର୍ଗତ ଅନ୍ୟତମ ବାଇଶପଲ୍ଲୀ ସଂରକ୍ଷିତ ଅଭୟାରଣ୍ୟ ଅପୂରୂପା ପ୍ରାକୃତିକ ଶୋଭାରାଜି, ଘଞ୍ଚବନାନୀ, ମହାନଦୀର ନୀଳ ଜଳରାଶି, ବିଭିନ୍ନ ପ୍ରଜାତିର ପଶୁପକ୍ଷୀଙ୍କ ଖେଳ ପର୍ଯ୍ୟଟକଙ୍କୁ ବହୁ ସମୟ ସେଠାରେ ବାନ୍ଧି ରଖେ । ସହରୀ କୋଳାହଳଠାରୁ ଢ଼େର ଦୂରରେ ଅବସ୍ଥିତ ଏହି ଶାନ୍ତି ପ୍ରଦାନ କରେ ।

ଭାରତର ଦ୍ୱିତୀୟ ସର୍ବବୃହତ୍ ଉଷ୍ମ ପ୍ରସବଣ ଭାପୁର ବ୍ଲକ ତରବାଲୋ ଗ୍ରାମରେ ରହିଛି । ଏଠାରେ ୧୧ ଏକର ଜମି ଉପରେ ୧୧୦ ସ୍ଥାନରେ ଉଷ୍ମ ଜଳ ନିର୍ଗତ ହେବା ବିଶେଷ ଆକର୍ଷଣ । କିଆବଣ ମଧ୍ୟରେ ସବୁଜିମା ଶସ୍ୟକ୍ଷେତ୍ର ଓ କେତକେଶ୍ୱରୀ ଠାକୁରାଣୀଙ୍କ କୃପା ଏହାର ପାରିପାର୍ଶ୍ୱିକ ଶୋଭାକୁ ପରିବର୍ଦ୍ଧିତ କରୁଛି । ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତରେ ରହିଛି ମୁଦୁଲି ଗାଡିଆ । ଯାହା ଇକୋ ଭିଲେଜର ମାନ୍ୟତା ପାଇଛି । ଗାଁର ୩୫ ପରିବାର ମଧ୍ୟରୁ ଅଧିକାଂଶ ଦିନ ମଜୁରିଆ । ଆଉ କିଛି ଚାଷ ବାସ କରି ପରିବାର ଚଳାଇଥାନ୍ତି । ପ୍ରାକୃତିକ ପରିବେଶରେ ମଧ୍ୟରେ ରହିଥିବା ଗାଁର ଲୋକ ଜଙ୍ଗଲ ଓ ପରିବେଶ ସୁରକ୍ଷାରେ ଲାଗି ପଡିଛନ୍ତି । ଇକୋ ଭଲେଜ ମାନ୍ୟତା ପାଇବା ପରେ ଗାଁକୁ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି ।

## ଗୋକୁଳାନନ୍ଦ ପୀଠ

ଖଣ୍ଡପଡ଼ା ବ୍ଲକ୍‌ସିଦ୍ଧାମୂଳାର ପୁରାଣ ପ୍ରସିଦ୍ଧ ମଧୁକର୍ଣ୍ଣିକା ପାହାଡ଼ ଉପରେ ରହିଛି ଶ୍ରୀ ଶ୍ରୀ ଗୋକୁଳାନନ୍ଦ ପୀଠ । ପାହାଡ଼ର ପାଦଦେଶରେ ବୋହି ଯାଇଛି ମହାନଦୀ । ଏହି ପୀଠ ଉପରୁ ମହାନଦୀର ଦୃଶ୍ୟ ଚିଲିକାର ସନ୍ଧ୍ୟାକାଳୀନ ସୌନ୍ଦର୍ଯ୍ୟ ସହ ସମାନ । ଏହାକୁ ଉପଭୋଗ କରିବାପାଇଁ ଜଙ୍ଗଲ ବିଭାଗ ପକ୍ଷରୁ କରାଯାଇଛି ଇକୋ ଟୁରିଜିମ ପ୍ରକଳ୍ପ। ଏହି ପ୍ରକଳ୍ପ ଉପରୁ ମହାନଦୀର ସୌନ୍ଦର୍ଯ୍ୟ ଉପଭୋଗ କରିହେବ । ଏହି ପୀଠରେ ବର୍ଷତମାମ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥାଏ ।

## ନୀଳମାଧବ କ୍ଷେତ୍ର

ମହାନଦୀ ତଟଦେଶରେ ଦଣ୍ଡାୟମାନ ବ୍ରହ୍ମାଦ୍ରୀ ପାହାଡ଼ରେ ରହିଛି ଶ୍ରୀନୀଳମାଧବଜୀଉଙ୍କ ପୀଠ । ନୀଳମାଧବଙ୍କ ଆବିର୍ଭାବ ସ୍ୱତଃ ଏବଂ ତାଙ୍କର ସେବକ ବିଶ୍ୱାବସୁ ଶବର ବୋଲି ପୁରାଣରୁ ଜଣାପଡେ । ଜୀଉଙ୍କ ନଖ କୋଣରେ ଚିରସ୍ରୋତା ଝରଣାଟିଏ ଲୁକ୍କାୟିତ ହୋଇ ରହିଛି । ଜନଶୃତି କହେ ଜଣେ ରାଜା ପିତଳ କଳସରେ ଏହି ଜଳକୁ ଶୁଖାଇବାକୁ ଚେଷ୍ଟା କରି ହଟହଟା ହୋଇଥିଲେ । ମୁଖ୍ୟ ମନ୍ଦିରର ଦକ୍ଷିଣକୁ ସିଦ୍ଧେଶ୍ୱର ମହାଦେବଙ୍କ ମନ୍ଦିର ରହିଛି। ଆଶ୍ଚର୍ଯ୍ୟର କଥା ସୂର୍ଯ୍ୟଙ୍କ ଉତ୍ତରାୟଣ ଓ ଦକ୍ଷିଣାୟନ ବେଳେ ଏ ମନ୍ଦିରର ଶିବଲିଙ୍ଗ ବିପରିତ ଦିଗକୁ ଢ଼ଳି ରୁହନ୍ତି ।

## ଲଡୁବାବା

ଓଡ଼ଗାଁ ବ୍ଲକର ଶରଣକୁଳରେ ରହିଛି ଲଡୁବାବାଙ୍କ ପୀଠ। ହରିହର ସମ୍ମଳିତ ଲଡୁବାବାଙ୍କ ଗୋଟିଏ ପାର୍ଶ୍ୱରେ ଚକ୍ର ଚିହ୍ନ ରହିଥିବାବେଳେ ଅନ୍ୟ ପାର୍ଶ୍ୱରେ ରହିଛି ଅର୍ଦ୍ଧଚନ୍ଦ୍ର। ଗୋଟିଏ ପଟେ ତୁଳସୀ ଲାଗି ହେଉଥିବାବେଳେ ଅନ୍ୟପଟେ ବେଲପତ୍ର । ଲଡୁବାବାଙ୍କ ଚତୁଃପାର୍ଶ୍ୱରେ ଏକାଦଶ ରୁଦ୍ର ବିଦ୍ୟମାନ ଓ ପୂଜିତ । ଲଡୁବାବା ହେଉଛନ୍ତି ଅକର୍ମ କର୍ମଦାୟକ , ଛତ୍ରାକାର ଫୁଟାଲିଙ୍ଗ , ଯାହାଙ୍କର କରୁଣାବିନ୍ଦୁ ଅପୁତ୍ରୀକଙ୍କୁ ପୁତ୍ରଦାନ କରିଥାଏ ।





ମୁଦୁଲିଗାଡିଆଠାରେ ନିର୍ମାଣ କରାଯାଇଥିବା ଇକୋ ଭିଲେଜ।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ପ୍ରେମାନନ୍ଦ



@ ରଜତ୍



@ ରାଜେଶ



@ ରାଜିବ



@ ରଶ୍ମି

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## କାର୍ତ୍ତିକ ପୂର୍ଣ୍ଣିମା ପାଇଁ ଦେବଦେବୀଙ୍କ ପୀଠ ଚଳଚଞ୍ଚଳ

ଖଣ୍ଡପଡ଼ା,୮।୧୧(ସ୍ୱ.ପ୍ର.)

ପବିତ୍ର କାର୍ତ୍ତିକପୂର୍ଣ୍ଣମୀ ଉପଲକ୍ଷେ ଖଣ୍ଡପଡ଼ା ଅଞ୍ଚଳର ବିଭିନ୍ନ ଦେବାଦେବୀ ମନ୍ଦିର, ମଠ ଚଳଚଞ୍ଚଳ ହୋଇଉଠିଥିଲା। ଖଣ୍ଡପଡ଼ା ସହରାଞ୍ଚଳସ୍ଥିତ ସାଇ ମନ୍ଦିର, ମା' ବାଉରୀ ଠାକୁରାଣୀ ଓ ବାହାଡ଼ାଶୁଣୀଙ୍କ ପୀଠ, ମର୍ଦ୍ଧରାଜପୁରସ୍ଥିତ ମୁଣ୍ଡିଆ ହନୁମାନଙ୍କ ପୀଠ ସମେତ ପ୍ରଭୁ ଶ୍ରୀ ନୀଳକଣ୍ଠେଶ୍ୱର ଦେବ, ବାଲୁଙ୍କେଶ୍ୱର ଦେବ, ସୁବର୍ଣ୍ଣେଶ୍ୱର ଦେବ, ଜଗନ୍ନାଥ ମନ୍ଦିର, ରଘୁନାଥ ମନ୍ଦିର, ଖୁଣ୍ଟୁପଡ଼ାସ୍ଥିତ ପ୍ରସିଦ୍ଧ ଶୈବ ପୀଠ ରାମେଶ୍ୱର ଦେବଙ୍କ ମନ୍ଦିରରେ ମଙ୍ଗଳବାର ଭୋର ସମୟରୁ ବହୁଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଥିଲା। ପୂର୍ଣ୍ଣମୀ ତିଥିରେ ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥିଲା । ଚନ୍ଦ୍ର ଗ୍ରହଣ ନୀତି ଯୋଗୁ ସନ୍ଧ୍ୟା ୭ଟା ପରେ ଠାକୁରଙ୍କ ପଦ୍ମବେଶ ଦର୍ଶନ ନିମନ୍ତେ ଭକ୍ତଙ୍କ ଅସମ୍ଭବ ଭିଡ଼ ପରିଲକ୍ଷିତ ହୋଇଥିଲା। ଖଣ୍ଡପଡ଼ା ବ୍ଲକ୍‌ର ପୁଆଣିଆ, ବୋଦସା, କାଦୁଆ, କିଆଝର ପ୍ରଭୃତି ଗ୍ରାମରେ ଥିବା ମନ୍ଦିରରେ କାର୍ତ୍ତିକ ପୂର୍ଣ୍ଣମୀ ଯାତ୍ରା ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି। ମର୍ଦ୍ଧରାଜପୁର ମୁଣ୍ଡିଆ ହନୁମାନ ପୀଠରେ ୫ଦିନ ହେବ ଚାଲିଥିବା କାର୍ତ୍ତିକ ମହୋତ୍ସବର ଅନ୍ତିମ ଦିବସରେ ଆୟୋଜିତ ନବରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ବହୁ ଶ୍ରଦ୍ଧାଳୁ ପୂର୍ବାହ୍ନ୧୧ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଭିଡ଼ ଜମାଇଥିଲେ ।



ଜଗନ୍ନାଥ ଜୀଉଙ୍କ ପଦ୍ମବେଶ ।

## ପଶା ଖେଳ,ଗଜ ଉଦ୍ଧାରଣ ବେଶରେ ଦର୍ଶନ ଦେଲେ ନୀଳମାଧବ

ଖଣ୍ଡପଡ଼ା,୮।୧୧(ସ୍ୱ.ପ୍ର.)

**ରାସ ପଞ୍ଚକ ଉଦ୍‌ଯାପିତ, ସବୁଠି ଆଧାତ୍ମିକ ପରିବେଶ**

କାର୍ତ୍ତିକ ପୂର୍ଣ୍ଣମୀରେ ଚନ୍ଦ୍ର ଗ୍ରହଣ ଥିବାରୁ ମଙ୍ଗଳବାର ଭୋରୁ ଖଣ୍ଡପଡ଼ା ଓ ତାର ଆଖପାଖ ଅଞ୍ଚଳରେ ପଟକା(ଡ଼ଙ୍ଗା) ଭସା ସହିତ ଠାକୁରଙ୍କ ନୀତିକାନ୍ତି ଶେଷ ହୋଇଥିଲା । କଣ୍ଟିଲୋ ନୀଳମାଧବ ଜୀଉଙ୍କ ପାଦଦେଶରେ ପ୍ରବାହିତ ମହାନଦୀ ଘାଟରେ ଶ୍ରଦ୍ଧାଳୁମାନେ ବୁଡ଼ ପକାଇବା ସହ କଦଳୀ ପଟୁକା ଓ ସୋଲରେ ନିର୍ମିତ ଡଙ୍ଗା ଭସାଇ ଆର୍ଶିବାଦ କାମନା କରିଥିଲେ ।

ଏହି ଅବସରରେ ମା'ନାରାୟଣୀଙ୍କ ମେଳା ଅନୁଷ୍ଠିତ ହୋଇଥିବାରୁ ପଥରଚକଡା ସମେତ କଣ୍ଟିଲୋ, ବାଣପୁର, ଧାନଚେଙ୍ଗଡା, ପଦ୍ମାବତୀ ଆଦି ଅଞ୍ଚଳରୁ ୩୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ମା'ନାରାୟଣୀଙ୍କ ଦର୍ଶନ ପାଇଁ ରାତି ପର୍ଯ୍ୟନ୍ତ ଭିଡ଼ ଲାଗି ରହିଥିଲା । ଏହି ମେଳା ଉପଲକ୍ଷେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପଥରଚକଡା ଗ୍ରାମବାସୀଙ୍କ ପକ୍ଷରୁ ଆୟୋଜନ କରାଯାଇଥିଲା । ନୀଳମାଧବ ଜୀଉ ଓ ଏହାର ପାର୍ଶ୍ୱ ଠାକୁର ରାଧାମୋହନ ଜୀଉଙ୍କୁ ପଶାଖେଳ ସହ ଗଜ ଉଦ୍ଧାରଣ ବେଶରେ ଶ୍ରଦ୍ଧାଳୁମାନେ ଦର୍ଶନ କରିଥିଲେ। ଆଜିର ଦିନରେ ହବିଷାଳିମାନେ ଏକତ୍ରୀତ ହୋଇ କାର୍ତ୍ତିକ ମହାତ୍ମ୍ୟ ଶ୍ରବଣ କରିଥିଲେ । ନୀଳମାଧବଙ୍କ ପୀଠରେ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲେ ମଧ୍ୟ କୌଣସି ବିଶୃଙ୍ଖଳା ଉପୁଜି ନ ଥିଲା । ସେହିପରି ମର୍ଦ୍ଧରାଜପୁର ମୁଣ୍ଡିଆ ହନୁମାନ ପୀଠରେ ଗତ ୫ ଦିନ ହେଲା ପର୍ଯ୍ୟଟକ ଓ ଭକ୍ତମାନଙ୍କ ସମାଗମ ହୋଇଥିବା ବେଳେ ପୋଲିସ ପ୍ରଶାସନ ଓ ଗ୍ରାମବାସୀଙ୍କ ସହଯୋଗରେ ଏଠାରେ ଚାଲିଥିବା ୫ଦିନ ବ୍ୟାପୀ ମେଳା ଶୃଙ୍ଖଳିତ ଭାବେ ଶେଷ ହୋଇଥିଲା ।



ଶ୍ରୀନୀଳମାଧବଙ୍କ ପଶାଖେଳ ବେଶ ।

## କଳା ମହୋତ୍ସବ, ବିଜ୍ଞାନ ମେଳାରେ ସଫଳତା

ଓଡ଼ଗାଁ,୮।୧୧(ସ୍ୱ.ପ୍ର.)

ନୟାଗଡ଼ ଜିଲା ଓଡ଼ଗାଁସ୍ଥିତ ଆଖୁପଦର ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ର ଜିଲାସ୍ତରୀୟ କଳା ମହୋତ୍ସବ ଓ ରାଜ୍ୟସ୍ତରୀୟ ବିଜ୍ଞାନ ମେଳାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । ସୋମବାର ଆଜାଦି କି ଅମୃତ ମହୋତ୍ସବ ଅବସରରେ ନବଘନପୁର ହାଇସ୍କୁଲରେ ଅନୁଷ୍ଠିତ ଜିଲାସ୍ତରୀୟ କଳା ମହୋତ୍ସବରେ କ୍ଲଷ୍ଟର ଓ ବ୍ଲକସ୍ତରରୁ ଆସିଥିବା ୫ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୪ ଜଣ ଜୋନସ୍ତରରେ ପ୍ରଥମ ହୋଇଛନ୍ତି । ସେମାନେ ହେଲେ ସାଇସ୍ମିନ ପଟ୍ଟନାୟକ(ଶାସ୍ତ୍ରୀୟ ସଙ୍ଗୀତ), ଅଭିଜିତ ସାହୁ (ଲୋକ ସଙ୍ଗୀତ), ସୃଷ୍ଟି ତନୟା(ଭିସୁଆଲ ଆର୍ଟ), ଶୁଭସ୍ମିତା ସାହୁ(ଖେଳନା ପ୍ରସ୍ତୁତି)।ଶିକ୍ଷୟିତ୍ରୀ ଜହାନରା ବେଗମ ସେମାନଙ୍କ ଗାଇଡ୍ ଟିଚର ଥିଲେ । ସେହିପରି ଚଳିତ ସପ୍ତାହରେ ଭୁବନେଶ୍ୱର ୟୁନିଟ୍ ୬ ହାଇସ୍କୁଲରେ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ବିଜ୍ଞାନ ଭିତ୍ତିକ ଅଭିନୟ ପ୍ରତିଯୋଗିତାରେ ଉକ୍ତ ବିଦ୍ୟାଳୟର ୫ ଛାତ୍ରୀଛାତ୍ରଙ୍କ ଦ୍ୱାରା ଜଙ୍କଫୁଡ୍ ବର୍ଜନ ଓ ଘରୋଇ ଖାଦ୍ୟକୁ ପ୍ରୋତ୍ସାହନ ସମ୍ବନ୍ଧୀୟ ଅଭିନୟ ଉଚ୍ଚକୋଟୀର ହୋଇଥିଲା । ଏହି ଅଭିନୟ ରାଜ୍ୟସ୍ତରରେ ୨ୟ ସ୍ଥାନ ଅଧିକାର କରିଛି। ଗାଇଡ୍ ଶିକ୍ଷକ ବିଶ୍ୱରଞ୍ଜନ ପ୍ରତାପ ସିଂଙ୍କ ସହିତ ଅଭିନୟରେ ଅଂଶ ଗ୍ରହଣ କରିଥିବା ରାମଚନ୍ଦ୍ର ପ୍ରଧାନ, ଜସ୍ମିନ ମିଶ୍ର, ଅର୍ପିତା ପ୍ରିୟଦର୍ଶିନୀ,ସୁଚିସ୍ମିତା ବରାଡ ଓ କସ୍ତୁରୀ ପ୍ରିୟଦର୍ଶିନୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ ବୋଲି ସ୍କୁଲ ଅଧକ୍ଷ ମନୋଜ ପ୍ରଧାନ ସୂଚନା ଦେଇଛନ୍ତି ।

## ଭୀମରା ପାହାଡ଼ରେ କାର୍ତ୍ତିକ ପୂର୍ଣ୍ଣମୀ ସମାରୋହ



ଭୀମରା ପାହାଡ଼ ପାଦଦେଶରେ ଦଶପଲ୍ଲା ବିଧାୟକଙ୍କ ସହ ଅନ୍ୟମାନେ ।

ଦଶପଲ୍ଲା,୮।୧୧(ଡି.ଏନ.ଏ.)

ଦଶପଲ୍ଲା ବ୍ଲକ୍‌ର ଖମାରସାହି ପଞ୍ଚାୟତରେ ଥିବା ଭୀମରା ପାହାଡ଼ରେ କାର୍ତ୍ତିକ ପୂର୍ଣ୍ଣମୀ ସମାରୋହରେ ଅନୁଷ୍ଠିତ ହୋଇଯାଇଛି। କାର୍ତ୍ତିକ ମାସ ସାରା ସେହି ପାହାଡ଼ରେ ବହୁ ଲୋକଙ୍କ ସମାଗମ ହୋଇଥାଏ । ପାହାଡ଼ ପାଦ ଦେଶରେ ଥିବା ମନ୍ଦିରରେ ହୋମଯଜ୍ଞ ସହ ପଞ୍ଚୁକଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ସଂକୀର୍ତ୍ତନ ଚାଲିଥାଏ । ପାହାଡ଼ ଉପରେ ଭୀମଙ୍କ ପାଦ ଚିହ୍ନ ଥିବାରୁ ତାହା ଦେଖିବା ପାଇଁ ପ୍ରତିବର୍ଷ କାର୍ତ୍ତିକ ମାସରେ ବହୁ ଲୋକଙ୍କ ଭିଡ଼ ଜମିଥାଏ । ଚଳିତ ବର୍ଷ ଏହି ଉତ୍ସବରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ ।

## ତୈଳିକ ବୈଶ୍ୟ ସମାଜର ବୋଇତ ବନ୍ଦାଣ ଉତ୍ସବ

ଖଣ୍ଡପଡ଼ା,୮।୧୧(ସ୍ୱ.ପ୍ର)

ମଙ୍ଗଳବାର ନୟାଗଡ଼ ଜିଲା ଆଞ୍ଚଳିକ ତୈଳିକ ବୈଶ୍ୟ ସମାଜ କଣ୍ଟିଲୋ ପକ୍ଷରୁ କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ବୋଇତ ବନ୍ଦାଣ ଉତ୍ସବ ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଯାଇଛି । ଚନ୍ଦ୍ର ଗ୍ରହଣ ନୀତିକୁ ଦୃଷ୍ଟିରେ ରଖି ମଙ୍ଗଳବାର ଭୋର ୫ଟାରେ ମହାନଦୀ କୂଳରେ ବୋଇତ ବନ୍ଦାଣ ଉତ୍ସବ ଆୟୋଜନ କରାଯାଇଥିଲା । ତୈଳିକ ବୈଶ୍ୟ ସମାଜର ଆଞ୍ଚଳିକ ସଭାପତି ରବିନ୍ଦ୍ର ନାଥ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାବେଶରେ ସ୍ୱଜାତୀୟ ପତାକା ଉତ୍ତୋଳନ କରାଯିବା ସହ ପୂଜାର୍ଚ୍ଚନା କରାଯାଇଥିଲା । ଉତ୍ସବରେ ସମ୍ପାଦକ ବନମାଳୀ ସାହୁ, ପୂର୍ବତନ ସଭାପତି ତ୍ରିନାଥ ସାହୁ, ବରିଷ୍ଠ କର୍ମକର୍ତ୍ତା ଗୋକୁଳାନନ୍ଦ ସାହୁ, ସୁଦର୍ଶନ ସାହୁଙ୍କ ସମେତ ଶତାଧିକ ମହିଳା ଏବଂ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ବୋଇତ ବନ୍ଦାଣର ଐତହ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ ।

ସେହିପରି ସୋମବାର ଖଣ୍ଡପଡ଼ା ସହରାଞ୍ଚଳ ଅଧୀନ ଆଣ୍ଡ୍ରଏଡ୍ କ୍ଲବର ଯୁବକମାନେ ବୋଇତ ବନ୍ଦାଣ ଉତ୍ସବ ପାରମ୍ପରିକ ରୀତିରେ ପାଳନ କରିଛନ୍ତି । ବୋଇତ ବନ୍ଦାଣ ପରେ କୁନି କୁନି ପିଲାମାନଙ୍କୁ ସାଧବ ବୋହୂ ଓ ପୁଅ ବେଶରେ ସଜ୍ଜିତ କରାଯାଇ ରଥରେ ଖଣ୍ଡପଡ଼ା ସହର ପରିକ୍ରମା କରାଯାଇଥିଲା । ୨୦୧୪ ମାଟ୍ରିକ ବ୍ୟାଚର ଛାତ୍ରୀଛାତ୍ରମାନେ ନିଆରା ଢଙ୍ଗରେ ବୋଇତ ବନ୍ଦାଣ ଉତ୍ସବକୁ ପାଳନ କରୁଥିବାରୁ ସାଧାରଣରେ ପ୍ରଶଂସା କରାଯାଇଛି ।



ଖଣ୍ଡପଡାରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ।

## ସଂକ୍ଷେପରେ

### କାର୍ତ୍ତିକ ବ୍ରତ ଉଦ୍‌ଯାପିତ

ଆସିକା,୮।୧୧(ଡି.ଏନ.ଏ.): ଗତ ଏକ ମାସ ଧରି ପାଳନ କରୁଥିବା ହବିଷିଆଳି ଓ ପଞ୍ଚକ ସ୍ନାନ କରୁଥିବା ଶ୍ରଦ୍ଧାଳୁ ମଙ୍ଗଳବାର ବ୍ରତ ଉଦଯାପନ କରିଛନ୍ତି। ଭୋରରୁ ଋଷିକୁଲ୍ୟା ନଦୀର ସୁନାମ୍ବ ସାହି, ଲାଲାଗୋର୍ଜି, ତ୍ରିବିଦ୍ଧେଶ୍ୱର, ଗୋପିନାଥ ମନ୍ଦିର, ରାମେଶ୍ୱର ମନ୍ଦିର, ପୁଡୁଗେଶ୍ୱର ମନ୍ଦିର ନଦୀଘାଟରେ କାର୍ତ୍ତିକ ବ୍ରତଧାରୀ ଓ ପଞ୍ଚୁକ ଶ୍ରଦ୍ଧାଳୁ ସ୍ନାନ କରିବା ସହ କଦଳୀ ପୁଟୁକାର ବୋଇତ ଭସାଇଥିଲେ । ଶ୍ରଦ୍ଧାଳୁ ରାତି ୩ଟାରୁ ବିଭିନ୍ନ ମନ୍ଦିରକୁ ଦର୍ଶନ ଲାଗି ଯାଇଥିଲେ। ଚନ୍ଦ୍ର ଗ୍ରହଣ ପାଇଁ ସକାଳ ସାଢେ ୫ଟାରେ ଦେବ ଦର୍ଶନ ଓ ମନ୍ଦିର ବନ୍ଦ ହୋଇଯାଇଥିଲା । ଅନ୍ୟପକ୍ଷରେ ଗ୍ରହଣ ଯୋଗୁ କେହି କୁଆଡ଼େ ଯାଉ ନ ଥିବାରୁ ବସଷ୍ଟାଣ୍ଡ ଓ ବଜାର ଜନଶୂନ୍ୟ ହୋଇଥିଲା । ୫୦ ପ୍ରତିଶତ ବସ ଚଳାଚଳ କରି ନ ଥିଲା।

### ମହେନ୍ଦ୍ରତନୟା ଘାଟରେ ଶ୍ରଦ୍ଧାଳୁଙ୍କ ଭିଡ଼

ପାରଳାଖେମୁଣ୍ଡି,୮।୧୧(ଡି.ଏନ୍.ଏ.): କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ପାରଳାଖେମୁଣ୍ଡି ସହର ନିକଟ ମହେନ୍ଦ୍ରତନୟା ନଦୀଘାଟକୁ ଭୋରରେ ହଜାର ହଜାର ଶ୍ରଦ୍ଧାଳୁ ଆସି ଡଙ୍ଗା ଭସାଇଛନ୍ତି। ସୋମବାର ରାତିପ୍ରାୟ ୨ଟାରୁ ଶ୍ରଦ୍ଧାଳୁ ନଦୀଘାଟକୁ ଯାଇଥିବା ଦେଖାଯାଇଥିଲା। ବୋଇତ ବନ୍ଦାଣ ପୂର୍ବରୁ ସୋଲ ଏବଂ କଦଳୀ ପଟୁକାରେ ତିଆରି ଡଙ୍ଗା ଗୁଡିକରେ ପାନ, ଗୁଆ, ଧୂପ ଦୀପ ଇତ୍ୟାଦି ଦେଇ ଡଙ୍ଗା ଭସାଯାଇଥିଲା । ସେହିପରି ସହରର ବିଭିନ୍ନ ଜଳାଶୟରେ ମଧ ଏପରି ଶ୍ରଦ୍ଧାଳୁମାନେ ବୁଡ ପକାଇ ଡଙ୍ଗା ଭସାଇବାପରେ ଶ୍ରଦ୍ଧାଳୁମାନେ ପାହାନ୍ତିଆରେ ବିଭିନ୍ନ ମନ୍ଦିରକୁ ଯାଇ ଠାକୁରଙ୍କ ଦର୍ଶନ କରିଛନ୍ତି। ଏହି ଅବସରରେ ବିଭିନ୍ନ ମଠ ମନ୍ଦିର ପ୍ରାଙ୍ଗଣରେ ଦାନ ପୂଣ୍ୟ କରାଯାଇଛି।

### ଆର୍. ଉଦୟଗିରି ବ୍ଲକରେ ଶୁଭାରମ୍ଭ ହେଲା ମାଣ୍ଡିଆ ରଥ

**ଆର.ଉଦୟଗିରି,୮।୧୧(ଡି.ଏନ.ଏ.):** ଗଜପତି ଜିଲାର ପ୍ରତ୍ୟେକ ବ୍ଲକରେ କୃଷିବିଭାଗର ସହଯୋଗୀ ଅନୁଷ୍ଠାନ ସହଯୋଗରରେ ଚଳିତ ମାସ ୭ରୁ ୧୦ ତାରିଖ ଯାଏ ମାଣ୍ଡିଆ ଦିବସ ପାଳନର ସଚେତନ ରଥ ପ୍ରତ୍ୟେକ ଗ୍ରାମ ପରିକ୍ରମା କରିଛି। ଏହା ଲୋକଙ୍କୁ ଜଣାଇବା ନିମନ୍ତେ ଗଜପତି ଜିଲା ନୂଆଗଡ ବ୍ଲକର ଆର.ଉଦୟଗିରି ଠାରେ ସୁରକ୍ଷା ଅନୁଷ୍ଠାନ ତରଫରୁ ଏହି ରଥର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଆର.ଉଦୟଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲରିମନ୍ ଖର୍ସେଲ୍, ଅତିରିକ୍ତ ଜିଲା କୃଷି ଅଧିକାରୀ ସୁରେନ୍ଦ୍ର କୁମାର ସାହୁ, ଗ୍ରାମପଞ୍ଚାୟତ ଅଫିସର ଶଶାଙ୍କ ଶେଖର ସୁବୁଦ୍ଧି, ଆତ୍ମା ଅଧକ୍ଷ ଭୀମ ପାଇକ, ସହକାରୀ ବ୍ଲକ କୃଷି ଅଧିକାରୀ ବିଷ୍ଣୁପ୍ରିୟା ଗୌଡ଼ଙ୍କ ଉପସ୍ଥିତିରେ ମାଣ୍ଡିଆ ରଥର ଶୁଭ ଉଦ୍‌ଘାଟନ ହୋଇଯାଇଛି। କାର୍ଯ୍ୟକ୍ରମକୁ ଆର.ଉଦୟଗିରି ବ୍ଲକ ସୁରକ୍ଷା ସଂଗଠର ବ୍ଲକ ସଂଯୋଜକ ଘନଶ୍ୟାମ ଜେନା ଆୟୋଜନ କରିଥିଲେ। ଅତିରିକ୍ତ ବ୍ଲକ ସଂଯୋଜକ ରଞ୍ଜିତ କୁମାର ଦାସ, ମା' କୁରେଇସୁଣୀ ପ୍ରଡ୍ୟୁସର କମ୍ପାନୀର ପଣ୍ଡିତ କୁମାର ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ।

# ଲଡ଼ୁବାବାଙ୍କ କୈଳାସ ପର୍ବତ ଉତ୍ପାଟନ ବେଶ

ନୟାଗଡ଼ ଅଫିସ,୮।୧୧

ଶରଣକୁଳ ଲଡୁବାବାଙ୍କ ପୀଠରେ ପଞ୍ଚୁକ ଯାତ୍ରା ଉଦ୍‌ଯାପନୀ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଲଡୁବାବା କୈଳାସ ପର୍ବତ ଉତ୍ପାଟନ ବେଶରେ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଇଥିଲେ। ସେହିପରି ମନ୍ଦିର ବେଢ଼ାରେ ପୂଜା ପାଉଥିବା ପ୍ରଭୁ ଶ୍ରୀଜଗନ୍ନାଥ ରାଜାବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ ।

କିମ୍ବଦନ୍ତୀ କହେ ଲଙ୍କାପତି ରାବଣ ଶିବଙ୍କଠାରୁ ବର ପାଇବା ପାଇଁ କୈଳାସ ପର୍ବତରେ ଦୀର୍ଘଦିନ ତପସ୍ୟା କରି ବିଫଳ ହୋଇଥିଲେ। ଏଥିପାଇଁ ରାଗ ଜର୍ଜରିତ ହୋଇ ଶିବଙ୍କ ଆସ୍ଥାନ କୈଳାସ ପାର୍ବତକୁ ଉତ୍ପାଟନ କରି ମାନସରୋବରରେ ନିକ୍ଷେପ କରିବାକୁ ଉଦ୍ୟମ କରିଥିଲେ । ରାବଣଙ୍କ ଏପରି ପରାକ୍ରମରେ ଆନନ୍ଦିତ ହୋଇ ମହାଦେବ ବର ପ୍ରଦାନ କରିଥିଲେ । ତେଣୁ ଲଡୁବାବା ପୂର୍ଣ୍ଣମୀ ତିଥିରେ କୈଳାସ ପର୍ବତ ଉତ୍ପାଟନ ବେଶ ଧାରଣ କରିଥାନ୍ତି । ପୌରାଣିକ ମତ ଅନୁସାରେ ତ୍ରେତୟା ଯୁଗରେ ପ୍ରଭୁ ଶ୍ରୀରାମଚନ୍ଦ୍ର ଲଙ୍କା ଜୟକରି ଅଯୋଧ୍ୟାକୁ ଫେରିଥିଲେ । ରାଜ ସିଂହାସନ ଆରୋହଣ କରି ରାଜ୍ୟ ଶାସନ ଆରମ୍ଭ କରି ଥିବାରୁ ଏହି କିମ୍ବଦନ୍ତୀକୁ ଭିତ୍ତି କରି ମଙ୍ଗଳବାର ଠାକୁରଙ୍କ ରାଜା ବେଶ ଅନୁଷ୍ଠିତ ହୋଇଥିଲା । କାର୍ତ୍ତିକ ପୂର୍ଣ୍ଣମୀ ତିଥିରେ ଚନ୍ଦ୍ର ଗ୍ରହଣ ପଡ଼ି ଥିବାରୁ ରାତି ୧୨ଟା ପରେ ଠାକୁରଙ୍କ ପହୁଡ଼ ଭଙ୍ଗାଯାଇ ଅବକାଶ,ସୂର୍ଯ୍ୟପୂଜା ବଲ୍ଲଭ,ଶଙ୍ଖୁଡ଼ି ଧୂପ, କ୍ଷୀରାଭିଷେକ ନୀତି, ଆଖୁରସ ରେ ସ୍ନାନ, ନେତବନ୍ଧା ନୀତି ପରେ ମଧ୍ୟାହ୍ନ ଧୂପ ସମାପନ କରାଯାଇ ପହୁଡ଼ ପଡିଥିଲା । ସନ୍ଧ୍ୟା ସାଢ଼େ୬ଟା ପରେ ପାଣିଧୂପ କରାଯାଇ ସନ୍ଧ୍ୟା ଆଳତି ପରେ ଠାକୁରଙ୍କ ବେଶ ଶ୍ରଦ୍ଧାଳୁ ମାନେ ଦର୍ଶନ କରିଥିଲେ । ଲଡୁବାବାଙ୍କ ସହ ଜଗନ୍ନାଥଙ୍କ ମନ ଲୋଭା ବେଶ ଦେଖିବା ପାଇଁ ଭକ୍ତଙ୍କ ଭିଡ଼ ଲାଗି ରହିଥିଲା ।


ଲଡୁବାବାଙ୍କ କୈଳାସ ପର୍ବତ ଉତ୍ପାଟନ ବେଶ।


ଜଗନ୍ନାଥଙ୍କ ରାଜା ବେଶ।

# କିଡିଗାଁରେ ବଣୁଆ ହାତୀ ଆତଙ୍କ, ଧାନ ଫସଲ ନଷ୍ଟ

ପାରଳାଖେମୁଣ୍ଡି,୮।୧୧(ଡି.ଏନ୍.ଏ.)

ଗଜପତି ଜିଲ୍ଲା କାଶୀନଗର ବ୍ଲକ ଅନ୍ତର୍ଗତ କିଡିଗାଁ ଗ୍ରାମରେ ବଣୁଆ ହାତୀର ଉପଦ୍ରବ। ଗାଁ ନିକଟରେ ଥିବା ପାହାଡ଼ରେ ଦୁଇଟି ହାତୀ ରହିଛନ୍ତି। ଦୁଇଟି ବଣୁଆ ହାତୀ କିଡିଗାଁ ଗ୍ରାମର ନିକଟସ୍ଥ ପାହାଡକୁ ଆସି ରାତିରେ ଖାଦ୍ୟ ସଂଗ୍ରହ ପାଇଁ ଧାନ କ୍ଷେତରେ ପଶି ୨ଏକର ଧାନ ଫସଲ ନଷ୍ଟ କରିଦେଇଛନ୍ତି। ଖବରପାଇ ଜିଲା ପରିଷଦ ଅଧ୍ୟକ୍ଷ ଗାବରା ତିରୁପତି ରାଓ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିବା ସହ କ୍ଷତିଗ୍ରସ୍ତ ଚାଷୀ କେ.ମନ୍ମଥଙ୍କ ସହ ଆଲୋଚନା କରିଛନ୍ତି । ବନବିଭାଗ ଅଧିକାରୀଙ୍କୁ ଉକ୍ତ ଘଟଣା ନେଇ ସୂଚନା ଦିଆଯାଇଛି।ଶୀଘ୍ର ଉକ୍ତ ଅଞ୍ଚଳରୁ ହାତୀ ଗୁଡ଼ିକକୁ ହଟେଇବାର ବ୍ୟବସ୍ଥା କରାଯିବ ବୋଲି ଅଧ୍ୟକ୍ଷ କହିଛନ୍ତି । କାଶୀନଗର ବନବିଭାଗ ଅଧିକାରୀ ସୁଧୀର କୁମାର ବେହେରା କହିଛନ୍ତି ଯେ, ଉକ୍ତ ସ୍ଥାନରେ କାଶୀନଗର ଓ ଗାଇବା ବନବିଭାଗର କର୍ମଚାରୀ ମାନେ ଉପସ୍ଥିତ ଅଛନ୍ତି ।



ସେପଟେ ହାତୀକୁ ନେଇ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି । ଗାଁ ଲୋକମାନେ କବାଟ ବନ୍ଦ କରି ଘରେ ରହୁଛନ୍ତି । ବିଭାଗ କର୍ମଚାରୀ କିଡିଗାଁ ଗାଁକୁ ଯାଇ ହାତୀପଲକୁ ଘଉଡାଇବା ପାଇଁ ଚେଷ୍ଟା କରୁଛି । ଅପରପକ୍ଷେ ଡାକବାଜି ଯନ୍ତ୍ର ସାହାଯ୍ୟରେ ବନବିଭାଗ ଲୋକଙ୍କୁ ସଚେତନ କରୁଛି। ଯେପରି କାହାର କୌଣସି କ୍ଷତି ନହେଉ ସେଥି ପ୍ରତି ସଜାଗ ରହିଛି ବନବିଭାଗ।

# 'ମୂଲ୍ୟବୋଧ ଅଭାବରୁ ସାମ୍ବାଦିକତା ବିପଦସଙ୍କୁଳ ହୋଇଛି'

ଖଣ୍ଡପଡ଼ା,୮।୧୧(ସ୍ୱ.ପ୍ର.)

ଖଣ୍ଡପଡ଼ା ଆଞ୍ଚଳିକ ସାମ୍ବାଦିକ ସଂଘ କାର୍ଯ୍ୟାଳୟ ପରିସରରେ ମୂଲ୍ୟବୋଧଭିତ୍ତିକ ସାମ୍ବାଦିକତା ଦିବସ ପାଳିତ ହୋଇଯାଇଛି । ସଂଘର ସଭାପତି ବିନାୟକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମଖ୍ୟଅତିଥି ରୁପେ ବରିଷ୍ଠ ଆଇନଜୀବୀ ଗିରିଜା ଶଙ୍କର ତରାସିଆ, ମୁଖ୍ୟବକ୍ତା ବରିଷ୍ଠ ଖବରଦାତା ପ୍ରମୋଦ କୁମାର ପଟ୍ଟନାୟକ ଯୋଗଦେଇ ସାମ୍ପ୍ରତିକ ସ୍ଥିତିରେ ସାମ୍ବାଦିକତା ମୂଲ୍ୟବୋଧର ଅଭାବରୁ ବିପଦସଙ୍କୁଳ ହୋଇଛି । ଖବରଦାତାମାନେ ସବୁ କ୍ଷେତ୍ରରେ ଶୋଷଣ, ନିର୍ଯାତନା ଓ ଅସୁରକ୍ଷିତ ପରିସ୍ଥିତିର ସମ୍ମୁଖିନ ହେଉଛନ୍ତି ବୋଲି କହିଥିଲେ । ମୂଲ୍ୟବୋଧ ଭିତ୍ତିକ ସାମ୍ବାଦିକତାର ପ୍ରତୀକ ସ୍ୱର୍ଗତ ପ୍ରଦ୍ୟୁମ୍ନ ବଳଙ୍କ ଜୀବନୀ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ଅତିଥିମାନେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଆଞ୍ଚଳିକ ସାମ୍ବାଦିକ ସଂଘର ସମ୍ପାଦକ ଭବାନୀ ଶଙ୍କର ସିଂହ ସାମନ୍ତ ଅତିଥି ପରିଚୟ ପ୍ରଦାନ କରିବା ସହ ଆୟୋଜିତ କାର୍ଯ୍ୟକ୍ରମ ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ । ସାମ୍ବାଦିକତାର ମୂଲ୍ୟବୋଧ ସମ୍ପର୍କରେ ଜନ୍ମେଜୟ ଦଳେଇ, ଜୟକୃଷ୍ଣ ବାରିକ, ବରିଷ୍ଠ ନାଗରିକ ସାଗର ସ୍ୱାଇଁ ମତ ରଖିଥିଲେ । ଏହି ଅବସରରେ ଭାପୁର ବ୍ଲକ ବଡସହରା ଗ୍ରାମର ସ୍ୱେଚ୍ଛାସେବୀ ସଙ୍ଗଠନ ଆଦର୍ଶବାଦୀ ୟଙ୍ଗଷ୍ଟାର କ୍ଲବର ସଦସ୍ୟମାନଙ୍କୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ବରିଷ୍ଠ ଖବରଦାତା ଶାନ୍ତି ଶେଖର ରଥ, ସନାତନ ଷଡ଼ଙ୍ଗୀଙ୍କୁ ମଧ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସଂଘର ବରିଷ୍ଠ ସଭ୍ୟ ରାମଚନ୍ଦ୍ର ଦାଶ ଧନ୍ୟବାଦ ଦେଇଥିଲେ ।



ସଭାରେ ଯୋଗ ଦେଇଥିବା ମଞ୍ଚାସୀନ ଅତିଥି।

## ଦୂତିକେଶ୍ୱର ମହାଦେବଙ୍କ ପୀଠରେ ବାରେଡି ଯାତ୍ରା

ଓଡ଼ଗାଁ,୮।୧୧(ସ୍ୱ.ପ୍ର.)

୨ ବର୍ଷ ବ୍ୟବଧାନରେ ନୟାଗଡ଼ ଜିଲା ଓଡ଼ଗାଁ ନିକଟସ୍ଥ ଜାମୁପାଟଣାସ୍ଥିତ ବାବା ଦୂତିକେଶ୍ୱର ମହାଦେବଙ୍କ ପୀଠରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ମଙ୍ଗଳବାର ବାରେଡି ଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଅହୋରାତ୍ର ଅଷ୍ଟପ୍ରହରୀ ନାମଯଜ୍ଞ ସହିତ ଯାତ୍ରାପଡିଆରେ ମେଳା ବସିଥିଲା । ଏହା ସହିତ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଯାୟୀ ଅପେରା ପରିବେଷଣ କରାଯାଇଥିଲା । ଏହି ମେଳାରେ ଜିଲା ତଥା ଜିଲା ବାହାରର ବହୁ ଲୋକଙ୍କ ସମାଗମ ହୋଇଥିଲା । ପୂର୍ଣ୍ଣମା ତଥିରେ ଶ୍ରଦ୍ଧାଳୁମାନେ କାର୍ତ୍ତିକ ବ୍ରତ ଉଦ୍‌ଯାପନ କରିବା ବିଧି ରହିଥିବା ଯୋଗୁ ପ୍ରତିବର୍ଷ ଏହି ପୀଠରେ ଶ୍ରଦ୍ଧାଳୁଙ୍କ ସମଗାମ ହୋଇଥାଏ । ମନ୍ଦିର ଟ୍ରଷ୍ଟି ଓ ସ୍ଥାନୀୟ ପୋଲିସ ତରଫରୁ ଶାନ୍ତିଶୃଙ୍ଖଳା ନିମନ୍ତେ ବ୍ୟବସ୍ଥା କରାଯାଇଥିଲା।

## ପୋଖରୀରେ ବୁଡ଼ି ଜଣେ ମୃତ

ଭାପୁର,୮।୧୧(ଡି.ଏନ.ଏ.)

ଫତେଗଡ଼ ଥାନା ଭାପୁର ବ୍ଲକ କଇଁଫୁଲିଆ ପଞ୍ଚାୟତ ଅଧୀନ ବରଫୁଟ ଗ୍ରାମର ମାୟାଧର ବେହେରା (୫୫)ଙ୍କ ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ମଙ୍ଗଳବାର ସକାଳେ ସେ ଅରମାଣ ଗହୀର ଗାଡ଼ିଆକୁ ଗାଧୋଇବାକୁ ଯାଇଥିଲେ । ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ । ଦିନ ପ୍ରାୟ ଗୋଟାଏ ସମୟରେ ସେହି ଗାଡ଼ିଆରେ ତାଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା । ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏ ସଂକ୍ରାନ୍ତରେ ତାଙ୍କ ଭାଇ ଚକ୍ରଧର ବେହେରା ଫତେଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।

# ଷଷ୍ଠ ଦିବସରେ ଆନ୍ଦୋଳନ ପ୍ରତ୍ୟାହାର

**ଅପରାହ୍ନରେ କାମ ଆରମ୍ଭ କଲେ ସଫେଇ କର୍ମଚାରୀ**



ନୟାଗଡ଼ ଅଫିସ,୮।୧୧

ନୟାଗଡ଼ ମ୍ୟୁନିସିପାଲିଟିର ପରିମଳ ନିରୀକ୍ଷକ ଲକ୍ଷ୍ମୀଧର ସାହୁଙ୍କ ବଦଳି ଦାବିରେ ସଫେଇ କର୍ମଚାରୀମାନେ କରିଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ଷଷ୍ଠ ଦିବସରେ ପ୍ରତ୍ୟାହୃତ ହୋଇଛି । ଯଦିଓ ସକାଳେ ସଫେଇ କର୍ମଚାରୀମାନେ ଅଫିସ ଆସିଥିଲେ ସେମାନଙ୍କୁ କାମ ଦିଆଯାଇ ନ ଥିଲା। ଅପରାହ୍ନରେ ସେମାନେ କାମ ପାଇଛନ୍ତି । କାର୍ଯ୍ୟରେ ଯୋଗ ଦେଇ ସହରକୁ ସଫେଇ କରିଛନ୍ତି । ବୁଧବାର ଠାରୁ ସଫେଇ ଆଗରୁ ଯେପରି ହେଉଥିଲା ସେପରି ହେବବୋଲି ସଫେଇ କର୍ମଚାରୀମାନେ କହିଛନ୍ତି ।

# ମା'ନାରାୟଣୀ ପୀଠରେ ଭାଗବତ ସପ୍ତାଙ୍ଗ ଉଦ୍‌ଯାପିତ

ଖଣ୍ଡପଡ଼ା,୮।୧୧(ସ୍ୱ.ପ୍ର.)

ଭାପୁର ବ୍ଲକ ପଥରଚକଡାସ୍ଥିତ ମା' ନାରାୟଣୀଙ୍କ ପୀଠରେ ବାର୍ଷିକ ଭାଗବତ ସପ୍ତାଙ୍ଗ ତଥା ଯଜ୍ଞ ଅଁଳାନବମୀଠାରୁ ଆରମ୍ଭ ହୋଇ ପୂର୍ଣ୍ଣମୀ ତିଥିରେ ଉଦ୍‌ଯାପିତ ହୋଇଛି । ଶ୍ରଦ୍ଧାଳୁମାନେ ସପ୍ତାଙ୍ଗ ଯଜ୍ଞ ଦର୍ଶନ ପାଇଁ ମା' ନାରାୟଣୀଙ୍କ ପୀଠରେ ସମାଗମ ହୋଇଥିଲେ। ଜୀବ ଜଗତର କଲ୍ୟାଣ ପାଇଁ ଏହି ଆଧାତ୍ମିକ ସପ୍ତାଙ୍ଗ ଅନୁଷ୍ଠିତ ହୋଇଥିଲା ବୋଲି ମୁଖ୍ୟ କର୍ତ୍ତା କୃଷ୍ଣଚନ୍ଦ୍ର ଶତପଥୀ ସୂଚନା ଦେଇଛନ୍ତି । ଏହି ଅବସରରେ ହୋମଯଜ୍ଞ, ବେଦପାଠ, ଭାଗବତ କଥାମୃତ, ସୂର୍ଯ୍ୟପୂଜା ଆଦି ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ପୂର୍ଣ୍ଣାହୁତିରେ ବ୍ରାହ୍ମଣ ସମାଜର କର୍ମକର୍ତ୍ତାଙ୍କ ସହିତ ଗଣମାନ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ । ସେହିପରି ଖଣ୍ଡପଡ଼ା ବ୍ଲକ ଅଧିନ କିଆଝରପାଟଣା ଗ୍ରାମରେ ଗତ ୭ଦିନ ଧରି ଚାଲିଥିବା ସପ୍ତାଙ୍ଗ କାର୍ଯ୍ୟକ୍ରମ ପୂର୍ଣ୍ଣାହୁତି ସହ ଉଦ୍‌ଯାପିତ ହୋଇଯାଇଛି । ପୂର୍ଣ୍ଣାହୁତିରେ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା ।



# ଭାଗବତ ପାରାୟଣ, ପ୍ରବଚନ



ନୟାଗଡ଼ ଅଫିସ,୮।୧୧

ଶରଣକୁଳ ଭାଗବତ ଆଶ୍ରମ ପକ୍ଷରୁ ଲଡୁବାବା ମନ୍ଦିର ସମ୍ମୁଖରେ ପବିତ୍ର କାର୍ତ୍ତିକ ମାସରେ ପ୍ରତିବର୍ଷ ପରି ଚଳିତ ବର୍ଷ ଭାଗବତ ସପ୍ତାହ ପାରାୟଣ ଓ ପ୍ରବଚନ ଅନୁଷ୍ଠିତ ହୋଇ ଯାଇଛି । ପ୍ରାରମ୍ଭରେ ଅଙ୍କୁରାରୋପଣ କରାଯାଇ ଶ୍ରୀ ଭଗବତ ଠାକୁରଙ୍କ ମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଭକ୍ତମାନଙ୍କ ଦ୍ୱାରା ଜଳଯାତ୍ରା ଅନୁଷ୍ଠିତ ହୋଇଥିଲା । ପ୍ରତ୍ୟେହ ପ୍ରଭାତରୁ ଭାଗବତ ଗୀତାପାଠ ଓ ନାମଯଜ୍ଞ କରାଯାଇଥିବା ବେଳେ ସନ୍ଧ୍ୟାରେ ପ୍ରବକ୍ତା ସ୍ୱାମୀ ସ୍ୱରୂପା ନନ୍ଦ ସରସ୍ୱତୀ,ଅଧ୍ୟାପକ ବିପିନ ବିହାରି ମହାପାତ୍ର, ବିଜୟିନୀ ଶତପଥୀଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ କରାଯାଇଥିଲା। ବ୍ୟାସ ପଣ୍ଡିତ ମାୟାଧରା ପାଣିଗ୍ରାହୀ ପ୍ରତ୍ୟହ ଭଗବତ ପୂଜା ଓ ଗୀତା ପାଠ କରିଥିବାବେଳେ ଗତ ସୋମବାର ଅପରାହ୍ନରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଶ୍ରମ ପରିବାରର ସମସ୍ତ ସଦସ୍ୟଙ୍କ ସହଯୋଗରେ ପ୍ରତ୍ୟେହ ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ।

# ରଘୁନାଥଜୀଉଙ୍କ କାଞ୍ଚି ଅଭିଯାନ ବେଶ

ଓଡ଼ଗାଁ,୮।୧୧(ସ୍ୱ.ପ୍ର.)

ମଙ୍ଗଳବାର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଓଡ଼ଗାଁର ଶ୍ରୀ ରଘୁନାଥଜୀଉ କାଞ୍ଚି ଅଭିଯାନ ବେଶରେ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଇଥିଲେ । ଚନ୍ଦ୍ର ଗ୍ରହଣ ପାଇଁ ଦିନ ତମାମ ମନ୍ଦିରର ସମସ୍ତ ଦେବକାର୍ଯ୍ୟ ବନ୍ଦ ରହିଥିଲା । ଗ୍ରହଣ ମୋକ୍ଷ ହେଲା ପରେ ଶ୍ରୀଜୀଉଙ୍କୁ ସ୍ନାନ ପରେ ସନ୍ଧ୍ୟାରେ ପ୍ରଭୁ ଓ ଅନୁଜ ଲକ୍ଷ୍ମଣ କଳା ଧଳା ଘୋଡ଼ାରେ ଅସ୍ତ୍ର ଶସ୍ତ୍ରରେ ସଜ୍ଜିତ ହୋଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ । ବାଟରେ ମାଣିକ ପାଟଣାରେ ମାଣିକ ଗଉଡୁଣୀଙ୍କଠାରୁ ମୁଦି ଦେଇ ଦହି ଖାଇବା ଦୃଶ୍ୟ ମଧ ରହିଛି । ପ୍ରଭୁଙ୍କ ଏହି ବେଶ ସକାଳ ପରିବର୍ତ୍ତେ ଚନ୍ଦ୍ର ଗ୍ରହଣ କାରଣରୁ ସନ୍ଧ୍ୟାରେ କରାଯାଇଥିଲା । ଏହାସହ ଉତ୍କଳୀୟ ପରମ୍ପରା ଅନୁସାରେ ଲୋକେ ଭୋର ସମୟରେ ପୁଷ୍କରଣୀରେ ସପରିବାର ସହି ଡ଼ଙ୍ଗା ଭସାଇଥିଲେ ।


କାଞ୍ଚି ଅଭିଯାନ ବେଶରେ ଶ୍ରୀଜୀଉ।

# ବୋଇତ ବନ୍ଦାଣ ଯାତ୍ରା ଉଦ୍‌ଯାପିତ

ନୟାଗଡ଼ ଅଫିସ,୮।୧୧

ନୟାଗଡ଼ ପୁରୁଣା ସହରର ଦକ୍ଷିଣକାଳୀ ମଣ୍ଡାବାଗନ ପଡିଆରେ ଅନୁଷ୍ଠିତ ବୋଇତ ବନ୍ଦାଣର ଉତ୍ସବ ପଞ୍ଚମ ଦିବସରେ ଉଦ୍‌ଯାପିତ ହୋଇଛି । ନୟାଗଡ଼ ସାଗର କୂଳରେ ଏ ନେଇ ଅନୁଷ୍ଠିତ ଉତ୍ସବରେ ବିଧାୟକ ଅରୁଣ କୁମାର ସାହୁ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ଜିଲାପାଳ ରବୀନ୍ଦ୍ର ନାଥ ସାହୁ, ଏସ୍‌ପି ଅଲେଖ ଚନ୍ଦ୍ର ପହି, ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ, ଉପଜିଲାପାଳ ଶକ୍ତିକାନ୍ତ ରାୟ, ନୟାଗଡ଼ ମ୍ୟୁନିସିପାଲିଟି ଅଧ୍ୟକ୍ଷା ନିରୁପମା ଖଟେଇ ଓ ଉପାଧ୍ୟକ୍ଷ ଗୁରୁ ପ୍ରସାଦ ଜେନା, ବୋଇତ ବନ୍ଦାଣ ଉତ୍ସବ କମିଟି ସଭାପତି କିଶାନ ଦାସ, ନୟାଗଡ ବ୍ଲକ ଅଧ୍ୟକ୍ଷ କିଶୋର ସାହୁ, ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ମ୍ୟୁନିସିପାଲିଟିର ସମସ୍ତ କାଉନସିଲର ଯୋଗ ଦେଇଥିଲେ। ମଞ୍ଚରେ ତଅପୋଇ ନାଟକ ମଞ୍ଚସ୍ଥ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଅଭିନେତ୍ରୀ ଏଲିନା ସାମନ୍ତରାୟ ଓ ଅଭିନେତା ଆକାଶ ଦାଶ ମୁଖ୍ୟଆକର୍ଷଣ ଥିଲେ । ଅଭିନେତ୍ରୀ ଏଲିନାଙ୍କ ଡ୍ୟାନ୍ସ ଦଶକଙ୍କୁ ବାନ୍ଧି ରଖିଥିଲା। ପରେ ବୋଇତବନ୍ଦାଣ ସ୍ମୃତିକୁ ରୋମନ୍ଥନ ପାଇଁ ଅତିଥିମାନେ ସାଗର ପୋଖରୀରେ ବୋଇତରେ ପରିକ୍ରମା କରିଥିଲେ ।


ବୋଇତ ବନ୍ଦାଣ ଉତ୍ସବରେ ଯୋଗ ଦେଇଥିବା ଅତିଥି ଏବଂ ସ୍ଥାନୀୟ ଜନସାଧାରଣ।

## ଗ୍ୟାସ୍ ଟାଙ୍କିରୁ ଅଗ୍ନିକାଣ୍ଡ, ଜଳିଗଲା ଘର

ଯାଜପୁର ସଦର,୮।୧୧(ଡି.ଏନ.ଏ.): ଯାଜପୁର ବ୍ଲକ ମହେଶ୍ୱରପୁର ପଞ୍ଚାୟତ ଜଗଦୀଶପୁରର ସାରଦେନ୍ଦୁ ମିଶ୍ରଙ୍କ ଘରେ ଅଗ୍ନିକାଣ୍ଡ ଘଟିଛି। ସୋମବାର ରାତି ପ୍ରାୟ ୭ଟାରେ ରୋଷେଇ କରିବା ସମୟରେ ଗ୍ୟାସ ଟାଙ୍କିରୁ ହଠାତ୍ ଗ୍ୟାସ ଲିକ୍ ହେବା ସହ ଟାଙ୍କି ଜଳି ଉଠିଥିଲା। ଫଳରେ ୨ ବଖରା ଘର ଜଳି ପାଉଁଶ ହୋଇ ଯାଇଥିଲା। ସ୍ଥାନୀୟ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ ସବୁ ଜଳି ଯାଇଥିଲା। ଖବର ପାଇ ସରପଞ୍ଚ ସୁଜିତ ରାୟ ଓ ଗୌରାଙ୍ଗ ସାମଲଙ୍କ ସହ ଶତାଧିକ ଲୋକ ପହଞ୍ଚି ଥିଲେ। ମଙ୍ଗଳବାର ମହେଶ୍ୱରପୁର ରାଜସ୍ୱ ନିରୀକ୍ଷକ ପହଞ୍ଚି କ୍ଷୟକ୍ଷତିର ଆକଳନ କରିଛନ୍ତି।

**ସଂକ୍ଷେପରେ**

### ଥାନାରେ ଗଣ୍ଡଗୋଳ, ୨ ଗିରଫ

ଧର୍ମଶାଳା,୮।୧୧(ଡି.ଏନ.ଏ.): ମଦ୍ୟପାନ କରି ଥାନାରେ ଗଣ୍ଡଗୋଳ କରିବା ଘଟଣାରେ ଧର୍ମଶାଳା ପୋଲିସ ୨ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଜେନାପୁର ଥାନା ଚାରଗୋଠ ଗ୍ରାମର ସୁଶାନ୍ତ କୁମାର ଜେନା(୩୦) ଓ ମନୋଜ କୁମାର ସାହୁ(୨୭)। ଧର୍ମଶାଳା ଥାନା ଅନ୍ତର୍ଗତ ନାକପୋଲଠାରେ ସୋମବାର ରାତିରେ ସମ୍ପୃକ୍ତ ୨ ଯୁବକ୍ କାରରେ ଯାଉଥିବାବେଳେ ଏକ ଅଟୋ ସହିତ ତାଙ୍କର ଧକ୍କା ହୋଇଥିଲା। ଫଳରେ ଏଥିରେ ଉତ୍କ୍ଷିପ୍ତ ହୋଇ ସମ୍ପୃକ୍ତ ୨ ଯୁବକ ସେଠାରେ ଗଣ୍ଡଗୋଳ କରିବା ସହ ଅଟୋ ଡ୍ରାଇଭରଙ୍କୁ ମାରପିଟ କରିଥିଲେ। ଏହାଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଉଭୟଙ୍କୁ ଧର୍ମଶାଳା ଡାକ୍ତରଖାନାକୁ ଆଣି ଚିକିତ୍ସା କରାଇଥିଲା। ତେବେ ଯୁବକ ଦ୍ୱୟ ଅତ୍ୟଧିକ ମଦ୍ୟପାନ କରିଥିବାରୁ ଡାକ୍ତରଖାନାରେ ଗଣ୍ଡଗୋଳ କରିଥିଲେ। ଫଳରେ ପୋଲିସ ସେମାନଙ୍କୁ ଥାନାକୁ ନେଇଥିଲା। ଥାନାରେ ମଧ ଉଭୟେ ଗଣ୍ଡଗୋଳ କରିବା ସହ କାଗଜପତ୍ର ଚିରାଚିରି କରିଥିଲେ। ଏଥିସହିତ ରାତି ଡ୍ୟୁଟିରେ ଥିବା ଜଣେ ମହିଳା ପୋଲିସ କର୍ମଚାରୀଙ୍କୁ ଆଶାଳୀନ ବ୍ୟବହାର କରିଥିଲେ। ଫଳରେ ପୋଲିସ ଏମାନଙ୍କ ବିରୋଧରେ ନଂ.୬୦୩/୨୨ରେ ଏକ ମାମଲା ରୁଜୁ କରିଥିଲା। ଉଭୟଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ ଏସ୍ଆଇ ସ୍ମୃତି ବଡ଼ଜେନା ସୂଚନା ଦେଇଛନ୍ତି।

### ବ୍ଲକସ୍ତରୀୟ ବିଜ୍ଞାନ କୁଇଜ, ତର୍କ ପ୍ରତିଯୋଗିତା

ଧର୍ମଶାଳା,୮।୧୧(ଡି.ଏନ.ଏ.) ଯାଜପୁର ଜିଲା ଓ ଧର୍ମଶାଳା ମାଧ୍ୟମିକ ଶିକ୍ଷକ ସଂଘ ପକ୍ଷରୁ ବ୍ଲକସ୍ତରୀୟ ଏକ ବିଜ୍ଞାନ କୁଇଜ ଓ ତର୍କ ପ୍ରତିଯୋଗିତା ଜାରକା ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ୩୦ ହାଇସ୍କୁଲରୁ ୧୨୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ କୁଇଜରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ର ପ୍ରଦୀପ ନାରାୟଣ ସାହୁ ପ୍ରଥମ, ମହେଶ ସାହୁ ଦ୍ୱିତୀୟ ଓ ପଞ୍ଚାୟତ ହାଇସ୍କୁଲ ଅରେଇକଣାର ସ୍ମୃତିରଞ୍ଜନ ରାୟ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ତର୍କ ପ୍ରତିଯୋଗିତାରେ ଧର୍ମଶାଳା ବାଣୀପୀଠର ଛାତ୍ରୀ ପ୍ରାଚୀ ଶତପଥୀ ପ୍ରଥମ, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ଏସ. ସାଇଶ୍ରୀ ଦ୍ୱିତୀୟ ଓ ପଞ୍ଚାୟତ ହାଇସ୍କୁଲ ରେଖିଦେଇପୁରର ଛାତ୍ର ବିବେକାନନ୍ଦ ନାୟକ ତୃତୀୟ ସ୍ଥାନ ଅଧିକାର କରି ଜିଲାସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି। ଏଥିରେ ବିଚାରକ ଭାବେ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ସତୀଶ କୁମାର ଜେନା ଓ ବ୍ରହ୍ମାନନ୍ଦ ନାୟକ ଯୋଗ ଦେଇଥିଲେ। ପରେ ବ୍ଲକ ସଂଘ ସଭାପତି ରଶ୍ମିରଞ୍ଜନ ସାମଲଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମଣ୍ଡଳ ସହଶିକ୍ଷାଧିକାରୀ ମମିତା ମହାନ୍ତି ମୁଖ୍ୟଅତିଥି, ବ୍ଲକ ଓସ୍ତା ସଂଘ ସଭାପତି ସୁଦାମ ଚରଣ ପଣ୍ଡା ଓ ସମ୍ପାଦକ ସଞ୍ଜୟ କୁମାର ସାହୁ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକ ସୌମେନ୍ଦ୍ର ବାରିକ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଗଣେଶ୍ୱର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଘ ସମ୍ପାଦକ ପ୍ରବୋଧ କୁମାର ପାତ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶେଷରେ ଶିକ୍ଷକ ସୁରେନ୍ଦ୍ର କୁମାର ବେହେରା ଧନ୍ୟବାଦ ଦେଇଥିଲେ।

# ଜିଲାସ୍ତରୀୟ ବୋଇତ ବନ୍ଦାଣ ଉତ୍ସବ

ଯାଜପୁର ଟାଉନ,୮।୧୧(ଡି.ଏନ.ଏ.)

ଯାଜପୁରର ଜଗନ୍ନାଥ ମନ୍ଦିର ବେଢ଼ା ସମ୍ମୁଖରେ ଗୀତା ଜାଗରଣ ପରିଷଦ ଆନୁକୂଲ୍ୟରେ ମଙ୍ଗଳବାର ଜିଲାସ୍ତରୀୟ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗୀତାଜାଗରଣ ପରିଷଦ ସଭାପତି ପ୍ରତିମା କରଙ୍କ ସଭାପତିତ୍ୱରେ ଯାଜପୁର ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥିଭାବେ ଯାଜପୁର ପୌରପାଳିକା ଅଧ୍ୟକ୍ଷା ରଞ୍ଜୁଲତା ହୋତା, ମୁଖ୍ୟବକ୍ତା ଶିକ୍ଷକ ପଣ୍ଡିତ ଭୂପତି ଭୂଷଣ ମିଶ୍ର ଯୋଗଦେଇ ବୋଇତବନ୍ଦାଣ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥିଭାବେ ଯାଜପୁର ପୌରପାଳିକା ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ, ଅନୁଷ୍ଠାନର ଉପସଭାପତି କ୍ଷୀରୋଦ ଚନ୍ଦ୍ର ପାଠୀ, ଗୁଣନିଧି ପାଣିଗ୍ରାହୀ, ଶ୍ୟାମସୁନ୍ଦର ପାଣିଗ୍ରାହୀ, ପୃଥ୍ୱୀରାଜ ପଣ୍ଡା, ଡ. କୈଳାସ ଚନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସ୍ୱେଚ୍ଛାସେବୀ ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପ୍ ପକ୍ଷରୁ ବୃନ୍ଦାବନ ମିଶ୍ର, ଅଭିମନ୍ୟୁ ମିଶ୍ର ଓ ଉପେନ୍ଦ୍ର ଜେନାଙ୍କ ସମେତ ଅନୁଷ୍ଠାନର କଳାକାରମାନେ ସାଧବ ପୁଅ, ବୋହୂ ବେଶରେ ସୁସଜ୍ଜିତ ହୋଇ ଜଗନ୍ନାଥ ମନ୍ଦିର ପାର୍ଶ୍ୱ ବୈତରଣୀ ନଦୀ କୂଳରେ ନୌକାରେ ପହଞ୍ଚି ଯାଜପୁରର ପରମ୍ପରାକୁ ବଜାୟ ରଖିବା ପାଇଁ ବୋଇତ ବନ୍ଦାଣ କରିଥିଲେ। ହରିହର ସ୍ୱାଇଁ, ଏସେ୍.କେ ସାଜିଦ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ବୋଇତ ବନ୍ଦାଣ ଉତ୍ସବରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

# ନିଖିଳ ଉତ୍କଳ ଶିଶୁ ମେଳା ସମିତି ପ୍ରତିଯୋଗିତାରେ ଭାଗ ନେଲେ ୫୦୦ ଛାତ୍ରୀଛାତ୍ର

ବଡ଼ଚଣା,୮।୧୧(ଡି.ଏନ.ଏ.):

ନିଖିଳ ଉତ୍କଳ ଶିଶୁ ମେଳା ସମିତିର ୪୩ତମ ଶିଶୁମେଳା ଆସନ୍ତା ୧୪ ଓ ୧୫ ତାରିଖ ଦୁଇ ଦିନ ଧରି ଚଣ୍ଡିଖୋଲ ନିକଟସ୍ଥ ମା’ ଯଶୋଦା ଉଚ୍ଚ ବିଦ୍ୟାଳୟ ଗାନ୍ଧୀ ଛକଠାରେ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ଚଣ୍ଡିଖୋଲ ନିକଟ ସେଣ୍ଟ ଜାଭିୟର ସ୍କୁଲ୍ ନେଉଳପୁରଠାରେ ସାଧାରଣ ଜ୍ଞାନ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ, ଯାଜପୁର ଜିଲାର ବିଭିନ୍ନ ବିଦ୍ୟାଳୟରୁ ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଶିଶୁ ମେଳାରେ ପୁରସ୍କୃତ କରାଯିବ ବୋଲି ଶିଶୁ ମେଳା ସମିତି ସଭାପତି ଡ. ପ୍ରିୟନାଥ ମହାପାତ୍ର, ସମ୍ପାଦକ ଶରତ ଚନ୍ଦ୍ର ନାୟକ ପ୍ରକାଶ କରିଛନ୍ତି। ବକ୍ତୃତା ପ୍ରତିଯୋଗିତାର ବିଚାରକ ଭାବେ ଡ. ସୁଧୀର କୁମାର ସାମଲ, ଅଧ୍ୟାପକ ଅରୁଣ କୁମାର ନାୟକ, ଦୀପ୍ତିଶ୍ରୀ ମହାପାତ୍ର, ଜଗନ୍ନାଥ ସାମନ୍ତରାୟ କାର୍ଯ୍ୟ ସମ୍ପାଦନ କରିଥିଲେ। ସେଣ୍ଟ ଜାଭିୟର ପବ୍ଲିକ୍ ସ୍କୁଲର ଅଧ୍ୟକ୍ଷ ଏଲେନା ସାମଲ, ଚେୟାରମ୍ୟାନ୍ ଦୁଷ୍ମନ୍ତ ପଣ୍ଡା, ଉପାଧ୍ୟକ୍ଷା ସାଇନାଜ ପରୱିନ୍, ଶିକ୍ଷୟିତ୍ରୀ ଅନିତା ମହାରଣା, ପ୍ରଜ୍ଞାପରମିତା ପରିଡ଼ା, ସ୍ନେହଲତା ଓଝା, ପ୍ରିୟଙ୍କା ନାୟକ, କଲ୍ୟାଣୀ ରାଉତ, ସୁପ୍ରିୟା ଦାସ, ପ୍ରିୟଦର୍ଶିନୀ ବେହେରା, ପଙ୍କଜ ଜେନା, ଚିରଞ୍ଜୀବ ମିଶ୍ର, ଅର୍ଚ୍ଚନା ରୀତାରାଣୀ ବେହେରା, ମଧୁସ୍ମିତା ବଳ, ଜ୍ୟୋତି ଅଗ୍ରୱାଲା, ବନସ୍ମିତା ପଣ୍ଡା, ରମାକାନ୍ତ ପଣ୍ଡା ଓ ଅମ୍ରିତ କୁମାର ନାୟକ ପ୍ରମୁଖ ସହଯୋଗ କରିଥିଲେ। ଆସନ୍ତା ୧୪ ତାରିଖରେ ସଙ୍ଗୀତ, ସାରେଗାମାପା ନୃତ୍ୟଧାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

# ବନ୍ଦେ ଉତ୍କଳ ଜନନୀ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ

ଧର୍ମଶାଳା,୮।୧୧(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତ ଅନ୍ତର୍ଗତ ଅରଙ୍ଗାବାଦଠାରେ ‘ବନ୍ଦେ ଉତ୍କଳ ଜନନୀ’ ଅନୁଷ୍ଠାନ ପକ୍ଷରୁ ୩୮ତମ ବୋଇତ ବନ୍ଦାଣ ଉତ୍ସବ ଏବଂ ସାଂସ୍କୃତିକ ମିଳନ ସଭା କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଚନ୍ଦ୍ର ଗ୍ରହଣ ଯୋଗୁ ଭୋର ୫ଟାରେ ନିକଟସ୍ଥ ଶ୍ୟାମସୁନ୍ଦରଜୀଉଙ୍କ ପୁଷ୍କରିଣୀରେ ବୋଇତ ବନ୍ଦାଣ ହୋଇଥିଲା। ବନ୍ଦେ ଉତ୍କଳ ଜନନୀ କାର୍ଯ୍ୟାଳୟରୁ ଅତିଥିମାନେ ଏକ ଖୋଲା ଗାଡ଼ିରେ ଶୋଭାଯାତ୍ରାରେ ବାହାରି ପୁଷ୍କରିଣୀ ନିକଟରେ ପହଞ୍ଚିଥିଲେ। ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ଅନୁଷ୍ଠାନର ପ୍ରତିଷ୍ଠାତା ରବି ଲାବଣ୍ୟ ବୋଇତ ଭସାଇଥିଲେ। ଓଡ଼ିଆ ଚଳଚ୍ଚିତ୍ର ଜଗତର ହାସ୍ୟ ଅଭିନେତା ବ୍ରଜ ସିଂ ଏବଂ ଅଭିନେତ୍ରୀ ଦିବ୍ୟା ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପରେ ଶ୍ୟାମସୁନ୍ଦରଜୀଉ ମନ୍ଦିର ପ୍ରାଙ୍ଗଣରେ ଲାବଣ୍ୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ବରିଷ୍ଠ ଗ୍ରନ୍ଥକାର ପ୍ରଦୋଷ ପଟ୍ଟନାୟକ ଯୋଗଦେଇ ନୌବାଣିଜ୍ୟ ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ।

ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ଆବାହନୀ ସଂଗୀତ ଗାନ କରାଯିବା ସହିତ ଉତ୍କଳର ବରପୁତ୍ରମାନଙ୍କ ଫଟୋଚିତ୍ରରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ଅଧ୍ୟାପକ ଡ. ତୁହିନାଂଶୁ ରଥ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସଦସ୍ୟ କାହ୍ନୁଚରଣ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମଧୁସ୍ମିତା ଦାଶ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଉତ୍ସବରେ ମୁଖ୍ୟମନ୍ତ୍ରୀଙ୍କ ପ୍ରେରିତ ଶୁଭେଚ୍ଛା ବାର୍ତ୍ତା ପାଠ କରାଯାଇଥିଲା। ଏହିଅବସରରେ ହାସ୍ୟ ଅଭିନେତା ବ୍ରଜ ସିଂ ଏବଂ ଅଭିନେତ୍ରୀ ଦିବ୍ୟାଙ୍କୁ ଟ୍ରଫି ଏବଂ ଉପଢ଼ୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଦସ୍ୟ ଡ. ଜଗନ୍ନାଥ ଜେନା, ରମାକାନ୍ତ ଜେନା, ଯୁଧିଷ୍ଠିର ସ୍ୱାଇଁ, ଚଣ୍ଡିଖୋଲ ବାର ଆସୋସିଏଶନ ସଭାପତି ଦେବରାଜ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଅଧ୍ୟାପକ ପ୍ରଶାନ୍ତ ସାହୁ ଧନ୍ୟବାଦ ଦେଇଥିଲେ।



ବୋଇତ ବନ୍ଦାଣ ସଭାରେ ମଞ୍ଚାସୀନ ଅତିଥି।

### ଲିଙ୍ଗେଶ୍ୱର ଘାଟରେ ଶତାଧିକ ଭକ୍ତଙ୍କ ସମାଗମ

ପାଣିକୋଇଲି,୮।୧୧(ଡି.ଏନ.ଏ.)

କୋରେଇ ବ୍ଲକ ଅନ୍ତର୍ଗତ ମୂଳାପାଳସ୍ଥିତ ବାବା ଲିଙ୍ଗେଶ୍ୱର ପୀଠ ତଥା ପୂର୍ଣ୍ଣତୋୟା ବୈତରଣୀ ନଦୀର ଲିଙ୍ଗେଶ୍ୱର ଘାଟରେ ମଙ୍ଗଳବାର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଡଙ୍ଗା ଭସା ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ଶତାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ପ୍ରତ୍ୟୁଷରୁ ବୈତରଣୀ ନଦୀରେ ବୁଡ ପକାଇ ଭକ୍ତ ଡଙ୍ଗା ଭସାଇଥିଲେ। ଡଙ୍ଗା ଭସା ପାଇଁ ଉନ୍ନୟନ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଡଙ୍ଗା ଭସାଇବା ପରେ ଭକ୍ତମାନେ ବାବା ଲିଙ୍ଗେଶ୍ୱରଙ୍କ ଦର୍ଶନ କରିଥିଲେ। ନଦୀ ପଠାରେ ବାଲିଯାତ୍ରା ଆରମ୍ଭ କରାଯିବା ପାଇଁ ପ୍ରସ୍ତୁତି ମଧ ଶେଷ ହୋଇଛି।

### ୧୨ରୁ ଧର୍ମଶାଳା ପୁସ୍ତକ ମେଳା

ଧର୍ମଶାଳା,୮।୧୧(ଡି.ଏନ.ଏ.)

ଧର୍ମଶାଳା ସାଧାରଣତନ୍ତ୍ର ଦିବସ ପାଳନ କମିଟି ପକ୍ଷରୁ ବାଣୀପୀଠ ପଡ଼ିଆରେ ୫ମ ରାଜ୍ୟସ୍ତରୀୟ ପୁସ୍ତକ ମେଳା ଆସନ୍ତା ୧୨ ତାରିଖରୁ ଆରମ୍ଭ ହେବ। ୬ ଦିନ ଧରି ଚାଲିବାକୁଥିବା ଏହି ମେଳା ୧୭ ତାରିଖରେ ଉଦ୍‌ଯାପିତ ହେବ। ଏନେଇ କମିଟି ପକ୍ଷରୁ ଧର୍ମଶାଳା ବାଣୀପୀଠ ପରିସରରେ ତହସିଲଦାର ତଥା କମିଟି ସଭାପତି ସ୍ୱାଗତ ଦାସଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ସମ୍ପାଦକ ତଥା ଧର୍ମଶାଳା ଥାନା ଅଧିକାରୀ ରାକେଶ ତ୍ରିପାଠୀ ଯୋଗଦେଇ ସୂଚନା ପ୍ରଦାନ କରିଥିଲେ। ଚଳିତ ବର୍ଷ ୫୦ଟି ଷ୍ଟଲ୍ କରାଯିବା ପାଇଁ ସ୍ଥିର କରାଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଣବ ବଳବନ୍ତରାୟ ଯୋଗଦେବେ। ପ୍ରତ୍ୟେକ ସନ୍ଧ୍ୟାରେ ସାହିତ୍ୟ ସଭା ଅନୁଷ୍ଠିତ ହେବ। ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ବୈଠକରେ ଜିଲାପରିଷଦ ସଭ୍ୟ ଜଳଧର ମହାନ୍ତି, ଚୋରମୁହାଁ ସରପଞ୍ଚ ପ୍ରଦ୍ୟୁମ୍ନ ମହାନ୍ତି, ଚହଟା ସରପଞ୍ଚ ସୁମିତ୍ରା ସ୍ୱାଇଁ, ଅଧ୍ୟାପକ ନିଗମାନନ୍ଦ ବିଶ୍ୱାଳ, ପ୍ରସନ୍ନ ବରାଳ, ଇନ୍ଦ୍ରମଣି ମହାନ୍ତି ଓ ସବ୍ୟସାଚୀ ବେହେରା ପ୍ରମୁଖ କମିଟିର ବହୁ ସଦସ୍ୟ ଯୋଗ ଦେଇଥିଲେ।

# ସିଂହପୁରରେ ରାହାସ ଉତ୍ସବ



ସିଂହପୁର,୮।୧୧(ଡି.ଏନ.ଏ.)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁରସ୍ଥିତ ରାଧାଗୋବିନ୍ଦଜୀଉ ପ୍ରାଙ୍ଗଣରେ ରାହାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ୨ ରାତି ରାମଲୀଳା ଓ ପାଲା ପରିବେଷଣ କରାଯାଇଥିଲା। ଏଥିସହିତ କମିଟି ପକ୍ଷରୁ ଏକ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୯ ପ୍ରତିଭାଧାରୀଙ୍କୁ କମିଟି ପକ୍ଷରୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାପତି ପ୍ରଦୀପ ଜେନାଙ୍କ ପୌରୋହିତ୍ୟରେ ଅତିଥି ଭାବେ ସିଂହପୁର ସରପଞ୍ଚ ଶଶାଙ୍କ ଶେଖର ଖିଲାର, ପଦ୍ମନାଭ ଦାଶ, ଶିକ୍ଷାବିତ ଶ୍ରୀହରି ସାହୁ ଓ ରାମ ନାରାୟଣ ବଳିଆର ସିଂ ପ୍ରମୁଖ ଯୋଗ ଦେଇଥିଲେ। କମିଟି ସମ୍ପାଦକ ମଳୟ ଥାଟୋଇ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶିକ୍ଷକ ରତ୍ନାକର ସାହୁ, ଜ୍ଞାନେନ୍ଦ୍ର ବେଉରିଆ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ହେଲ୍ପିଂ ହ୍ୟାଣ୍ଡସ୍ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ



ହେଲ୍ପିଂ ହ୍ୟାଣ୍ଡସ୍‌ର ସଦସ୍ୟମାନେ ଡଙ୍ଗା ଭସାଉଛନ୍ତି।

ରସୁଲପୁର,୮।୧୧(ଡି.ଏନ.ଏ)

ଯାଜପୁର ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ହେଲ୍ପିଂ ହ୍ୟାଣ୍ଡସ୍ ପକ୍ଷରୁ ମଙ୍ଗଳବାର ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରମ୍ପରାକୁ ବଞ୍ଚାଇବା ପାଇଁ ସଂଗଠନର ସ୍ୱେଚ୍ଛାସେବୀ ଏକାଠି ହୋଇ ହାତତିଆରି ବିଶାଳ ଡଙ୍ଗା ଭସାଇବା ସହ ଉତ୍ସବର ମାହାତ୍ମ୍ୟ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଛନ୍ତି। ଏଥିସହିତ ବସ୍ତି ଅଞ୍ଚଳ ଛୁଆଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି। ରସୁଲପୁର ବ୍ଲକ ଅନ୍ତର୍ଗତ ବାହଦଲାପୁର ପଞ୍ଚାୟତ ମହମ୍ମଦପୁର ଗ୍ରାମ ଶବର ସାହିରେ ସ୍ୱେଚ୍ଛାସେବୀମାନେ ପହଞ୍ଚି ଡଙ୍ଗା ଭସାଇଥିଲେ। ସଂଗଠନର ସଦସ୍ୟମାନେ ଆଣିଥିବା ଏକ ବିଶାଳକାୟ ଡଙ୍ଗାକୁ ନେଇ ଗାଁ ଲୋକଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଗାଁ ପୁଷ୍କରିଣୀରେ ଅନୁଷ୍ଠାନ ପକ୍ଷରୁ ପାଳନ ହୋଇଥିବା ବୋଇତ ଭସାଣ ଉତ୍ସବରେ ଲୋକେ ସାମିଲ ହୋଇଥିଲେ। ସଂଗଠନର ନିଆରା ପ୍ରୟାସକୁ ସ୍ଥାନୀୟ ଅଞ୍ଚଳରେ ଖୁବ୍ ପ୍ରଶଂସା କରାଯାଇଛି।

# ନୌବାଣିଜ୍ୟ ପରମ୍ପରା ଉପରେ ଆଲୋଚନା



ବୋଇତ ବନ୍ଦାଣ ଉତ୍ସବରେ ଉପସ୍ଥିତ ଅତିଥି।

ଚଣ୍ଡିଖୋଲ,୮।୧୧(ଡି.ଏନ.ଏ.)

କଳାକାର ଓଡ଼ିଶା ଆନୁକୂଲ୍ୟରେ ଚଳିତ ବର୍ଷ ଏହାର ୩୩ତମ ବୋଇତ ବନ୍ଦାଣ ଉତ୍ସବ ବଡ଼ଚଣା ବ୍ଲକ ଅନ୍ତର୍ଗତ ଖଡ଼ଗପୁର ବିରୂପା ନଦୀ ଘାଟରେ କାର୍ତ୍ତିକ ପୂର୍ଣ୍ଣିମା ତିଥିରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ନୀଳଚକ୍ରର ମୁଖ୍ୟ ସଂଯୋଜକ ଡାକ୍ତର ନୀଳାଦ୍ରି ପଣ୍ଡା ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କଳାକାର ଓଡ଼ିଶାର ସଭାପତି ସତ୍ୟବ୍ରତ ପୁହାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ସଭାପତି ଡ. ଅଦ୍ୱୈତ କୁମାର ପାତ୍ର ଯୋଗଦେଇ ନୌବାଣିଜ୍ୟ ପରମ୍ପରା ସମ୍ପର୍କରେ ମତ ରଖିଥିଲେ। ଐତିହାସିକ ଡ. ହରିଶଚନ୍ଦ୍ର ପୃଷ୍ଟି ମୁଖ୍ୟବକ୍ତା ଭାବେ ଯୋଗଦେଇ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାରେ ଅତୀତର ସାଧବ ପୁଅମାନେ ଯେଉଁ ଗାଥା ବହନ କରି ଆମକୁ ଗୌରବନ୍ୱିତ କରିଛନ୍ତି ତାହାକୁ ସ୍ମରଣ କରି ଭବିଷ୍ୟତ ପିଢ଼ି ଦେଶ ବିଦେଶରେ କାର୍ଯ୍ୟକାରୀ କରିବା ଉଚିତ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଡ. ସର୍ବେଶ୍ୱର ସେଣ, ବରିଷ୍ଠ ଆରକ୍ଷୀ ଅଧିକାରୀ ଚକ୍ରଧର ଦାଶ, ଯାତ୍ରା ନିର୍ଦ୍ଦେଶକ ପପୁ ବରାଳ, ଡ. ନାରାୟଣ ମୁଦୁଲି, ପ୍ରଦୀପ ଦାସ, କଳ୍ପନା ମଲ୍ଲିକ, କୃଷ୍ଣ ଚନ୍ଦ୍ର ବାରିକ, ଅଭିରାମ ସାହୁ ଓ ସୁବାସ ଚନ୍ଦ୍ର ଜେନା ପ୍ରମୁଖ ଯୋଗ ଦେଇଥିଲେ। ସ୍ୱାଗତ ଭାଷଣ ଆଡଭୋକେଟ ଦେବରାଜ ବେହେରା ପ୍ରଦାନ କରିଥିବା ବେଳେ ଅତିଥି ପରିଚୟ ପ୍ରଦାନ କରିଥିଲେ ଦେବବ୍ରତ ପୁହାଣ। ବିଜୟ କୁମାର ସାମଲ ମାନପତ୍ର ପାଠ କରିଥିଲେ। ରଣଜିତ ସାହୁ ଧନ୍ୟବାଦ ଦେଇଥିଲେ।

# ସମବାୟ ଆନ୍ଦୋଳନରେ କାଶୀନାଥଙ୍କ ଅବଦାନ ଅତୁଳନୀୟ

ଚଢ଼େଇଧରା,୮।୧୧(ଡି.ଏନ.ଏ.)

କୃଷକଙ୍କୁ ମହାଜନ କବଳରୁ ରକ୍ଷା କରିବାକୁ ଓଡ଼ିଶାରେ ଆରମ୍ଭ ହୋଇଥିବା ସମବାୟ ଆନ୍ଦୋଳନରେ ଯେଉଁ କେତେ ଜଣ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ, ସେମାନଙ୍କ ମଧ୍ୟରେ କାଶୀନାଥ ସାମଲଙ୍କ ଅବଦାନ ଅତୁଳନୀୟ। ଧର୍ମଶାଳା ବ୍ଲକ ମହିଶରା ପଞ୍ଚାୟତ ଅନ୍ତର୍ଗତ ବରଡ଼ାଠାରେ ଅନୁଷ୍ଠିତ ତାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସଭାରେ ବକ୍ତାମାନେ ଯୋଗଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ବରିଷ୍ଠ ଖବରଦାତା ତଥା ବିଜୁ ପଟ୍ଟନାୟକ କଲେଜ ଅଫ ଜର୍ନାଲିଜିମର ନିର୍ଦ୍ଦେଶକ ବିଶ୍ୱନାଥ ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ବିଶ୍ୱନାଥ ରାଉତ ଯୋଗଦେଇ କାଶୀନାଥଙ୍କ ଜୀବନ ଦର୍ଶନକୁ ଆଚରଣ ଓ ଉଚାରଣରେ ପାଳନ କଲେ ତାହା ତାଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହୋଇପାରିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଉତ୍କଳ ସାମ୍ବାଦିକ ସଂଘ ସମ୍ପାଦକ ବେଣୁଧର ପଣ୍ଡା ଯୋଗଦେଇ କାଶୀବାବୁଙ୍କ ଆଦର୍ଶ ଓ ନିରାଡ଼ମ୍ବର ଜୀବନ ଯାପନ ଶୈଳୀ ସମସ୍ତଙ୍କ ପାଇଁ ପ୍ରେରଣା ଦାୟୀ ହୋଇପାରିଛି ବୋଲି କହିଥିଲେ। ଖବରଦାତା ବସନ୍ତ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ କାଶୀନାଥ ଅଞ୍ଚଳ ପାଇଁ ଆଦର୍ଶ ଥିଲେ ବୋଲି କହିଥିଲେ। ଭୁବନାନନ୍ଦ ନାୟକ, ବିପିନ ବିହାରୀ ସ୍ୱାଇଁ, ଖବରଦାତା ବିଶ୍ୱନାଥ ପଣ୍ଡା ପ୍ରମୁଖ ବକ୍ତାଭାବେ ଯୋଗଦେଇ କାଶୀନାଥଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରଥମେ କାଶୀନାଥଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ପରେ ସ୍ମରଣିକା ‘ଶ୍ରଦ୍ଧାସୁମନ’ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ଅଶୋକ ରାଉତ, ଉମେଶ କୁମାର ଲେଙ୍କା, ସଂଯୁକ୍ତା ନାୟକ, ଯୁଧିଷ୍ଠିର ରାଉତ, ଆଶାତରୁ ନାୟକ, ରାଜେନ୍ଦ୍ର ପ୍ରଧାନ, ରଞ୍ଜନ କୁମାର ଜେନା, ବିପିନିବିହାରୀ ସ୍ୱାଇଁପ୍ରମୁଖ ମଞ୍ଚାସୀନ ହୋଇ କାଶୀନାଥଙ୍କ ସ୍ମୃତିଚାରଣ କରିଥିଲେ।



ଅତିଥି ସ୍ମରଣିକା ଉନ୍ମୋଚନ କରୁଛନ୍ତି।

# ନିଯୁକ୍ତି ଦାବିରେ ବିସ୍ଥାପିତଙ୍କ ଗଣଧାରଣା

କଳିଙ୍ଗନଗର,୮।୧୧(ଡି.ଏନ.ଏ.)

କଳିଙ୍ଗନଗରସ୍ଥିତ ଜିନ୍ଦଲ ଷ୍ଟେନଲେସ କାରଖାନା ମୁଖ୍ୟ ଫାଟକ ସମ୍ମୁଖରେ ମଙ୍ଗଳବାର ଭୋର ୫ଟାରୁ ଶତାଧିକ ବିସ୍ଥାପିତ ପରିବାରର ପୁରୁଷ ଓ ମହିଳା ନିଯୁକ୍ତି ଦାବିରେ ଧାରଣାରେ ବସିଛନ୍ତି। ଧାରଣା ଜାରି ରହିଥିଲେ ମଧ ପ୍ରଶାସନ ଆନ୍ଦୋଳନକାରୀଙ୍କୁ ଧାରଣାରୁ ନିବୃତ୍ତ କରିପାରି ନାହିଁ। ପ୍ରଶାସନ ବିସ୍ଥାପିତଙ୍କ ଦୁଃଖ ଶୁଣିବା ବଦଳରେ କାରଖାନା ଅଧିକାରୀଙ୍କ କଥାକୁ ଅଧିକ ଗୁରୁତ୍ୱ ଦେଉଥିବା ବିସ୍ଥାପିତମାନେ ଅଭିଯୋଗ କରିଛନ୍ତି।

କାରଖାନା ପାଇଁ ବିସ୍ଥାପିତ ହୋଇଥିବା ବଂଶୀପୁର, କୂଳପଶି, ହୁଡ଼ିସାହି, ଖଡ଼ିଗାଡିଆ ଓ ସିଆରିଆ ଆଦି ଗ୍ରାମର ୨୫୦ରୁ ଅଧିକ ବିସ୍ଥାପିତ ପରିବାର ଦାନଗଦି ବ୍ଲକ୍ ତ୍ରିଜଙ୍ଗା ଏବଂ କଣ୍ଟିପୁର କଲୋନୀରେ ରହୁଛନ୍ତି। ଗତ ସପ୍ତାହରେ ୩ ଦଫା ଦାବି ନେଇ ସେମାନେ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ କୌଣସି ସୁଫଳ ନ ପାଇ ଆନ୍ଦୋଳନକୁ ଆପଣେଇଥିବା କହିଛନ୍ତି।

ସେମାନଙ୍କ ଦାବି ମୁତାବକ, କାରଖାନା ପାଇଁ ବିସ୍ଥାପିତ ଓ ସମସ୍ତ ଜମିହରାଙ୍କ ପରିବାରକୁ ଯୋଗ୍ୟତା ଆଧାରରେ କାରଖାନାରେ ସ୍ଥାୟୀ ନିଯୁକ୍ତି ଦିଆଯାଉ। ବିସ୍ଥାପିତ ପରିବାର ଲୋକେ ଚାକିରି ସମୟରେ ଯଦି ମୃତ୍ୟୁବରଣ କରନ୍ତି କିମ୍ବା ଶାରୀରିକ ଅକ୍ଷମ ହୁଅନ୍ତି କମ୍ପାନୀ ସେହି ପରିବାରରୁ ଅନ୍ୟ ଜଣେ ସଦସ୍ୟଙ୍କୁ ନିଯୁକ୍ତି ପ୍ରଦାନ କରିବ। ବିସ୍ଥାପିତ ଓ ଜମିହରା ପରିବାର ସଦସ୍ୟଙ୍କୁ ପୁରୁଷାନୁକ୍ରମିକ ଭାବେ ସ୍ଥାୟୀ ନିଯୁକ୍ତି ଦେବାକୁ ସେମାନେ ଦାବି କରିଛନ୍ତି। ନିଯୁକ୍ତି ସମ୍ପର୍କିତ ସମସ୍ୟାକୁ ସୁନିଶ୍ଚିତ କରିବାକୁ ଆନ୍ଦୋଳନକାରୀ ଦାବି ରଖିଛନ୍ତି। ପ୍ରଶାସନ ପକ୍ଷରୁ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ଘଟଣାସ୍ଥଳକୁ ଆସି ଦାବି ଶୁଣି ଓ ଲିଖିତ ପ୍ରତିଶ୍ରୁତି ଦେଲେ ଆନ୍ଦୋଳନ ପ୍ରତ୍ୟାହୃତ ହେବ ବୋଲି ବିସ୍ଥାପିତମାନେ କହିଛନ୍ତି। ବିରସିଂ ବଦ୍ରା, ଜାମ୍ବି ବଦ୍ରା, ସୁକାନ୍ତି ବଦ୍ରା, ସେକ ରିଆଜୁଦ୍ଦିନ, ସେକ୍ ସଲିମ ଅବତାର, ସସ୍ମିତା ପାତ୍ର ଓ ବିଜୟ କୁମାର ପାତ୍ର ଆନ୍ଦୋଳନର ନେତୃତ୍ୱ ନେଉଛନ୍ତି। ଦାନଗଦି ତହସିଲଦାର ନମ୍ରତା ମୋଦି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ ମଧ ରାତି ୭ଟା ପର୍ଯ୍ୟନ୍ତ ଆନ୍ଦୋଳନ ପ୍ରତ୍ୟାହୃତ ହୋଇ ନ ଥିଲା। ଜଖପୁରା ଥାନା ଅଧିକାରୀ ଜଗଦୀଶ କର, କଳିଙ୍ଗନଗର ଥାନା ଅଧିକାରୀ ପ୍ରିୟବ୍ରତ ରାଉତ, ଏସ୍ଆଇ ରାଜେଶ ସେଠୀ, ସହକାରୀ ଏସ୍ଆଇ ବିଜୟ କୁମାର ସାଇଁଙ୍କ ସମେତ ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିଛି।



ବିସ୍ଥାପିତମାନେ ଗଣଧାରଣା ଦେଇଛନ୍ତି।

## ସଂକ୍ଷେପରେ

### ୨୬ ୟୁନିଟ ରକ୍ତ ସଂଗୃହୀତ

ରମ୍ଭା,୮।୧୧-ଗଞ୍ଜାମ ବ୍ଲକ ଅନ୍ତର୍ଗତ ରମ୍ଭା ସହରର ଗାୟତ୍ରୀ ଶକ୍ତିପୀଠର ଅଷ୍ଟତ୍ରିଂଶତିତମ ବାର୍ଷିକ ଉତ୍ସବର ଦ୍ୱିତୀୟ ଦିବସରେ ଆୟୋଜିତ ରକ୍ତଦାନ ଶିବିରରୁ ୨୬ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ରମ୍ଭା ଗାୟତ୍ରୀ ଶକ୍ତିପୀଠର ପରିବ୍ରାଜକ ଗୌରାଙ୍ଗ ମୁନିଙ୍କ ବେଦମନ୍ତ୍ର ଧ୍ୱନୀରେ ଆୟୋଜିତ ରକ୍ତଦାନ ଶିବିରରେ ମୁଖ୍ୟ ଅତିଥିଭାବେ ସମାଜିକ କର୍ମୀ ସୁବାସ ଚନ୍ଦ୍ର ପଣ୍ଡା, ସମ୍ମାନୀତ ଅତିଥି ଭାବେ ଶିକ୍ଷକ ଶେଷଦେବ ବେହେରା, ଗ୍ରିନ ପିସ ଫାଉଣ୍ଡେଶନର ଗଞ୍ଜାମ ବ୍ଲକ ପ୍ରମୁଖ ପ୍ରଶାନ୍ତ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଗାୟତ୍ରୀ ପରିବାର ବିଶ୍ୱ ମଙ୍ଗଳ ଗୋ କଲ୍ୟାଣ ସମିତିର ମୁଖ୍ୟ ସଂଯୋଜକ ପଞ୍ଚାନନ ଖଟୁଆ, ସହ ସଂଯୋଜକ ରବିନାରାୟଣ ସେନାପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ରକ୍ତଦାନ ଶିବିରରେ ଅତିଥିମାନଙ୍କ ଦ୍ୱାରା ଗଞ୍ଜାମର ସାମାଜିକ କର୍ମୀ ପ୍ରଭାତ ବିଶ୍ୱାଳ, ରମ୍ଭାର ସାମନ୍ତ ଓ ଗୋଲଗଣ୍ଡା ପଲ୍ଲୀର ଜେ. ଭାସ୍କର ପାତ୍ରଙ୍କୁ ଅନୁଷ୍ଠାନ ତରଫରୁ ଉତ୍ତରୀୟ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଓଡ଼ିଶା ରକ୍ତ ଭଣ୍ଡାର ବ୍ରହ୍ମପୁର ଦ୍ୱାରା ରମ୍ଭା ଗାୟତ୍ରୀ ଶକ୍ତିପୀଠକୁ ସିଲ ପ୍ରଦାନ କରାଯାଇଥିଲା। ଶିବିରରେ ବ୍ରହ୍ମପୁର ରକ୍ତ ଭଣ୍ଡାରର ପ୍ରଦୀପ କୁମାର ସୁବୁଦ୍ଧି, ରାମହରି ପଣ୍ଡା, ବାବୁନି ବେହେରା, ବସନ୍ତ ବେହେରା ଓ ଡମ୍ବୁର ବାହାଦୁର କାର୍କେ ଯୋଗଦେଇ ରକ୍ତଦାତାଙ୍କ ଠାରୁ ରକ୍ତ ସଂଗ୍ରହ କରିଥିଲେ। ଲିଙ୍ଗରାଜ ପାତ୍ର, ରଥାଙ୍ଗ ରମଣ ନାହାକ, ସୁଦର୍ଶନ ଜେନା, ଉମାକାନ୍ତ ସାହୁ ପରିଚାଳନା କରିଥିଲେ।

### ଶତବାର୍ଷିକ କ୍ରୀଡ଼ା ସମାରୋହ କାର୍ଯ୍ୟକ୍ରମ

କୁକୁଡାଖଣ୍ଡି,୮।୧୧-କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ଗୁଣ୍ଡବନ୍ଧ ଗ୍ରାମର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶତ ବାର୍ଷିକ କ୍ରୀଡା ସମାରୋହ ଆଞ୍ଚଳିକ ଶିକ୍ଷା ସଂଯୋଜକ ଶ୍ରୀଦୁଷ୍ମନ୍ତ ପଟ୍ଟନାୟକଙ୍କ ଦ୍ୱାରା ପତାକା ଉତ୍ତୋଳନ ପୂର୍ବକ ଉଦ୍‌ଘାଟିତ ହୋଇଯାଇଛି। ଶନିବାର ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଦଳଗତ ସଞ୍ଚାଳନ ପରେ ଶତ ବାର୍ଷିକୀ କ୍ରୀଡା ସମାରୋହ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ଶରୀର ସୁସ୍ଥ ରହିଲେ ମନ ସୁସ୍ଥ ରହେ, ମନ ସୁସ୍ଥ ରହିଲେ ପାଠ ପଢିବାକୁ ଆଗ୍ରହ ବଢିଥାଏ ବୋଲି ଛାତ୍ରୀଛାତ୍ରମାନଙ୍କୁ ପଟ୍ଟନାୟକ କହିଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଦେବାଶିଷ ସେଠୀ, ଶତବାର୍ଷିକୀ ସମିତିର ସଭାପତି ନଳିନୀ କାନ୍ତ ପରିଡା, ସମ୍ପାଦକ ସାଗର କୁମାର ପାତ୍ର ଯୋଗ ଦେଇଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ସୁଜତା କୁମାରୀ ସାହୁ, ଶିକ୍ଷୟିତ୍ରୀ ରୁନୁ ବରଡ଼, ସଙ୍ଗୀତା ମହାନ୍ତି ଓ ରେଣୁଝରା ପୁଷ୍ପଶ୍ରୀଙ୍କ ସଂଯୋଜନାରେ ଜୁନିୟର ଓ ସିନିୟର ଗ୍ରୁପର ୧୦୦ ମିଟର, ୫୦ ମିଟର ଦୌଡ଼ ଲମ୍ଫ ଡିଆଁ ଆଦି ପ୍ରତିଯୋଗିତା ହୋଇଥିଲା। କାର୍ଯ୍ୟକ୍ରମକୁ ଉପଦେଷ୍ଟା କୈଳାଶ ମହାନ୍ତି, ଲୋକନାଥ ଦଳାଇ, ବାସୁଦେବ ଜେନା, ସିଲୁ ମହାନ୍ତି, ସୁନୀଲ ମାଝୀ, ଲକିନ୍ଦ୍ର ମାଝୀ, ଆକାଶ ବେହେରା ପ୍ରମୁଖ ପରିଚାଳନା ସଦସ୍ୟ ପରିଚାଳନା କରିଥିଲେ।

# ସହର ମୁଖ୍ୟ ରାସ୍ତାରେ ଅବାଧ ପାର୍କିଂ ଲାଗି ସମସ୍ୟା

**ପାରଳାଖେମୁଣ୍ଡି,୮।୧୧(ଡି.ଏନ୍.ଏ.)**



ରାସ୍ତାର ଦୁଇ ପାର୍ଶ୍ୱରେ ପାର୍କିଂ ହୋଇଥିବା ଗାଡ଼ି।

ପାରଳାଖେମୁଣ୍ଡି ସହର ଉପକଣ୍ଠରେ ଥିବା ରାମସାଗର ରାସ୍ତାରେ ଅବାଧ ପାର୍କିଂ ଯୋଗୁ ସମସ୍ୟା ସୃଷ୍ଟି ହୋଇଛି। ଦିନରେ ସହର ମଧ୍ୟକୁ ଭାରିଜାନବାହାନ ପ୍ରବେଶ ପାଇଁ ସମୟ ନିର୍ଦ୍ଧଷ୍ଟ ରହିଛି । ସକାଳ ୮ରୁ ମଧ୍ୟାହ୍ନ ୧ଟା ଏବଂ ଅପରାହ୍ନ ୩ରୁ ରାତି ୮ଟା ପର୍ଯ୍ୟନ୍ତ ସହର ମଧ୍ୟକୁ ଭାରୀଯାନ ପ୍ରବେଶ ଉପରେ କଟକଣା ରହିଛି। ଏଥି ଯୋଗୁ ପାରଳାଖେମୁଣ୍ଡି ସହରକୁ ଆସୁଥିବା ଭାରୀଯାନ ତଥା ଟ୍ରକ ଗୁଡିକ ସହର ବାହାରେ ରହୁଛି। ଏମାନଙ୍କ ଲାଗି କୌଣସି ପାର୍କିଂ ବ୍ୟବସ୍ଥା ହୋଇ ନଥିବାରୁ ରାସ୍ତାର ଉଭୟ ପାର୍ଶ୍ୱରେ ଟ୍ରକ ଗୁଡିକୁ ପାର୍କିଂ କରୁଛନ୍ତି। ଏହି ପାର୍କିଂ ଯୋଗୁ ଉଭୟ ପଟର ରସ୍ତା ଠିକ ଭାବେ ଦେଖା ଦେଉ ନଥିବା ବେଳେ ଏହି ପାର୍କିଂ ବୁଲାଣିଆ ରାସ୍ତାର ଠିକ ପୂର୍ବରୁ କରାଯାଉଛି। ଫଳରେ ଉଭୟ ପଟରୁ ଯାଆସ କରୁଥିବା ଗାଡି ଗୁଡିକ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଉକ୍ତ ରାସ୍ତା ଓଡିଶାର ବିଭିନ୍ନ ଗ୍ରାମ ତଥା ସହର ଯଥା ଗାରବନ୍ଧ, ଲାବଣ୍ୟଗଡ, ବ୍ରହ୍ମପୁର, ଭୁବନେଶ୍ୱର ଆଦି ସମେତ ଆନ୍ଧ୍ରର ଚାପରା, ପଲାସା ଆଦିକୁ ସଂଯୋଗ କରୁଥିବାରୁ ଖୁବ ବ୍ୟସ୍ତ ବହୁଳ ରାସ୍ତା ଅଟେ। ଦୈନନ୍ଦିନ ଶହଶହ ମୋଟର ଯାନ ଯାତାୟାତ କରୁଛି । ବୁଲାଣୀଆ ଓ ରାସ୍ତାର ଉଭୟ ପାର୍ଶ୍ୱରେ ଟ୍ରକ ଗୁଡିକ ପାର୍କିଂ କରିଦେଉଥିବାରୁ କେତେ ବେଳେ କୌଣସି ଅଘଟଣ ଘଟିବ ତାହା ସହଜେ ଅନୁମେୟ। ତେଣୁ ରାସ୍ତାର ଉଭୟ ପାର୍ଶ୍ୱରେ ରହୁଥିବା ଟ୍ରକ ବା ଭାରିଯାନ ଗୁଡିକୁ ଏହି ଅଞ୍ଚଳରେ ନ ରଖିବା ପାଇଁ କଟକଣା ଜାରି କରିବା ଆବଶ୍ୟକ ବୋଲି ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି ।

# ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି

**ଦିଗପହଣ୍ଡି,୮।୧୧(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ବମକୋଇ ଗ୍ରାମରେ ୧୯୬୪ରେ ସ୍ଥାପିତ ଶିବାନନ୍ଦ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଇଁ ବ୍ୟାପକ ପ୍ରସ୍ତୁତି ସରିଛି। ଆସନ୍ତା ୧୨ ଓ ୧୩ ତାରିଖ ଦୁଇ ଦିନ ବ୍ୟାପୀ ଏହି ଜୟନ୍ତୀ ପାଳିତ ହେବାକୁ ଯାଉଛି। ଏହି ବିଦ୍ୟାଳୟ ସ୍ୱାମୀ ଶିବାନନ୍ଦଜୀଙ୍କ ପ୍ରାରମ୍ଭିକ ଅନୁଦାନରେ ଏବଂ ସ୍ୱାମୀ ସେବାନନ୍ଦ ତଥା ତତ୍କାଳୀନ ମଣ୍ଡଳ ଶିକ୍ଷାଧିକାରୀ ଶିକ୍ଷାବିତ ସ୍ୱର୍ଗତ ଦୁର୍ଲଭ ଚନ୍ଦ୍ର ଚୌଧୁରୀଙ୍କ ପ୍ରଚେଷ୍ଟାରେ ସ୍ଥାନୀୟ ପ୍ରାଥମିକ ଶିକ୍ଷକ ସ୍ୱର୍ଗତ ନିରଞ୍ଜନ ପଟ୍ଟନାୟକ ଓ ମଧ ଇଂରାଜୀ ବିଦ୍ୟାଳୟର କ୍ରାଫ୍ଟ ଶିକ୍ଷକ ବିଶ୍ୱନାଥ ମହାନ୍ତିଙ୍କ ସହଯୋଗରେ କ୍ରାଫ୍ଟ ଶିକ୍ଷଣ କୋଠରିରେ ଏହି ହାଇସ୍କୁଲ ପ୍ରାରମ୍ଭିକ ଅବସ୍ଥାରେ ଆରମ୍ଭ ହୋଇଥିଲା। ଛୋଟିଆ କ୍ରାଫ୍ଟ କୋଠରିରେ ଆରମ୍ଭ ହୋଇଥିବା ଶିବାନନ୍ଦ ହାଇସ୍କୁଲ ସମ୍ପ୍ରତି ବହୁତ ବଡ କଳେବର ଧାରଣ କରିବା ସହ ୫ -ଟି ବିଦ୍ୟାଳୟ ସଂଚରଣରେ ସ୍ଥାନ ପାଇଛି। ଉକ୍ତ ଅନୁଷ୍ଠାନର ବହୁ ଛାତ୍ର ଆଜି ଦେଶ ବିଦେଶର ବିଭିନ୍ନ ସ୍ଥାନରେ ସରକାରୀ ଓ ବେସରକାରୀ ଅନୁଷ୍ଠାନଗୁଡ଼ିକରେ ବହୁ ପ୍ରତିଷ୍ଠିତ ପଦପଦବୀରେ କାର୍ଯ୍ୟ କରୁଛନ୍ତି। ପ୍ରାକ୍ତନ ବ୍ରହ୍ମପୁର ଜିଲା ଶିକ୍ଷାଧିକାରୀ ସ୍ୱର୍ଗତ ବାଲ୍ମୀକି ପ୍ରଧାନଙ୍କ ସମେତ ବହୁ ଶିକ୍ଷାର୍ଥୀ ଏହି ବିଦ୍ୟାଳୟରୁ ଶିକ୍ଷାଲାଭ କରିଛନ୍ତି। ଗତ ୨୦୧୪ରେ ଏହି ହାଇସ୍କୁଲ ପ୍ରତିଷ୍ଠାର ୫୦ ବର୍ଷ ପୂରଣ ହୋଇଥିଲେ ମଧ ଅନିବାର୍ଯ୍ୟ କାରଣ ବଶତଃ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ପାଳନ ୮ବର୍ଷ ବିଳମ୍ୱ ଘଟିଥିଲା। ବର୍ତ୍ତମାନ ଆସନ୍ତା ୧୨ ଓ ୧୩ ତାରିଖରେ ପୁରାତନ ଛାତ୍ର ସଂସଦ ସୁବର୍ଣ୍ଣ ଜୟନ୍ତୀ ପାଳନ କରିବାକୁ ସମସ୍ତ ପ୍ରସ୍ତୁତି ସାରିଛି। ଏହି ବାର୍ଷିକ ଉତ୍ସବରେ ସମସ୍ତ ପୂର୍ବତନ ଛାତ୍ରୀଛାତ୍ର ଯୋଗଦେବା ପାଇଁ ସୁବର୍ଣ୍ଣ ଜୟନ୍ତୀ କମିଟି ତଥା ପୁରାତନ ଛାତ୍ର ସଂସଦର ସଭାପତି ବିଜୟ କୁମାର ପାଣିଗ୍ରାହୀ, ସମ୍ପାଦକ ଚନ୍ଦ୍ର ଶେଖର ମିଶ୍ରଙ୍କ ସମେତ ସଂସଦ କମିଟିର ସଦସ୍ୟ ଶିବପ୍ରସାଦ ଚୌଧୁରୀ, ପ୍ରଫେସର ଦିଲୀପ ପଟ୍ଟନାୟକ, ମନୋଜ ପାଣିଗ୍ରାହୀ ବାଳକୃଷ୍ଣ ସୁବୁଦ୍ଧି, ଶିବରାମ ପ୍ରଧାନ, ଦଣ୍ଡପାଣି ପ୍ରଧାନ, କୃଷ୍ଣଚନ୍ଦ୍ର ବେହେରା, ଅଶୋକ ପାଣିଗ୍ରାହୀ, ପ୍ରଶାନ୍ତ ପ୍ରଧାନ, ବିକାଶ ମଣ୍ଡଳ, ଅଜିତ ପ୍ରଧାନ, କ୍ଷୀରସିନ୍ଧୁ ପ୍ରଧାନ, ଫନିନ୍ଦ୍ର ଗୋସ୍ୱାମୀଙ୍କ ସମେତ ବହୁ ପୁରାତନ ଛାତ୍ର ନିବେଦନ କରିଛନ୍ତି।

# ଓଡ଼ିଶା ପ୍ରାଥମିକ ବିଦ୍ୟାଳୟ ସଂଘର କର୍ମକର୍ତ୍ତା ନିର୍ବାଚନ


ସଂଘର ନୂତନ କର୍ମକର୍ତ୍ତା।

**ଜି.ଉଦୟଗିରି,୮।୧୧(ଡି.ଏନ.ଏ.)-**

ଜି.ଉଦୟଗିରି ବ୍ଲକର ପ୍ରାଥମିକ ଶିକ୍ଷକ ସଂଘ (ଏନ୍‌ପିଏସ୍)ର କର୍ମକର୍ତ୍ତା ନିର୍ବାଚନ ସୋମବାର ଅନୁଷ୍ଠିତ ହୋଇଯାଇଛି। ସର୍ବସମ୍ମତିକ୍ରମେ ସଭାପତି ଭାବେ ଶାନ୍ତନୁ କୁମାର ପ୍ରଧାନ ନିର୍ବାଚିତ ହୋଇଥିବା ବେଳେ କାର୍ଯ୍ୟକାରୀ ସଭାପତି ଭାବେ ପ୍ରସନ୍ନ ପ୍ରଧାନ, ସାଧାରଣ ସମ୍ପାଦକ ଭାବେ ଆଲୋକ କୁମାର ନାୟକ, ପଙ୍କଜିନୀ ସାହୁ ନିର୍ବାଚିତ ହୋଇଥିବା ବେଳେ ସାଙ୍ଗଠନିକ ସମ୍ପାଦକ ଭାବେ ୫ଜଣ, ଯୁଗରେ ସମ୍ପାଦକ ଭାବେ ୯ ଜଣ, କୋଷାଧ୍ୟକ୍ଷ ଭାବେ ଦୁଇ ଜଣ ଓ ଉପଦେଷ୍ଟା ଭାବେ ୫ଜଣ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ବୈଠକ ପରେ ଦାବିପତ୍ର ସରକାରଙ୍କୁ ପ୍ରଦାନ କରାଯାଇଛି। ଶିକ୍ଷା ସହାୟକ ଭାବେ ୬ ବର୍ଷ ଚାକିରି କରିଥିବା ସମୂହକୁ ମୂଳ ଚାକିରିରେ ମିଶାଇ ଇନ୍‌କ୍ରିମେଣ୍ଟ ପ୍ରଦାନ କରିବା ସହ ଅନେକ ଦାବି କରାଯାଇଥିଲା। ସରକାର ଶୀଘ୍ର ଦାବିଗୁଡିକୁ ପୂରଣ ନ କଲେ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି କର୍ମକର୍ତ୍ତାମାନେ କହିଥିଲେ।

## ଚବିଶ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

**ପୁରୁଷୋତ୍ତମପୁର,୮।୧୧(ଡି.ଏନ.ଏ.)**

ପୁରୁଷୋତ୍ତମପୁର ଚାଙ୍ଗୁଡ଼ିଆପଦର ସାହିରେ ବିଶ୍ୱକଲ୍ୟାଣ ନିମନ୍ତେ ରବିବାରଠାରୁ ଦୀର୍ଘ ତିନିଦିନ ଧରି ପଣ୍ଡିତମହନ୍ତ ନନ୍ଦକିଶୋର ମହାରାଜଙ୍କ ପୌରୋହିତ୍ୟରେ ଅଖଣ୍ଡତାର ସହ ଚାଲିଥିବା ଚବିଶ ପ୍ରହର ନାମଯଜ୍ଞ ବୁଧବାର ଉଦ୍‌ଯାପିତ ହୋଇଛି। କାର୍ଯ୍ୟକ୍ରମରେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ଖଲ୍ଲିକୋଟ ବ୍ଲକ ଅଧ୍ୟକ୍ଷ ଦୈତାରୀ ବେହେରା, ପୁରୁଷୋତ୍ତମପୁର ଏନଏସି ଅଧ୍ୟକ୍ଷା ପ୍ରିୟଙ୍କା ଗୌଡ଼, କାଉନସିଲର ଅଶୋକ କୁମାର ମହାଲୁଡ ଯୋଗଦେଇ ଥିଲେ। ହରିହାଟ ଓ ଅନ୍ନଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହାକୁ ରାଧାକୃଷ୍ଣ କୀର୍ତ୍ତନ ସଂଘର କର୍ମକର୍ତ୍ତା ବାବୁଲା ସେନାପତି, ନକୁଳ ସାହୁ ରମେଶ ସେନାପତି, ନରେନ୍ଦ୍ର ନାୟକ, ପ୍ରମୁଖ ପରିଚାଳନା କରିଥିଲେ।

# ଅଜଣା ରୋଗରେ ପୀଡ଼ିତଙ୍କୁ ଦୃଷ୍ଟି ଦେବାକୁ ଦାବି

**ବଲସକୁମ୍ପା,୮।୧୧**

ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ଦୁତିମେଣ୍ଡି ଗ୍ରାମ ପଞ୍ଚାୟତ ପ୍ରେମଝରି ଗ୍ରାମର କରୁଣାକର ମଲିକ ଦୀର୍ଘ ଦିନ ହେବ ଅଜଣା ରୋଗରେ ପୀଡ଼ିତ ଥିବା ଦେଖିବାକୁ ମିଳିଛି। କରୁଣାକର ଜଣେ ଗରିବ ଶ୍ରେଣୀର ହୋଇଥିବାରୁ ଚିକିତ୍ସାରେ ଅର୍ଥ ବାଧକ ସାଜିଛି। ଉଚ୍ଚ ଚିକିତ୍ସା ସେବା ପାଇଁ ସରକାରଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବା ନିମନ୍ତେ ଗଣମାଧ୍ୟମ ଦ୍ୱାରା ନିବେଦନ କରିଛନ୍ତି କରୁଣାକର। ସେହିଭଳି ଅଞ୍ଚଳବାସୀ ସମେତ ସ୍ଥାନୀୟ ଯୁବ ସାମାଜିକ କର୍ମୀ ସଲିଲ ସାଗର ଖାଙ୍କର ଅଜଣା ରୋଗରେ ପୀଡ଼ିତ ଥିବା ଅସହାୟ ଯୁବକଙ୍କୁ ସରକାରୀ ସହାୟତା ସହିତ ଉଚ୍ଚ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ଦୃଷ୍ଟି ଦେବାକୁ ଦାବି କରିଛନ୍ତି। କରୁଣାକରଙ୍କ ବୟସ ୩୫ ବର୍ଷ ପାଖାପାଖି ହୋଇଥିବା ବେଳେ ସେ ଜଣେ ବିଭାହିତା ଅଟନ୍ତି। ସ୍ୱାମୀଙ୍କ ଏଭଳି ରୋଗୀଣା ଅବସ୍ଥା ଦେଖି ତାଙ୍କ ସ୍ତ୍ରୀ ନିଜର ମାନବିକତା ହରାଇ ଛାଡ଼ି ଦେଇ ନିଜ ବାପ ଘରକୁ ଚାଲିଗଲେ। ତାଙ୍କର କୌଣସି ପୁଅଝିଅ ଜନ୍ମ ହୋଇ ନାହାନ୍ତି। ବର୍ତ୍ତମାନ ପୀଡ଼ିତ ଯୁବକ ନିଜ ଭାଇମାନଙ୍କଠାରେ ଆଶ୍ରୟ ନେଇ ମୃତ୍ୟୁସହ ସଂଗ୍ରାମ କରୁଛନ୍ତି। ଖବର ପାଇ ସାମାଜିକ କର୍ମୀ ତଥା ଖବରଦାତା କୁନା ଦିଗାଲ ଉକ୍ତ ରୋଗୀଙ୍କ ପାଖରେ ପହଞ୍ଚି ଗଣମାଧ୍ୟମ ଟିମ ତରଫରୁ ମେଡିକାଲ ନେବା ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ନିଟ୍ ପରୀକ୍ଷାରେ ସଦାଶିବ, ମଧୁସ୍ମିତାଙ୍କ କୃତିତ୍ୱ

**ପୋଲସରା,୮।୧୧(ଡି.ଏନ.ଏ.)**


କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ଗ୍ରାମବାସୀ।

ସର୍ବଭାରତୀୟ ଜାତୀୟ ଯୋଗ୍ୟତା ପରୀକ୍ଷାରେ ପୋଲସରା ମଥୁରାର ସଦାଶିବ ନାୟକ ଭଲ ମାର୍କ ରଖି କୃତିତ୍ୱ ହାସଲ କରିଛନ୍ତି। ସେହିପରି ମଥୁରା ଗ୍ରାମର ବୋହୁ ମଧୁସ୍ମିତା ମହାନ୍ତ ମଧ କୃତିତ୍ୱ ହାସଲ କରିଛନ୍ତି। ଚଳିତ ବର୍ଷ ସର୍ବଭାରତୀୟ ସ୍ତରରେ ବିଭିନ୍ନ ୧୦୦ଟି ବିଭାଗ ପାଇଁ ଜାତୀୟ ଯୋଗ୍ୟତା ପରୀକ୍ଷା ତଥା ନିଟ୍ ଡିସେମ୍ବର ୨୦୨୧ ଓ ଜୁନ ୨୦୨୨ ମିଳିତ ପରୀକ୍ଷାରେ ପ୍ରାୟ ୪ ଲକ୍ଷ ୪୦ ହଜାର ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ ଏବଂ ସଦ୍ୟ ପ୍ରକାଶିତ ପରୀକ୍ଷା ଫଳ ଅନୁଯାୟୀ ହାସଲ କରିଛନ୍ତି। ସେଥିମଧ୍ୟରୁ ଓଡିଆ ଭାଷା ସାହିତ୍ୟରେ ସମୁଦାୟ ୩୨୪୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସାଧାରଣ ବର୍ଗ ପାଇଁ ସର୍ବନିମ୍ନ ମାର୍କ ୯୩.୦୮ ପ୍ରତିଶତ ଥିଲା ବେଳେ କନିଷ୍ଠ ଗବେଷକ ଶିକ୍ଷାର୍ଥୀଙ୍କ ପାଇଁ ୯୮.୩୨ ପ୍ରତିଶତ ଥିଲା। ପୋଲସରା ବ୍ଲକ ମଥୁରା ଗ୍ରାମର ସଦାଶିବ ନାୟକ ୯୮.୯୮୫ ପ୍ରତିଶତ ମାର୍କ ରଖି କୃତିତ୍ୱ ହାସଲ କରିଛନ୍ତି। ସେ ପୂର୍ବରୁ ରସାୟନ ବିଜ୍ଞାନ ଓ କମ୍ପ୍ୟୁଟର ପ୍ରୟୋଗରେ ସ୍ନାତକୋତ୍ତର ହାସଲ କରିଥିଲେ ମଧ ବର୍ତ୍ତମାନ ଓଡ଼ିଶା ମୁକ୍ତ ବିଶ୍ୱ ବିଦ୍ୟାଳୟ ଅଧୀନରେ ଦୂର ନିରନ୍ତର ଶିକ୍ଷାରେ ଭାଷା ସାହିତ୍ୟ ଓଡିଆ ବିଭାଗରେ ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ ପରୀକ୍ଷାରେ ଅବତୀର୍ଣ୍ଣ ହୋଇଛନ୍ତି।

ଏହି କୃତିତ୍ୱ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ବାତାବରଣ ଆଣି ଦେଇଛି। ଏଥିପାଇଁ ସେ ନିଜ ପିତା ମାତା, ପରିବାର ବର୍ଗଙ୍କୁ ଶ୍ରେୟ ଦେଇଛନ୍ତି। ସେହିପରି ମଥୁରାର ଚନ୍ଦନ ମହାପାତ୍ରଙ୍କ ଧର୍ମପତ୍ନୀ ମଧୁସ୍ମିତା ମହାନ୍ତ ଓଡିଆ ବିଭାଗରେ ୯୬.୬ ପ୍ରତିଶତତା ମାର୍କ ରଖି ପରିବାର ଓ ଗ୍ରାମ ପ୍ରତି ଗର୍ବ ଆଣି ପାରିଛନ୍ତି। ଏହି ଦୁଇ ଜଣଙ୍କ ସଫଳତାରେ ବିଭିନ୍ନ ମହଲରୁ ଶୁଭେଚ୍ଛା ବାର୍ତ୍ତା ଆସିବା ସହ ଗ୍ରାମର ଶିକ୍ଷିତ ଯୁବଗୋଷ୍ଠୀ ଓ ସବୁଜମୈତ୍ରୀ ପାଠାଗାର ତରଫରୁ ସମ୍ମାନିତ କରଯାଇଥିଲା। ଏଥିରେ ବରିଷ୍ଠ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ସାହୁ, ଶିକ୍ଷକ ସନ୍ତୋଷ କୁମାର ବେହେରା, ଶିକ୍ଷକ ରାମଚନ୍ଦ୍ର ବେହେରା ଓ ଉଦ୍ୟୋକ୍ତାଙ୍କ ମଧ୍ୟରେ ଶିକ୍ଷକ ଗୋପାଳ ବେହେରା, କନିଷ୍ଠ ସହାୟକ ପିୟୁଷ ଶାସମଲ, ପ୍ରମୋଦ ପାତ୍ର, ବିଶ୍ୱନାଥ ସାମନ୍ତରା, ପୋଲିସ ସବ ଇନିସପେକ୍ଟର ଭଗବତ ବେହେରା, ଶିକ୍ଷକ ସୁଜନ ସେଠୀ, ନୃସିଂହ ବେହେରା, ରବୀନ୍ଦ୍ର ସାହୁ ଓ ଅନ୍ନ ଗ୍ରାମବାସୀ ବୃନ୍ଦ ଉପସ୍ଥିତ ଥିଲେ।

# ଗଞ୍ଜାମରେ ହିତାଧିକାରୀ ଚୟନ ପ୍ରକ୍ରିୟା ଆରମ୍ଭ

## ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା

**ଭଞ୍ଜନଗର,୮।୧୧(ଡି.ଏନ.ଏ)**

ଆବେଦନର ଏକ ବର୍ଷ ପରେ ଗଞ୍ଜାମ ଜିଲାରେ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ହିତାଧିକାରୀ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ଆସନ୍ତା ୧୧ ତାରିଖରେ ଭଞ୍ଜନଗର ବ୍ଲକର ହିତାଧିକାରୀ ଚିହ୍ନଟ ବ୍ଲକ ସମ୍ମିଳନୀ କକ୍ଷରେ ହେବ। ଏଥିପାଇଁ ଏକ କମିଟି ଗଠନ କରାଯାଇଛି। ଏଥିରେ ବିଡିଓ, ଥାନା ଅଧିକାରୀ, ବ୍ଲକ କଳାକାର ସଂଘର ଜଣେ କର୍ମକର୍ତ୍ତା ପ୍ରମୁଖ ଅଛନ୍ତି। ସେହିପରି ଅନ୍ୟ ବ୍ଲକ ଗୁଡ଼ିକରେ ମଧ ହିତାଧିକାରୀ ଚିହ୍ନଟ ପାଇଁ ବିଭିନ୍ନ ଦିନ ଧାର୍ଯ୍ୟ ହୋଇଛି ।

୨୦୧୮ରେ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା ଆରମ୍ଭ ହୋଇଥିଲା। ସେ ସମୟରେ ଗଞ୍ଜାମ ଜିଲାକୁ ୪ ହଜାର ହିତାଧିକାରୀ ଚିହ୍ନଟ କରି ଦେବାପାଇଁ ନିର୍ଦ୍ଦେଶ ଆସିଥିଲା। କିନ୍ତୁ ବିଭିନ୍ନ କାରଣ ଯୋଗୁ ମାତ୍ର ୨୨ଶହ ଆବେଦନ ଆସିଥିଲା । ଯାଞ୍ଚ ପରେ ଜିଲାରେ ୧୮୧୯ଜଣଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା । ବଳକା ହିତାଧିକାରୀ ଚିହ୍ନଟ ପାଇଁ ଆଉ ପଦକ୍ଷେପ ନିଆଯାଇ ନ ଥିଲା। ପୁଣି ଗତ ପଞ୍ଚାୟତ ନିର୍ବାଚନ ପୂର୍ବରୁ କଳାକାର ହିତାଧିକାରୀ ଚିହ୍ନଟ ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଜିଲାରେ ୨ହଜାର ହିତାଧିକାରୀ ଚିହ୍ନଟ ହେବେ । ଏଥିପାଇଁ ୭ ହଜାରରୁ ଉର୍ଦ୍ଧ୍ୱ ଆବେଦନ ପଡ଼ିଛି । ଗତ ଅକ୍ଟୋବର ୧୩ ତାରିଖରେ 'ବର୍ଷକ ପରେ ବି ଯୋଗ୍ୟ ହିତାଧିକାରୀ ଚୟନ ହେଲେନି' ଶୀର୍ଷକ ଖବର ଧରିତ୍ରୀରେ ପ୍ରକାଶ ପାଇଥିଲା । ବର୍ତ୍ତମାନ ହିତାଧିକାରୀ ଚିହ୍ନଟ ପ୍ରକ୍ରିୟା ଚାଲିଛି।

# ଭଲିବଲ୍ ଟୁର୍ନାମେଣ୍ଟ, ଦିଗପହଣ୍ଡି ଚାମ୍ପିୟନ



ଚାମ୍ପିୟନ ଟିମକୁ ପୁରସ୍କୃତ କରାଯାଇଛି।

**ବୁଗୁଡ଼ା,୮।୧୧(ଡି.ଏନ.ଏ)**

ବୁଗୁଡା ପିପୁଲ୍ସ ହାଇସ୍କୁଲ ପରିସରରେ ସନ ସାଇନ ଭଲିବଲ ଟିମ ପକ୍ଷରୁ ଆୟୋଜିତ କାର୍ତ୍ତିକ ଓ ପ୍ରଣବ ପ୍ରକାଶ ମେମୋରିଆଲ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ମଙ୍ଗଳବାର ଦିଗପହଣ୍ଡି ଦଳ କନ୍ଧମାଳ ଦଳକୁ ୩-୦ ସେଟରେ ପରାସ୍ତ କରି ଚାମ୍ପିୟନ ହୋଇଛି। ଏଥିସହ ଟୁର୍ନାମେଣ୍ଟରେ ବେଷ୍ଟ ସ୍ମାସର୍ ଭାବେ ଦାରିଙ୍ଗବାଡ଼ି ଦଳର ଟିଙ୍ଗିରି, ବେଷ୍ଟ ପ୍ଲେୟାର୍ ଦିଗପହଣ୍ଡି ଦଳର ଆନାକୋଣ୍ଡା ଓ ବେଷ୍ଟ ନେଟ ପ୍ଲେୟାର ଭାବେ ନୂଆଗାଁ ଦଳର ରାକେଶ ବେହେରା ମନୋନୀତ ହୋଇଥିବା ଜଣାପଡିଛି । ଟୁର୍ନାମେଣ୍ଟ କମିଟିର ସଭାପତି ବସନ୍ତ କୁମାର ଦଳେଇଙ୍କ ପୌରହିତ୍ୟ ଏବଂ ସମ୍ପାଦକ ଅନିଲ ପଟ୍ଟନାୟକଙ୍କ ପରିଚାଳନାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁ , ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା କେ.ପ୍ରିୟଦର୍ଶନୀ ଆଚାରି, ଏନ୍‌ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ, ସମାଜିକ କର୍ମୀ ନୀଳ ମାଧବ ଆଚାରୀ, ଗଞ୍ଜାମ ଜିଲା ବିଜେଡି ସମ୍ପାଦକ ସୁଧାଂଶୁ ଶେଖର ପାଢ଼ୀ, ପ୍ରାକ୍ତନ ବ୍ଲକ ଉପାଧ୍ୟକ୍ଷ ଟୁକୁନା ସ୍ୱାଇଁ ପ୍ରମୁଖ ଯୋଗ ଦେଇ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଏ ଅବସରରେ ବିଜେତା ଦଳ ଦିଗପହଣ୍ଡିକୁ ଚମ୍ପିୟାନ କପ ସହ ୩୧ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିବା ବେଳେ ଉପବିଜେତା କନ୍ଧମାଳ ଦଳକୁ ରନର୍ କପ ସହ ପୁରସ୍କାର ରାଶି ୨୧ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଉକ୍ତ ଟୁର୍ନାମେଣ୍ଟ ଅବସରରେ ପ୍ରାକ୍ତନ ଭଲିବଲ ଖେଳାଳି କୃଷ୍ଣ ଦୈରା, ସୀମାଞ୍ଚଳ ସୁବୁଦ୍ଧି ଓ ଦୁର୍ଗା ପ୍ରସାଦ ଦାଶଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

# ଉନ୍ନୟନ କାର୍ଯ୍ୟ ତଦାରଖ କଲେ ବିଡିଓ

**ଆର.ଉଦୟଗିରି,୮।୧୧(ଡି.ଏନ.ଏ.)**


ଉନ୍ନୟନ କାର୍ଯ୍ୟ ତଦାରଖ କରୁଛନ୍ତି ବିଡିଓ।

ଆର.ଉଦୟଗିରି ବ୍ଲକର ଛେଳା ଗଡ ପଞ୍ଚାୟତରେ ଚାଲିଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଓ ଉନ୍ନୟନ କାର୍ଯ୍ୟକୁ ସ୍ଥାନୀୟ ବିଡିଓ ଲରିମନ ଖର୍ସେଲ ସୋମବାର ବୁଲି ଦେଖିଥିଲେ। ଛେଳାଗଡ ଗ୍ରାମ୍ୟହାଟ ଦୀର୍ଘ ବର୍ଷ ହେଲା ବନ୍ଦ ଥିବା ଯୋଗୁ ପୁନର୍ବାର ଆରମ୍ଭ କରିବାକୁ ସ୍ଥିର ହୋଇଥିଲା। ଗ୍ରାମର ଶିବମନ୍ଦିର ନିକଟରେ ଶିଶୁ ଉଦ୍ୟାନ ନିର୍ମାଣ ପାଇଁ ଜାଗାକୁ ବୁଲି ଦେଖିଥିଲେ। ଗ୍ରାମରେ କଲ୍ୟାଣ ମଣ୍ଡପ କାମ ବନ୍ଦ ଥିବା ଯୋଗୁ ତଦନ୍ତ କରିବା ସହ ସେହି କାମ ଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। କାନିପଦର ଗ୍ରାମର ୯ଜଣଙ୍କର ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ନିର୍ମାଣ ଚାଲିଥିବା ଗୋରୁ ଗୁହାଳ କାମ ପରିଦର୍ଶନ କରିଥିଲେ। ଛେଳାଗଡରୁ ଶିବମନ୍ଦିରର ଛେଳିଗଡ ଜଳ ପ୍ରକଳ୍ପ ଦ୍ୱାରା ଚାଲିଥିବା ରାସ୍ତା କାମକୁ ଦେଖିଥିଲେ ଏବଂ ଛେଳାଗଡ ଗ୍ରାମବାସୀଙ୍କ ସହ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ବିଡିଓ ସହ ପଞ୍ଚାୟତ ପିଇଓ ଶଶାଙ୍କ ସୁବୁଦ୍ଧି ଓ ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ।